# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୭ Vol. 21 No-307 5 FEBRUARY 2025 WEDNESDAY BHUBANESWAR ବୁଧବାର, ୫ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦




ଆତିଶୀଙ୍କ ନାମରେ ମାମଲା |୬



'କନ୍ନାପା'ରେ ପ୍ରଭାସଙ୍କ ରୁଦ୍ର ଅବତାର |୮


ବିକଶିତ ଗାଁ ବିକଶିତ ଓଡ଼ିଶା



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

# ବିକଶିତ ଗାଁ ବିକଶିତ ଓଡ଼ିଶା

## ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

**୫ ବର୍ଷ ପର୍ଯ୍ୟନ୍ତ ଯୋଜନା ହେବ କାର୍ଯ୍ୟକାରୀ**

**୫ ହଜାର କୋଟି ଟଙ୍କାର ବ୍ୟୟବରାଦ**

- ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ।
- ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (PVTG) ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ।
- କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ ।
- ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ।
- ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ।

**୦୫ ଫେବୃଆରୀ ୨୦୨୫ | ଦିବା ୧୧ ଘଟିକା**

**ଜଙ୍ଗିଆ ମିନି ଷ୍ଟାଡିୟମ୍, ଖୋର୍ଦ୍ଧା**

DSPL-376 OIPR 19001/13/0010/2425

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**



କଟକ(ଭାସ୍କର ନ୍ୟୁଜ୍): ମଙ୍ଗଳବାର ନିଖିଳ ଓଡିଶା ଆଇନଜୀବୀ ସଂଘ ପକ୍ଷରୁ ଜାତିପ୍ରାଣ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସକୁ ଜାତୀୟ ତ୍ୟାଗ ଦିବସ ଭାବେ ପାଳନ କରିଛନ୍ତି ନିଖିଳ ଓଡିଶା ଆଇନଜୀବୀ ସଂଘ । ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ନେତୃତ୍ୱରେ ସକାଳୁ କଟକ ଗୋରାକବରସ୍ଥିତ ମଧୁସୂଦନଙ୍କ ସମାଧିସ୍ଥଳରେ ନିଖିଳ ଓଡିଶା ଆଇନଜୀବୀ ସଂଘ ସଭ୍ୟସଭ୍ୟା ଓ ଆଇନଜୀବୀ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସହ ମଧୁସୂଦନଙ୍କ ତ୍ୟାଗପୂର୍ଣ୍ଣ ଜୀବନ ଉପରେ ସଚେତନତା ସୃଷ୍ଟି କରିଥିଲେ । ଏ ଅବସରରେ ସମାଧି ନିକଟସ୍ଥ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ହାଇକୋର୍ଟର ବରିଷ୍ଠ ଓକିଲ ମନୋଜ ମିଶ୍ର ଓ ସମୀର ମିଶ୍ରଙ୍କ ସହିତ ଓକିଲ ସଂଘ ଉପସଭାପତ ସୁଶାନ୍ତ କୁମାର ବରାଳ, କାର୍ଯକାରି ସଂପାଦକ ସଂଜୟ କୁମାର ଦାସ, ଦେବାଶିଷ ମିଶ୍ର, ବିଭୁ ପ୍ରସନ୍ନ ମହାପାତ୍ର, ପ୍ରତାପ କିଶୋରୀ ଦେଓ, ତ୍ରିଲୋଚନ ବରାଳ, ଅସିତ୍ କୁମାର ଜେନା, ଜଗଦିପ ସାହୁ, ପଦ୍ମାଳୟା ମହାପାତ୍ର, ସ୍ୱପ୍ନରାଣୀ ମଙ୍ଗରାଜ, ସୁନୀଲ ଜେନା, ଅଭିଜିତ ଦାସ, ଦିଲୀପ କୁମାର ରାଏ, ପ୍ରଶାନ୍ତ କୁମାର ସାହୁ, ଗଣେଶ୍ୱର ବେହେରା, ସତ୍ୟ ରଞ୍ଜନ ଆଚାର୍ଯ୍ୟ, ମିତୁ କୁମାର ବିଶ୍ୱାଳ, ସଚିନ୍ଦ୍ର କହଁର, ସ୍ୱନ୍ଦନ ମହାନ୍ତି, ତାଞ୍ଜିମ୍ ନାସି ପ୍ରମୁଖ ଯୋଗଦେଇ ପ୍ରମୁଖ ସ୍ମୃତି ଚରଣ କରିବା ସହ ଏହି ପ୍ରତ୍ୟେକ ବର୍ଷ ଦେଶବ୍ୟାପୀ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସହଯୋଗରେ ଅନ୍ତେବାସୀ ମାନଙ୍କ ମଧ ରେ ତ୍ୟାଗ ପୁରୁଷ ମଧୁସୂଦନ ଦାସ ଶୀର୍ଷକ ଚିତ୍ର କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଳାବିକାଶ କେନ୍ଦ୍ର ସହାୟତାରେ ଜାତୀୟ ତ୍ୟାଗ ଦିବସର ଅବସରରେ ତ୍ୟାଗପୂତ ମଧୁସୂଦନ ଦାସ ଶୀର୍ଷକ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା।



### ଐତିହ୍ୟ ସମ୍ପନ୍ନ ମାଘମେଳା ଆରମ୍ଭ

## ସାଧୁସନ୍ଥଙ୍କ ଭିଡ଼ ସାଙ୍ଗକୁ ମନ୍ତ୍ରଧ୍ୱନୀରେ କମ୍ପିଲା ଖଣ୍ଡଗିରି





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ପାଦଦେଶରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମାଘ ସପ୍ତମୀ ଅର୍ଥାତ୍ ମାଘମେଳା । ସୋମବାର ମଧରାତ୍ରରେ କଳସ ଯାତ୍ରା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସାଧୁସନ୍ଥଙ୍କ ପ୍ରବଳ ଭିଡ଼ ପରିକ୍ଷଲିତ ହୋଇଛି । ମାଘସପ୍ତମୀରେ ଚନ୍ଦ୍ରଭାଗରେ ସାଧୁସନ୍ଥମାନେ ବୁଡ଼ ପକାଇ ପାଣିତୋଳି ଖଣ୍ଡଗିରି ପାଦଦେଶରେ ସ୍ଥାପନ କରି ହୋମଯଜ୍ଞ ଆରମ୍ଭ କରିଛନ୍ତି । ଯାହାଫଳରେ ସେଠାରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଖଣ୍ଡଗିରି ପାଦଦେଶ ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନୀରେ ପ୍ରକମ୍ପିତ ହୋଇଛି । ଏଠାରେ ୯ଦିନ ବ୍ୟାପୀ ମେଳା ଆୟୋଜନ ହେବ ବୋଲି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଆଗକୁ ଆହୁରି ସାଧୁସନ୍ଥ ଓ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେବ ବୋଲି ଅନୁମାନ କରାଯାଉଛି । ଚଳିତବର୍ଷ ବିଏମ୍‌ସି ପକ୍ଷରୁ ଏଠାରେ ସାଧୁସନ୍ଥ ଓ ଭକ୍ତଙ୍କ ଖାଦ୍ୟପେୟଠାରୁ ଆରମ୍ଭ କରି ପରିମଳ, ପାନୀୟଜଳ ଯୋଗାଣ କ୍ଷେତ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବାରୁ ସେମାନେ ଖୁସିବ୍ୟକ୍ତ କରିଛନ୍ତି । ଅପରପକ୍ଷରେ ଚଳିତ ବର୍ଷ ଯାତ୍ରାରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବିଜେପି ପକ୍ଷରୁ ଚେତାବନୀ ଦିଆଯାଇଥିବା ବେଳେ ସେପଟେ ଯାତ୍ରା ପେଣ୍ଡାଲଗୁଡ଼ିକରେ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ଏଠାରେ ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ସହ ୨୪ ଘଣ୍ଟିଆ ପିସିଆର ପଇଁତରା ମାରିବା ଆରମ୍ଭ କରିଛି ।

### ‘ଖଣ୍ଡଗିରି ଯାତ୍ରାର ଐତିହ୍ୟ ବଜାୟ ରଖିବାକୁ ଆହ୍ୱାନ’



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଘ ସପ୍ତମୀ ଉପଲକ୍ଷେ ଓଡ଼ିଶାର ପ୍ରସିଦ୍ଧ କୁମ୍ଭମେଳା ତଥା ଅନନ୍ତକେଶରୀ ଯାତ୍ରା ଓ ମହୋତ୍ସବ ଅତି ସୁନ୍ଦର ଭାବରେ ଆଧାତ୍ମିକ ପରିବେଶ ଭିତରେ ଅନୁଷ୍ଠିତ ହୋଇଥାଏ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ପ୍ରତ୍ୟେକ ଦିନ ଏହି ଯାତ୍ରାରେ ପୂଜାର୍ଚ୍ଚନା କରିଥାନ୍ତି। ବୋହୁ ସଂଖ୍ୟାରେ ସାଧୁ ସନ୍ଥ ଓ ମୁନିରଷି ମାନେ ଏକାଠି ହୋଇ ଏ ଧରାପୃଷ୍ଟ ପାଇଁ ଶାନ୍ତି ପ୍ରତିଷ୍ଠା ଓ ମାନବ ସମାଜର କଲ୍ୟାଣ ପାଇଁ ପୂଜାର୍ଚ୍ଚନା କରିଥାନ୍ତି। ଏଥିପାଇଁ ଏହି ଯାତ୍ରାରେ ମଧ ବଡ଼ ବଡ଼ ଅପେରା ପାର୍ଟୀ ଆସି ଯାତ୍ରା କରିଥାନ୍ତି। ସ୍ଥାନୀୟ ଲୋକ, କମିଟି, ବୁଦ୍ଧିଜୀବି ଏବଂ ରାଜନେତାମାନେ ସମସ୍ତେ ମିଶି ଏବର୍ଷ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ ପାଇଁ ବାରଣ କରାଯାଇଛି। ଏହାକୁ ବଜାୟ ରଖିବାକୁ ଓ ଖଣ୍ଡଗିରି ର ଇତିହାସକୁ ଗୌରବମୟ ଓ ଓଡିଆ ଜାତିର ସମ୍ମାନ ବଜାୟ ରଖି ସମସ୍ତେ ଏକାଠି ହୋଇ ଏ ଯାତ୍ରାକୁ ସଫଳ କରିବାକୁ ସ୍ଥାନୀୟ ସମାଜସେବୀ ବିଜୟ କୁମାର ଜେନା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## ରାଜ୍ୟପାଳଙ୍କୁ ଭେଟିଲେ ନ୍ୟାସନାଲ୍ ଡିଫେନ୍ସ କଲେଜ ପ୍ରତିନିଧି ମଣ୍ଡଳୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନ୍ୟାସନାଲ୍ ଡିଫେନ୍ସ କଲେଜର୧୭ ଜଣିଆ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି । ଅଭିଷେକ ହଲ୍‌ରେ ରାଜ୍ୟପାଳଙ୍କ ସହ ବାର୍ତ୍ତାଳାପ ସମୟରେ ଓଡିଶାର ଦ୍ରୁତ ପ୍ରଗତିକୁ ପ୍ରତିନିଧିମଣ୍ଡଳୀ ପ୍ରଶଂସା କରିଛନ୍ତି । ଭାରତୀୟ ସ୍ଥଳ ସେନା, ବାୟୁସେନା, ନୌସେନା ଏବଂ ବେସାମରିକ ସେବାର ବରିଷ୍ଠ ଅଧିକାରୀ-ତଥା-ମିତ୍ରରାଷ୍ଟ୍ର ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ନେପାଳ ଓ ବାଂଲାଦେଶରୁ ଆସିଥିବା ବରିଷ୍ଠ ପଦାଧିକାରୀଙ୍କ ସହ ବାର୍ତ୍ତାଳାପ ସମୟରେ ରାଜ୍ୟପାଳ ଡ.କମ୍ଭମ୍ପାଟି ଓଡ଼ିଶାର ଦ୍ରୁତ ପ୍ରଗତି ସଂପର୍କରେ ସୂଚନା ଦେଇ ଦେଶର ଶ୍ରେଷ୍ଠ ପ୍ରଗତିଶୀଳ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପରିଗଣିତ ହୋଇଛି ବୋଲି କହିଥିଲେ । ପ୍ରତି ସଂସ୍ଥାରେ ଦକ୍ଷତା ବିକାଶର ଗୁରୁତ୍ୱ ସହ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ଦକ୍ଷ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶାର ଖଣିଜ ସଂପଦ, ଶିଳ୍ପାୟନ, ବନ୍ଦରମାନଙ୍କର ବିକାଶ, ଜାତୀୟ ରାଜପଥ, ବିମାନ ବନ୍ଦର, ସୁବିସ୍ତୀର୍ଣ୍ଣ ବେଳାଭୂମି, ପର୍ଯ୍ୟଟନ କ୍ଷେତ୍ରର ବିକାଶ ସଂପର୍କରେ ଆଲୋଚନା କରି ଗତ ଜାନୁୟାରୀ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଓଡ଼ିଶାର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ ମଧ ପ୍ରତିନିଧି ମଣ୍ଡଳୀଙ୍କ ସହ ବାର୍ତ୍ତାଳାପରେ ସାମିଲ ହୋଇଥିଲେ । ନ୍ୟାସନାଲ ଡିଫେନ୍ସ କଲେଜରୁ ଆସିଥିବା ପ୍ରତିନିଧି ଭାରତ ଭ୍ରମଣ ଅବସରରେ ଓଡ଼ିଶା ପରିଦର୍ଶନର ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ଓଡ଼ିଶାର ଦ୍ରୁତ ପ୍ରଗତି ସହ ଓଡ଼ିଶାର ଜନସାଧାରଣ ଏବଂ ତାଙ୍କ ସକାରାତ୍ମକ ମନୋଭାବ, ମାନବ ସମ୍ବଳ, ନୀତି ଏବଂ ଶାସନ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ ।

### ମୋ ବସ୍ ଧକ୍କାରେ କୁନିଝିଅର ମୃତ୍ୟୁ

## ଚକ୍ଷୁଦାନ କରି ଅମର ହେଲେ ମିନତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋ ବସ ଚକା ତଳେ ପଡି ଚାଲିଗଲା କୁନି ଝିଅର ଜୀବନ । ବାର ବର୍ଷର କୁନି ଝିଅ ମିନତୀ ଜୁଆଡିଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି । ରଘୁନାଥପୁର ଅଂଚଳରେ ଘଟିଛି ଏହି ଦୁର୍ଘଟଣା । ସୂଚନା ମୁତାବକ ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ମଙ୍ଗଳବାର ସକାଳୁ ନାବାଳିକା ଜଣକ ସାଇକେଲରେ ଫୁଲ ନେଇ ଯାଉଥିଲେ । ପଛପଟୁ ଆସୁଥିବା ମୋ ବସ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ଦୁର୍ଘଟଣା ପରେ, ଦ୍ରୁତଗତିରେ ଗାଡ଼ି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଛି ଡ୍ରାଇଭର ଓ ଗାଡିକୁ ନେଇ ସିଧା ନନ୍ଦନକାନନ ଥାନାରେ ଭର୍ତ୍ତି କରି, ନିଜେ ଥାନା ଭିତରେ ବସି ପଡ଼ିଛି । ଯେଉଁଥିପାଇଁ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଥିଲା । ଉତ୍ୟକ୍ତ ଲୋକମାନେ ରାସ୍ତାରେ ଟାୟାର ଜାଳି ଉତ୍ତେଜନା କରିଥିଲେ । ଏପରିକି ରାସ୍ତାରେ ଯାଉଥିବା ଅନ୍ୟ ମୋ ବସ୍ ଗୁଡିକୁ ମଧ ଅଟକାଇଥିଲେ ସ୍ଥାନୀୟ ଲୋକ । ରାସ୍ତାରେ ବାଉଁଶ ବାନ୍ଧିଥିଲେ ଲୋକ ଓ ଗମନା ଗମନ ଦୀର୍ଘସମୟ ଧରି ଠପ ହୋଇଯାଇଥିଲା । ଘଟଣା ସ୍ଥଳରେ ଟ୍ରାଫିକ ଡିସିପି, ଜୋନ୍ ଏସିପି ଓ ନନ୍ଦନକାନନ ଥାନା ଅଧିକାରୀ ଓ କ୍ରୁଟ ଅଧିକାରୀ ଆସି ପହଂଚିଥିଲେ । ମୃତକଙ୍କ ମା ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ କ୍ରୁଟ ଅଧିକାରୀ । କିଛି ସମୟର ଆଲୋଚନା ପରେ କ୍ରୁଟ ପକ୍ଷରୁ ମୃତକଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କାର କ୍ଷତିପୂରଣ ଦେଇଛି କ୍ରୁଟ । ଏବଂ ରାସ୍ତା ଅବରୋଧ ହଟିଛି । ବର୍ତ୍ତମାନ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି । ତେବେ ପରିବାରଙ୍କ ନିଷ୍ପତ୍ତି କ୍ରମେ ଶେଷରେ ମିନତୀର ଚକ୍ଷୁଦାନ କରାଯାଇଛି । କୁନିଝିଅ ମିନତୀ ଆରପାରିକୁ ଚାଲିଯାଇଥିଲେ ସୁଦ୍ଧା ତାର ଚକ୍ଷୁ ଆଉ କାହାର ଦୃଷ୍ଟିବାଧିତଙ୍କୁ ଦୁନିଆ ଦେଖାଇବ । ଏହିଭଳି ମହାନ କାର୍ଯ୍ୟ କରି ମୃତା ମିନତୀର ପରିବାର ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ।

## ଓଡ଼ିଶାରେ ରେଳ ବିକାଶକୁ ସହିପାରୁନି ବିରୋଧୀ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରେଳ ବଜେଟରେ ନେଇ ବିଜେଡ଼ିର ଅଭିଯୋଗ ଉପରେ କଡ଼ା ଜବାବ ରଖିଲା ବିଜେପି । ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ଯେ, ବିରୋଧୀ ଦଳମାନେ ଓଡ଼ିଶାରେ ରେଳ ବିକାଶକୁ ସହିପାରୁନାହାନ୍ତି । ୟୁପିଏ ସରକାର ସମୟରେ ଓଡ଼ିଶାକୁ ବର୍ଷକୁ ହାରାହାରି ମାତ୍ର ୮୩୮ କୋଟି ଟଙ୍କା ଆସୁଥିଲା । ମୋଦି ସରକାରରେ ଚଳିତ ବର୍ଷ ୧୦ ହଜାର କୋଟିରୁ ଅଧିକ ମିଳିଛି । ବିଜେଡ଼ି ଓ କଂଗ୍ରେସ ବାଇୟା ହୋଇଯାଇଛନ୍ତି । ରେଳ ବିକାଶକୁ ସହି ପାରୁନାହାନ୍ତି, କେବଳ ରାଜନୀତି ରୁଟି ସେକିବା ପାଇଁ ବୟାନବାଜି କରୁଛନ୍ତି । ବିଜେଡ଼ି ନେତା ପୂର୍ବରୁ ପୂର୍ବତଟ ରେଳବାଇରୁ ୧୫ ହଜାର କୋଟି ଆସୁଛି ବୋଲି କହୁଥିଲେ, ଆଉ ଏବେ ୨୫ ହଜାର କୋଟି ଆସୁଛି କଥା କହୁଛନ୍ତି । ବୋଧେ ବିଜେଡ଼ି ନେତାଙ୍କ ପାଖରେ ସଠିକ୍ ତଥ୍ୟ ନାହିଁ । ମୋଟ ରେଳ ବଜେଟ ୨ ଲକ୍ଷ ୫୨ ହଜାର କୋଟିରୁ ଓଡ଼ିଶା ୪.୨ ପ୍ରତିଶତ ପାଇଛି । କିନ୍ତୁ ଜନସଂଖ୍ୟା ହିସାବରେ ୩.୭୪ । ଅର୍ଥାତ୍ ଜନସଂଖ୍ୟା ଆଧାରରେ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାକୁ ଅଧିକ ଅନୁଦାନ ମିଳୁଛି । ବୋଧେ ବିଜେଡ଼ି ନେତା ହିସାବ କରିନାହାନ୍ତି, ତରବରିଆ ଭାବେ ଗଣମାଧମ ଆଗରେ କହିଛନ୍ତି । ବୋଧେ ଦଳୀୟ ଚାପରେ କହିଛନ୍ତି । ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପ ଆରମ୍ଭ ବେଳେ କଂଗ୍ରେସ କେନ୍ଦ୍ରରେ ସରକାର ଥିଲା । ବିଜୁବାବୁ ରାଜ୍ୟରେ ସରକାରରେ ଥିଲେ । ଏବେ ୮୦ ପ୍ରତିଶତ କାମ ସରିଗଲାଣି । ଯେତିକି କାମ ହୋଇଛି ଗତ ହିଁ ୧୦ ବର୍ଷରେ ହୋଇଛି । ୨୦୦୯ରୁ ୨୦୧୪ ମାତ୍ର ଓଡ଼ିଶାରେ ବର୍ଷକୁ ମାତ୍ର ୫୩ କିମି ନୂଆ ରେଳ ଲାଇନ୍ ତିଆରି ହେଉଥିଲା । ୨୦୧୪ ପରେ ବର୍ଷକୁ ୧୮୬ କିମି ଓଡ଼ିଶାରେ ରେଳ ଲାଇନ୍ କାମ ହେଉଛି । ୧୦ ବର୍ଷ ପୂର୍ବରୁ ଏତେ କାମ କେବେ ହୋଇଥିଲା କି ? ଭୁବନେଶ୍ୱର ରେଳ ଷ୍ଟେସନ କାମ ପାଇଁ ନବୀନ ସରକାର ବେଳେ ଏମଓୟୁ ହୋଇଥିଲା । କିନ୍ତୁ ୩ ବର୍ଷ କାଳ କାମ ହେଲାନାହିଁ । ପରେ ରେଳ ବିଭାଗ ସଂପୂର୍ଣ୍ଣ କାମ ନିଜେ କଲା ବୋଲି କହିଛନ୍ତି ଅନିଲ ବିଶ୍ୱାଳ।

### ୩ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇବା ଏବଂ ଟ୍ରେନ ପରିଚାଳନାର ସୁରକ୍ଷା ଏବଂ ଅଖଣ୍ଡତା ସୁନିଶ୍ଚିତ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅସାଧାରଣ ସତର୍କତା ଏବଂ ତୁରନ୍ତ ପଦକ୍ଷେପ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ତିନି ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ପୂର୍ବତଟ ରେଳପଥ ମୁଖ୍ୟାଳୟରେ ଅନୁଷ୍ଠିତି ସମାରୋହରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ପ୍ରମୁଖ ନିରାପତ୍ତା ଅଧିକାରୀଙ୍କ ସହ ମୁଖ୍ୟାଳୟ ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ବିବାହ ମଣ୍ଡପରୁ ଲୁଟ୍ ଘଟଣା
## ପୁରୀରୁ ଲୁଟେରା ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିବାହ ମଣ୍ଡପରୁ ଲୁଟ ଘଟଣା । ପୁରୀରୁ ଗିରଫ ହେଲା ବରଯାତ୍ରୀ ବେଶରେ ଆସିଥିବା ଛଦ୍ମବେଶୀ ଲୁଟେରା । ଗତକାଲି ପୁରୀରେ ଏକ ବିବାହ ମଣ୍ଡପରୁ ଲୁଟ ଉଦ୍ୟମ ବେଳେ ଲୁଟେରାଙ୍କୁ କାବୁ କରିଛି ପୁରୀ ପୋଲିସ । ଗତ ଶନିବାର ଭୁବନେଶ୍ୱର ମୈତ୍ରୀବିହାର ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ କରିଥିଲା । ବରଯାତ୍ରୀ ବେଶରେ ଆସି ଗିଫ୍ଟ ବ୍ୟାଗ ଟେକି ନେଇଥିଲେ ଲୁଟେରା । ସିସିଟିଭିରେ କଏଦ ହୋଇଥିଲା ଲୁଟ୍ ବେଳର ଚିତ୍ର । ଗିରଫ ଲୁଟେରା ରିତେଶ ଶିସୋଦିଆ । ଅଭିଯୁକ୍ତଙ୍କୁ ଆଣିବାକୁ ପୁରୀ ଯାଇଛି କମିଶନରେଟ ପୋଲିସ ।

### ଯାତ୍ରାରେ ଅପସଂସ୍କୃତିକୁ ବିରୋଧ କରିବା ଆମ ସମସ୍ତଙ୍କ ଦାୟିତ୍ୱ: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲିସ ଉପରେ ସଂପୂର୍ଣ୍ଣ ଭରସା ଅଛି । ଆମେ ଯାତ୍ରାକୁ ବିରୋଧ କରୁନାହିଁ କି ରେକର୍ଡ ଡ୍ୟାନ୍ସକୁ ବିରୋଧ କରୁ ନାହୁଁ । ଖଣ୍ଡଗିରିରେ ଯାତ୍ରା କଳାକାର, ଅପେରା ପାର୍ଟିକୁ ସ୍ୱାଗତ କରିଛୁ । ଆମେ ନିବେଦନ କରିଛୁ ନଗ୍ନତା ଏବଂ ଅଶ୍ଳୀଳତାରୁ ବାଦ ରୁହନ୍ତୁ । କିନ୍ତୁ ଯେଉଁ ମାନେ ଅପ ସଂସ୍କୃତି ପୂରେଇବେ ନଗ୍ନତା ପୂରେଇବେ । ଆମ ସମସ୍ତଙ୍କର ଦାୟିତ୍ୱ ବିରୋଧ କରିବା । ଏଥିରେ ଆଇନ ଶୃଙ୍ଖଳାର ପ୍ରଶ୍ନ ଉଠୁନାହିଁ । ମୋ ସଂସ୍କୃତିକୁ ଯିଏ ନଷ୍ଟ କରୁଛନ୍ତି । ସମସ୍ତଙ୍କର ଚିନ୍ତା କରିବା ସମୟ ଆସିଛି । ସେଥିପାଇଁ ଏପ୍ରକାର ଦ୍ୱିତୀୟ ଚିନ୍ତା କରାଯାଇଛି ବୋଲି ବାବୁ ସିଂ କହିଛନ୍ତି ।

## ଜନଜାତି ସଂଗ୍ରହାଳୟ ବୁଲିଲେ ଷୋଡଶ ଅର୍ଥ କମିଶନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚାରି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । କମିଶନ ଅଧକ୍ଷ ଓ ସଦସ୍ୟ ବୃନ୍ଦ ଅପରାହ୍ନରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ଓ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଥିଲେ । ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିଦର୍ଶନ ବେଳେ ବ୍ୟକ୍ତିଗତ ଆଭୂଷଣ କେନ୍ଦ୍ରରେ ଜନଜାତି ଅଳଙ୍କାର, ଗୋଡ ଖଡ୍ଡୁ, ବାହୁଟି, ଅଣ୍ଟାସୂତା ମାଳିହାର ଆଦି ଦେଖିଥିଲେ । ଜନଜାତି ହସ୍ତତନ୍ତ, ବ୍ୟକ୍ତିଗତ ଆସବାବପତ୍ର, ଡୋକ୍ରା ଶିଳ୍ପ ଏବଂ ବିଭିନ୍ନ ଚିତ୍ରକଳା ଦେଖି ଅଭିଭୂତ ହୋଇଥିଲେ । ପ୍ରେକ୍ଷାଳୟରେ ଆଦିମ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଜୀବନଯାପନ ଶୈଳୀକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ଦେଖିଥିଲେ । ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ଦୁନିଆ, ଜନଜାତି ଗୃହ ପୁଞ୍ଜି ଦେଖି ଖୁସି ବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କ ପ୍ରୟାସରେ କରାଯାଉଥିବା ଜନଜାତିଙ୍କ ସଂରକ୍ଷଣକୁ ମଧ ପ୍ରଶଂସା କରିଥିଲେ । ପରେ ପରେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନରେ ଯାଇଥିଲେ । ଏହି ପରିଦର୍ଶନ ସମୟରେ ସ୍ପୋର୍ଟସ ସାଇନ୍ସ ସେଣ୍ଟର, ବାୟୋ ମେକାନିକ୍ସ ଲ୍ୟାବ, ଗେଟ ଲ୍ୟାବ, ସ୍କିନ ଷ୍ଟୁଡିଓ, ପାରା ଆଥଲେଟ ପରଫରମାନ୍ସ ସେଣ୍ଟର, ଟେନିସ ସେଣ୍ଟର, ଆଥଲେଟିକ୍ସ ସେଣ୍ଟର, ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ କେନ୍ଦ୍ର, ସନ୍ତରଣ କେନ୍ଦ୍ର, ଗୋପୀଚାନ୍ଦ ବ୍ୟାଡମିଣ୍ଟନ ହାଇପରଫରମାନ୍ସ ସେଣ୍ଟର ବୁଲି ଦେଖିଥିଲେ । ଗସ୍ତ ସମୟରେ ଅର୍ଥ କମିଶନ ଅଧକ୍ଷ ଡକ୍ଟର ଅରବିନ୍ଦ ପାନାଗରିୟା, ଅଜୟ ନାରାୟଣ ଝା, ଆନ୍ନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଅର୍ଥନୈତିକ ଉପଦେଷ୍ଟା ଡକ୍ଟର ପ୍ରଶାନ୍ତ କୁମାର ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପ୍ରିୟା ସରାଫ, ଉପ ନିର୍ଦ୍ଦେଶକ ମାନସୀ ଗୁପ୍ତା ଓ ଶିଖା ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଲିଆସେନିଙ୍ଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ଧଉଳି ଗ୍ରାମ ପଞ୍ଚାୟତ, କୋଣାର୍କ, ପୁରୀ ଗସ୍ତରେ ଅର୍ଥ କମିଶନ ଯିବେ ।

### ଅସ୍ତ୍ରୋପଚାର ଶିବିରରେ ମହିଳାଙ୍କୁ ତଳେ ଶୁଆଇବା ମାମଲାରେ ସିଡିଏମ୍‌ଓଙ୍କୁ ନୋଟିସ୍

କଟକ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚ଼ାର କ୍ୟାମ୍ପ ସମୟରେ ଅବ୍ୟବସ୍ଥାକୁ ନେଇ ଓଡିଶା ମାନବିକ ଅଧିକାର କମିଶନ ଚିନ୍ତା ପ୍ରକଟ କରିଛନ୍ତି । ଅସ୍ତ୍ରୋପଚ଼ାର ପରେ ମହିଳାଙ୍କୁ ଡାକ୍ତରଖାନା ପିଣ୍ଡାରେ କିପରି ଶୁଆଇ ଦିଆଗଲା ସେ ନେଇ ରିପୋର୍ଟ ଦାଖଲ କରିବାକୁ କମିଶନ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀ ନିଶିକାନ୍ତ ମିଶ୍ର ଏ ନେଇ କମିନଙ୍କ ନିକଟରେ ଏକ ପିଟିସନ ଦାଖଲ କରିଥିଲେ । ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚ଼ାର ବ୍ୟବସ୍ଥିତ ଭାବେ କରିବା ପାଇଁ ନିୟମାବଳୀ ରହିଛି । ମହିଳାଙ୍କ ଯେପରି କୌଣସି ସମସ୍ୟା ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଆବଶ୍ୟକ ବନ୍ଦୋବସ୍ତ କରିବା କଥା କିନ୍ତୁ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚ଼ାର କ୍ୟାମ୍ପରେ ମହିଳାଙ୍କ ବିଶ୍ରାମ ପାଇଁ ସାଧାରଣ ବ୍ୟବସ୍ଥା ମଧ ନଥିଲା ସେମାନଙ୍କୁ ଅପରେସନ ପରେ ହସ୍ପିଟାଲ ପିଣ୍ଡାରେ ଶୁଆଇ ଦିଆଯାଇଥିଲା ।

### ବିଶ୍ୱ କର୍କଟ ଦିବସ ପାଳିତ

## ଏଚ୍‌ସିଜି ପଣ୍ଡା କର୍କଟ ହସ୍ପିଟାଲ୍‌ର ସଚେତନତା କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ୍): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଆଜିର ଦିନକୁ ସମଗ୍ର ବିଶ୍ୱରେ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଉଅଛି । ଏହି ଅବସରରେ ତେଲେଙ୍ଗାପେଣ୍ଠ ସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ହସ୍ପିଟାଲ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ରୋଗ ଠାରୁ ଦୂରେଇ ରହିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିଗାରେଟ ଓ ତମାଖୁ ଜାତୀୟ ଦ୍ରବ୍ୟ ଠାରୁ ସଦାସର୍ବଦା ଦୂରେଇ ରହିଲେ ଏହି କର୍କଟ ରୋଗ ଠାରୁ ଆମେ ବହୁମାତ୍ରାରେ ଦୂରେଇ ରହିପାରିବା । ଏଥିସହ ଶରୀରରେ କୌଣସି ଲକ୍ଷଣ ଦେଖାଦେଲେ ସଙ୍କୋଚ ନକରି ଯଥାଶୀଘ୍ର ଡାକ୍ତରଙ୍କ ସଙ୍ଗେ ପରାମର୍ଶ ଗ୍ରହଣ କରିବାକୁ ଡାକ୍ତର ପଣ୍ଡା ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କୃପାସିନ୍ଧୁ ପଣ୍ଡା, ସିଓଓ ଡକ୍ଟର ସ୍ମିତା ପାଢ଼ୀ, ଡକ୍ଟର ସିଦ୍ଧାର୍ଥ ପଟ୍ଟନାୟକ, ଡକ୍ଟର ଶ୍ରୀଗୋପାନ ମହାନ୍ତି, ଡକ୍ଟର ବିଜନ କୁମାର ସାହା, ଡକ୍ଟର ସୁଶାନ୍ତ କୁମାର ପାଇକରାୟ, ଡକ୍ଟର ତୁଷାର ମହାପାତ୍ର ଏବଂ ସୁପରିଟେଣ୍ଡେଣ୍ଟ ଡକ୍ଟର ସୁବ୍ରହ୍ମ ପାଣି ଯୋଗ ଦେଇଥିଲେ । ସମ୍ମାନିତ ଡାକ୍ତରମାନେ କର୍କଟ ସଚେତନତା ଉପରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ସୁସ୍ଥ ଜୀବନଶୈଳୀ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଉନ୍ନତ ଚିକିତ୍ସା ବିକଳ୍ପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ହସ୍ପିଟାଲ କର୍ମଚାରୀ ସଚେତନତା ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିଥିଲେ, କର୍କଟ ରୋଗ ନିବାରଣ ଏବଂ ରୋଗୀ ସେବା ପ୍ରତି ହସ୍ପିଟାଲର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥିଲେ । କାର୍ଯ୍ୟକ୍ରମରେ ବକ୍ତାମାନେ ସାଧାରଣ ଜନତାଙ୍କୁ ତମାଖୁ ଏବଂ ଏହାର ସମ୍ପର୍କିତ ଉତ୍ପାଦ ପରିତ୍ୟାଗ କରିବାକୁ ଦୃଢ଼ ଭାବରେ ଅନୁରୋଧ କରିଥିଲେ, କର୍କଟ ରୋଗର ଏକ ପ୍ରମୁଖ କାରଣ ଭାବରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଓ ସମସ୍ତଙ୍କ ପାଇଁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରି, ସଚେତନତା ପ୍ରସାର ଏବଂ ଉନ୍ନତ କର୍କଟ ଚିକିତ୍ସା ପ୍ରଦାନ ପାଇଁ ଏଚ୍‌ସିଜି ପଣ୍ଡା କର୍କଟ ହସ୍ପିଟାଲ ଏହାର ମିଶନ ଜାରି ରଖିଛି ।

### ରାଜସ୍ୱ ନେବା ଆକାରରେ ରେଳ ବଜେଟ୍ ନଗଣ୍ୟ, ଓଡ଼ିଶାବାସୀଙ୍କ ସହ ଧୋକା: ଅମର ପଟ୍ଟନାୟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାକୁ ରେଳ ଅନୁଦାନ ନେଇ ବର୍ଷିଛି ବିଜେଡି । ବିଜେଡି ନେତା ଅମର ପଟ୍ଟନାୟକ କହିଛନ୍ତି ଯେ, ରେଳ ବଜେଟକୁ ନେଇ ଓଡ଼ିଶାବାସୀ ହତାଶ । ଧୋକା ଦିଆଯାଇଛି । ଗତକାଲି ରେଳ ବଜେଟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ ଓଡ଼ିଶା ପାଇଁ ବିଜେପି ସରକାର ନୂତନ ସ୍ୱପ୍ନ ଦେଖିଛି । ଓଡ଼ିଶାକୁ ଏ ବର୍ଷ ୧୦୫୯୯ କୋଟି ଦିଆଯାଇଛି । ପ୍ରତିବର୍ଷ ୧୦ ହଜାର କୋଟି ଅଧିକ ଦିଆଯାଉଛି ବୋଲି ସେ କହିଲେ, ହେଲେ ଓଡ଼ିଶାକୁ ରେଳ ଓଡ଼ିଶାରୁ କେତେ ନେଉଛି କେନ୍ଦ୍ର ଓ କେତେ ଦେଉଛି । ସତସାହସ ଅଛି ଯଦି ଉତ୍ତର ଦିଅନ୍ତୁ । ଓଡ଼ିଶା ରେକର୍ଡ ରାଜସ୍ୱ ଦେଉଛି, ହେଲେ ପାଉଛି କେତେ ? ପୂର୍ବତଟ ରେଳବାଇରୁ ବର୍ଷକୁ ୨୫ ହଜାର କୋଟି ନେଉଛି ଓଡ଼ିଶାରୁ । ଅର୍ଥାତ ଗତ ୧୦ ବର୍ଷରେ ଅଢେଇ କୋଟି ଦେଇଛି । ଏଥର ମାତ୍ର ୧୩% ଅଧିକ ବଜେଟ ମିଳିଛି । ଡବଲ ଇଂଜିନ ଡବଲ କଲାନି । ରାଜସ୍ୱ ନେବା ଆକାରରେ ଏହା ନଗଣ୍ୟ । ଓଡ଼ିଶାକୁ ବୈମାତୃକ ମନୋଭାବ ଜାରି ଅଛି । ୨୦ ସାଂସଦ, ୩ ମନ୍ତ୍ରୀ ଓ ଡବଲ ଇଂଜିନ ସରକାର ଥାଇ ବି ଓଡ଼ିଶା ହତାଶ । ଯାହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଥିଲେ, କିଛି ମିଳିଲା ନାହିଁ ସାଧାରଣ ବଜେଟ । ପୂର୍ବତଟ ରେଳବାଇର ରୋଜଗାର କମାଇବାକୁ ଷଡଯନ୍ତ୍ର ହେଉଛି । ଗୋଟେ ଭ୍ରମ ସୃଷ୍ଟି ହେଉଛି ଯେ ଓଡ଼ିଶାରେ ଅଧିକ ରେଳ ବଜେଟ ଅଛି । ହେଲେ କାମ ସରିବା କଥା କହୁନାହାନ୍ତି । ଡବଲ ଇଂଜିନ ସରକାର ସମ୍ପୂର୍ଣ୍ଣ ଫମ୍ପା ଆବାଜ ଦେଉଛନ୍ତି । ଓଡ଼ିଶାର ରେଳ ଡେନସିଟି ଆନ୍ଧ୍ର କି ପଶ୍ଚିମବଂଗ ପାଖାପାଖି ହେବା ଦରକାର ବୋଲି ଅମର ପଟ୍ଟନାୟକ କହିଛନ୍ତି ।

### ନୂଆ ଭାଇରସ୍ ଗୁଲେନ୍‌ବାରି ସିଣ୍ଡ୍ରମ୍‌କୁ ନେଇ ବଢ଼ିଲା ଚିନ୍ତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଉ ଏକ ନୂଆ ଭାଇରସକୁ ନେଇ ଦେଶରେ ବଢ଼ିଲା ଚିନ୍ତା । ବିଭିନ୍ନ ରାଜ୍ୟରେ ବ୍ୟାପୁଛି ମାରାତ୍ମକ ଭୂତାଣୁ ଦ୍ୱାରା ଗୁଲେନବାରି ସିଣ୍ଡ୍ରମ । ଏହା ଏକ ଜଳବାହିତ ରୋଗ । ଏଥିରେ ରୋଗୀ ଦୁର୍ବଳ ହେବା ସହ ପାରାଲିସିସ ହୋଇଯିବା ଲକ୍ଷଣ ଦେଖାଦେଉଛି । ମହାରାଷ୍ଟ୍ର, ଗୁଜୁରାଟ ପରେ ଏବେ ପଶ୍ଚିମବଙ୍ଗରେ ବି ଏହି ମାମଲା ନଜର ଆସିଲାଣି । ଓଡିଶାରେ ଗୋଟିଏ ବି ରୋଗୀ ଚି଼ହ୍ନଟ ହୋଇନଥିବା ବେଳେ ସତର୍କ ଥିବା କହିଛି ଜନସ୍ୱାସ୍ଥ୍ୟ ବିଭାଗ । ତେବେ କେନ୍ଦ୍ରରୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ଆସିନଥିବା ବେଳେ କେନ୍ଦ୍ରରୁ ନିର୍ଦ୍ଦେଶ ଆସିଲେ ସେ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛି ଜନସ୍ୱାସ୍ଥ୍ୟ ବିଭାଗ ।

### ବାରବାଟୀରେ ଦିନିକିଆ ମ୍ୟାଚ୍ ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପ୍ରସ୍ତୁତି ବୈଠକ



କଟକ(ଭାସ୍କର ନ୍ୟୁଜ୍): ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁ ଥିବା ଭାରତ ବନାମ ଇଂଲଣ୍ଡ ମଧରେ ଆର୍ନ୍ତଜାତିୟ ଦିନିକିଆ କ୍ରିକେଟ୍ ମ୍ୟାଚ୍‌ର ସଫଳ ଆୟୋଜନ ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପରମେଶ୍ୱରନ. ବିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉଭୟ ଦଳର ଖେଳାଳିଙ୍କ ଯାତାୟତ ସହ ଷ୍ଟାଡିୟମ ମଧରେ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆୟୁକ୍ତ ପୋଲିସ କମିଶନରେଟ, ଭୁବନେଶ୍ୱର-କଟକ ସୁରେଶ ଦେବଦତ୍ତ ସିଂ ଏବଂ ପୋଲିସ ଉପ-ଆୟୁକ୍ତ କଟକ ଜଗମୋହନ ମିନାଙ୍କ ସହ ବୈଠକରେ ଆଲୋଚନା କରାଯାଇଥିଲା । ଷ୍ଟାଡିୟମର ଚାରୋଟି ଗେଟକୁ ପ୍ରସ୍ଥାନ ନିମନ୍ତେ ବ୍ୟବହାର କରାଯିବା ସହ ସେଠାରେ ସୁରକ୍ଷା କର୍ମୀ ମୁତୟନ ସହ ଖାଦ୍ୟ, ପାନୀୟ ଓ ସଫେଇ ବ୍ୟବସ୍ଥା ନିମନ୍ତେ ନିଯୋଜିତ ହେବାକୁ ଥିବା ବ୍ୟକ୍ତି ବିଶେଷଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ମୀନା ସୂଚନା ଦେଇଥିଲେ । ପାନୀୟଜଳ ଯୋଗାଣ ନିମନ୍ତେ ସାଧାରଣ ପରିଚାଳକ ୱାଟକୋକୁ ଟିକେଟ ବିକ୍ରୟ ସମୟରେ ୪ ଗୋଟି ୱାଟର ଟ୍ୟାଙ୍କର ଏବଂ ମ୍ୟାଚ୍ ଦିନ ୧୦ ଗୋଟି ୱାଟର ଟ୍ୟାଙ୍କର ଗାଡି ରହଣି ସ୍ଥଳରେ ବ୍ୟବସ୍ଥା କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଓଡିଶା ଅଲମ୍ପିକ ଆସୋସିଏସନର ସଂପାଦକ ଅଭିଜିତ ପାଲ, ଓଡିଶା କ୍ରିକେଟ ଆସୋସିଏସନର ସାଧାରଣ ପରିଚାଳକ ଶୁଭାଶିଷ ବେହେରା, ଅତିରିକ୍ତ ପୋଲିସ ଆୟୁକ୍ତ ଭୁବନେଶ୍ୱର-କଟକ ଉମାକାନ୍ତ ଦାସଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି । ମଙ୍ଗଳବାର ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବିଧାୟକ ବାବୁ ସିଂ, ସୁନୀଲ କୁମାର ମହାନ୍ତି, ଦୁର୍ଗା ପ୍ରସନ୍ନ ନାୟକ, ନୀଳମଣି ବିଷୋୟୀ, କୃଷ୍ଣଚନ୍ଦ୍ର ନାୟକ, ସୋଫିଆ ଫିର୍ଦୋସ୍, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉତ୍କଳ ସମ୍ମିଳନୀର ବରିଷ୍ଠ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୂଚନା ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ସେବା ନିବୃତ୍ତ ଡିଜିପିଙ୍କୁ ଶୁଭେଚ୍ଛା ଜଣାଇଲେ | ୬

ଲୋମଟାଙ୍କୁରା ଘଟଣା ବଖାଣିଲେ ବିଗ୍ ବି' | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୭ Vol. 21 No-307 5 FEBRUARY 2025 WEDNESDAY BHUBANESWAR ବୁଧବାର, ୫ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଓଡ଼ିଶାରେ ଷୋଡ଼ଶ ଅର୍ଥ କମିଶନ

ଭୁବନେଶ୍ୱର,୪।୨(ଭାସ୍କର ନ୍ୟୁଜ): ଚାରିଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପାନଗାରିଆଙ୍କ ସମେତ ୧୫ ଜଣିଆ ଟିମ୍। ଆସନ୍ତା ୬ ତାରିଖରେ କମିଶନଙ୍କ ସହ ବୈଠକ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ସଚିବ, ଅର୍ଥ ବିଭାଗ ସଚିବ ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀ। ଅର୍ଥ କମିଶନଙ୍କ ନିକଟରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ରୋଡମ୍ୟାପ୍ ଉପସ୍ଥାପନ କରିବେ ରାଜ୍ୟ ସରକାର। ଏହାଛଡ଼ା ୧୨ଲକ୍ଷ ୫୬ହଜାର ୧୪୮ କୋଟି ଟଙ୍କାର ଦାବି ମଧ୍ୟ ରଖିବେ।

### ଆଜି ଗଙ୍ଗାରେ ବୁଡ଼ ପକାଇବେ ମୋଦୀ

ପ୍ରୟାଗରାଜ,୪।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ପ୍ରୟାଗରାଜ ମହାକୁମ୍ଭରେ ସାମିଲ ହୋଇ ପବିତ୍ର ଗଙ୍ଗାରେ ବୁଡ଼ ପକାଇବାର କାର୍ଯ୍ୟକ୍ରମ ରହିଛି। ସେ ବୁଡ଼ ପକାଇବା ସହ ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ମଧ୍ୟ କରିବେ। ବୁଧବାର ପୂର୍ବାହ୍ନ ୧୦ଟାରେ ମୋଦୀ ପ୍ରୟାଗରାଜରେ ପହଞ୍ଚିବେ।

### ଆତ୍ମ ସମର୍ପଣ କଲେ ୨ ମାଓ ଦମ୍ପତି

ରାଞ୍ଚି,୪।୨: ଝାଡ଼ଖଣ୍ଡର ଗଡ଼ଚିରୋଲିଠାରେ ୨ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ନାମରେ ୨୮ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ଦମ୍ପତିଙ୍କ ନାମ ହେଲା ବାଲାନା ଏବଂ ତାଙ୍କ ପତ୍ନୀ ବନୀତା ଓ ସମୀର ଓ ତାଙ୍କ ପତ୍ନୀ ମୁନି।

ସେନ୍‌ସେକ୍ସ: ୭୮,୫୮୩.୮୧
ସର୍ବାଧିକ: ୩୨.୦ ଡିଗ୍ରୀ
ସର୍ବନିମ୍ନ: ୨୩.୨ ଡିଗ୍ରୀ

**୪।୨।୨୦୨୫ ର ମତାମତ**

ରେଳ ବଜେଟ୍‌ରେ ଓଡ଼ିଶାକୁ ଦିଆଯାଇଥିବା ଅର୍ଥ ବିକାଶ ଦିଗରେ ସହାୟକ ହେବ କି?

| ହଁ | ନା |
|---|---|
| ୭୫% | ୨୫% |

**ଆଜିର ପ୍ରସଙ୍ଗ**

ଆଇଏଏସ୍ ଅଧିକାରୀ ଗାଁ ବୁଲିଲେ ଲୋକଙ୍କ ସମସ୍ୟା ସମାଧାନ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମଧ୍ୟବିତ୍ତଙ୍କର ମନ ଏବେ ଖୁସ୍
ଆୟକର ଦେଲା ରିହାତି,
ଏତେଦିନ ଯାଏଁ ଲୋକେ ଭାବୁଥିଲେ
ଧନୀ ସହ ଖାଲି ପୀରତି ।
ସମୟ ହେଲାଣି ଏମିତି,
ସଭିଙ୍କର ମନ ଜିଣି ନ ପାରିଲେ
ବୃଥା ଯାଏ ଦାନ, ଖୈରାତି ।

## ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ମୋଦୀଙ୍କ ସମ୍ବୋଧନ

# ସମ୍ବିଧାନ ପ୍ରତି ଆମେ ସମର୍ପିତ



**ବିକଶିତ ଭାରତର ସଂକଳ୍ପକୁ ଦୃଢତା ଦେବା ଆମ ଲକ୍ଷ୍ୟ**

**ମୋ ପାଇଁ ୨ଟି ଏଆଇ ଜରୁରି ଯାହା ୨ଗୁଣ କ୍ଷମତାକୁ ବଢାଇବ**

**ସଂସଦରେ ଗରିବଙ୍କ କଥା ବିରୋଧୀଙ୍କୁ ବୋର୍ ଲାଗିବ**

**ଦୁଃଖ ବୁଝିବା ଓ ସମସ୍ୟା ସମାଧାନ ପାଇଁ ଆଗ୍ରହ ଜରୁରି**

ନୂଆଦିଲ୍ଲୀ,୪।୨: ଆମେ ସମ୍ବିଧାନ ପ୍ରତି ସମର୍ପିତ । ସମ୍ବିଧାନର ମହାନତା ମଧ୍ୟ ଜାଣିଛୁ। ସମ୍ବିଧାନକୁ ଦୃଷ୍ଟିରେ ରଖି ଆମେ ଦୃଢ ନିଷ୍ପତ୍ତି ନେଇଥାଉ। ସମ୍ବିଧାନରେ ଥିବା ବ୍ୟବସ୍ଥା ସହିତ ସମ୍ବିଧାନର ଏକ ଭାବନା ମଧ୍ୟ ରହିଛି। ସମ୍ବିଧାନକୁ ସୁଦୃଢ କରିବାକୁ ହେଲେ ସମ୍ବିଧାନର ଭାବନାକୁ ବଢାଇବାକୁ ପଡ଼ିବ। ଯେତେବେଳେ କ୍ଷମତା ସେବାରେ ପରିଣତ ହୁଏ, ସେତେବେଳେ ରାଷ୍ଟ୍ର ନିର୍ମାଣ ହୁଏ, ଆଉ କ୍ଷମତାକୁ ଐତିହ୍ୟରେ ପରିଣତ କରାଗଲେ ଗଣତନ୍ତ୍ରର ଅନ୍ତଃ ଘଟିଥାଏ ବୋଲି ମଙ୍ଗଳବାର ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ କହିଥିଲେ, ରାଷ୍ଟ୍ରପତିଙ୍କ ସମ୍ବୋଧନ ବିକଶିତ ଭାରତର ସଂକଳ୍ପକୁ ଦୃଢତା ଦେବା, ନୂଆ ବିଶ୍ୱାସ ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ପ୍ରେରିତ କରିବା । ସେ କହିଥିଲେ, ମୋ ପାଇଁ ଗୋଟିଏ ଏଆଇ ଯଥେଷ୍ଟ ନୁହେଁ। ଏହା ଦୁଇଟି ଏଆଇ ଯାହା ଭାରତର ଦୁଇଗୁଣ କ୍ଷମତାକୁ ବୁଝାଉଛି। ଗୋଟିଏ ଏଆଇ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅନ୍ୟଟି ହେଉଛି ଆସ୍‌ପି ରେସନାଲ ଇଣ୍ଡିଆ। ଆମେ ଯେଉଁ ମଡେଲ ଗ୍ରହଣ କରିଛୁ ସେଥିରେ ସଞ୍ଚୟ ହେଉଛି ଏବଂ ଲୋକଙ୍କ ପାଇଁ ମଧ୍ୟ ଖର୍ଚ୍ଚ କରାଯାଉଛି। ମୋଦୀ କହିଥିଲେ, ୨୦୧୩-୨୪ରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ ଥିବାବେଳେ ଆଜି ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ ରହିଛି। ୨୦୧୪ରୁ ଦେଶର ଯୁବବର୍ଗଙ୍କ ଆକାଂକ୍ଷା ଉପରେ ମୋ ସରକାର ଗୁରୁତ୍ୱ ଦେଉଛନ୍ତି। ଫଳରେ ଆମର ଯୁବପିଢି ଏବେ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଉପରେ ପହଞ୍ଚି ପାରୁଛନ୍ତି । ଆମେ ଗରିବଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇନୁ ବରଂ ସେମାନଙ୍କୁ ବିକାଶ ଦେଇଛୁ। ଗରିବଙ୍କ ଦୁଃଖ, ସାଧାରଣ ମଣିଷର ସମସ୍ୟା, ମଧ୍ୟମବର୍ଗଙ୍କ ସ୍ୱପ୍ନ ଏସବୁ ପୂରଣ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ସେ କହିଥିଲେ, ଆମେ ସତ ବିକାଶ ଦେଇଛୁ, ଯାହାଫଳରେ ୨୫ କୋଟି ଲୋକ ଗରିବୀରୁ ମୁକ୍ତି ପାଇଛନ୍ତି। ଏନଡିଏ ସରକାରର ଧ୍ୟାନ ଜକୁଜି ଉପରେ ନୁହେଁ, ବରଂ ଭାରତର ଲୋକଙ୍କୁ ପାଣିର ସଂଯୋଗ ଦେବା ଉପରେ ରହିଛି। କେଜ୍ରିୱାଲଙ୍କ ନାମ ନ ନେଇ ସେ କହିଥିଲେ, କିଛି ନେତାଙ୍କ ଦୃଷ୍ଟି ଏବେ ଜକୁଜି ଉପରେ ଷ୍ଟାଇଲିଷ୍ଟ ସାୱାର ଉପରେ। କିନ୍ତୁ ଆମର ଫୋକସ ହେଉଛି ପ୍ରତି ଘରେ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା । ୟୁପିଏ ସରକାର ଅମଳରେ ୭୫ ପ୍ରତିଶତ ଲୋକଙ୍କ ଘରେ ନଳପାଣିର ସଂଯୋଗ ନଥିଲା। କିନ୍ତୁ ଆମ ସରକାର ୫ ବର୍ଷ ଭିତରେ ୧୨ କୋଟି ଘରକୁ ନଳପାଣି ଯୋଗାଇ ଦେଇଛି। ଆମ ଦେଶରେ ଜଣେ ପ୍ରଧାନମନ୍ତ୍ରୀ ଥିଲେ, ଯିଏକି ଗୋଟିଏ ସମସ୍ୟାକୁ ଚିହ୍ନିଥିଲେ ଏବଂ କହିଥିଲେ ଯେବେ ଦିଲ୍ଲୀରୁ ଟଙ୍କାଟାଏ ପଠାଯାଏ ତଳସ୍ତରରେ ମାତ୍ର ୧୫ ପଇସା ● ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି



ଭୁବନେଶ୍ୱର,୪।୨(ଭାସ୍କର ନ୍ୟୁଜ): ମଙ୍ଗଳବାର ରାଜ୍ୟ ସରକାର ଅଗ୍ନିଶମ କର୍ମଚାରୀଙ୍କୁ ବଡ଼ ଉପହାର ଦେଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ କଲ୍ୟାଣ ପାଇଁ ଘରଭଡ଼ା ସହ ଭତ୍ତା ବୃଦ୍ଧି ହୋଇଛି। ଡାଏଟ୍ ଭତ୍ତା ୯୦୦ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ବାଇକ୍ ଭତ୍ତା ୩୦୦ ଟଙ୍କାରୁ ୧୦୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ମୋବିଲିଟି ଭତ୍ତା ୧୫୦ରୁ ୩୦୦ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ରିସ୍କ ଭତ୍ତା ୪୦୦ଟଙ୍କାରୁ ୧ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ରାଜ୍ୟ ସରକାର ଅଗ୍ନିଶମ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ପରିସ୍ଥିତିରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଉଥିବା ଅଗ୍ନିଶମ କର୍ମଚାରୀଙ୍କ କଲ୍ୟାଣ ପାଇଁ ଘରଭଡ଼ା ପ୍ରଦାନ ସହ ଭତ୍ତାରେ ବୃଦ୍ଧି କରିଛନ୍ତି। ଏହାଫଳରେ ରାଜ୍ୟର ୬୦୫୮ ଅଗ୍ନିଶମ କର୍ମଚାରୀ ଉପକୃତ ହେବେ। କେବଳ ଭତ୍ତା ନୁହେଁ, ରାଜ୍ୟ ସରକାର ଏଣିକି ଅଗ୍ନିଶମ କର୍ମଚାରୀଙ୍କ ମେଡ଼ିକାଲ ଖର୍ଚ୍ଚ ବି ବହନ କରିବେ। ଭତ୍ତା ବୃଦ୍ଧିପାଇଁ ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ଦାବିହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଭତ୍ତା ବୃଦ୍ଧି କରିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ରେଳ ୱାଗନ୍‌ରୁ ୧୨ ବୋମା ଜବତ ଘଟଣା ୨ କର୍ମଚାରୀ ନିଲମ୍ବିତ

କଣ୍ଟାବାଞ୍ଜି,୪।୨(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଷ୍ଟେସନର ଏକ ୱାଗନରୁ ୧୨ଟି ଅଫୁଟା ବୋମା ଜବତ କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। କଣ୍ଟାବାଞ୍ଜି ରେଳଷ୍ଟେସନରେ ପ୍ରତିଦିନ ଆସୁଥିବା ରେଳ ୱାଗନକୁ ଯାଞ୍ଚ କରାଯାଇଥାଏ। ତେବେ ଯାଞ୍ଚବେଳେ ଗୋଟିଏ ୱାଗନରେ ୧୨ଟି ବୋମା ରଖାଯାଇଥିବା ରେଳବାଇର ଅଧିକାରୀମାନେ ଦେଖିବାକୁ ପାଇଥିଲେ। ତେବେ ଏହି ବୋମା କେଉଁଠାରୁ ଆସିଲା ତାକୁ ନେଇ ଖୋଳତାଡ଼ ଚାଲିଥିବାବେଳେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏ ନେଇ କଣ୍ଟାବାଞ୍ଜି ଷ୍ଟେସନ ମ୍ୟାନେଜର କୌଣସି ତଥ୍ୟ ଦେବାକୁ ମନା କରି ଦେଇଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ବୋମାଗୁଡ଼ିକ ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନାର। ବଡ଼ମାଳର ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ଉକ୍ତ ବୋମାଗୁଡ଼ିକୁ ଫେରାଇ ଦିଆଯାଇଛି। ଏହି ବୋମା ୧୫୫ ଏମ୍‌ଏମ୍ ବିଶିଷ୍ଟ, ଯାହା ତୋପରେ ଭାରତୀୟ ସେନା ପକ୍ଷରୁ ବ୍ୟବହାର କରାଯାଇଥାଏ। ତେବେ ଏଭଳି ● ପୃଷ୍ଠା ୫ ଦେଖନ୍ତୁ

## ସିଏଚ୍‌ଏସ୍‌ଇର ଘୋଷଣା

# ୧୮ରୁ ଯୁକ୍ତଦୁଇ ପରୀକ୍ଷା



**ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲୁ ରହିବ**

**୩ଲକ୍ଷ ୯୩ହଜାର ପରୀକ୍ଷାର୍ଥୀ**

**୧୨୭୬ ପରୀକ୍ଷା କେନ୍ଦ୍ର**

**କପି ରୋକିବାକୁ ୫ ଥାକିଆ ବ୍ୟବସ୍ଥା**

ଭୁବନେଶ୍ୱର,୪।୨(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଶିକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷର ଯୁକ୍ତଦୁଇ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ମଙ୍ଗଳବାର ପ୍ରକାଶ ପାଇଛି। ଆସନ୍ତା ୧୮ ତାରିଖରୁ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାପାଇଁ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୩୦ଟି ଜିଲ୍ଲାର ୧୨୭୬ଟି ପରୀକ୍ଷା କେନ୍ଦ୍ରରେ ୩ଲକ୍ଷ ୯୩ ହଜାର ୬୧୮ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ । କପି ରୋକିବା ପାଇଁ ୫ ଥାକିଆ ବ୍ୟବସ୍ଥା କରାଯାଇଛି। ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ବ୍ୟବସ୍ଥା ସହ ସବୁ କେନ୍ଦ୍ରରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସରିବାର ୪୫ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ। ନିୟମ ଅନୁଯାୟୀ ରେଜଲ୍ଟ ବାହାରିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୨୨ଟି ସିଟିଂ ରହିବ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଥିବାରୁ ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ପାନୀୟ ଜଳସହ ଛାତ୍ରଛାତ୍ରୀଙ୍କୁ ଓଆରଏସ୍ ଯୋଗାଇ ଦିଆଯିବ।

## ସମୁଦ୍ର ଆଁରେ ପଶିବ ଭିତରକନିକା, ଚିଲିକା, ଚନ୍ଦ୍ରଭାଗା !

# ଓଡ଼ିଶାର ୧୪୦ କିମି ବେଳାଭୂମି ଅବକ୍ଷୟମୁଖୀ







ଭୁବନେଶ୍ୱର,୪।୨(ଭାସ୍କର ନ୍ୟୁଜ): ଭୟଙ୍କର ରୂପ ନେଉଛି ସମୁଦ୍ର। ଉପରମୁହାଁ ହୋଇ ଆଗକୁ ମାଡ଼ି ଚାଲିଛି। ଆଗକୁ ସମୁଦ୍ର ଜଳପତ୍ତନ ଆହୁରି ଫୁଲି ଉଠିବ। ଆଗାମୀ ୩ ଦଶନ୍ଧି ଭିତରେ ୨ରୁ ୭ ଫୁଟ ଉପରକୁ ସମୁଦ୍ର ଜଳ ଉଠିବ। ଯଦି ଏପରି କିଛିହୁଏ ତେବେ ସମୁଦ୍ର ଆଁରେ ପଶିଯିବ ଭିତରକନିକା ଜାତୀୟ ଉଦ୍ୟାନ, ବାଲୁଖଣ୍ଡ କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ଚନ୍ଦ୍ରଭାଗା ବେଳାଭୂମି ଅଞ୍ଚଳ। କେବଳ ସେତିକି ନୁହେଁ, ବିଶ୍ୱପ୍ରସିଦ୍ଧ ଚିଲିକା ହ୍ରଦର ଚାରିପାଖ ଅଞ୍ଚଳକୁ ବି ସମୁଦ୍ର ବୁଡ଼ାଇଦେବା ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନ୍ ରିପୋର୍ଟରେ ଏଭଳି ଭୟାନକ ଆକଳନ କରାଯାଇଛି। ଆମେରିକା ନ୍ୟୁଜର୍ସିସ୍ଥିତ ବିଜ୍ଞାନ ପତ୍ରିକା କ୍ଲାଇମେଟ ସେଣ୍ଟ୍ରାଲର ରିପୋର୍ଟରେ ଏଭଳି ଭୟଙ୍କର ତଥ୍ୟ ପ୍ରଦାନ କରାଯାଇଥିବା ରାଜ୍ୟ ସରକାରଙ୍କ ରିପୋର୍ଟରେ ଦର୍ଶାଯାଇଛି। ଲୋକସଭାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ପ୍ରାୟ ୨୫.୬ ପ୍ରତିଶତ ବେଳାଭୂମିରେ ସମୁଦ୍ର କୂଳ ଲଂଘୁଛି। ୧୪୦.୭ କିମି ବେଳାଭୂମିରେ ସମୁଦ୍ର ମାଡ଼ିବାରେ ଲାଗିଛି। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟର ୪୮୦ କିମି ବେଳାଭୂମି ମଧ୍ୟରୁ ୧୮୭ କିମିରେ ସମୁଦ୍ର ମାଡୁଛି। ଉପକୂଳ ଅବକ୍ଷୟରେ ଏହା ପ୍ରଭାବିତ। ୩୯.୩ କିମି ବେଳାଭୂମି ଅତ୍ୟଧିକ ଓ ପ୍ରାୟ ୫୨ କିମି ମଧ୍ୟମ ଧରଣର ଅବକ୍ଷୟପ୍ରବଣ ବେଳାଭୂମି । ଗବେଷଣା ରିପୋର୍ଟ ଅନୁସାରେ ପ୍ରାୟ ୩୦ ବର୍ଷ ଭିତରେ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଉପକୂଳ ଅଞ୍ଚଳ ପାଇଁ ସମୁଦ୍ର ଜଳପ୍ଲାବନର ବଡ଼ ଆଶଙ୍କା ରହିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିବ। କ୍ଲାଇମେଟ ସେଣ୍ଟର ପକ୍ଷରୁ କୁହାଯାଇଛି ଯେ ● ପୃଷ୍ଠା ୫ ଦେଖନ୍ତୁ






"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ସର୍ବନିମ୍ନ ସ୍ତରରେ 'ଟଙ୍କା'
## ସୁନା ବଜାର ଉପରେ ଚଡ଼କ

ଗୋଟିଏ ପଟେ ଆମେରିକୀୟ ମୁଦ୍ରା 'ଡଲାର' ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇ ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ଅନ୍ୟପଟେ ଭାରତୀୟ ସେୟାର ବଜାରରେ ବଡ଼ଧରଣର ହ୍ରାସ ଘଟିବା ଯୋଗୁଁ ଅର୍ଥନୀତିରେ କମ୍ପନ ସୃଷ୍ଟି ହୋଇଛି । ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଚାଲିଥିବାରୁ ଜଟିଳ ସମସ୍ୟା ଦେଖାଦେଇଛି । କିଛି ଦିନ ପୂର୍ବେ ଷ୍ଟକ୍ ବଜାର ରେକର୍ଡ ସ୍ତରରେ ପହଞ୍ଚିଥିଲା । ମାତ୍ର ଏଥିରେ ଏବେ ବଡ଼ଧରଣର ହ୍ରାସ ଘଟିଛି । ଗତ କିଛିଦିନ ଧରି ଭାରତୀୟ ମୁଦ୍ରା 'ଟଙ୍କା' ଅତ୍ୟଧିକ ଦୁର୍ବଳ ସ୍ଥିତିରେ ପହଞ୍ଚିଛି ଏବଂ ଡଲାର ତୁଳନାରେ ଏହାର ମୂଲ୍ୟ ୮୭ ଟଙ୍କା ୨୯ ପଇସା ହୋଇଛି । ଜାତୀୟ ଅର୍ଥନୀତି ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଥିଲା ଭଳି ମନେ ହେଉଛି । ଅର୍ଥନୀତି ବିଶାରଦମାନଙ୍କ ଆକଳନ ଅନୁଯାୟୀ ମହାମାରୀ କରୋନା ଏବଂ ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରେ ଆମ ଦେଶରେ ଯେଉଁ ବଡ଼ଧରଣର ଦରବୃଦ୍ଧି ଘଟିଥିଲା, ତାହାକୁ ନିୟନ୍ତ୍ରଣ କରିବାକୁ ଉଭୟ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି । ମାତ୍ର ଏଥିରୁ ସୁଫଳ ମିଳିବାକୁ ଯାଉଥିବା ସମୟରେ ଟଙ୍କାର ଦୁର୍ବଳ ସ୍ଥିତି ପୁନର୍ବାର ଅଙ୍କକୁ ବିଗାଡ଼ି ଦେଇଛି । ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସର ସୁଦୂର ପ୍ରସାରୀ ପ୍ରଭାବ ଜନଜୀବନ ଉପରେ ପଡିବାର ସମ୍ଭାବନା ରହିଛି । ସୁଦୂର ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକର ଭାତହାଣ୍ଡି ଉପରେ ଏହା ଚଡ଼କ ପକାଇବାର ଆଶଙ୍କା ରହିଥିବା ବେଳେ ସହରାଞ୍ଚଳର ଜନଜୀବନକୁ ମଧ୍ୟ ଏହା ପ୍ରଭାବିତ କରିବ । ଭାରତ ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଅଶୋଧିତ ତୈଳ ଓ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡିଥାଏ । ସେହିସବୁ ସାମଗ୍ରୀ ଆମଦାନୀ କରିବା ଲାଗି ଆମେରିକୀୟ ଡଲାର ଆବଶ୍ୟକ ପଡୁଥିବାରୁ 'ଟଙ୍କା'ର ଏଭଳି ଦୁର୍ବଳ ସ୍ଥିତି ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ । ସେହିସବୁ ସାମଗ୍ରୀ କ୍ରୟ କରିବାକୁ ଯଥେଷ୍ଟ ଅଧିକ ଟଙ୍କା ଗଣିବାକୁ ପଡୁଥିବା ଦୃଷ୍ଟିରୁ ଉପଭୋକ୍ତାମାନଙ୍କ ଉପରେ ତାହାର ଚାପ ପଡିବ ଏବଂ ଏସବୁ ଦର ବୃଦ୍ଧି ଘଟିବା ସୁନିଶ୍ଚିତ । ଭାରତୀୟ ଟଙ୍କାର ମୂଲ୍ୟହ୍ରାସ ଯୋଗୁଁ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ମନ୍ଥର ହେବା ସହିତ ବିକାଶ ପ୍ରକ୍ରିୟା ବ୍ୟାହତ ହେବାର ମଧ୍ୟ ଆଶଙ୍କା କରାଯାଉଛି । ଭାରତୀୟ ଟଙ୍କାକୁ ସୁଦୃଢ଼ ଓ ସବଳ କରିବାର ଦାୟିତ୍ୱ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଉପରେ ନ୍ୟସ୍ତ କରାଯାଇଛି । ମାତ୍ର ଆର୍‌ବିଆଇ ଏ କ୍ଷେତ୍ରରେ କିଛିଟା ଅସହାୟ ଥିଲାଭଳି ମନେ ହେଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ଦୁଇଦିନ ପୂର୍ବେ ନୂତନ ଶୁଳ୍କ ବୃଦ୍ଧିର ଘୋଷଣା କରିଥିବାରୁ ଡଲାର ମୂଲ୍ୟ ବୃଦ୍ଧି ପାଇବା ସହ ଭାରତୀୟ ମୁଦ୍ରା ଟଙ୍କା ଉପରେ ଚାପ ବଢ଼ିଛି । ଗୋଟିଏ ପଟେ ଟଙ୍କାର ମୂଲ୍ୟ ଏବେ ସର୍ବନିମ୍ନ ସ୍ତରରେ ପହଞ୍ଚିଥିବାବେଳେ ଅନ୍ୟପଟେ ସୁନା ବଜାର ଉପରେ ଚଡକ ପଡିଥିବାର ଲକ୍ଷ୍ୟ କରାଯାଉଛି । ଆମ ଦେଶରେ ସୁନା ଦର କ୍ରମାଗତ ଭାବରେ ବୃଦ୍ଧି ପାଇ ସୋମବାର ସନ୍ଧ୍ୟାରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଯାଇଛି । ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପ୍ରତି ୮୨ ହଜାର ୭୦୪ ଟଙ୍କା ହୋଇଥିବାର ଜଣାପଡିଛି । ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ଦିନରେ ଆମ ଅର୍ଥନୀତି ଅତ୍ୟଧିକ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି । ତେଣୁ ଆଗାମୀ ଦିନରେ ଭାରତୀୟ ଅର୍ଥନୀତିର ଏହି ନିମ୍ନମୁଖୀ ଧାରାକୁ ରୋକିବା ଦିଗରେ ସମନ୍ୱିତ ପ୍ରୟାସର ଯେ ଜରୁରି ଆବଶ୍ୟକତା ରହିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ଗୋଲ୍‌ଡେନ ଆୱାର

ସୌମ୍ୟ ସାଇ ସିଦ୍ଧାର୍ଥ
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୦୯୦୦୫୧୫୪୩

ଦିନକୁ ଦିନ ବିପଜ୍ଜନକ ପାଲଟିଛି ସଡ଼କ । ସଡ଼କ ଦୁର୍ଘଟଣା ପ୍ରତି ବର୍ଷ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ି ଚାଲିଛି ୨୦୨୩ରୁ ଟପିଲାଣି ୨୦୨୪ । ଜଣେ ମୁମୂର୍ଷୁ ପାଇଁ ଗୋଲଡ୍‌େନ ଆୱାର ଅପରିହାର୍ଯ୍ୟ ହୋଇଥିବାବେଳେ ଏ ଯାବତ ଜାତୀୟ ରାଜପଥରେ ପେଟ୍ରୋଲିଂ ଓ ଟ୍ରମା କେୟାର ଯୋଜନା ମୃତକଙ୍କ ସଂଖ୍ୟା କମାଇବାରେ ସକ୍ଷମ ହେଉନି । ଗତ ବର୍ଷକ ଭିତରେ ପାଖାପାଖି ୧୩ଟି ସଡ଼କ ଦୁର୍ଘଟଣାରେ ଅଭାବନୀୟ ମୃତ୍ୟୁ ରାସ୍ତା ଉପରେ ହିଁ ହୋଇଥିଲା । ୨୦୨୩ ଜାନୁଆରୀରୁ ନଭେମ୍ବର ଭିତରେ ରାଜ୍ୟରେ ୩୦ଟି ଜିଲ୍ଲାରେ ୧୦୯୦୫ଟି ଦୁର୍ଘଟଣା ଘଟିଥିଲା । ଯେଉଁଥିବରେ ୫୧୩୮ ଜଣଙ୍କ ଜୀବନ ଯାଇଥିବାବେଳେ ୯୪୧୭୮ ଜଣ ଆହତ ହୋଇଥିଲେ । ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୧୧୧୭୦ଟି ଦୁର୍ଘଟଣା ଘଟିଥିବାବେଳେ ୫୫୬୪ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ସଡ଼କ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା କମାଇବା ପାଇଁ ଦୁର୍ଘଟଣା ପରର ପ୍ରଥମ ଗୋଟିଏ ଘଣ୍ଟା ବା ଗୋଲଡେନ ଆୱାରକୁ ପ୍ରାଥମିକତା ଦିଆଯାଇଛି । ଏହି ସମୟ ଭିତରେ ଜଣେ ଦୁର୍ଘଟଣା ଗ୍ରସ୍ତକୁ ତୁରନ୍ତ ମେଡ଼ିକାଲରେ ପହଞ୍ଚାଇବା ପାଇଁ କୁହାଯାଇଛି । ଏହି କାର୍ଯ୍ୟରେ ଯେଉଁମାନେ ସହଯୋଗ କରିବେ ସେମାନଙ୍କୁ ଗୁଡ଼ ସାମାରଟାରିଆନ ଭାବେ ପୁରସ୍କୃତ କରାଯିବ । ଯେଉଁମାନେ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବେ ସେମାନଙ୍କ ନାମରେ ପୋଲିସ କୌଣସି ମାମଲା ରୁଜୁ କରିବ ନାହିଁ । ଆହତ ମାନଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇ ଦେବା ପାଇଁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ ପାର୍ଶ୍ୱରେ ଟ୍ରମା କେୟାର ନିର୍ମାଣ କରାଯାଉଛି । ଏ ସବୁ ଭିତରେ ଦୁର୍ଘଟଣା ସଂଖ୍ୟା ଉଦବେଗ ଜନକ ଭାବେ ବଢ଼ି ଚାଲିଛି ।

ସଚେତନତା ଅଭାବରୁ ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ବିଭିନ୍ନ ଅସାବଧାନତା ପାଇଁ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ତଥ୍ୟ ମୁତାବକ ବିଶ୍ୱରେ ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଭାରତ ସବୁଠାରୁ ଆଗୁଆ । ବିଶ୍ୱରେ ପ୍ରତିବର୍ଷ ୧.୩୫ ନିୟୁତ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବାବେଳେ ପ୍ରତିଦିନ ୩ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହେଉଛନ୍ତି । ସେହିପରି ବିଶ୍ୱ ଅର୍ଥନୈତିକ ମୂଲ୍ୟାୟନ ଅନୁଯାୟୀ ସଡ଼କ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବାର୍ଷିକ ୫୧୮ ବିଲିଅନ ଡଲାର । ଆତ୍ୟାଧୁନିକ ବିଜ୍ଞାନ ଉପଯୋଗରେ ସଡ଼କ ସୁରକ୍ଷା ପାଇଁ ନିକଟରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଆଇଆଇଟି ମାଡ୍ରାସ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ଅଭିନବତାକୁ ସୁରକ୍ଷା କ୍ଷେତ୍ରରେ ପ୍ରୟୋଗ କରିବାର ଏହି ସାଧୁ ଉଦ୍ୟମ ସମୟୋପଯୋଗୀ, ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ । ଏଥିରେ ମୁଖ୍ୟତଃ ୪-ଇ ମଡ଼େଲ ଉପଯୋଗରେ ଯୋଜନା ପ୍ରସ୍ତୁତ ହୋଇଛି । ଏହି ମଡ଼େଲର ପ୍ରତିଟି ଇଂରାଜୀ ଅକ୍ଷର ଇ-ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବିଜ୍ଞାନ, ଏନଫୋର୍ସମେଣ୍ଟ ବା ପ୍ରବର୍ତ୍ତନ, ଏମର୍ଜେନ୍ସି କେୟାର ବା ଜରୁରୀକାଳୀନ ସେବା ଓ ଏଜୁକେଶନ ବା ଶିକ୍ଷା । ତାତ୍ତ୍ୱିକ ଦୃଷ୍ଟିରୁ ଏହା ସର୍ବାଦୌ ଉପଯୋଗୀ ମନେ ହେଉଥିଲେ ମଧ୍ୟ ବାସ୍ତବତା ପ୍ରତି ଅଧିକ ଯତ୍ନଶୀଳ ହେଲେ ଯୋଜନାର ସୁଫଳ ଆହୁରି ପ୍ରଭାବଶାଳୀ ଓ ବିସ୍ତାରିତ ବୋଲି ବିଶେଷଜ୍ଞ ମହଲରୁ ମତପ୍ରକାଶ ପାଇଛି ।

ସରକାରୀ ତଥ୍ୟ ଅନୁଯାୟୀ, ଆମ ଦେଶରେ ଦୈନିକ ୪୭୪ ବା ପ୍ରତି ତିନି ମିନିଟରେ ଜଣେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି । ଏଥିରେ ଦେଶର ମୋଟ ଘରୋଇ ଉତ୍ପାଦର ୩-୫% ନଷ୍ଟ ହେଉଛି । ଏହାର ନିରାକରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେ ହାତ ବାନ୍ଧି ବସିଛନ୍ତି ତା ନୁହେଁ । ସରକାରୀ କଳ ସହିତ ବେସରକାରୀ ସଂଗଠନ, ବ୍ୟକ୍ତିବିଶେଷ ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ବ୍ୟସ୍ତବହୁଳ ସଡ଼କପଥଗୁଡ଼ିକୁ ଦୁଇଥାକିଆରୁ ଆଠଥାକିଆ କରାଯାଉଛି । ଟ୍ରାଫିକ ସମସ୍ୟା ଏଡ଼ାଇବା ଲାଗି ବହୁଳ ପୁଞ୍ଜି ବିନିଯାଗରେ ଓଭରବ୍ରିଜ, ଫ୍ଲାଏଓଭର ନିର୍ମାଣ ହେଉଛି । ଦ୍ରୁତଗତିରେ ଗାଡ଼ି ଚାଳନାକୁ ନିରୁତ୍ସାହିତ କରିବା ଲାଗି ଜାତୀୟ / ରାଜ୍ୟ ରାଜପଥ ପାର୍ଶ୍ୱରେ ସ୍ପିଡ ଇଣ୍ଡିକେଟର ଓ ସ୍ପିଡ ବ୍ରେକର ବ୍ୟବସ୍ଥା ରହିଛି । ତଥାପି ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବର୍ଦ୍ଧିବାରେ ଲାଗିଛି । ଏହାଫଳରେ କେତେକ ଅଦୃଶ୍ୟ କାରକ ରହିଥିବାରୁ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ଆସିପାରୁନାହିଁ ।

ସଡ଼କ ଦୁର୍ଘଟଣା ପଛରେ ମୁଖ୍ୟ କାରଣ ହେଉଛି ଯାନବାହାନ ସଂଖ୍ୟା ବୃଦ୍ଧି । ବିଶ୍ୱର ତୃତୀୟ ବୃହତ୍ତମ ସଡ଼କ ଭିତ୍ତିଭୂମି ବିଶିଷ୍ଟ ରାଷ୍ଟ୍ର ଭାରତରେ ଗମନାଗମନ ଓ ପରିବହନ ପାଇଁ ସଡ଼କ ହିଁ ମୁଖ୍ୟ ଅବଲମ୍ବନ ବା ମାଧ୍ୟମ ୬୦% ହୋଇ ଆସିଛି । ଆମ ଦେଶ ୧୯୫୧ ମସିହାରେ ମୋଟ ପଞ୍ଜୀକୃତ ଯାନବାହନ ସଂଖ୍ୟା ୩ଲକ୍ଷ ୬ ହଜାର ଥିବାବେଳେ ଏହା ଏବେ ବାର୍ଷିକ ହାରାହାରି ୧ କୋଟି ୮୦ ହଜାର ୩୬ ଲକ୍ଷ ହାରରେ ବଢ଼ି ୨୦୨୨ ସୁଦ୍ଧା ୩୫ କୋଟି ୪୦ ଲକ୍ଷ ୧୮ ହଜାରରେ ପହଞ୍ଚିଛି । ୨୦୨୪ ସୁଦ୍ଧା ଏହା ଆନୁମାନିକ ୪୦ କୋଟି ଟପି ଯାଇପାରେ । ସେଥିମଧ୍ୟରୁ ପଞ୍ଜୀକୃତ ଦୁଇଚକିଆ ଯାନ ସଂଖ୍ୟା ୨୦୨୨ ସୁଦ୍ଧା ୨୬ କୋଟି ୩୩ ଲକ୍ଷ ୭୮ ହଜାର । କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସମଗ୍ର ଦେଶରେ ୧୮ ନିୟୁତ ଦୁଇଚକିଆ ଯାନ ବିକ୍ରି ହୋଇଥିଲା । ଓଡ଼ିଶାରେ ୨୦୨୦ ସୁଦ୍ଧା ୯୧ ଲକ୍ଷ ୧୬ ହଜାର ପଞ୍ଜୀକୃତ ଯାନ ଥିବାବେଳେ ଚାରିବର୍ଷ ଭିତରେ ତାହା କେତେ ବୃଦ୍ଧି ପାଇଥିବା ଅନୁମେୟ ।

ଏକଦା ମୋଟରଯାନ ଆମ ଆବଶ୍ୟକତା ଥିଲା । କିନ୍ତୁ ଏହା ଏବେ ପ୍ରତିଷ୍ଠା, ଆଭିଜାତ୍ୟ ଓ ଆତ୍ମସମ୍ମାନ ପ୍ରତୀକ ପାଲଟିଯାଇଛି । କିଏ କେତେ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ଗାଡ଼ି କିଣିପାରୁଛି ତାହା ଏବେ ପ୍ରତିଯୋଗିତାର ରୂପ ନେଇଛି । ଏପରିକି ପରିବାରର ଲୋକ ସଂଖ୍ୟା ଠାରୁ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି । ଯୁବପିଢ଼ିଙ୍କ ପାଇଁ ଦୁଇଚକିଆ ଯାନ ସତେଯେପରି ଏକ ଅପରିହାର୍ଯ୍ୟ ଆବଶ୍ୟତା ହୋଇଯାଇଛି । ଭାରତୀୟଙ୍କ ଏହି ମାନସିକତାର ସୁଯୋଗ ନେଇ ଭାରତୀୟ ବଜାରରେ ଦିନକୁ ଦିନ ବହୁଦେଶୀୟ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ମୋଟରଯାନ ନିର୍ମାତା ସଂଖ୍ୟା ବଢ଼ିବାରେ ଲାଗିଛି । ଭାରତରେ ଏବେ ପ୍ରତିଦିନ ୫୩୭୦୦ ଗାଡ଼ି ପଞ୍ଜୀକୃତ ହେଉଛି । ବ୍ୟାଙ୍କ ଓ ଘରୋଇ ଫାଇନାନ୍ସ କମ୍ପାନୀ ମାନଙ୍କର କୋହଳ ଋଣ ବ୍ୟବସ୍ଥାକୁ ଏହାର କାରଣ ରୂପ ବିଚାର କରାଯାଇପାରେ । ୨୦୨୨ରେ ଦୁଇଚକିଆ ଯାନ ଦୁର୍ଘଟଣା ସଂଖ୍ୟା ଥିଲା ୩୨.୯ ହଜାର । ଗତ ପାଞ୍ଚ ବର୍ଷ ଭିତରେ ଓଡ଼ିଶାରେ କିଶୋର ମାନଙ୍କ ଗାଡ଼ି ଚାଳନା ଯୋଗୁଁ ୩୫୦ ସଡ଼କ ଦୁର୍ଘଟଣା ଘଟି ୨୫ଟି ମୃତ୍ୟୁ ହୋଇଛି ।

ଯୁବପିଢ଼ି ଗାଡ଼ି ଚଳାଇବାର ଉନ୍ମାଦକୁ ନିରୁତ୍ସାହିତ କରିବା ଲାଗି ୧୮ ବର୍ଷରୁ କମ ବୟସର ଚାଳକଙ୍କୁ ଲାଇସେନ୍ସ ପ୍ରଦାନ ନକରିବା ଲାଗି ନିୟମ ରହିଛି । ଏଥିପାଇଁ ଜରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି । କେବଳ ଓଡ଼ିଶାରେ ଚଳିତ ବର୍ଷ ଅଦ୍ୟାବଧି ୩୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହେବା ସହିତ ୪ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜୋରିମାନା ଆଦାୟ ହୋଇସାରିଛି । ଏହି ପୃଷ୍ଠଭୂମିରେ ୪-ଇ ମଡ଼େଲର ଇଞ୍ଜିନିୟରିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ସଡ଼କ ଦୁର୍ଘଟଣାର କାରଣମାନଙ୍କ ମଧ୍ୟରୁ ୬୦% ହେଉଛି ନିଶାସକ୍ତ ଗାଡ଼ି ଚାଳନା । ନିଶାସେବନ କରି ଚାଳନକ ଆସନରେ ବସିଲେ ଗାଡ଼ି ଷ୍ଟାର୍ଟ ନ ହେବାର ଯେଉଁ ବ୍ୟବସ୍ଥା ଏବେ ବ୍ୟୟବହୁଳ ଗାଡ଼ିରେ ଉପଲବ୍ଧ ତାହା ସବୁ ଗାଡ଼ିରେ ବାଧ୍ୟତାମୂଳକ କରାଗଲେ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇପାରନ୍ତା । କର୍କଶ ହର୍ଣ୍ଣକୁ ସମ୍ପୂର୍ଣ୍ଣ ହଟାଇବା ସହିତ ଜରୁରିକାଳୀନ ସେବା ବ୍ୟବସ୍ଥା କିପରି ପ୍ରଭାବଶାଳୀ ଭାବରେ ଲାଗି କରାଯାଇପାରିବ ସେ ଦିଗରେ ମଧ୍ୟ ଗୁରୁତ୍ୱ ଦେବାର ସମୟ ଆସିଛି । ବ୍ୟକ୍ତିଗତ ଗାଡ଼ି ଚଢ଼ିବାର ମାନସିକତା ପରିତ୍ୟାଗ କରି ସର୍ବସାଧାରଣ ଯାତାୟତର କିଭଳି ସର୍ବାଧିକ ଉପଯୋଗ କରାଯାଇପାରିବ, ସେ ଦିଗରେ ଆମେ ଆମ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଆସିଛି । ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଲାଗି ଯଦି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ସାର୍ବଜନୀନ ପରିବହନ ସେବାକୁ ଆହୁରି ସୁସଂହତ, ଶୃଙ୍ଖଳିତ, ବ୍ୟବସ୍ଥିତ ଓ ଉନ୍ନତ କରିବା ସହିତ ପରିବାର ପିଛା ଗୋଟିଏ ଚାରିଚକିଆ ଗାଡ଼ି ନିୟମକୁ କଡ଼ାକଡ଼ି ଲାଗୁ କରିବା ଭଳି ନିର୍ଣ୍ଣାୟକ ଅଥଚ କଠୋର ଭୂମିକା ଗ୍ରହଣ କରିବାକୁ ପଡ଼ିବ । ଏଥିସହିତ ଏମଭି ଆଇନକୁ ସଂଶୋଧନ କରି ଆହୁରି କଠୋର କରିବାକୁ ହେବ । ତେବେ ଏ କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ଆମ ସମସ୍ତଙ୍କର ।

# ନକଲି ଡିଗ୍ରୀ, ଅସଲି କାମ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଦେଶରେ ସୂଚନା ବିପ୍ଳବ ଓ ଉପଭୋକ୍ତା ସଂସ୍କୃତି ଗାଁ ଓ ସହରର ଯୁବକମାନଙ୍କ ମନରେ କିଛି ନୂଆ ଶିଖି ବାଣିଜ୍ୟ ଜଗତରେ ଆଗକୁ ବଢ଼ିବାର ଇଚ୍ଛା ସୃଷ୍ଟି କରିଛି । ଏହି ଲୋଭକୁ ପ୍ରୋତ୍ସାହିତ କରିବା ପାଇଁ ଦେଶବ୍ୟାପୀ ହଜାର ହଜାର ଦେଶୀ ଓ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନ ଛତୁ ଫୁଟିଲା ପରି ବିଦ୍ୟମାନ ।ହେଲେ ସେସବୁ ବାହାର ଚିକ୍କଣ ଭିତର ଫମ୍ପା । ଏହା କାହାକୁ ଅଛପା ନୁହେଁ ଯେ ବିଦ୍ୟା ନାମରେ ବ୍ୟବସାୟ ଚାଲିଛି ।

ଦେଶର ଅଧିକାଂଶ ଛାତ୍ରଛାତ୍ରୀ ଶିକ୍ଷା ପାଇଁ ଉପଯୁକ୍ତ ପରିବେଶ ମଧ୍ୟ ପାଉନାହାନ୍ତି । ଏଭଳି ଦୁର୍ବଳ ଭିତ୍ତିଭୂମିରେ ଠିଆ ହୋଇଥିବା ଶିକ୍ଷାନୁଷ୍ଠାନ ଯୁବକମାନଙ୍କୁ ସ୍ୱପ୍ନ ଦେଖାଇ, ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭ୍ରାନ୍ତିକର ତଥ୍ୟ ଦେଇ ଆକର୍ଷିତ କରିଥାଏ । ଅନେକ ଯୁବପିଢ଼ି ଏମାନଙ୍କ ଜାଲରେ ଫସିଯାଆନ୍ତି । ସେମାନେ ଜାଣନ୍ତି ନାହିଁ ଯେ ନକଲି ସାର୍ଟିଫିକେଟ୍ କିମ୍ବା ଡିଗ୍ରୀ ଧରି ସେମାନେ ସୁବର୍ଣ୍ଣ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି । ସେମାନଙ୍କୁ ଚାକିରି ମିଳିବା ଯଦିଓ କଷ୍ଟକର ନୁହେଁ, ସହଜ ମଧ୍ୟ ନୁହେଁ । ଯଦି ଏମବିଏ ଡିଗ୍ରୀ ଧାରୀ କପଡା ଦୋକାନରେ ମାସକୁ ୧୦୦୦୦ ରୋଜଗାର କରେ, ତେବେ ଏହା କେତେଦୂର ଯୁକ୍ତିଯୁକ୍ତ ? ଖାଲି ସେତିକି ନୁହେଁ, ଏହି ଡିଗ୍ରୀ ଗୁଡ଼ିକ ଆତ୍ମବିଶ୍ୱାସ ମଧ୍ୟ ଦେଇପାରୁନାହାନ୍ତି । ସୂଚନାଯୋଗ୍ୟ, ଗରିବ ପରିବାରର ଏହି ଛାତ୍ରଛାତ୍ରୀମାନେ ନିଜ ଜମି ,ସମ୍ପତ୍ତି ବିକି ବା ବନ୍ଧକ ରଖି ଲକ୍ଷଲକ୍ଷ ଟଙ୍କା ଦେଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାକୁ ଆସନ୍ତି । ପାଠ ପଢ଼ିବା ପରେ ବି ଚାକିରି ମିଳିବ କି ନାହିଁ ବୋଲି ଏହି ଛାତ୍ରଛାତ୍ରୀଙ୍କ ମନରେ ସବୁବେଳେ ଭୟ ରହିଥାଏ । ଯଦି ସର୍ଭେ କରାଯାଏ ତେବେ ଏହା ମଧ୍ୟ ପ୍ରମାଣିତ ହେବ ଯେ ଲକ୍ଷ ଲକ୍ଷ ଟଙ୍କାରେ ନାମ ଲେଖାଇଥିବା ଏହି ଇଞ୍ଜିନିୟରିଂ, କିମ୍ବା ମ୍ୟାନେଜମେଣ୍ଟ କଲେଜର ଅଧିକାଂଶ ଛାତ୍ରଛାତ୍ରୀ ବର୍ଷ ବର୍ଷ ଧରି ଉପଯୁକ୍ତ ନିଯୁକ୍ତି ପାଉନାହାନ୍ତି । କିନ୍ତୁ ଭାରତରେ ଏମିତି ଅନେକ ଶିକ୍ଷାନୁଷ୍ଠାନ ଅଛି ଯେଉଁମାନେ ନିଜକୁ ଅସଲି ବୋଲି ଦାବି କରି ଲକ୍ଷ ଲକ୍ଷ ଲୋକଙ୍କୁ ସାର୍ଟିଫିକେଟ୍ ଓ ଡିଗ୍ରୀ ପ୍ରଦାନ କରିଥିବା ବେଳେ ଏହା ସମ୍ପୂର୍ଣ୍ଣ ନକଲି । ସେମାନଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ଯେକେହି ସେମାନଙ୍କୁ ବାସ୍ତବ ବୋଲି ବିଶ୍ୱାସ କରନ୍ତି । କିନ୍ତୁ ଏହା ନକଲି ଡିଗ୍ରୀ ର ଅସଲି ଖେଳ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, ୧୯୫୬ର ଧାରା ୨୨ ଅନୁଯାୟୀ, କେବଳ ସେମାନେ ଡିଗ୍ରୀ ପ୍ରଦାନ କରିବାର ଅଧିକାର ପାଇଛନ୍ତି ଯେଉଁମାନେ କେନ୍ଦ୍ର କିମ୍ବା ରାଜ୍ୟ ଆଇନ ଅଧୀନରେ ସ୍ଥାପିତ କିମ୍ବା ୟୁଜିସି ଆଇନର ଧାରା ୩ ଅଧୀନରେ ବିଶ୍ୱବିଦ୍ୟାଳୟ ଭାବରେ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ଡିଗ୍ରୀ ପ୍ରଦାନ ପାଇଁ ସଂସଦ ଦ୍ୱାରା ସ୍ୱତନ୍ତ୍ର ଭାବେ ଅନୁମତିପ୍ରାପ୍ତ ଅନୁଷ୍ଠାନ । ଏହାବ୍ୟତୀତ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟ ଡିଗ୍ରୀ ପ୍ରଦାନ କରିପାରିବେ ନାହିଁ । ଯଦି ସେ ଏପରି କରନ୍ତି, ତେବେ ଏହା ଆଇନରେ ଭୁଲ ଅଟେ । ୟୁଜିସି ଆଇନର ଧାରା ୨୩ ଅନୁଯାୟୀ, କେନ୍ଦ୍ର, ରାଜ୍ୟ କିମ୍ବା ପ୍ରାଦେଶିକ ଆଇନ ଅଧୀନରେ ଗଠିତ ବିଶ୍ୱବିଦ୍ୟାଳୟ ବ୍ୟତୀତ ଅନ୍ୟ କୌଣସି ଅନୁଷ୍ଠାନ ନିଜ ନାମରେ 'ୟୁନିଭରସିଟି' କିମ୍ବା 'ବିଶ୍ୱବିଦ୍ୟାଳୟ' ଶବ୍ଦ ବ୍ୟବହାର କରିପାରିବେ ନାହିଁ । ସବୁ କିଛି ଜାଣି ସ୍ଥାନୀୟ ସରକାର ଚୁପ୍ ବସିଛନ୍ତି । ଏହାର କାରଣ ସମସ୍ତେ ଜାଣନ୍ତି । ଅଧିକାଂଶ ସମୟରେ ଏହି କଲେଜଗୁଡ଼ିକର ପ୍ରତିଷ୍ଠାତା ବା ପରିଚାଳକ ମାନେ ଏହି ଅଞ୍ଚଳ କିମ୍ବା ପ୍ରଦେଶର ପ୍ରମୁଖ ହୋଇଥାନ୍ତି , ଯେଉଁମାନେ ଶିକ୍ଷାର ପ୍ରସାର କରିବାକୁ ଆଗ୍ରହୀ କହି ବେରୋଜଗାରଙ୍କ ଅସହାୟତାର ଫାଇଦା ଉଠାଇ ବିପୁଳ ଅର୍ଥ ରୋଜଗାର କରିଥାନ୍ତି । ଅନେକ ସମୟରେ ନକଲି ବିଶ୍ୱବିଦ୍ୟାଳୟ ଓ ନକଲି ଡିଗ୍ରୀ ଆବଣ୍ଟନକୁ ରୋକିବା ପାଇଁ ସଂସଦୀୟ କମିଟି ପକ୍ଷରୁ କିଛି ପରାମର୍ଶ ଦିଆଯାଏ ଯେପରିକି ୟୁଜିସି କିମ୍ବା ଶିକ୍ଷା ବିଭାଗ ନକଲି ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନର ତାଲିକା ପ୍ରସ୍ତୁତ କରିବା, ୟୁଜିସି ଓ ଶିକ୍ଷା ବିଭାଗ ଖବରକାଗଜରେ ପ୍ରକାଶିତ ନକଲି ବିଶ୍ୱବିଦ୍ୟାଳୟର ବିଜ୍ଞାପନ ବିଷୟରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଏବଂ ଏଡିଟର୍ସଙ୍କୁ ଅବଗତ କରାଇ ଖବରକାଗଜରେ ଏଭଳି ବିଜ୍ଞାପନକୁ ନିଷିଦ୍ଧ କରିବା । ଭୁଲ୍ କରୁଥିବା ଅନୁଷ୍ଠାନ ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୟୁଜିସିକୁ ଅଧିକ କ୍ଷମତା ଦିଆଯିବା ଦରକାର । ଏପରି ଅନେକ ସୂଚନା ଆମ ପାଖରେ ପହଞ୍ଚେ କି ? ଅନେକ ସମୟରେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଦ୍ୟାଳୟ ଖବରକାଗଜରେ ବଡ଼ ବଡ଼ ବିଜ୍ଞାପନ ଦେଇ କହିଥାନ୍ତି ଯେ ସେମାନଙ୍କ ଡିଗ୍ରୀକୁ ସରକାର ଅନୁଷ୍ଠାନ ମାନ୍ୟତା ମିଳିଛି , ସେମାନେ ଏହି ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ । ଆଉ କିଛି ସଂସ୍ଥା ଏକ ପାଦ ଆଗକୁ ଯାଇ ନକଲି ନାମରେ ବିଦେଶୀ ସଂସ୍ଥା ସହ ନିଜର ସଂପୃକ୍ତି ଦେଖାଉଛନ୍ତି । ଏକଥା ସତ ଯେ ଏହି ଘରୋଇ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ଅଧିକ ସୁବିଧା ଦିଆଯାଉଛି, କିନ୍ତୁ ଉପଯୁକ୍ତ ଓ ଆଇନଗତ ଅନୁଷ୍ଠାନ ଆଳରେ କିଛି ନକଲି ଅନୁଷ୍ଠାନ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶୋଷଣ କରୁଛନ୍ତି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । କେତେକ କ୍ଷେତ୍ରରେ ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଉଚ୍ଚପଦସ୍ଥ ଅଧିକାରୀମାନେ ମଧ୍ୟ ଏହି ଅନୁଷ୍ଠାନଗୁଡ଼ିକର କାର୍ଯ୍ୟରେ ସମ୍ପୃକ୍ତ ଥିବା ଦେଖିବାକୁ ମିଳିଥିଲା । ୟୁଜିସି ଏବଂ ଭାରତୀୟ ବିଜ୍ଞାପନ ମାନକ ପରିଷଦ (ଏଏସସିଆଇ), ଇଣ୍ଡିଆନ୍ ନ୍ୟୁଜ୍ ପେପର ସୋସାଇଟି ଏବଂ ସରକାର ମିଳିତ ଭାବେ ଏଭଳି ଜାଲିଆତି ବିଜ୍ଞାପନ ଉପରେ ନିଷେଧାଦେଶ ଜାରି କରିବା ଉଚିତ ।

# କୋରାପୁଟର ଗାନ୍ଧୀ: ରାଧାକୃଷ୍ଣ ବିଶ୍ୱାସରାୟ



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ପ୍ରାକ୍ ସ୍ୱାଧୀନତା କାଳରେ ଅବିଭକ୍ତ କୋରାପୁଟ ଅଞ୍ଚଳର ଜନଜାତି ସଂପ୍ରଦାୟ ମଧ୍ୟରେ ସ୍ୱାଧୀନତାର ଚେତନା ଜାଗ୍ରତ କରିବା ପାଇଁ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ । ତାଙ୍କୁ କୋରାପୁଟ ଗାନ୍ଧୀ କୁହାଯାଏ । ନୈତିକତାପୂର୍ଣ୍ଣ ମୂଲ୍ୟବୋଧ ରାଜନୀତିରେ ତାଙ୍କର ବିଶ୍ୱାସ ଥିଲା । ଆଜୀବନ ସରଳ ଜୀବନଯାପନ କରିଥିଲେ । ରାଜନୈତିକ ଛନ୍ଦକପଟ, ଷଡ଼ଯନ୍ତ୍ର, ବିଶ୍ୱାସଘାତକତା ଆଦି ଜଣା ନଥିବାରୁ କ୍ଷମତା ରାଜନୀତିରେ ସେ ତିଷ୍ଠିପାରି ନଥିଲେ । ଏକଦା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ହରାଇ ପ୍ରଦେଶ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରିଥିବା ରାଧାକୃଷ୍ଣଙ୍କ ସକ୍ରିୟ ରାଜନୈତିକ ଜୀବନ ଅତି ସଂକ୍ଷିପ୍ତ ଥିଲା । ସେ ଥରଟିଏ ସ୍ୱଳ୍ପ କାଳ ପାଇଁ ରାଜ୍ୟର ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସେହି ସମୟରେ ପତିତ ଦଳିତଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ୧୯୫୪-୫୭ ଯାଏ ସେ ରାଜ୍ୟସଭା ସଦସ୍ୟ ଥିଲେ । ତେବେ କଂଗ୍ରେସ ଦଳ ମଧ୍ୟରେ ନୀତି ଆଦର୍ଶରେ ବିଚ୍ୟୁତି ଘଟୁଥିବା ଦେଖି ପ୍ରଥମେ କଂଗ୍ରେସ ତ୍ୟାଗ କରିଥିଲେ ଏବଂ ୧୯୫୭ରେ ସକ୍ରିୟ ରାଜନୀତିରୁ ସୁଦ୍ଧା ଦୂରେଇ ଯାଇଥିଲେ । ତାହାପରେ ମହାତ୍ମା ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ କୋରାପୁଟ ଜନଜାତି ସଂପ୍ରଦାୟର ବିକାଶ ପାଇଁ କାର୍ଯ୍ୟ କରିଥିଲେ ।

ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାର୍ବତୀପୁରମରେ ରାଧାକୃଷ୍ଣଙ୍କ ଜନ୍ମ ହୋଇଥିଲା । ତାଙ୍କ ମୂଳ ନାମ ଥିଲା ରାଧାକୃଷ୍ଣ ସାହୁ । ମଉସା ଦାମୋଦର ବିଶ୍ୱାସରାୟ ତାଙ୍କୁ ଶୈଶବରେ ପୋଷ୍ୟ କରିନେବା ଯୋଗୁଁ ସାଙ୍ଗିଆ ବଦଳିଥିଲା । ଜୟପୁରରେ ତାଙ୍କ ବିଦ୍ୟାର୍ଥୀ ଜୀବନ କଟିଥିଲା । ଅର୍ଥାଭାବରୁ ସେ ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାରେ ଜଣେ ସାଧାରଣ କିରାଣି ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତେବେ ସ୍ୱାଧୀନତାର ଆହ୍ୱାନ ଏବଂ ଆଦିବାସୀଙ୍କ ଦୁର୍ଦ୍ଦଶା ବ୍ୟଥିତ କରିବାରୁ ଚାକିରି ଛାଡ଼ି ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୮୪ ମସିହା ଫେବୃୟାରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

# ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ଯ୍ୟତେ ଜଗତ୍



ମାନସ କୁମାର କର
କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ପୁରୁଷ ଏବଂ ପ୍ରକୃତି ଏକତ୍ର ବ୍ରହ୍ମାଣ୍ଡ ଚଳାନ୍ତି । ପ୍ରଳୟ ସମୟରେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ଜଳମଗ୍ନ ଥିଲା । ଚତୁର୍ଦ୍ଦିଗରେ ଅନ୍ଧକାର ଥିଲା । ବିଷ୍ଣୁ କ୍ଷୀରସାଗରରେ ଶୟନରେ ମଗ୍ନଥିଲେ । ଜଳର ରାଜା, ବରୁଣ ଶାସନ କରୁଥିଲେ । ବରୁଣ ରାକ୍ଷସମାନଙ୍କର ଶାସକ, ବରୁଣ ମଧ୍ୟ ଜଣେ ଆଦିତ୍ୟ । ବିଷ୍ଣୁ ସୋମଙ୍କର ପ୍ରଭୁ । ବ୍ରହ୍ମା ରୂପେ ଅଗ୍ନି ତାଙ୍କ ନାଭି/କେନ୍ଦ୍ରରେ ପ୍ରତିଷ୍ଠିତ । ବିଷ୍ଣୁଙ୍କ ଚରଣରେ ଲକ୍ଷ୍ମୀ ଏବଂ ସମଗ୍ର ପୃଥିବୀ ଦେଖାଯାଆନ୍ତି । ଲକ୍ଷ୍ମୀ ବ୍ରହ୍ମାଣ୍ଡର ପ୍ରଥମ ଦେବୀ ରୂପେ ଅବତାର ହୁଅନ୍ତି । ତାଙ୍କୁ ଗୁଣାତିତ ଦୁର୍ଗା କୁହାଯାଏ । ପୃଥିବୀର ଅନ୍ୟ ଏକ ନାମ ହେଉଛି ବିଷ୍ଣୁ ପାଦ । ବିଷ୍ଣୁ ହିଁ ପୃଥିବୀକୁ ଧାରଣ କରିଛନ୍ତି । ପୃଥିବୀ ମଧ୍ୟ ଜଳରୁ ସୃଷ୍ଟି । ତ୍ରିଗୁଣ ରୂପରେ ମହାଲକ୍ଷ୍ମୀ ଜଗତର ମୂଳ କାରଣ । ସେ ଦୃଶ୍ୟମାନ ଏବଂ ଅଦୃଶ୍ୟ ରୂପରେ ସମଗ୍ର ବିଶ୍ୱକୁ ବ୍ୟାପିଛନ୍ତି । ଯେହେତୁ ସୃଷ୍ଟି ଏଠାରୁ ଆରମ୍ଭ ହୁଏ, ବିଷ୍ଣୁ ହେଉଛନ୍ତି ବ୍ରହ୍ମାଣ୍ଡର ବୀଜ ଏବଂ ଲକ୍ଷ୍ମୀ ବିଷ୍ଣୁଙ୍କ ମାୟା ଭାବରେ ଜଣାଶୁଣା । ଉଭୟଙ୍କୁ ବ୍ରହ୍ମାଣ୍ଡର ପିତା, ପାଳନକାରୀ ଏବଂ ପୋଷଣକାରୀ କୁହାଯାଏ ।

ବିଷ୍ଣୁଙ୍କର ପ୍ରଥମ ଅବତାର ସର୍ବୋଚ୍ଚ ଅଟେ । ଏଠାରେ ବ୍ରହ୍ମା ଏବଂ ମାୟା ଅଛନ୍ତି । ଏହା ହେଉଛି ଅର୍ଦ୍ଧନାରୀଶ୍ୱର । ଅଧା ହେଉଛନ୍ତି ବ୍ରହ୍ମା, ଅଧା ହେଉଛନ୍ତି ମାୟା । ବ୍ରହ୍ମା ବୀଜ ଭାବନା ସୃଷ୍ଟି କରନ୍ତି ଏବଂ ମାୟା କାମନା ସୃଷ୍ଟି କରନ୍ତି । ମୁଁ ମୋର କାମନା ମୁଁ ମୋର ସୃଷ୍ଟି, ରୀତାଗ୍ନିରେ ସୋମଙ୍କ ଆହୁତି ଦ୍ୱାରା ଋତୁ ମାନଙ୍କର ସୃଷ୍ଟି । ସମ୍ବତ୍ସର ପ୍ରଜାପତି ବନିଲେ । ସତ୍ୟାଗ୍ନୀ ବନିଲେ । ସୋମ ସର୍ବଦା ଋତୁ ହିଁ ଅଟନ୍ତି । ତେଣୁ, କେନ୍ଦ୍ରରେ ସତ୍ୟ ରଖିବା ଦ୍ୱାରା ପାରିଧି ରୂପ-ଅଭୟ ପୁରୁଷ ବନିଯାଆନ୍ତି ।

ଜୀବନରେ ସମୟ ଏବଂ ପରିସ୍ଥିତି ବଦଳିଥାଏ । ସେହି ଅନୁସାରେ ସ୍ୱରୂପ ମଧ୍ୟ ବଦଳିଥାଏ । ଯେହେତୁ ପତ୍ନୀଙ୍କ ପ୍ରାଣ ପତିଙ୍କ ହୃଦୟରେ ରହିଥାଏ, ଏହା ତାଙ୍କ ଭାବନା ସହିତ ଏକ ପ୍ରଭାବ ଛାଡିଥାଏ । ମଣିଷ ଏବଂ ପ୍ରକୃତି ସମାନ ଶରୀରରେ ଜୀବନଯାପନ କରନ୍ତି । ପୁରୁଷ ପାଖରେ କାମନା ଅଛି, ପ୍ରକୃତି ହିଁ କର୍ମ କରିଥାଏ । ଅଭୟ ପୁରୁଷଙ୍କ ପାଖେ ମାୟା (ମହାଲକ୍ଷ୍ମୀ ରୂପରେ) ଏବଂ ଅକ୍ଷର ପୁରୁଷଙ୍କ ସହିତ ହୃଦୟରେ ତିନୋଟି ଦେବୀ ପ୍ରତିଷ୍ଠିତ କରିଛନ୍ତି । ସେମାନେ ନିଜ ନିଜ ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ କାର୍ଯ୍ୟ କରନ୍ତି । ଆତ୍ମାର ସୃଷ୍ଟି ସହିତ, ଚନ୍ଦ୍ରର ପ୍ରତିଫଳନ ରୂପରେ ପ୍ରକୃତି ଆସେ । ବ୍ରହ୍ମା-ବିଷ୍ଣୁ-ମହେଶ ହୃଦୟରେ ପ୍ରତିଷ୍ଠିତ ରହିଥାନ୍ତି ।

ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଦୁର୍ଗା ସପ୍ତସତୀର ଅପରା ପ୍ରକୃତି ଏବଂ ପ୍ରଧାନ ମୂଳ ପ୍ରକୃତିର ଏକ ବିସ୍ତୃତ ବର୍ଣ୍ଣନା ଅଛି । ପ୍ରକୃତିର ବର୍ଣ୍ଣନା କରିବାବେଳେ ଶ୍ରୀକୃଷ୍ଣ କୁହନ୍ତି ଯେ-

ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।
ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ।।

ଶ୍ରୀକୃଷ୍ଣ ତାଙ୍କର ଆଠଟି ଗୁଣ ପ୍ରକୃତି ବିଷୟରେ ବର୍ଣ୍ଣନା କରିଛନ୍ତି । ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, ମନ, ବୁଦ୍ଧି ଏବଂ ଅହଂକାର - ଏସବୁ ମୋ ମାୟା ଶକ୍ତିର ଆଠଟି ଉପାଦାନ ଅଟନ୍ତି । ଦୁର୍ଗା ସପ୍ତସତିରେ ଏହା ବର୍ଣ୍ଣନା କରାଯାଇଛି ଯେ ଅପରା ପ୍ରକୃତି ହେଉଛି ଲୁକ୍କାୟିତ ଧୂଳି ବୈଷ୍ଣବ ମାୟା । ପ୍ରକୃତି ଯୋନୀ ସଦୃଶ୍ୟ । ଏହା ତ୍ରିଗୁଣମାଟିକା । ସତ୍ୟ, ରଜ ଏବଂ ତମ ପ୍ରକୃତିର ତିନୋଟି ଗୁଣ, ଦଶାନନ , ଦଶଭୁଜା , ଦଶପାଦା , ଭଗବତୀ ମହାକାଳୀ ନିଜେ ଭଗବାନ ବିଷ୍ଣୁଙ୍କ ଯୋଗନିଦ୍ରା । ସେ ସମଗ୍ର ଜୀବ ଜଗତକୁ ନିଜ ଉପାସକ ଅଧୀନରେ ରଖନ୍ତି । ଏହି ତ୍ରିଗୁଣ ପ୍ରକୃତି ବିଷ୍ଣୁମାୟା ରୂପରେ ସମସ୍ତ ଜୀବରେ ବାସ କରନ୍ତି । ଅପରା ପ୍ରକୃତିର ଦୁଇଟି ଶକ୍ତି ଅଛି: (୧) ଆବରଣ ଶକ୍ତି, (୨) ବିକ୍ଷୋପ ଶକ୍ତି । ଅପରା ପ୍ରକୃତି ପରିବର୍ତ୍ତନଶୀଳ ଏବଂ ଗୁଣାତ୍ମକ ଅଟେ । ତାଙ୍କର ଅପରା ପ୍ରକୃତି ବିଷୟରେ ବର୍ଣ୍ଣନା କରିବାବେଳେ ଶ୍ରୀକୃଷ୍ଣ କୁହନ୍ତି - ମୋର ଏହି ନିକୃଷ୍ଟ ଶକ୍ତିର ଊର୍ଦ୍ଧ୍ୱରେ ଏକ ଉତ୍କୃଷ୍ଟ ଶକ୍ତି ରହିଛି । ଏହା ହେଉଛି ଜୀବଶକ୍ତି (ଚୈତନ୍ୟ ଶକ୍ତି), ଯାହାର ପରିପ୍ରକାଶ ସଂସାରରେ ଜୀବନର ଆଧାର ଶରୀରଧାରୀ ଜୀବସମୁଦାୟ ଅଟନ୍ତି ।

ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ଯ୍ୟତେ ଜଗତ୍ ।।

ଦୁର୍ଗା ସପ୍ତସତୀଙ୍କ ପ୍ରାଥମିକ ରହସ୍ୟରେ ପାରାକ୍ଷେତ୍ର ପ୍ରଧାନ ପ୍ରକୃତିର ପ୍ରକୃତି ପ୍ରଚାରିତ ହୋଇଛି । ମୂଳ ପ୍ରକୃତି ହେଉଛି ଦେବୀଙ୍କର ସମସ୍ତ ବିକୃତି (ଅବତାର) ର ପ୍ରାଥମିକ ପ୍ରକୃତି । ମୂଳ ପ୍ରକୃତି ହେଉଛି ସମଗ୍ର ବିଶ୍ୱ ଏବଂ ସମସ୍ତ ଅବତାରର ମୂଳ କାରଣ । ତିନିଟି ଗୁଣର ସନ୍ତୁଳନ ଥିବା ଅପରା ପ୍ରକୃତି ମଧ୍ୟ ସେମାନଙ୍କଠାରୁ ଭିନ୍ନ ନୁହଁନ୍ତି । ସ୍ଥୁଳ -ସୂକ୍ଷ୍ମ, ଦୃଶ୍ୟ-ଅଦୃଶ୍ୟ, ବ୍ୟକ୍ତ -ଅବ୍ୟକ୍ତ , ସମସ୍ତ ହେଉଛି ମୂଳ ପାରା ପ୍ରକୃତିର ରୂପ । ପାରା ଶକ୍ତି ସର୍ବତ୍ର ବିଦ୍ୟମାନ । ବିଦ୍ୟମାନତା, ରୂପ, ପ୍ରିୟ, ନାମ ଏବଂ ରୂପ ... ସମସ୍ତେ ପାରା ପ୍ରକୃତିର ଅଂଶଦାନ ।

ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ବିନାଶର କଥା ବସ୍ତୁ ଶାସ୍ତ୍ରରେ ଉଲେଖ କରାଯାଇଛି । ଏହା ମଧ୍ୟ ଜୀବନର ରୂପ । ଯେତେବେଳେ ଜଣେ ପୁରୁଷ ବିବାହ କରେ, ଘରକୁ ଲକ୍ଷ୍ମୀ ଆସିଛନ୍ତି ବୋଲି କୁହାଯାଏ । ସେ ସମୟ ଏବଂ ପରିସ୍ଥିତି (ସ୍ଥାନ ଏବଂ ସମୟ) ଅନୁଯାୟୀ ତିନୋଟି ରୂପରେ ଜୀବନକୁ ନିୟନ୍ତ୍ରଣ କରନ୍ତି । ଗୋଟିଏ ଝିଅର ଜନ୍ମ ଲକ୍ଷ୍ମୀଙ୍କ ଆଗମନ ବୋଲି କୁହାଯାଏ । ପୁନଶ୍ଚ, ସ୍ତ୍ରୀ ରୂପରେ ଆସୁଥିବା ଲକ୍ଷ୍ମୀ ବ୍ୟକ୍ତିକୁ ସାରା ଜୀବନ ପ୍ରକୃତିର ରୂପରେ ରକ୍ଷା କରନ୍ତି । ସେ ତାଙ୍କ ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ ହୋଇଥାନ୍ତି । ସମୟ ସହିତ ସମସ୍ତ ତିନୋଟି ରୂପ ଧାରଣ କରିବାର କ୍ଷମତା ତାଙ୍କର ଅଛି । ଗୀତା ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ—

ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।।

ସମସ୍ତ ପ୍ରାଣୀ ମୋର ଏହି ଦୁଇ ଶକ୍ତି ଦ୍ୱାରା ପ୍ରକଟିତ ହୋଇଛନ୍ତି । ମୁଁ ସମଗ୍ର ସୃଷ୍ଟିର ଉତ୍ସ ଏବଂ ମୋ ଠାରେ ଏହାର ପୁନର୍ବାର ବିଲୟ ହୋଇଯିବ । ଅର୍ଥାତ ଏ ଦୁହେଁ ମୋର ହିଁ ଖାଦ୍ୟ ।

ପୁରୁଷ ଘର ବାହାରେ ଅଧିକ ସମୟ ରୁହନ୍ତି,କିନ୍ତୁ ନାରୀ ଘର ଭିତରେ ଅଧିକ ରୁହନ୍ତି । ଏହି ଦୁନିଆରେ ପୁରୁଷ ଏବଂ ସ୍ତ୍ରୀ ଦୁଇଜଣ ନୁହଁନ୍ତି । ଆମେ ମଧ୍ୟ ଦୁଇଜଣ ନୁହଁ । ଚେତନା ମଧ୍ୟ ଦୁଇଟି ନୁହେଁ । ଗୋଟିଏ ଭୂମିକାରେ, ଅନ୍ୟଟି ସାହାଯ୍ୟ କରେ । ଚେତନା ହେଉଛି ଉତ୍ତର । ଚେତନା ସର୍ବଦା ଜାଗ୍ରତ ରହିବା ଉଚିତ୍, ଏହା ହେଉଛି ଈଶ୍ୱରୀୟତାର ମୌଳିକ ରୂପ । ପ୍ରକୃତିରେ, କିଛି ଜୀବଜନ୍ତୁ ନୁହେଁ, ପଥର ମଧ୍ୟ ନୁହେଁ । ତାହା ମଧ୍ୟ ସମୟ ସହିତ ବଢ଼ିବା ଏବଂ ନଷ୍ଟ ହେବା ପ୍ରକୃତିର ରୂପ । ହଁ, ଏହାର ଚେତନା ଲକ୍ଷ ଲକ୍ଷ ବର୍ଷ ପାଇଁ ଚାପି ହୋଇପାରେ । ଚେତନା ହେଉଛି ବ୍ୟକ୍ତିର ଶକ୍ତି । ଚେତନା କାମନା ରୂପରେ କାର୍ଯ୍ୟ କରିଥାଏ । ସୂକ୍ଷ୍ମ ହୋଇଥିବାରୁ ଏହାକୁ ବୁଝିବା କଷ୍ଟକର , ତେଣୁ ଆମକୁ ଧ୍ୟାନ କରିବାକୁହିଁ ପଡିବ । ଏହା ଆମର ବ୍ରହ୍ମ ସ୍ୱରୂପର ପ୍ରକାଶକ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ନିମାପଡା(ଭାସ୍କର ନ୍ୟୁଜ): ମଙ୍ଗଳବାର ନିମାପଡା ଅଞ୍ଚଳରେ ଥିବା ବହୁ ପୁରାତନ ଶନିମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଶନିଦେବଙ୍କୁ ଦର୍ଶନ କରିବା ସହ ନାମ ଯଜ୍ଞରେ ଭାଗ ନେଇଥିଲେ। ମିଳିଥିବା ସୂଚନା ଅନଚଯାୟୀ ମଙ୍ଗଳବାର ପାଟପୁର ଗ୍ରାମରେ ଥିବା ବହୁ ପୁରାତନ ଶନିଦେବଙ୍କ ମନ୍ଦିରରେ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ନାମଯଜ୍ଞ ସାଙ୍ଗକୁ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବହୁ ସଂଖ୍ୟକ ଭକ୍ତଙ୍କର ସମାଗମ ଘଟିଥିବା ବେଳେ ପ୍ରଭୁ ଶନିଦେବଙ୍କ ଭକ୍ତମାନେ ଆଶିଷ ଲାଭ କରିଛନ୍ତି। ତେବେ ଏଠାକାର ବିଶେଷତ୍ୱ ହେଲା ଶନିଦେବଙ୍କ ମନ୍ଦିରର ପୂଜକ ପଣ୍ଡିତ ବିଜୟ କୁମାର ଦାଶ ନିଖୁଣ ଭାବେ ଜାତକ ଦେଖିବା ସହ ବିଭିନ୍ନ ସମସ୍ୟାର ଦୂରିକରଣ ପାଇଁ ଭକ୍ତମାନଙ୍କୁ କହିଥାନ୍ତି। ତେବେ ଏହି ଅଞ୍ଚଳର ଜନସାଧାରଣ ପ୍ରଭୁ ଶନିଦେବଙ୍କ ମହିମା ଉପରେ ଅଗାଢ ବିଶ୍ୱାସ ରଖିଥିବା ଜଣାଯାଇଛି।



### ସୁରଜମଲ ସାହା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ସମାଜରେ ଜ୍ଞାନ ଆହରଣ ହିଁ ଏକମାତ୍ର ସମ୍ପତ୍ତି



ପୁରୀ (ଭାସ୍କର ନ୍ୟୁଜ) : ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ହେଉଛି ଏକ ମାତ୍ର ସମ୍ପତ୍ତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଏବଂ ଉତ୍ପାଦନଶୀଳ ଜୀବନ। ଛାତ୍ର ଜୀବନର କିଛି ବର୍ଷ, ବ୍ୟକ୍ତିର ସାରା ଜୀବନର ଦଶା ଓ ଦିଶାକୁ ଦିଗ ଦେଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ସୁରଜମଲ ସାହା ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଛନ୍ତି। ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତି ଓ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏବେ ନିଯୁକ୍ତି ଓ ରୋଜଗାରର ଅମାପ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବା ପାଇଁ ଶିକ୍ଷା ସହିତ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ୍ ର ଆବଶ୍ୟକତା ରହିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବଜେଟରେ ଦେଶର ଏକ କୋଟି ଯୁବଗୋଷ୍ଠୀଙ୍କୁ ପ୍ରତିଷ୍ଠିତ କମ୍ପାନୀ ମାନଙ୍କ ଜରିଆରେ ଶିଳ୍ପଉପଯୋଗୀ କରିବାପାଇଁ ଷ୍ଟାଇପେଣ୍ଡ ସହ ଇଣ୍ଟର୍ଣ୍ଣଶିପ୍ର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରାଯାଇଛି। ଯୁବପିଢିଙ୍କୁ ଏକ ସାମଗ୍ରିକ ଶିକ୍ଷା ଦ୍ୱାରା ଯୋଗ୍ୟ କରିବା ହେଉଛି ଆମର ଲକ୍ଷ୍ୟ। ସେ ପୁଣି କହିଥିଲେ, ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ କରିବାପାଇଁ ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ବଳିଷ୍ଠ କରିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ମହାବିଦ୍ୟାଳୟର ନବନିର୍ମିତ ନୂତନ ଶ୍ରେଣୀଗୃହ ଓ ପ୍ରଶାସନିକ ଗୃହର ଉଦଘାଟନ କରିବା ସହିତ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ନେପାଳ କାଠମାଣ୍ଡୁରେ ଆୟୋଜିତ ସାଉଥ୍ ଏସିଆନ୍ କମ୍ବାଟ୍ ଚାମ୍ପିଆନଶିପ୍ରେ ମେଡାଲ ହାସଲ କରିଥିବା ଓ ସର୍ବଭାରତୀୟ କୋଷ୍ଟାଲ ଟ୍ରେକିଂ ଓ ମାଉଣ୍ଟେନ କୋର୍ସରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ବିଶିଷ୍ଟ ସମାଜସେବୀ ସୁରଜମଲ ସାହା ସାହସ, ତ୍ୟାଗ, ସମର୍ପଣ ଓ ତିତିକ୍ଷାର ପ୍ରତୀକ ଥିଲେ। ସେ ପ୍ରତ୍ୟକ୍ଷ ରାଜନୀତିରେ ନଥାଇ ମଧ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ। ଏହି ମହାବିଦ୍ୟାଳୟର ପ୍ରାୟ ୫୦ ଛାତ୍ରଛାତ୍ରୀ ହେଉଛନ୍ତି ଜାତୀୟସ୍ତରର ଖେଳାଳୀ, ଏହା ଏକ ଗୌରବର କଥା। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପିଲାଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ଦେବା ସହିତ, ଆଗାମୀ ଭବିଷ୍ୟତରେ ନିଜ ଶିକ୍ଷା ମହତ୍ୱକୁ ଶୀର୍ଷ ସ୍ଥାନରେ ସ୍ଥାନିତ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ର.ବ୍ରହ୍ମାନନ୍ଦ ସାହୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଅଧାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପିସିଆର ଡ୍ରାଇଭର ସୁକେଶ ମଣ୍ଡଳ ହତ୍ୟା ଘଟଣା ଶୀତଳଭଣ୍ଡାରରେ

## ହତ୍ୟାକାରୀଙ୍କୁ ଗିରଫ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପାରାଦୀପ(ଭାସ୍କର ନ୍ୟୁଜ): ଗତ ୨୦୨୪ ମସିହା ଅଗଷ୍ଟ ମାସ ୧୬ ତାରିଖରେ ନିଖୋଜ ହେବାର ୪ ଦିନ ପରେ ଏକ ନିଛାଟିଆ ଅପରିଚ୍ଛନ୍ନ ସ୍ଥାନରେ ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ କଲୋନୀର ସୁନୀଲ ମଣ୍ଡଳଙ୍କ ପୁଅ ସୁକେଶ ମଣ୍ଡଳଙ୍କ ମୃତଦେହ ଉଦ୍ଧାର ହେବା ଏବଂ ହତ୍ୟାକାରୀ ଆଜିବି ଖୁଲମଖୁଲା ଭାବେ ବୁଲୁଥିବା ଘଟଣା ପୋଲିସର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ନେଇ ଅଭିଯୋଗ ହୋଇଛି। ବାରମ୍ବାର ଦାବୀ କରିବା ସତ୍ତ୍ୱେ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଜଗନ୍ନାଥ କଲୋନୀ ବସ୍ତିବାସିନ୍ଦା ମୃତ ସୁକେଶଙ୍କ ବାପା ସୁନୀଲ ମଣ୍ଡଳଙ୍କ ସହିତ ପାରାଦୀପ ଥାନାକୁ ଆସି ନ୍ୟାୟ ମାଗୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜଗନ୍ନାଥ କଲୋନୀର ମାଆ ଶୀତଳା ବସ୍ତିକମିଟି ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ସୋମବାର ଦିନ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ, ପାରାଦୀପ ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳଙ୍କ ସହିତ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଘଟଣାରେ ପଛରେ ତେଲ୍ଲାର ରାଧା ଇଂଜିନିୟରିଂ କମ୍ପାନୀର ଆଂଚଳିକ ଅଧିକାରୀ ହୃଷିକେଶ ମଣ୍ଡଳଙ୍କ ପ୍ରଚ୍ଛନ୍ନ ହାତ ଥିବା ବସ୍ତିବାସିନ୍ଦାମାନେ ଅଭିଯୋଗ ଓ ଦାବି କରୁଥିଲେ ବି ପୋଲିସ୍ ତାଙ୍କୁ ଗିରଫ କରୁନାହିଁ। ଏହି ମାମଲାରେ ଓଡ଼ିଶା ହାଇକୋର୍ଟ ଘଟଣାର ତୁରନ୍ତ ସଠିକ୍ ଭାବେ ଅନୁଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାସ ମାସ ବିତି ଯାଇଥିଲେ ମଧ ତଦନ୍ତ ବାଟବଣା ହୋଇ ଘଟଣାଟି ଶୀତଳଭଣ୍ଡାରକୁ ଚାଲିଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଘରର ଏକମାତ୍ର ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ପରିବାରଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଜଗନ୍ନାଥ କଲୋନୀର ମାଆ ଶୀତଳା ବସ୍ତିକମିଟି। ତେବେ ପୀଡିତ ପରିବାରକୁ ନ୍ୟାୟ ଦେବା ପାଇଁ କଂଗ୍ରେସ ନେତା ନିରଞ୍ଜନ ନାୟକ ଓ ନଗର ସଭାପତିଙ୍କ ଉଦ୍ୟମକୁ ବସ୍ତିବାସିନ୍ଦାମାନେ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ପ୍ରଶାସନ ଉଚ୍ଛେଦକୁ ବ୍ୟବସାୟୀଙ୍କ ଫୁଁ: ବଢୁଛି ଟ୍ରାଫିକ୍ ସମସ୍ୟା

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ପ୍ରଶାସନକୁ ଭୂଆଁ ବୁଲାଉଛନ୍ତି ବ୍ୟବସାୟୀ। ପ୍ରଶାସନ ସବୁ ଜାଣି ମଧ ନିରବ ରହିବା ପଛରେ କଣ କାରଣ ରହିଛି ତାକୁ ନେଇ ବେଳକୁ ବେଳ ଜନ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ନିମାପଡା ଗୋଲେଇ ତଳଅଣ୍ଟିଆ ଛକରୁ ମୁଖ୍ୟ ରାସ୍ତା କଡରୁ ଦଖଲ ଉଚ୍ଛେଦ କରାଯାଉଥିଲେ ମଧ ପୁନରାୟ ବ୍ୟବସାୟ ଦଖଲ କରି ଚାଲିଛନ୍ତି। ଯାହାଦ୍ୱାରା ଟ୍ରାଫିକ୍ ବ୍ୟବସ୍ଥା ଗୁରୁତର ହେଉଥିବା ବେଳେ ଲୋକମାନେ ରାସ୍ତା ଉପରେ ବାଇକ ରଖିବା କାରଣରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଜରୁରିକାଳୀନ ସେବା ଗାଡିଗୁଡିକ ଯାତାୟତ କରିପାରୁନାହିଁ। ଆମ୍ବୁଲାନ୍ସ ଅଟକି ରହିବା ଦ୍ୱାରା ରୋଗୀମାନଙ୍କ ଅବସ୍ଥା ଗୁରୁତର ହୋଇପଡୁଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ପରିଷଦ ଅଞ୍ଚଳ ଗୋଲେଇ ଛକାରୁ ତଳଅଣ୍ଟିଆ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ମାତ୍ର ବ୍ୟବସାୟୀମାନେ ଉଚ୍ଛେଦ ହେବାର ଏକମାସ ନପୁରୁଣୁ ବାଉଁଶ ଖୁମ୍ବ ପୋତି ପୁଣି ଘର ତୋଳି ଜବରଦଖଲ କରୁଛନ୍ତି। ଦୁଇଥର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ବେଳେ ବ୍ୟବସାୟୀମାନେ ପୁନର୍ବାର ଜବରଦଖଲ କରିସାରିଛନ୍ତି। ଯାହାଦ୍ୱାରା ଉଚ୍ଛେଦ ହେବା ସମୟରେ ସରକାରଙ୍କ ବାରମ୍ବାର ଅର୍ଥ ଖର୍ଚ୍ଚ ହେଉଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଜବରଦଖଲ ଉଚ୍ଛେଦ ସମୟରେ କ'ଣ ପାଇଁ ତାର କଣ୍ଟା ବୁଲାଯାଉନାହିଁ ଯାହାପାଇଁ ଜବରଦଖଲକାରୀ ଜବରଦଖଲ କରିବାକୁ ପ୍ରଶାସନ ଉସୁକାଉଛି। କେତେକ ବ୍ୟବସାୟୀ ମନକୁ ମନ କହି ବୁଲୁଛନ୍ତି, ଆମ୍ଭଙ୍କୁ ଏନ୍ଏସି କହିଛି ସରକାରୀ ଜାଗାରେ ଦୂରେଇ ହୋଇ ବସିବା ପାଇଁ। ଏପରି ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ତଳଅଣ୍ଟିଆରୁ ଗୋଲେଇଛକ ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇ ଦୁର୍ଘଟଣା ଘଟୁଛି। ଏପରି ଲୋକ ଦେଖାଣିଆ ଉଚ୍ଛେଦ କ'ଣ ପାଇଁ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏନ୍ଏସି କାର୍ଯ୍ୟାଳୟ କେଉଁ ନେତା କହିଛନ୍ତି ଜବରଦଖଲ କରିବାକୁ ତାହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପ୍ରତିଶ୍ରୁତି ପରେ ପାରାଦୀପ ବସ୍ତିବାସିନ୍ଦା ସୁରକ୍ଷା ପରିଷଦର ପିପିଏଲ୍ ବନ୍ଦ ଡାକରା ପ୍ରତ୍ୟାହୃତ



ପାରାଦୀପ(ଭାସ୍କର ନ୍ୟୁଜ): ପିପିଏଲ ପରିସରରେ ଥିବା ତିନୋଟି ବସ୍ତିର ବାସିନ୍ଦାମାନଙ୍କୁ କର୍ତ୍ତୃପକ୍ଷ ନାନା ପ୍ରକାରର ହଇରାଣ ହରକତ କରୁଥିବା ନେଇ ଅଭିଯୋଗ ଏବଂ ସେମାନଙ୍କ ସୁରକ୍ଷା ନିମନ୍ତେ ଗତ ରବିବାର ଦିନ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବସ୍ତିବାସିନ୍ଦା ସୁରକ୍ଷା ପରିଷଦର ସଭାପତି ରତ୍ନାକର ଜେନାଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ଦିନ ପିପିଏଲ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ପ୍ରଚାର ହେବା ପରେ ପିପିଏଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ତଥା ଅତିରିକ୍ତ ଜିଲ୍ଲାପାଳ ପାରାଦୀପଙ୍କ ଜରିଆରେ ସମସ୍ୟାର ସମାଧାନ ନିମନ୍ତେ ସୋମବାର ଅପରାହ୍ନରେ ଏକ ବୈଠକ ଡକାଯାଇଥିଲା। ବୈଠକରେ ପିପିଏଲ୍ର ଅଧିକାରୀ ଓ ପରିଷଦର କର୍ମକର୍ତ୍ତା ସଭାପତି ରତ୍ନାକର ଜେନା, ଉପସଭାପତି ଅନନ୍ତ ଜେନା, ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, ସ୍ଥାନୀୟ ପାରିଷଦବୃନ୍ଦ ଓ ମନ୍ତ୍ରୀଙ୍କ ପ୍ରତିନିଧ ସର୍ବେଶ୍ୱର ବଳିୟାରସିଂ, ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଆବାହକତ୍ୱ ଏବଂ ପାରାଦୀପ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସ୍ମୃତିରଞ୍ଜନ କର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ଉପସ୍ଥିତିରେ ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା। ସବିଶେଷ ଆଲୋଚନା ପରେ ପିପିଏଲ କର୍ତ୍ତୃପକ୍ଷ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସ୍ଥିର ହେବା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦାବିଗୁଡିକ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ, ପାରାଦୀପ ପୌର ପରିଷଦ ଅଧକ୍ଷ,ପାରିଷଦ ଓ ବସ୍ତି ସୁରକ୍ଷା ପରିଷଦର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ସମାଧାନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ବାବଦରେ ଆଗାମୀ ଦିନର କାର୍ଯ୍ୟପନ୍ଥା ତଥା କାର୍ଯ୍ୟାନୁଷ୍ଠାନ ପରବର୍ତ୍ତୀ ସମୟରେ ଅବଗତ କରାଯିବା ସହ ଆନ୍ଦୋଳନକୁ ସେପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ବସ୍ତି ସୁରକ୍ଷା ପରିଷଦର ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ।

## ସର୍ଟସର୍କିଟ୍ରୁ ନିଆ ଲାଗି ଫାଟିଲା ଗ୍ୟାସ୍ ସିଲିଣ୍ଡର

ଉମରକୋଟ(ଭାସ୍କର ନ୍ୟୁଜ): ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ପୂଜାରିଗୁଡ଼ା ମେଡିକାଲରେ। ମଙ୍ଗଳବାର ଦିନ ୧୧ଟା ସମୟରେ ମେଡିକାଲ ଗୋଦାମ ଗୃହରେ ହଠାତ୍ ସର୍ଟସର୍କିଟ ଯୋଗୁଁ ନିଆ ଲାଗି ଯାଇଥିଲା। ସେଠାରେ ଦୁଇଟି ପୂର୍ଣ୍ଣ ଅକ୍ସିଜେନ ଗ୍ୟାସ୍ ସିଲିଣ୍ଡର୍ ସହ ଅଳ୍ପ କେତୋଟି ଖାଲି ସିଲିଣ୍ଡର ରହିଥିଲା। ଅଗ୍ନିକାଣ୍ଡ ଯୋଗୁଁ ସେହି ଦୁଇଟି ସିଲିଣ୍ଡର୍ ଫାଟିଯିବା ଫଳରେ ଗୋଦାମ ଗୃହ ସମ୍ପୂର୍ଣ୍ଣ ଜଳିଯିବା ସହ ଘରର ଛାତ ଉଡ଼ିଯାଇଛି। ଗୋଦାମ ଗୃହ ପାର୍ଶ୍ୱରେ ପ୍ରସୂତି ଗୃହ ରହିଛି। ନିଆ ଲାଗିବା ପରେ ପ୍ରସୂତିଙ୍କୁ ସେଠାରୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ମୃତାହତ ହୋଇନଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡ ହୋଇଥିବା ଖବର ପାଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଉମରକୋଟର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ତୁରନ୍ତ ମେଡିକାଲରେ ପହଞ୍ଚି ନିଆକୁ ଆୟତ୍ତ କରିଥିଲେ। ସିଲିଣ୍ଡର୍ ଖାଲିଥିବା କଥା ଡାକ୍ତର କହିଥିବା ବେଳେ ଏହି ଘଟଣାରେ କେହି ଦାୟୀ ନୁହଁନ୍ତି ଏବଂ କାହା ଅବହେଳାରୁ ଅଘଟଣ ଘଟିନି ବୋଲି କହିଛନ୍ତି।

## ଟାଟା ଷ୍ଟିଲ୍ର ପଙ୍କଜ ସତିଜାଙ୍କୁ ସମ୍ମାନଜନକ ଆଲୁମ୍ନସ୍ ପୁରସ୍କାର



କାଳିଆପାଣି(ଭାସ୍କର ନ୍ୟୁଜ): ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନସ୍), ଧାନବାଦ ପକ୍ଷରୁ ଟାଟା ଷ୍ଟିଲ୍ର ଫେରୋ ଆଲୟଜ୍ ଆଣ୍ଡ୍ ମିନେରାଲ୍ ଡିଭିଜନ (ଏଫ୍ଏଏମ୍ଡି)ର ଏକ୍ଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜାଙ୍କୁ ୨୦୨୪ ବର୍ଷ ପାଇଁ ଭାସ୍କର ଭଟାଚାର୍ଜୀ ସ୍ମାରକୀ ପୁରସ୍କାର ବର୍ଗରେ ସମ୍ମାନଜନକ ଆଲୁମ୍ନସ୍ ପୁରସ୍କାର ପ୍ରଦାନ କରାଯାଇଛି। ଖଣି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସତିଜାଙ୍କୁ ଇନଷ୍ଟିଚ୍ୟୁଟ୍ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ନେଇ ଖୁସି ବ୍ୟକ୍ତ କରି ଶ୍ରୀ ପଙ୍କଜ ସତିଜା କହିଛନ୍ତି ଯେ, ମୁଁ ପଢିଥିବା ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହେବା ଗୌରବର ବିଷୟ। ଏକ ସୁନ୍ଦର ଭବିଷ୍ୟତ ପାଇଁ ଦୀର୍ଘସ୍ଥାୟୀ ଖଣି ପରିଚାଳନା ସମାଧାନକୁ ଆଗକୁ ବଢ଼ାଇବା ଓ ପ୍ରଯୁକ୍ତି ବ୍ୟବହାର କରିବା ଲାଗି ରହିଥିବା ପ୍ରତିବଦ୍ଧତାକୁ ଏହି ମାନ୍ୟତା ଦୋହରାଉଛି। ମୁଁ ଏହି ପୁରସ୍କାରକୁ ମୋ ଶିକ୍ଷକ, ମୋ ବରିଷ୍ଠ ଓ କାର୍ଯ୍ୟକ୍ଷେତ୍ରରେ ମୋ ସହଯୋଗୀ ତଥା ଦାୟିତ୍ୱବାନ ଖଣି ପରିଚାଳନା ଦିଗରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ସର୍ଗ କରୁଛି। ଶ୍ରୀ ସତିଜାଙ୍କ କାର୍ଯ୍ୟ ଖଣି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର ଓ ପରିବେଶ ପ୍ରତି ଦାୟିତ୍ୱବାନ ଅଭ୍ୟାସକୁ ସମନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଶିଳ୍ପରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଦୀର୍ଘସ୍ଥାୟୀ ଓ ପ୍ରଯୁକ୍ତି ଆଧାରିତ ଅଭିଯାନ ଜରିଆରେ ଖଣି କ୍ଷେତ୍ରରେ ରୂପାନ୍ତରଣ ଆଣିଥିବାରୁ ଶ୍ରୀ ସତିଜାଙ୍କ ଉଦ୍ୟମକୁ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସମ୍ମାନିତ କରାଯାଇଛି। ଆଇଆଇଟି (ଆଇଏସ୍ଏମ୍), ଧାନବାଦ ପ୍ରତିବର୍ଷ ଏହାର ଆଲୁମନି ମିଟ ବସନ୍ତ ଆୟୋଜନ କରୁଛି ଏବଂ ବିଭିନ୍ନ କ୍ଷେତ୍ରକୁ ସେମାନଙ୍କ ଯୋଗଦାନ ଓ ଉଲ୍ଲେଖନୀୟ ସଫଳତା ଆଧାରରେ ଏହାର ସମ୍ମାନନୀୟ ଆଲୁମନି ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରୁଛି।

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୩ ସିଆର୍ପିଏଫ୍ ଯବାନ ଆହତ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ନକ୍ସଲ ବିରୋଧୀ ଅଭିଯାନ ଏବେ ନକ୍ସଲ ସଂଗଠନର ମେରୁଦଣ୍ଡ ଭାଙ୍ଗିବା ଆରମ୍ଭ କରିଛି। ସୁରକ୍ଷାକର୍ମୀଙ୍କ ସହ ଏନକାଉଣ୍ଟରରେ ସାଥି କ୍ୟାଡରର ନକ୍ସଲଙ୍କୁ ହରାଇବା ଯୋଗୁଁ ମାଓବାଦୀମାନେ ହତାଶ ହୋଇ ପଡିଛନ୍ତି। ତେଣୁ ଯବାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ, ନକ୍ସଲମାନେ ନିରନ୍ତର ଆଇଇଡି (ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍) ଜଙ୍ଗଲ, ରାସ୍ତା ଭଳି ବିଭିନ୍ନ ସ୍ଥାନରେ ଲଗାଉଛନ୍ତି। ମଙ୍ଗଳବାର ପୁରଙ୍ଗେଲ ଜଙ୍ଗଲରେ ଏକ ଆଇଇଡି ବିସ୍ଫୋରଣରେ ୩ ଜଣ ସିଆରପିଏଫ୍ ଯବାନ ଆହତ ହୋଇଛନ୍ତି। ଏହାକୁ ବସ୍ତର ରେଞ୍ଜ ଆଇଜି ପି ସୁନ୍ଦରରାଜ ସୁନିଶ୍ଚିତ କରିଛନ୍ତି। ଆହତ ଯବାନ ମାନଙ୍କୁ ଚିକିତ୍ସା ପାଇଁ ରାୟପୁର ନିଆଯାଇଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ଜିଲ୍ଲା ପୋଲିସ ଏବଂ ସିଆରପିଏଫ ୨୩୧ ବାଟାଲିୟନର ଯବାନମାନେ ମିଳିତ ଭାବେ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ। କିରଣ୍ଡୁଲ ଥାନା ଅନ୍ତର୍ଗତ ପୁରଙ୍ଗେଲ ଗାଁ ନିକଟ ଜଙ୍ଗଲରେ ନକ୍ସଲମାନେ ମଙ୍ଗଳବାର ଏକ ଆଇଇଡି ବିସ୍ଫୋରଣ କରିଛନ୍ତି। ବିସ୍ଫୋରଣରେ ଜଣେ ଯବାନ ଗୁରୁତର ଆହତ ହୋଇଥିବା ବେଳେ ଆଉ ଦୁଇଜଣ ଯବାନ ସାମାନ୍ୟ ଆହତ ହୋଇଛନ୍ତି। ଆହତ ଯବାନ ପ୍ରମୋଦ କୁମାରଙ୍କ ଗୋଡ ଗୁରୁତର ଭାବରେ ଆଘାତ ପାଇଛି। ଅଞ୍ଚଳରେ ପାଟ୍ରୋଲିଂ ଏବଂ ସନ୍ଧାନ ଜୋରଦାର ଜାରି ରହିଛି। ଆହତ ଯବାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟପୁରକୁ ହେଲିକେପ୍ଟର ଯୋଗେ ପଠାଯାଇଛି। ଆଇଇଡି ବିସ୍ଫୋରଣରେ ଆହତ ଦୁଇ ଯବାନଙ୍କୁ ହେଲିକପ୍ଟର ଯୋଗେ ରାୟପୁର ନିଆଯାଇଛି। ଯବାନଙ୍କ ଚିକିତ୍ସା ଏଠାକାର ଏକ ଘରୋଇ ହସ୍ପିଟାଲରେ ଚାଲିଛି। ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ସୁନୀଲ ଖେମକା କହିଛନ୍ତି ଯେ ଯବାନଙ୍କୁ ଏଠାକୁ ଅଣାଯାଇଛି, ଖୁବ୍ଶୀଘ୍ର ଆଉ ଜଣେ ଯବାନଙ୍କୁ ଏଠାରେ ଭର୍ତ୍ତି କରାଯିବ। ଆହତ ସୈନିକ ପ୍ରମୋଦ କୁମାରଙ୍କ ଗୋଡରେ ଆଘାତ ଲାଗିଛି। ତାଙ୍କର ଅସ୍ତ୍ରୋପଚାର କରାଯିବ। ଅନ୍ୟ ଯବାନ ବିଜୟ କୁମାରଙ୍କୁ ସାମାନ୍ୟ ଆଘାତ ଲାଗିଥିବା ପ୍ରକାଶ କରିଛନ୍ତି।

## ପୋଲିସ୍ ଇନଫର୍ମର ସନ୍ଦେହ ଜଙ୍ଗଲରେ ନିର୍ମମ ହତ୍ୟାକରି ଗ୍ରାମରେ ମୃତଶରୀର ଫିଙ୍ଗିଲେ ମାଓବାଦୀ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜଲାରେ ପୁଣି ମାଓବାଦୀଙ୍କ ହିଂସା ଦେଖିବାକୁ ମିଳିଛି। ପୋଲିସ ସୂଚନଦାତା ଦର୍ଶାଇ ଦୁଇଜଣ ଗ୍ରାମବାସୀଙ୍କୁ ମାଓବାଦୀ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ତରେମ ଥାନା ଅନ୍ତର୍ଗତ ବୁଦୁଗିଚେରୁ ଗ୍ରାମରେ ସଶସ୍ତ୍ର ମାଓବାଦୀ ପହଞ୍ଚିଥିଲେ। ଗ୍ରାମର କାରମ ରାଜୁ(୩୨) ଏବଂ ମାଡ଼ବି ମୁନ୍ନା(୨୭)ଙ୍କୁ ଘରୁ ଅପହରଣ କରି ଜଙ୍ଗଲକୁ ନେଇଥିଲେ। ଜଙ୍ଗଲରେ ପୋଲିସକୁ ଲଗାତାର ସୂଚନା ଦେଉଥିବାରୁ ପ୍ରଥମେ ନିସ୍ତୁକ ମାଡ଼ ମାରିଥିଲେ। ଏମାନଙ୍କ ସୂଚନା ଦ୍ୱାରା ମାଓବାଦୀ ସଂଗଠନର ବହୁ କ୍ଷତି ହୋଇଥିବା ସେମାନେ କହିଥିଲେ। ତେଣୁ ଦୁଇ ଗ୍ରାମବାସୀଙ୍କୁ ମତ୍ୟୁ ଦଣ୍ଡ ଦିଆଯାଇଥିଲା। ଦୁହିଁଙ୍କୁ ହତ୍ୟା କରି ଗ୍ରାମରେ ଆଣି ଫିଙ୍ଗି ଦେଇଥିଲେ। ସକାଳେ ପରିବାର ଲୋକେ ପୋଲିସକୁ ଖବର ଦେବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଅଗ୍ନିବିପନ୍ନ ପରିବାରଙ୍କୁ ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସହାୟତା



ପାରାଦୀପ(ଭାସ୍କର ନ୍ୟୁଜ): ଗତ ତିନିଦିନ ତଳେ ପାରାଦୀପ ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଥିବା ବସ୍ତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ଗରିବ ପରିବାରର ଘର ସମ୍ପୂର୍ଣ୍ଣ ପୋଡି ଘରର ସମସ୍ତ ଆସବାପତ୍ର ନଷ୍ଟ ହୋଇଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ ପରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ଓ ପୌରାଧକ୍ଷ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରି ଆବଶ୍ୟକୀୟ ସହଯୋଗ କରିଥିଲେ। ତେବେ ପାରାଦୀପର ଅଗ୍ରଣୀ ପରିବେଶଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ମଙ୍ଗଳବାର ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବନିତା ସାହୁ ଓ ସନ୍ତୋଷୀ ସେଠି ଦୁଇ ପରିବାରକୁ ୧୫ ଦିନ ପାଇଁ ଚାଉଳ, ଡାଲି, ତେଲ, ବିସ୍କୁଟ, ଅମୁଲ, ଚାହା ଓ ଅନ୍ୟାନ୍ୟ ସାମଗ୍ରୀ ସମେତ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତେବେ ତାଙ୍କ ଘର ନିର୍ମାଣ ଏବଂ ରୋଷେଇ ସରଞ୍ଜାମ ପ୍ରଦାନ କରିବାକୁ ଟ୍ରଷ୍ଟର ସଭାପତି ଏବଂ ସଦସ୍ୟମାନେ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ପାରାଦୀପ ପୋର୍ଟ ବଣିକ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, ଟ୍ରଷ୍ଟର ଉପଦେଷ୍ଟା ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, କାର୍ଯ୍ୟକର୍ତ୍ତା ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ମହାପାତ୍ର, ସନ୍ତୋଷ ଭାରତୀ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୀଡିତ ପରିବାରକୁ ସହାୟତା ନିମନ୍ତେ ସହଯୋଗ କରିବେ ବୋଲି କହିଥିଲେ। ସେହିପରି ସିଟି ୟୁନିଭର୍ସ ସୋସିଆଲ ଟ୍ରଷ୍ଟ ପକ୍ଷରୁ ନାରୀନେତ୍ରୀ ମିନାକ୍ଷୀ ବେହେରାଙ୍କ ନେତୃତ୍ୱରେ ପୀଡିତ ପରିବାରକୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଦିବ୍ୟାଙ୍ଗଙ୍କୁ ମିଳିଲା ଟ୍ରାଇ ସାଇକେଲ ଓ ବସ୍ ପାସ୍



କେନ୍ଦୁଝର(ଭାସ୍କର ନ୍ୟୁଜ): ଭିନ୍ନକ୍ଷମ ଯୁବତୀଙ୍କୁ ମିଳିଲା ଟ୍ରାଇ ସାଇକେଲ ଓ ବସ୍ ପାସ୍ ଏବଂ ୪ ଡିସିମିଲ ସରକାରୀ ଜମି। ଗତ ଜାନୁୟାରୀ ୧୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ସର୍କିଟ ହାଉସ ଠାରେ ଭିନ୍ନକ୍ଷମ ଯଶୋଦା ନାଥ (୪୪) ତାଙ୍କ ଗୁହାରି ଜଣାଇଥିଲେ। ସମାଜସେବୀ ସୁଧିର କୁମାର ନନ୍ଦ ଭିନ୍ନକ୍ଷମଙ୍କୁ ଆଣି ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଭିନ୍ନକ୍ଷମ ବାବଦରେ ୧୦୦୦ଟଙ୍କା ଭତ୍ତା ମିଳୁଥିବାବେଳେ ୮୦ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବାରୁ ତାଙ୍କୁ ୩୫୦୦ଟଙ୍କା ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ପୁନଃ ମେଡିକାଲ ବୋର୍ଡରେ ଯାଂଚ କରିବାକୁ ଜିଲ୍ଲାପାଳ ବିଶାଲ ସିଂହଙ୍କୁ ନିର୍ଦ୍ଦେଶ ଦେବା ସହିତ ତିନିଚକିଆ ସାଇକେଲ ଏବଂ ସଦର ତହସିଲ ଘରଡିହ ଜମି ଯୋଗାଇ ଦିଆଯିବା ସହ ପ୍ରଧାନମନ୍ତ୍ରୀ ଆବାସରେ ଘର ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ମେଡିକାଲ ବୋର୍ଡରେ ପରୀକ୍ଷା କରାଯାଇଥିବା ବେଳେ ମଙ୍ଗଳବାର ଯଶୋଦା ନାଥ ଓ ୧ ନମ୍ବର ୱାର୍ଡ ବଣିଆ ସାହିର ସୋନୁ ଚୌଧୁରି(୧୩)ଙ୍କୁ କେନ୍ଦୁଝରଗଡ ପୌରପାଳିକା ପରିସରରେ ପୌରାଧକ୍ଷ ନିକୁ ସାହୁ, ଉପାଧକ୍ଷ ବରଦା ପ୍ରସନ୍ନ ଦାସ, ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଓ କାଉନସିଲରଙ୍କ ଉପସ୍ଥିତିରେ ଉଭୟଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ।

## ଟିପିଏସ୍ଓଡିଏଲ୍ ପକ୍ଷରୁ ବ୍ରହ୍ମପୁରର ବ୍ୟାବସାୟିକ ପେଣ୍ଠସ୍ଥଳୀକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଣ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ସହରରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ଆମ୍ଭଗଡ ଗ୍ରିଡ ସବ ଷ୍ଟେସନରୁ ନୀଳକଣ୍ଠ ନଗର ପ୍ରାଇମେରୀ ସବ ଷ୍ଟେସନ ଯାଏଁ ନୂତନ ଭାବେ ୩.୯ କିମି ଦୀର୍ଘ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି। ଏହା ଦ୍ୱାରା ପ୍ରାୟ ୫୧ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ପାଇବେ, ବିଶେଷ କରି ଆଗକୁ ଖରାଦିନ ଆସୁଥିବାରୁ ଜନବହୁଳ ଅଞ୍ଚଳ ଏବଂ ବ୍ୟାବସାୟିକ କେନ୍ଦ୍ରଗୁଡ଼ିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ଏକ ବ୍ୟାବସାୟିକ କେନ୍ଦ୍ର ତଥା ଜନବହୁଳ ସହର। ବର୍ତ୍ତମାନ ଏହି କମର୍ସିଆଲ କରିଡ଼ରକୁ ସ୍ଥାୟୀ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ହୋଇପାରୁଛି। ନୂତନ ଭାବେ ସଂଯୋଗ ହୋଇଥିବା ୩.୯ କିମି ଦୀର୍ଘ ୩୩ କେଭି ବିଦ୍ୟୁତ ଲାଇନ୍ ଗାନ୍ଧୀନଗର, ବିଜିପୁର, ଗୋସାଣୀନୂଆଗାଁ, କନିଶି, ହଳଦିଆପଦର, ସାନ ବଜାର, ବଡ଼ ବଜାର, ହାଉସିଂ ବୋର୍ଡ, ପୁରୁଣା ବ୍ରହ୍ମପୁର, ଆସ୍କା ରୋଡ଼ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିଶ୍ୱସନୀୟ ବିଜୁଳି ସେବା ଯୋଗାଉଛି। ଯାହା ଫଳରେ, ଏସବୁ ଅଞ୍ଚଳରେ ଓଭରଲୋଡ଼ିଂ କିମ୍ବା ଲୋ ଭୋଲଟେଜ ଭଳି ସମସ୍ୟା ହେବ ନାହିଁ। ପୂର୍ବରୁ ବ୍ରହ୍ମପୁରର ଜନବହୁଳ ସ୍ଥାନରେ ବିଦ୍ୟୁତ କେବୁଲଗୁଡ଼ିକର ଉଚ୍ଚତା କମ ଥିଲା ଏବଂ ପୁରୁଣା କଣ୍ଡକ୍ଟର ଯୋଗୁଁ ଓଭର ଲୋଡ଼ିଂ ସମସ୍ୟା ଉପୁଜୁଥିଲା। ଏହି ପଦକ୍ଷେପ ଯୋଗୁଁ କଣ୍ଡକ୍ଟର ସାଇଜରେ ବୃଦ୍ଧି ସହ ଅଧିକ ଉଚ୍ଚତାରେ ରଖାଯାଇଛି, ଯାହା ଫଳରେ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇବ। ବିଶେଷ କରି ଅଧିକ ବିଜୁଳି ଚାହିଦା ଥିବା ସମୟରେ ନୂଆ ଭିତ୍ତିଭୂମି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରେ। ଖରା ଦିନକୁ ଦୃଷ୍ଟିରେ ରଖି ଟିପିଏସ୍ଓଡିଏଲ୍ ଜନବହୁଳ ଅଞ୍ଚଳ ଏବଂ ବ୍ୟାବସାୟିକ ସ୍ଥାନଗୁଡିକରେ ବିଦ୍ୟୁତ କାଟ ରୋକିବା ଏବଂ ଅଧିକ ଚାହିଦା ସମୟରେ ସ୍ଥାୟୀ ବିଦ୍ୟୁତ ସେବା ଜାରି ରଖିବା ଉପରେ ଗୁରୁତ୍ୱ ଦେଉଅଛି। ଏହି ନୂଆ ୩୩ କେଭି ଲାଇନ୍ ଦୈନନ୍ଦିନ କାର୍ଯ୍ୟ ବ୍ୟାହତ ନ ହେବା ପାଇଁ ବ୍ୟାବସାୟିକ ଅନୁଷ୍ଠାନ, ଆବାସିକ ସ୍ଥାନ, ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଭରସାଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ କରିବ। ସାରା ଦକ୍ଷିଣ ଓଡ଼ିଶାରେ ସୁରକ୍ଷିତ, ସ୍ଥାୟୀ ଏବଂ ଗ୍ରାହକ-କୈନ୍ଦ୍ରିକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭରସାଯୋଗ୍ୟ ବିଜୁଳି ଯୋଗାଣ ହେଉଛି ଆମର ମିଶନ। ସମର୍ପିତ ଭାବନା ନେଇ ଆମେ ଏହି ଲକ୍ଷ୍ୟ ହାସଲ ଦିଗରେ ନିରନ୍ତର ପ୍ରୟାସ କରୁଅଛୁ। ଏହି ନୂତନ ବିଦ୍ୟୁତ ଲାଇନ୍ ସଂଯୋଗ ହେବା ପରେ ବ୍ରହ୍ମପୁରର ବ୍ୟାବସାୟିକ କେନ୍ଦ୍ରକୁ ସ୍ଥାୟୀ ଏବଂ ସୁରକ୍ଷିତ ବିଜୁଳି ଯୋଗାଇ ଦିଆଯିବ। ଆସନ୍ତା ଗ୍ରୀଷ୍ମ ଋତୁକୁ ନଜରରେ ରଖି ଉପଭୋକ୍ତାଙ୍କ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ କରିବା ପାଇଁ ଆମେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ଏବଂ ସୁଦୃଢ଼ୀକରଣ ଉପରେ ପ୍ରାଧାନ୍ୟ ଦେଉଅଛୁ।



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସହର ଠାରେ କିଛି ସମୟ ପାଇଁ ଚା ଖଟିରେ ସାମ୍ବାଦିକମାନେ ନୂଆପଡା ଜିଲ୍ଲା ସହ ଖଡ଼ିଆଳ ଅଂଚଳର ବିକାଶ କିପରି ହୋଇପାରିବ ସେନେଇ ଟିକିଏ ସମୟ ପାଇବାରୁ ଚା ପିଇବା ସମୟରେ ସାମ୍ବାଦିକ ମାନଙ୍କ ମଧ୍ୟରେ ଆଲୋଚନା। ବିଶେଷ କରି ଖଡ଼ିଆଳ ସହରରେ ଥିବା ଏସ୍‌ଡିଏଚ୍ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକାରୀ, ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ଆବଶ୍ୟକତା, ଖଡ଼ିଆଳ ସହରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା, ଖଡ଼ିଆଳକୁ ତୁରନ୍ତ ସବ -ଡିଭିଜନ ଘୋଷଣା କରିବା ସହ ଲୋକଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ଖବର ମାଧ୍ୟମରେ ଜଣେଇବା ଓ ସରକାରୀ ସୁବିଧା ସୁଯୋଗକୁ ଲୋକେ ଠିକ ଭାବରେ ପାଇ ପାରୁଛନ୍ତି କି ନାହିଁ ସେସବୁକୁ ମଧ୍ୟ ଲୋକଲୋଚନକୁ ଖବର ମାଧ୍ୟମରେ ପ୍ରକାଶ କରିବା ଉପରେ ଖୁବ କମ୍ ସମୟ ଭିତରେ ଆଲୋଚନା ହୋଇଥିଲା। ଏଥିରେ ସାମ୍ବାଦିକ ମୋତିଲାଲ ବାଗ, ଆଦିତ୍ୟ ମହାଉତି, ବିମଲ ସିଂ ଦଳପତି, ଯୋଗେଶ୍ୱର ସଗରିଆ, ସନ୍ତୋଷ ଦଣ୍ଡସେନା, ଯୁଗଲ ମହାନନ୍ଦ, ବାପିନା ସାହୁ, ମନୋଜ ସଗରିଆ, ସାମ୍ଭ କୁମାର ସରାଫ, ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପଞ୍ଜିକୃତ ଶ୍ରମିକଙ୍କୁ ସହାୟତା



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ (ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା) ଅଧୀନରେ ହିତାଧିକାରୀ ମାନଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ଆର୍ଥିକ ସହାୟତା ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡା ଜିଲ୍ଲା ପରିଷଦର ସଭାପତି ଲିଲିତା ଦାସ, ମହାକାଳପଡା ବିଧାୟକଙ୍କ ପ୍ରତିନିଧି ଅଭିମନ୍ୟୁ ଗୋଛାୟତ ଯୋଗଦେଇ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କେନ୍ଦ୍ରାପଡା ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୩୧୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ମୋଟ ୨କୋଟି ୩୨ଲକ୍ଷ ୫୩ ହଜାର ୨ଶହ ଟଙ୍କାର ଆର୍ଥିକ ସହାୟତା ରାଶୀ ଏବଂ ନୂତନ ଭାବରେ ପଞ୍ଜିକୃତ ହୋଇଥିବା ୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା। ବିବାହ ସହାୟତା ବାବଦରେ ୬୧ଜଣଙ୍କୁ ୩୦ଲକ୍ଷ ୫୦ହଜାର, ଶିକ୍ଷାବୃତ୍ତି ସହାୟତା ବାବଦରେ ୯୬ଜଣଙ୍କୁ ୧୧ଲକ୍ଷ ୫୮ହଜାର ୨ଶହ ଟଙ୍କା, ମୃତ୍ୟୁକାଳୀନ ସହାୟତା ବାବଦରେ ୯୫ଜଣଙ୍କୁ ଏକ କୋଟି ୯୦ଲକ୍ଷ ଟଙ୍କା, ଅନ୍ତେଷ୍ଟିକ୍ରୀୟା ସହାୟତା ବାବଦରେ ୯ଜଣଙ୍କୁ ୪୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଅଶୋକ କୁମାର ମୁର୍ମୁ, ଆଶୁତୋଷ ପଟେଲ, ଜ୍ୟୋତିରଞ୍ଜନ ପରିଡା, କନିଷ୍କ ନାରାୟଣ, ଏସ୍‌ଡି କିରଣ କୁମାର ଏବଂ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଆସାମରେ ପାଳିତ ହେଲା କୁଡୁମୀ ସମ୍ମିଳନୀ

ବାରିପଦା, (ଭାସ୍କର ନ୍ୟୁଜ୍ ) : ଆସାମ ରାଜ୍ୟର ୧୭ଟି ଜିଲ୍ଲାରେ ବସବାସ କରୁଥିବା ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ କୁଡୁମି ଜାତି ଭାଇଙ୍କ ସାଂସ୍କୃତିକ ତଥା ସାମାଜିକ ଅଧିକାର ପାଇଁ କୁଡୁମୀ ସେନା ଓଡ଼ିଶା ପକ୍ଷରୁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ କହିଛନ୍ତି । ଆସାମ କୁଡୁମୀ ସମାଜର ତ୍ରୀ ଦିବସୀୟ (୩୧ଜାନୁୟାରୀ ରୁ ୦୨ ଫେବୃୟାରୀ) ୨୨ତମ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମହାନ୍ତ କହିଛନ୍ତି । ଆସାମରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନେ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହି ଆସୁଛନ୍ତି। ସେଠାକାର ଚା ବାଗାନ୍‌ରେ କାମ କରିବାକୁ ସେମାନଙ୍କୁ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଅଞ୍ଚଳରୁ ନିଆଯାଇଥିଲା। ସେମାନେ ସେଠାରେ ୩/୪ ପୁରୁଷ ଧରି ବସବାସ କରିଆସିବା ସହିତ ଆସାମର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତା ସତ୍ତ୍ୱେ ଆସାମର ସରକାର ସେମାନଙ୍କର ସାଂସ୍କୃତିକ ବିକାଶ ଦିଗରେ ଆଦୌ ଧ୍ୟାନ ନଦେବା ଦୁଃଖର ବିଷୟ ବୋଲି ଚରାଇଦେଓ ଜିଲ୍ଲାର ରାଙ୍ଗୋଲି ଠାରେ ଆସାମ କୁଡୁମୀ ସମାଜ ଦ୍ୱାରା ଆୟୋଜିତ ତିନି ଦିନିଆ ସଭାରେ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବରେ ଯୋଗଦେବା ସହିତ ଆସାମର ସାଂସ୍କୃତିକ ବିକାଶ ମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଜ୍ୟର କୁଡୁମୀ ସଙ୍ଗଠନର ମୁଖ୍ୟ ସବୁ ଯୋଗଦାନ କରିଥିଲେ। ଶ୍ରୀ ମହାନ୍ତ ଏହି ସଭାରେ ଯୋଗଦେଇ କୁଡୁମୀ ମାନଙ୍କର ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିବା ସହିତ କୁଡୁମୀ ମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ଦାବି ଜଣାଇଥିଲେ। ଜୟରାମ କୁଡୁମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ହଜାର ହଜାର ପୁରୁଷ ମହିଳା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ କୁଡୁମି ସେନାର ଲାଲଟୁ ମାହାତ, ଓମପ୍ରକାଶ ମାହାତ ଏବଂ କୁଡୁମୀ ସେନାର ବୁଲୁ ମହାନ୍ତ, ମହେଶ୍ୱର ମହାନ୍ତ, ଟିକିନା ମହାନ୍ତ, ଟିକିଲି ମହାନ୍ତ, ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାରେ ଚାଲିଥିବା କୁଡୁମୀ ସେନାର କାର୍ଯ୍ୟକ୍ରମରେ ଆସାମ କୁଡୁମୀ ସମାଜର କର୍ମକର୍ତ୍ତା ମାନେ ଉଦବୁଦ୍ଧ ହୋଇ ଓଡ଼ିଶା କୁଡୁମୀ ସେନାର ପରାମର୍ଶ ଓ ସହଯୋଗ ଲୋଡିଥିଲେ। ଏଣୁ ଓଡ଼ିଶାର କୁଡୁମୀ ସେନା ପକ୍ଷରୁ ଆସାମର କୁଡୁମୀ ମାନଙ୍କ ଅଧିକାର ପାଇଁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନାର ସଭାପତି ଶ୍ରୀ ମହାନ୍ତ କହିଥିଲେ।



# ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅର୍ନ୍ତଗତ ଗମ୍ପାକୋଣ୍ଡା ସରକାରୀ ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟର ହଷ୍ଟେଲ ନିକଟ ଏକ ମହୁଲ ଗଛରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା କହିଛନ୍ତି କାଲିମେଳା ଥାନା ଅଧିକାରୀ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ରବିବାର ଦିନ ଗମ୍ପାକୋଣ୍ଡା ସଦର ମହାକୁମାଠାରେ ଥିବା ସରକାରୀ ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ସୋମବାର ରାତି ୯ଟାରେ ରିଗାନ ମାଡକାମୀ ନାମକ ଜଣେ ୯ମ ଶ୍ରେଣୀ ଛାତ୍ର ମୋ ପାଇଁ ଭାତ ବାଢ଼ି ରଖ ମୁଁ ଆସୁଛି ବୋଲି ଅନ୍ୟ ଛାତ୍ରମାନଙ୍କୁ କହିଥିଲେ। ହେଲେ ରିଗାନ ଭାତ ଖାଇବାକୁ ଆସି ନଥିଲେ। ରାତିରେ ସେହି ବିଦ୍ୟାଳୟର କିଛି ଛାତ୍ର ପାଚେରୀ କଡ଼କୁ ଶୌଚ କରିବାକୁ ଯାଇଥିବା ବେଳେ ରିଗାନ ଏକ ମହୁଲ ଗଛରେ ଝୁଲୁଥିବା ଦେଖି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଡାକିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ କାଲିମେଳା ଥାନାରେ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଁଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ରିଗାନଙ୍କ ପରିବାରଙ୍କୁ ଜଣାଇବା ପରେ ସେମାନେ ମଧ ରାତିରେ ସ୍କୁଲରେ ପହଁଚିଛନ୍ତି। କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସିବା ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ମୃତ ଛାତ୍ରଙ୍କ ଘର ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ କାମବେଡା ଗ୍ରାମରେ ବୋଲି ଜଣାପଡିଛି। ତେବେ ପୁଅର ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରୁନଥିବାର ସୂଚନା ମିଳିଛି। ଆମକୁ ନ୍ୟାୟ ଦରକାର ବୋଲି ଯୁକ୍ତି ବାଢ଼ି ରହିଥିବା ମୃତ ଛାତ୍ରଙ୍କ ବାପା ଏବଂ ଦାଦା କହିଛନ୍ତି। କାଲିମେଳା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି କି ଏହି ଘଟଣାର ଖବର ପାଇ ଆମ ପୋଲିସ ଟିମ ଗମ୍ପାକୋଣ୍ଡା ଆଶ୍ରମ ବିଦ୍ୟାଳୟକୁ ତୁରନ୍ତ ଯାଇ ସବୁ ପ୍ରକାରର ବୁଝା ବୁଝି କଲା ପରେ ଛାତ୍ର ମୃତ୍ୟୁର କୌଣସି ସଠିକ୍ ତଥ୍ୟ ମିଳିନାହିଁ। ବିଦ୍ୟାଳୟ କର୍ତ୍ତୃପକ୍ଷ ଖାଲି ଏତିକି କହିଛନ୍ତି କି ଗତକାଲି ସଂନ୍ଧ୍ୟାରେ ମୃତଛାତ୍ର ଜଣକ କହିଲା ମୋ ନାନୀ ଘରକୁ ଯିବି, ହେଲେ ହଷ୍ଟେଲରେ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ କହିଲେ ଏବେ ତ ରାତି ହେଇ ଗଲାଣି ଗାଡ଼ି ମିଳିବନି କାଲିକି ଯିବୁ । ଆଜି ଆମର ସାଇଣ୍ଟିଫିକ ଟିମ୍ ଆସିବା ପରେ କାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି । ମୃତ ଛାତ୍ରଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଏକ ଏତଲା ଦାୟର କରିଛନ୍ତି। ସେହି ଏତଲାକୁ ଭିତ୍ତି କରି କାଲିମେଳା ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛନ୍ତି ଥାନା ଅଧିକାରୀ ଶ୍ରୀ ତାଣ୍ଡି ।

# ନୂତନ ଜିଲ୍ଲାଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ସ୍ୱାଗତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ନୂତନଭାବରେ କାର୍ଯ୍ୟରେ ଯୋଗଦାନ କରିଥିବା କେନ୍ଦୁଝରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମହୋଦୟଙ୍କୁ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ସଂଜୟ ବସନ୍ତ ଚକ୍ରଙ୍କ ନେତୃତ୍ୱରେ ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, ଜିଲ୍ଲା ସଂଯୋଜକ କ୍ଷୀରୋଦ କୁମାର ରାଉତ, ଆନନ୍ଦପୁର ଉପଖଣ୍ଡ ସଂଯୋଜକ ଶାନ୍ତନୁ କୁମାର ମିଶ୍ର ପ୍ରମୁଖ ସୌଜନ୍ୟମୂଳକ ସାକ୍ଷାତକରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସଭାପତି ଶ୍ରୀ ଚକ୍ର ଓ ସଂପାଦକ ଶ୍ରୀ ପଣ୍ଡା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ମହୋଦୟ ପ୍ରତିଶୃତି ପ୍ରଦାନ କରିଥିଲେ।

# ବୋଲଗଡ଼ ମଙ୍ଗଳା ମନ୍ଦିରରୁ ଚୋରି



ବୋଲଗଡ଼, (ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ସଦରସ୍ଥିତ ବନ୍ଧ ଛକରେ ପ୍ରତିଷ୍ଠିତ ମଙ୍ଗଳା ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ରିରେ ଚୋରି ସହିତ ସମ୍ମୁଖରେ ରହିଥବା ହୁଣ୍ଡିକୁ ଚୋର ମାନେ ଭାଙ୍ଗି ସେଥିରୁ ଟଙ୍କା ଲୁଟି ନେଇଛନ୍ତି। ଘଟଣାରୁ ପ୍ରକାଶ ଯେ ବନ୍ଧ ଛକରେ ଥିବା ଅଧିଷ୍ଠାତ୍ରୀ ଠାକୁରାଣୀ ମା’ ମଙ୍ଗଳା ମନ୍ଦିରରୁ କେହି ଅଜଣା ଚୋର ଚୋରି କରିଛି। ଠାକୁରାଣୀଙ୍କ ମଥାରୁ କିରିଟି, ଗଳାରେ ଲାଗିଥିବା ରୂପାହାର ଚୋରିକରି ନେଇଥିବା ବେଳେ ନିକଟରେ ଥିବା ହୁଣ୍ଡିକୁ ଭାଙ୍ଗି ସେଥିରେ ପଡିଥିବା ଦାନ ଟଙ୍କା ଲୁଟି ନେଇଛନ୍ତି। ତେବେ ହୁଣ୍ଡିରେ ପଡିଥିବା ଦାନ ଅର୍ଥରାଶି ଜାନୁଆରୀ ଶେଷ ତାରିଖରେ ମନ୍ଦିର କମିଟି ସଦସ୍ୟ ମାନେ ଖୋଲି ସେଥିରେ ପଡିଥିବା ଟଙ୍କା କାଢି ନେଇଥିଲେ। ଏହି ଚୋରି ସମ୍ପର୍କରେ ସୋମବାର ସକାଳୁ ଜଣା ପଡ଼ିବା ପରେ କମିଟି ବରିଷ୍ଠ ସଦସ୍ୟ ନିରଞ୍ଜନ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଓ ଏକ ପୋଲିସ ଟିମ୍ ଚୋରି ଘଟଣା ସ୍ଥଳକୁ ଯାଇ ଚୋରି ସମ୍ପର୍କରେ ଗଭୀର ଅନୁସନ୍ଧାନ ଜାରି ରଖିବା ସହ ଥାନା କେସ ନଂ୩୮/୨୫ ମାମଲା ରୁଜୁ କରାଯାଇଛି।

# ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାଏକ ଓ ସିଦ୍ଧାର୍ଥ ଜୈନ୍, ଆଇଏଫ୍.ଏସ୍, (ପ୍ରବେସନ୍) ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୮୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୪ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା- ୧୫ ଗୋଟି ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଏହି ପଞ୍ଚାୟତର ଚାଷିମାନେ ଅଭିଯୋଗ କରିଥିଲେ ସେମାନଙ୍କ ଧାନ ବିକ୍ରି ହୋଇପାରୁ ନାହିଁ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ମୋହନା ବ୍ଲକର କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧୀର ବିଦ୍ୟାଳୟ ଛାତ୍ରଛାତ୍ରୀ ସହ ଅଭିଭାବକ ମାନେ ଆସି ଜିଲ୍ଲାପାଳ ବିଦ୍ୟାଳୟ ଅନିୟମିତତା ବିଷୟ ଅଭିଯୋଗ କରିଥିଲେ ।



# ଶ୍ରୀସାଇ କଲେଜ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ବିଦାୟ ସମାରୋହ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ ସାଇ କଲେଜ୍, କୁରୁମ୍ ପୁରୀର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ବିଦାୟ ସମାରୋହ ଅନୁଷ୍ଠିତ ହୋଇ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଏବଂ ଅନୁଷ୍ଠାନର ଖେଳ ପ୍ରଶିକ୍ଷକ ଶ୍ରୀଯୁକ୍ତ ସାହୁ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଛାତ୍ରଛାତ୍ରୀ ମାନଙ୍କୁ କଠିନ ସଂଘର୍ଷ ପରେ ସଫଳତା ନିଶ୍ଚୟ ପାଇବ ବୋଲି କହିଥିଲେ। ଭବିଷ୍ୟତରେ ପିଲାମାନେ ନିଜର ଅଧବସାୟ ବଳରେ ଭଲ ମାର୍କ ରଖି ଅନୁଷ୍ଠାନର ଗର୍ବ ଗୌରବ ବଢାଇବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ମୂଖ୍ୟ ଅତିଥି ଶ୍ରୀ ପଣ୍ଡା କହିଥିଲେ ସମସ୍ତେ ନିଜ ନିଜ ଜୀବନରେ ଏକ ଲକ୍ଷ୍ୟ ରଖି ତାର ପ୍ରାପ୍ତି ନିମନ୍ତେ ନିରନ୍ତର ପ୍ରଚେଷ୍ଟା ଜାରି ରଖ। ଭାଗ୍ୟ ଉପରେ ଭରସା ନକରି କର୍ମ ମାଧ୍ୟମରେ ନିଜ ଭାଗ୍ୟ ନିଜେ ଲେଖ। ନିଜ ପିତାମାତା, ଶିକ୍ଷକ, ଶିକ୍ଷାନୁଷ୍ଠାନ ଓ ଜନ୍ମଭୂମି ପ୍ରତି ଅନୁରକ୍ତ ରହିବା ପାଇଁ ସେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ବଢେଇ ପିଲାମାନଙ୍କୁ ଭଲ ପାଠ ପଢିବା ସହିତ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଉତ୍କର୍ଷ ପ୍ରତିପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ଉଭୟ +୨ ଓ +୩ ଶ୍ରେଣୀ ଥିବା ଏହି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଏବଂ ଦଳ ମାନଙ୍କୁ ଏଇ ଅବସରରେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

# ଯୁବତୀଙ୍କ ଭିଡିଓ ଭାଇରାଲ କରି ଅଭିଯୁକ୍ତ ପ୍ରେମିକ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଫେସ୍‌ବୁକରେ ସମ୍ପର୍କ ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ଯୁବତୀଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ କରିବା ମାମଲାରେ ମାଲକାନଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋଡ଼ିଘାଟ ଗ୍ରାମର ସଂଜୀବ ତରାଇ(୨୭) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨୦୧୯ ମସିହାରେ ସଂଜୀବ ତରାଇ(୨୭) ଫେସ୍‌ବୁକରେ ମାଲକାନଗିରି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲା। ଯୁବତୀ ଜଣଙ୍କ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଗ୍ରହଣ କରିବା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା । ପରେ ଉଭୟେ ୱାଟସଆପ୍ କଲରେ କଥା ହୋଇଥିଲେ। କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୦ ମାର୍ଚ୍ଚ ୩ ତାରିଖରେ ସଂଜୀବ ମାଲକାନଗିରିରେ ପହଞ୍ଚି ଯୁବତୀଙ୍କୁ ନିକଟସ୍ଥ ପାହାଡ଼ ଉପରେ ଥିବା ମଲ୍ଲିକେଶ୍ୱର ମନ୍ଦିରରେ ଭେଟିଥିଲା। ଏହାପରେ ସଂଜୀବ ଯୁବତୀଙ୍କୁ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ସଂଜୀବ ସେହି ସମୟର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ନେଇଥିଲା। ପରେ ସଂଜୀବ ଭୁବନେଶ୍ୱର ଚାଲି ଯାଇଥିଲା। ଭିଡିଓ କଲ୍ ସମୟରେ ଯୁବତୀଙ୍କ ଅଜାଣତରେ ସଂଜୀବ ତାଙ୍କ ନଗ୍ନ ଫଟୋ ରେକର୍ଡିଂ କରୁଥିଲା । କଥା ନ ମାନିଲେ ନଗ୍ନ ଭିଡିଓ ଏବଂ ଫଟୋ ଭାଇରାଲ କରିବା ନେଇ ସଂଜୀବ ଯୁବତୀଙ୍କୁ ବ୍ଲାକ୍‌ମେଲ୍ କରିବା ଆରମ୍ଭକରିଥିଲା । ଭୟରେ ଯୁବତୀ ତୁରନ୍ତ ଜଣଙ୍କ ମୋବାଇଲ ନମ୍ବର ପରିବର୍ତ୍ତନ କରିବା ସହିତ ଫେସବୁକ୍ ଆକାଉଣ୍ଟ ବନ୍ଦ କରି ଦେଇଥିଲେ। ଏପରିକି ସଂଜୀବ ସହିତ କୌଣସି ସଂପର୍କ ରଖିନଥିଲେ। ୨୦୨୧ ଅକ୍ଟୋବର ମାସରେ ସଂଜୀବ ଏକ ଫେକ୍ ଫେସବୁକ୍ ଆଇଡି ଖୋଲି ଶୁଭଲକ୍ଷ୍ମୀ ନାୟକ ନାମ ରଖିଥିଲେ । ଆଉ ଯୁବତୀଙ୍କ ସାଙ୍ଗମାନଙ୍କୁ ସାଙ୍ଗ ହେବା ପାଇଁ ସନ୍ଦେଶ ପଠାଇଲେ। କିଛି ଦିନ ଗଲା ପରେ ପୁଣି ସଂଜୀବ ଆଉ ଏକ ଫେକ୍ ଫେସବୁକ୍ ଆଇଡି ଶୁଭଶ୍ରୀ ପାତ୍ର ନାମରେ ଖୋଲି ନଗ୍ନ ଭିଡିଓ ଏବଂ ଫଟୋ ଅପଲୋଡ୍ କରିଥିଲା। ଏଥିସହ ସମସ୍ତ ଫଟୋକୁ ଯୁବତୀଙ୍କ ସାଙ୍ଗ ଏବଂ ପରିବାର ଲୋକଙ୍କୁ ପଠାଇଲା। ଯୁବତୀଙ୍କ ଫୋନ ନମ୍ବର ମଧ ଭାଇରାଲ କରି ପରିବାର ଲୋକଙ୍କୁ ଧମକାଇଲା। ଏନେଇ ଯୁବତୀ ଜଣଙ୍କ ମାଲକାନଗିରି ଥାନରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତ ସଂଜୀବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନବ ନିର୍ମିତ ‘ମହାକାଳେଶ୍ୱର ମନ୍ଦିର’ର ରତ୍ନମୁଦ ମହୋତ୍ସବ



ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ଅଧିନସ୍ଥ ନାଉପାଳ ଗ୍ରାମ ମୁଣ୍ଡ ପୋଖରୀ ନିକଟରେ ଗ୍ରାମର ବୋଲବମ କମିଟି ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଶ୍ରୀ ଶ୍ରୀ ମହାକାଳେଶ୍ୱର ନାମରେ ନବ ନିର୍ମିତ ଏକ ମନ୍ଦିର ନିର୍ମାଣ କରାଯାଇଛି । ଏହି ମନ୍ଦିରର ରତ୍ନମୁଦ ମହୋତ୍ସବ ସରସ ସୁନ୍ଦର ଭାବେ ପାଳନ ଲାଗି ବୋଲବମ୍ କମିଟି ଓ ଗ୍ରାମବାସୀଙ୍କ ସହମତିରେ ଏକ ବୈଠକ କରାଯାଇ ସମୟ ଓ ଦିନ ଧାର୍ଯ୍ୟ କରାଯାଇ ସମସ୍ତଙ୍କ ସହଯୋଗରେ ମନ୍ଦିରର ରତ୍ନମୁଦ ମହୋତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏଥିପାଇଁ ମନ୍ଦିର ପରିସରରେ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ସାଙ୍ଗକୁ ହୋମଯଜ୍ଞ କରାଯାଇଥିଲା । ଯଜ୍ଞ ସ୍ଥାନରେ ପଙ୍କଜ ଭୂତିଆ ଓ ସହଧର୍ମିଣୀ ରୀତାଞ୍ଜଳି ଭୂତିଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ, ପୂଜକ ଅଜିତ୍ କୁମାର ପଣ୍ଡା ଓ ସୌଭାଗ୍ୟ କୁମାର କର ପୂଜାପାଠ କରିଥିଲେ । ହୋମ ଯଜ୍ଞ ପରେ ମନ୍ଦିର ଚୂଡରେ ଗ୍ରାମବାସୀମାନେ ଧାନ ଓ ଧାତୁ ଅର୍ପଣ କରି, ମନ୍ଦିର ମୁଣ୍ଡିରେ ପିତଳ ଗରା, ଢାଳ ଓ ତ୍ରିଶୂଳ ସ୍ଥାପନ କରିଥିଲେ । ଗ୍ରାମର ଉଦ୍ୟୋକ୍ତା ଯୁବକ ସୁଶାନ୍ତ କୁମାର ପରିଡ଼ା ଓ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ରତ୍ନମୁଦ ମହୋତ୍ସବ ପାଳିତ ହୋଇଥିବା ବେଳେ ବୋଲବମ କମିଟିର ସଦସ୍ୟ ଦିଲ୍ଲିପ, ସନ୍ତୋଷ, ପଙ୍କଜ, ପ୍ରଶାନ୍ତ, ଆଦିତ୍ୟ, ଲିକନ୍ ଓ ଅନ୍ୟ ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମର କଣା ଦାସ, ବୈକୁଣ୍ଠ ରାଉତ, ଅନନ୍ତ ରାଉତ ଓ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ମହୋତ୍ସବ ପରିଚାଳିତ ହୋଇଥିଲା । ଏହି ଉତ୍ସବ ଲାଗି ମହିଳା ଓ ପୁରୁଷ ସଂକୀର୍ତ୍ତନ ପରିବେଷଣ ସାଙ୍ଗକୁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଗ୍ରାମବାସୀଙ୍କ ସମାବେଶରେ ପ୍ରସାଦ ସେବନ କରାଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ସରସ୍ୱତୀ ପୂଜା ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡଃ ଶୁଭସ୍ମିତା ଦାଶ ଯୋଗଦେଇ ସମାଜରେ ମାଆର ଭୂମିକା ବିଷୟରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ଯୁଗ୍ମ ସଂପାଦକ ଦୀପକ କୁମାର ମହାକୁଳ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ଯୋଗ ଦେଇ ମାଆମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ ସମ୍ମିଳନୀରେ ୪୫୦ଜଣରୁ ଉର୍ଦ୍ଧ୍ୱ ମାଆ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା, (ଭାସ୍କର ନ୍ୟୁଜ୍) : ନୂଆପଡ଼ାର ସଭାବନା ସଭା ଗୃହଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ରଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୯୯ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୭୯ଟି ବ୍ୟକ୍ତିଗତ ୧୮ଟି ଗୋଷ୍ଠୀଗତ ଓ ୨ଟି ରେଡ୍ କ୍ରସ୍ ସାହାଯ୍ୟ ସମ୍ବନ୍ଧୀୟ ଥିଲା। ଏହି ସବୁ ଅଭିଯୋଗ ଉପରେ ଅତିଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅସହାୟ ଦିବ୍ୟାଙ୍ଗ ଅରୁଣ ସେନ୍ କାଶ୍ୟପଙ୍କୁ ପାଞ୍ଚହଜାର ଟଙ୍କା ଏବଂ ସାରାବଙ୍ଗ ଗାଁର ଅସହାୟ ମହିଳା ସୁରେଖା ଯାଦବଙ୍କୁ ମଧ ପାଞ୍ଚହଜାର ଟଙ୍କାର ତତ୍କାଳୀନ ସହାୟତା ରେଡ୍‌କ୍ରସ ପାଣ୍ଠିରୁ ଯୋଗାଇ ଦିଆ ଯାଇଥିଲା। ଗୋଡ଼ ଅଚଳ ଥିବା ଦିବ୍ୟାଙ୍ଗ ଘାସିରାମ ସତନାମି, ଗାଁ ଟାମକି ଦାଦରଙ୍କୁ ଗୋଟିଏ ନୂତନ ହୁଇଲ୍ ଚେୟାର ଯୋଗାଇ ଦିଆଯାଇଥିଲା। କେନ୍ଦୁପଟି ଗାଁ, ଖରୀଆର ବ୍ଲକ୍‌ର ଦିବ୍ୟାଙ୍ଗ ପର୍ଶୁରାମ ହରିଜନ, ଯିଏକି ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ତାଙ୍କ ଚିକିତ୍ସା ପାଇଁ ତାଙ୍କ ମାଙ୍କୁ୧୦ ଲକ୍ଷ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଯୋଗାଇ ଦିଆଗଲା। ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ, ଜିଲ୍ଲା ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନ୍ୟଜନ୍ତୁ ବନଖଣ୍ଡ ଅଧିକାରୀ ମହାଦେବ ବଡ଼ାଇକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଭାର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକସାଧିକାରୀ ଡଃ ଗୁରୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳୀ ଦଣ୍ଡପାଟ, ଡେପୁଟି କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା ଯେଉଁଠାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡଃ ରମେଶ ଚନ୍ଦ୍ର ପାଠକ, ଡଃ ଅନୁପ କୁମାର ଅଗ୍ରୱାଲ ପ୍ରମୁଖ ଚିକିତ୍ସା ଯୋଗାଇ ଦେଇଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ରକ୍ତଦାନ ଶିବିର ମଧ ଅନୁଷ୍ଠିତ ହୋଇଥିଲା ଯେଉଁଠି ୧୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥଲା। ଏଠାରେ ରକ୍ତଦାନ କରିଥିବା ଟିପିଡବ୍ଲୁଡିଏଲ୍ ବିଭାଗର ୧୦ ଜଣ କର୍ମଚାରୀଙ୍କୁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



# ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ରାଜପୁର କଣ୍ଟାପାଲି ଅଞ୍ଚଳରୁ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଛିନତାଇ ହୋଇଥିବା ନେଇ ଗାନ୍ଧୀ ଛକ ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗାନ୍ଧିଛକ ଅଞ୍ଚଳର ଡାକ୍ତର ସରୋଜ ପ୍ରଧାନଙ୍କ ସ୍ତ୍ରୀ ଆରତୀ ପ୍ରଧାନ ଏକ ବିବାହ ଭୋଜିରେ ଯୋଗଦେଇ ଫେରିବା ସମୟରେ ରାଜପୁର କଣ୍ଟାପାଲି ରାସ୍ତାରେ ଦିନ ପ୍ରାୟ ଦୁଇଟା ସମୟରେ ପିନ୍ଧିଥିବା ଚାରୋଟି ସୁନା ଅଳଙ୍କାରକୁ ଦୁଇ ଜଣ ଯୁବକ ମୋଟର ସାଇକେଲରେ ଆସି ଝିଙ୍କି ନେଇ ଫେରାର ହୋଇଯାଇଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ତାଙ୍କର ବେକ ଓ ମୁଣ୍ଡରେ ଆଘାତ ଲାଗିଛି । ସରୋଜ ପ୍ରଧାନ ଗାନ୍ଧିଛକ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଫାଣ୍ଡି ଅଧିକାରୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସହରରେ ଲାଗିଥିବା ବିଭିନ୍ନ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରୁଥିବା ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି। ତେବେ ଦିନ ଦ୍ୱିପ୍ରହରେ ଏପରି ଚୋରିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-ଗ
Page-C
ଭୁବନେଶ୍ୱର
Bhubaneswar
୦୫.୦୨.୨୦୨୫
05.02.2025



କେନ୍ଦୁଝର, (ଭାସ୍କର ନ୍ୟୁଜ) : ନୂତନ ଭାବେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ହୋଇଥିବା ଶୁକଦେବ ମହାନ୍ତଙ୍କୁ କେନ୍ଦୁଝର ଜିଲ୍ଲାର ଘସିପୁରା ନିର୍ବାଚନ ମଣ୍ଡଳୀର ପଣ୍ଡାପଡା ମଣ୍ଡଳ କାର୍ଯ୍ୟାଳୟରେ ସେଠାକାର ନୂତନ ମଣ୍ଡଳ ସଭାପତି ଶାନ୍ତନୁ ଖିଲାରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ମା ଦକ୍ଷିଣ କାଳୀଙ୍କ ପୂଜାର୍ଚ୍ଚନା ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଘସିପୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସମ୍ପାଦକ ଦୀପକ ଜେନା, ସାଂସଦଙ୍କ ବ୍ଲକ ପ୍ରତିନିଧି ଅଖିଳ ପାତ୍ର, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଜେଶ ସିଂହ ତଥା ପୂର୍ବତନ ତିନି ଜଣ ମଣ୍ଡଳ ସଭାପତି ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ମୋର୍ଚ୍ଚା ପରିଚାଳନା କରିଥିଲା। ସେହିପରି ତେଲକୋଇ ନିର୍ବାଚନ ମଣ୍ଡଳୀର ଜଂଘିରା ମଣ୍ଡଳ ଅନ୍ତର୍ଗତ ତୃପ୍ତି ସଫାରୀ ଠାରେ ମଧ୍ୟ ସ୍ଥାନୀୟ ନୂତନ ମଣ୍ଡଳ ସଭାପତି ହୀରାଲାଲ ମହାନ୍ତଙ୍କ ନେତୃତ୍ୱରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ତେଲକୋଇ ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ପରିଷଦକୁ ନିର୍ବାଚିତ ହୋଇଥିବା ମାନସ ନାଏକ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ତେଲକୋଇ ନିର୍ବାଚନ ମଣ୍ଡଳୀର ସାଙ୍ଗଠାନିକ ପ୍ରଭାରୀ ରାଜେଶ ସିଂହ, ତେଲକୋଇ ବିଧାନସଭା ସଂଯୋଜକ ଉଦୟ ସାହ ପ୍ରମୁଖ ଯୋଗ ଦେଇଥିଲେ।

## କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

# ପୂର୍ବତନ ଜିଲ୍ଲାପାଳଙ୍କ ସମେତ ୪ ଜଣଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି



ମାଲକାନଗିରି (ଭାସ୍କର ନ୍ୟୁଜ) : ବହୁ ଚର୍ଚ୍ଚିତ ମାଲକାନଗିରି ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ଘଟଣାରେ ତତ୍କାଳୀନ ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଓ ଅନ୍ୟ ତିନି ଜଣଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କଲେ ମାଲକାନଗିରି ଏସଡିଜେଏମ୍। ତତ୍କାଳୀନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ମାଲକାନଗିରି ଏସଡିଜେଏମ୍ ଏହି ଫଇସଲା ଶୁଣାଇଛନ୍ତି। ସୂଚନା ଅନୁଯାୟୀ ଗତ ୨୦୧୯ ଡିସେମ୍ବର ୨୭ରେ ସନ୍ଦେହ ଜନକ ଭାବେ ନିଖୋଜ ହୋଇ ଯାଇଥିଲେ ମାଲକାନଗିରି ତତ୍କାଳୀନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡା। ନିଖୋଜର ଦିନକ ପରେ ମାଲକାନଗିରି ଉପଖଣ୍ଡ ସତୀଗୁଡା ଜଳ ଭଣ୍ଡାରରୁ ଦେବ ନାରାୟଣଙ୍କ ମୃତ ଦେହ ଠାବ ହୋଇଥିଲା। ଯାହାକୁ ନେଇ ବ୍ୟକ୍ତିଗତ ସହାୟକ ଦେବ ନାରାୟଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ ତାଙ୍କ ପତ୍ନୀ ବନଜା ପଣ୍ଡା। ଏନେଇ ଏକ ମାମଲା ରୁଜୁ ହୋଇଥିବା ସହ ଏହି ମାମଲା ବିଚାରାଧିନ ଥିବା ବେଳେ ବାରମ୍ବାର ସମନ ପରେ କୋର୍ଟରେ ହାଜର ନ ହୋଇ ସମୟ ପରେ ସମୟ ଗଡାଉ ଥିଲେ ମନୀଷ ଅଗ୍ରୱାଲ ଓ ତାଙ୍କ ସହଯୋଗୀ। ପ୍ରଥମେ ମାଲକାନଗିରି କୋର୍ଟ ପରେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ବର୍ତ୍ତମାନ ମାଲକାନଗିରି ଏସଡିଜେମ୍ କୋର୍ଟରେ ଶୁଣାଣି ପାଇଁ ମନୀଷ ଅଗ୍ରୱାଲ ଓ ତାଙ୍କ ତିନ ସହଯୋଗୀଙ୍କୁ କୋର୍ଟଙ୍କ ପକ୍ଷରୁ ବାରମ୍ବାର ସମନ କରିଥିଲେ ସୁଦ୍ଧା ସେମାନେ ସମୟ ଗଡାଉଥିବାରୁ ମାଲକାନଗିରି ଏସଡିଜେମ ସମସ୍ତଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିବା ସୂଚନା ମିଳିଛି।

# 'ଆସ ମିଳିମିଶି ସଚେତନ କରିବା, କର୍କଟ ମୁକ୍ତ ଭାରତ ଗଠନ କରିବା'

## ବିଶ୍ୱ କର୍କଟ ଦିବସ ଅବସରରେ ଦେଶବାସୀଙ୍କୁ ଆହ୍ୱାନ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବିଶ୍ୱ କର୍କଟ ଦିବସ ଅବସରରେ 'ଆସ ମିଳିମିଶି ସଚେତନ କରିବା, କର୍କଟ ମୁକ୍ତ ଭାରତ ଗଠନ କରିବା' ଏହି ବାର୍ତ୍ତା ଦେଶବାସୀଙ୍କୁ ଆହ୍ୱାନ ଦେବାପାଇଁ ବ୍ରହ୍ମପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟରର ଉଦ୍ୟମରେ ବ୍ରହ୍ମପୁର ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଖେଳ ପଡିଆ ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ ଦେବାନନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଇଏମସିର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ବିଶାଖାପାଟଣା ସ୍ଥିତ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟରର ବରିଷ୍ଠ ରେଡିଆସାନ ଓଙ୍କୋଲଜୀ ଡ଼ାକ୍ତର କାହ୍ନୁ ଚରଣ ପାତ୍ର, ବ୍ରହ୍ମପୁର ବରିଷ୍ଠ ମଧୁମେୟ ଡାକ୍ତର ସୁନିଲ କୋଟା, ଏମ.କେ.ସି.ଜି ମେଡିକାଲ କଲେଜ ଓ ହସପିଟାଲର ଟିବି ଓ ଚେଷ୍ଟର ଏସୋସିଏଟ ପ୍ରଫେସର ଡାକ୍ତର ପ୍ରୀୟଜୀତ ଜେନା, ମନୁ ସେନାର ଚେୟାରପର୍ସନ ମୀନା ଦ୍ୟାନ ସାମନ୍ତରାୟ, ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଓ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ଅଧକ୍ଷ ଇଁ ରଞ୍ଜନ କୁମାର ପରିଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ଦାଶଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଉକ୍ତ ସଚେତନତା ସଭା ଓ ବିଶାଳ ପଦଯାତ୍ରାରେ ସେ ନିଜେ ଜଣେ ମୁଖ କର୍କଟ ରୋଗୀ ଥିଲେ ବୋଲି ଲୋକମାନଙ୍କୁ କହିଥିଲେ। ତା ସହିତ କର୍କଟ ରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସଚେତନତା ନଥିବାରୁ, ଏହି ରୋଗରେ ପୀଡିତ ବ୍ୟକ୍ତି ମୃତ୍ୟୁ ସୁନିଶ୍ଚିତ ବୋଲି ଭାବି ନିଅନ୍ତି ଓ ମାନସିକ ସ୍ତରରେ ଭାଙ୍ଗି ପଡ଼ନ୍ତି। ଏହିଭଳି ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ସମୟରେ ଅତ୍ୟନ୍ତ ସହଜ। ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଞ୍ଚି ପାରିବ। ସେ ଉପସ୍ଥିତ ସମସ୍ତଙ୍କୁ ନିବେଦନ କରି କହିଥିଲେ ଆସନ୍ତୁ ସମସ୍ତେ ମିଳିମିଶି ସଚେତନ କରିବା ଓ ଭାରତକୁ କର୍କଟ ମୁଖରୁ ରକ୍ଷା କରିବା। ଉପସ୍ଥିତ ସମସ୍ତଙ୍କୁ ଶପଥ କରାଇ 'ତମାଖୁ ଛାଡ଼ନ୍ତୁ ଜୀବନ ବାଛନ୍ତୁ' ଏହି ମନ୍ତ୍ର ସଂକଳ୍ପ କରାଇଥିଲେ। ଡ. ପାତ୍ର କର୍କଟ ରୋଗ ବିଷୟରେ ଆଲୋକପାତ କରାଇବା ସହ ଲୋକମାନେ କିପରି ସୁବିଧାରେ ଚିକିତ୍ସା କରି ପାରିବେ ସମସ୍ତଙ୍କୁ ଅବଗତ କରାଇଥିଲେ। ସମସ୍ତ ଅତିଥି ମାନେ ପ୍ଲାକ କାର୍ଡ ଦେଖାଇ ବିଶାଳ ପଦଯାତ୍ର (ୱାକଥନ)କୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସମାରୋହ ଓ ଗଣ ପଦଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ମାନଙ୍କ ସହ ସାମନ୍ତରାୟ ଏକାଡେମୀ, ଆର୍ଯ୍ୟନ ଗୁରୁକୂଳ, କେ.ସି. ପବ୍ଲିକ ସ୍କୁଲ, ଆଇଟିଆଇ ବ୍ରହ୍ମପୁର, ଜ୍ଞାନ ବିକାଶ ଇଂଲିଶ ମିଡ଼ିୟମ ସ୍କୁଲ, ନାଳନ୍ଦା ହାୟର ସେକେଣ୍ଡାରୀ ସ୍କୁଲ, ସେଣ୍ଟ ଜାଭିୟର୍ସ ସ୍କୁଲ, ୟୁସିପି ଇଂଜିନିୟରିଂ ସ୍କୁଲ, ସିଦ୍ଧ ଭୈରବୀ ହାୟର ସେକେଣ୍ଡାରୀ ସ୍କୁଲ, ବ୍ରହ୍ମପୁର ପୋଲିସ ବାହିନୀ, ଆଇଏସଆରଡି ଓ ଗ୍ରୀନ ଷ୍ଟେପ ସେଣ୍ଟରର କର୍ମକର୍ତ୍ତା ସହ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୧୮୦୦ ଯୁବକ ଯୁବତୀ ଯୋଗଦେଇ ପଦଯାତ୍ରାରେ କର୍କଟ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଇଥିଲେ। ବ୍ରହ୍ମପୁର ସହରର ଏସଡିପିଓ, ରିଜର୍ଭ ଇନ୍ସପେକ୍ଟର, ଅନ୍ୟାନ୍ୟ ପୋଲିସ କର୍ମଚାରୀ, ସମସ୍ତ ଗଣ ମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବିଶାଳ ସମାରୋହ କାର୍ଯ୍ୟକ୍ରମକୁ ବିଜେପି ନେତା ରାମ ସାମଲ, କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ, ବିସଂଜୟ ପାତ୍ର, ଆଶିଷ ବେହେରା, ଦିଲେଶ ରାଓ, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ମହାତ୍ମାଗାନ୍ଧୀ କ୍ୟାନ୍ସର ହସପିଟାଲ ଓ ରିସର୍ଚ୍ଚ ସେଣ୍ଟରର ଏ. ପ୍ରତାପ ରାଓ, ପି. ଆନନ୍ଦ ରାଓ ଓ ଗୌତମ, ଆଇଟିଆଇର ରତିକାନ୍ତ ପରିଡ଼ା, ଟୁଟୁ ପାଢ଼ି ସମେତ ସମସ୍ତ ଟିଓ ଓ ଏ ଟି ଓ, କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼ଃ ଦେବାନନ୍ଦ ଦାଶ ସମସ୍ତଙ୍କୁ ସହଯୋଗ ପାଇଁ ହୃଦୟରୁ ଧନ୍ୟବାଦ ଦେଇଥିଲେ।

## ||| ନାବାଳିକା ବଳାତ୍କାର ମାମଲା |||

# ଦୁଷ୍କର୍ମକାରୀ ଓ ସହଯୋଗୀଙ୍କୁ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ବଳାତ୍କାର ମାମଲାର ବିଚାର କରି ଗୁପ୍ତଗଙ୍ଗା ଗୋନାସିକା ଗ୍ରାମର ଅଭିଯୁକ୍ତ ମଦନ ଜୁଆଙ୍ଗ (୪୨) କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦୦୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ସହ ଅଭିଯୁକ୍ତ ମଦନ ଜୁଆଙ୍ଗ ସ୍ତ୍ରୀ ଗେଲେଇ ଜୁଆଙ୍ଗ (୩୦)କୁ ଏହି ଅପରାଧରେ ସାହାଯ୍ୟ କରିଥିବାରୁ ତାକୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୨ ମାସ ଅଧିକ ସଶ୍ରମ କାରାଦାଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ୨୦୨୧ ମସିହା ରଜ ସମୟରେ ଅଭିଯୁକ୍ତ ମଦନ ତାର ସ୍ତ୍ରୀ ସହ ତାର ସମ୍ପର୍କୀୟ ଶାଳୀକୁ ତାଙ୍କ ଗ୍ରାମରୁ ରଜ ବୁଲେଇବାକୁ କହି ସ୍କୁଟରରେ ନେଇ ଆସି ପ୍ରଥମେ ବସନ୍ତପୁର ଗ୍ରାମରେ ରଖି ତା ସହ ଦୁଷ୍କର୍ମ କରିଥିଲେ। ଏବଂ ମଦନ ଜୁଆଙ୍ଗର ପିଲାପିଲି ନ ହେବାରୁ ତାକୁ ବହାହୋଇ ଘରକୁ ନେଇଥିଲା। ପରେ ପୀଡିତାର ବାପା ପୀଡ଼ିତାକୁ ଆସାମୀ ଘରୁ ନେଇ ଆସିଥିଲା। ଏବଂ କିଛିଦିନ ପରେ ୨ ଜଣ ଅଭିଯୁକ୍ତ ପୁଣି ପୀଡିତାର ଘରକୁ ଯାଇ ପୀଡିତାକୁ ନେବାକୁ ଉଦ୍ୟମ କରିଥିଲେ। ପୀଡିତା ତାର ବାପାଙ୍କୁ ତା ସହିତ ଦୁଷ୍କର୍ମ ବିଷୟରେ ଜଣାଇଥିଲା। ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲା। ୨୦୨୧ ମସିହା ଜୁଲାଇ ୬ ତାରିଖ ସଦର ଥାନା କେଶ ନମ୍ବର ୨୪୨/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୩୬୩/୩୬୬/୩୪୧/୩୭୬(ବି)/୩୪ ଆଇପିସି ଏବଂ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୨୨ଜଣ ସାକ୍ଷ ବୟାନକୁ ଭିତ୍ତି କରି ଆସାମୀ ମାନଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ଜେନା କେଶ ପରିଚାଳନା କରିଥିଲେ।

## ଉତ୍କଳମଣି ସେବା ସଂଘର ଅଗ୍ନି ବିପନ୍ନଙ୍କୁ ସହାୟତା



ତିହିଡି (ଭାସ୍କର ନ୍ୟୁଜ) :ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳମଣି ସେବା ସଂଘ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ତିହିଡି ବ୍ଲକ୍ ଫତେପୁର ପଞ୍ଚାୟତ ବଡଗାଲ ଗ୍ରାମରେ ରାମଚନ୍ଦ୍ର ଖୁଣ୍ଟିଆଙ୍କର ୫ ବଖରା ଘରପୋଡ଼ି ଭସ୍ମୀଭୂତ ହୋଇ ଯାଇଥିଲା । ଏହି ଖବର ତିହିଡ଼ିର ଉତ୍କଳମଣି ସେବା ସଂଘ ପାଇବା ପରେ ଅଗ୍ନି ବିପନ୍ନଙ୍କ ସହାୟତା ଓ ସମବେଦନା ଜଣାଇବା ପାଇଁ ବଡଗାଲ ଗ୍ରାମରେ ପହଞ୍ଚି ଥିଲେ । ଅଗ୍ନି ବିପନ୍ନ ପରିବାରଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସାମଗ୍ରୀ, ଘରୋଇ ଉପକରଣ, ବସ୍ତ୍ର, ବାସନ କୁସନ, ଶୀତବସ୍ତ୍ର ଓ ଆର୍ଥିକ ଟଙ୍କା ସହଯୋଗ କରିଥିଲେ । ସଂଘର ସଭାପତି ଖଗେଶ୍ୱର ତ୍ରିପାଠୀ, ବିସ୍ମୟ ବିହାରୀ ସାହୁ, ସେକ୍ ରବୁ ସଲିମ୍, ଚଢ଼େଇ ମଳିକ, ନାରାୟଣ ଜେନା, ଆଦିତ୍ୟ ନାୟକ, ବିପ୍ଲବ ସାହୁ, ହରିହର କର, ଜ୍ୟୋତିପ୍ରକାଶ ପତି, ସୁପ୍ରଭା ମିଶ୍ର, ଲକ୍ଷ୍ମୀ ନାରାୟଣ ଦାସ, ସୁଧାଂଶୁ ନାୟକ,ସାଦ୍ଦିକ ଖାନ୍ ପ୍ରମୁଖ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

# ସରସ୍ୱତୀ ପୂଜାରେ ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



ଭଞ୍ଜନଗର(ଭାସ୍କର ନ୍ୟୁଜ୍) : ଭଞ୍ଜନଗର ମୁଖ୍ୟ ଡାକ ଘର ଠାରେ ମହା ସମାରୋହରେ ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସୋମବାର ସନ୍ଧ୍ୟାରେ ଭଞ୍ଜନଗର ସହରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ୟୁନିକ୍ ଡ୍ୟାନ୍ସ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ପୋଷ୍ଟ ଅଫିସର ଏଏସ୍‌ପି ରବି ନାରାୟଣ ବେହେରା, ହେଡ ପୋଷ୍ଟ ମାଷ୍ଟର ଶୁଭ୍ରାଶିଷ୍ ମଣ୍ଡଳ, ସୁମନ୍ ସଙ୍ଗୀତ ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। କର୍ମମୟ ଜୀବନରେ ନୃତ୍ୟ ଓ ସଙ୍ଗୀତ ମନୁଷ୍ୟର କ୍ଲାନ୍ତି ମେଣ୍ଟାଇବାରେ ସହାୟକ ହୋଇଥାଏ ବୋଲି ଏସଡ଼ିପିଓ ଶ୍ରୀ ନାୟକ କହିଥିଲେ। ୟୁଡିଏ ମୁଖ୍ୟ ଜୟକୃଷ୍ଣ ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନିର୍ଦ୍ଦେଶକ ମାଷ୍ଟର ପିଣ୍ଟୁ ଓ ପ୍ରମୋଦ ସହଯୋଗ କରିଥିଲେ। ୟୁଡିଏ'ର ଜୁନିଅର ଓ ସିନିଅର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ, ହିନ୍ଦୀ ଓ ତେଲୁଗୁ ଗୀତରେ ନୃତ୍ୟ ଦେଖି ଦର୍ଶକମାନେ ଝୁମି ଉଠିଥିଲେ। ଏଥିରେ ଶମ୍ଭୁ ପ୍ରସାଦ ତ୍ରିପାଠୀ, ମିହିର ପ୍ରସାଦ ପଟ୍ଟନାୟକ, ବିଜୟ ପଣ୍ଡା, ମକର୍ଦ୍ଧ୍ୱଜ ସୋରେନ୍, ମହେଶ୍ୱର ବିଷୋୟୀ, ସୁନା ରାମ ମାରାଣ୍ଡି ଓ ଅନ୍ୟମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଡାକ ବିଭାଗ କର୍ମଚାରୀଙ୍କୁ ନେଇ ଏକ ନାଟକ ପରିବେଷଣ କରାଯିବ ବୋଲି ଜଣାପଡ଼ିଛି।

# ବାରହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ତାରରେ ଛନ୍ଦିହୋଇ ବୃଦ୍ଧ ଗୁରୁତର



ଭଂଜନଗର(ଭାସ୍କର ନ୍ୟୁଜ) : ବାରହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ, ଜଣେ ବୃଦ୍ଧ ଗୁରୁତର । ଗଂଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପେଟାପଲ୍ଲୀ ଗାଁ ନିକଟ ଆମ୍ବ ତୋଟା ନିକଟର ଘଟିଛି, ଏଭଳି ଘଟଣା । ଗୁରୁତର ବ୍ୟକ୍ତି ଜଣକ ହେଲେ, ନିକଟସ୍ଥ ରାମେଶ୍ୱପଲ୍ଲୀ ଗାଁର କାମ୍ପ ନାଇକ । ଦିନ ମଜୁରିଆ ଭାବେ କାମ କରୁଥିବା କାମ୍ପ, ନିକଟସ୍ଥ ସ୍ଥାନକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ । ଘଟଣା ସ୍ଥଳରେ କୌଣସି ଦୁର୍ବୃତ୍ତ, ବାରହା ଶିକାର ପାଇଁ ନିକଟରେ ଯାଇଥିବା ୧୧ କେ.ଭି ଲାଇନ୍‌ରୁ ବିଦ୍ୟୁତ୍ ତାର ଟାଣି, ବାରହା ଶିକାର କରିବାକୁ ସଂପୃକ୍ତ ସ୍ଥାନରେ ବିଛାଇଥିଲେ । ଯାହା ଫଳରେ ସେହି ରାସ୍ତା ଦେଇ ଯାଉଥିବା କାମ୍ପ ନାଇକ, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ହିଁ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଖବର ପାଇ, ଘଟଣା ସ୍ଥଳରୁ ତାଙ୍କୁ ଉଧାର କରିଥିଲେ ଏବଂ ଜଗନ୍ନାଥପ୍ରସାଦ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ, ତାଙ୍କୁ ବ୍ରହ୍ମପୁର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଜଗନ୍ନାଥପ୍ରସାଦ ଥାନା ପୋଲିସ ଏବଂ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି, ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି ।

# ବରିଷ୍ଠ ସାମ୍ବାଦିକ ଓ ବନବାସୀ ଗବେଷକ ଧାମନଗର ପ୍ରେସ କ୍ଲବ ପକ୍ଷରୁ ସମ୍ମାନିତ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଓ ବନବାସୀ ଗବେଷକ ବହୁ ପୁରାତନ ଧାମନଗର ପ୍ରେସ କ୍ଲବ ପକ୍ଷରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟାନ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସତ୍ୟ ହିଁ ସାମ୍ବାଦିକତା ସାମ୍ବାଦିକତା ଏକ ବୃତି ସେହି ବୃତ୍ତିର ଯୋଗ ଦେଇଥିବା ବ୍ୟକ୍ତିଙ୍କ ପାଇଁ ଗଣତନ୍ତ୍ର ତିଷ୍ଠି ରହିଛି। ସାମାଜିକ ବ୍ୟବସ୍ଥାର ନିଛକ ଛବିକୁ ବହୁ କଷ୍ଟ କରି ସାମ୍ବାଦିକମାନେ ଯେଉଭଳି ଭାବେ ପରିପ୍ରକାଶ କରୁଛନ୍ତି ତାର ତୁଳନା ନାହିଁ ବୋଲି ଧାମନଗର ପ୍ରେସ କ୍ଲବ୍‌ର ବାର୍ଷିକ ଉତ୍ସବରେ ଯୋଗ ଦେଇ ଥିବା ଅତିଥିମାନେ କହିଛନ୍ତି। ପ୍ରେସକ୍ଲବର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ବକ୍ତା ଭାବେ ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରାକ୍ତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ଦାସ, ନାଟ୍ୟ ପ୍ରତିଭା ତଥା ସ୍ତମ୍ଭକାର ବିଜୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିରପେକ୍ଷ ସମ୍ବାଦ ପରିବେଷଣ, ସାମ୍ବାଦିକମାନଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ, ସାମ୍ବାଦିକ କିଷାନ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଧାମନଗରର ବାସିନ୍ଦା ପ୍ରେସ କ୍ଲବର ପ୍ରତିଷ୍ଠାତା ବରିଷ୍ଠ ସଦସ୍ୟ ରତ୍ନା କର ଦାଶଙ୍କୁ ମନ୍ତ୍ରୀ ଓ ଅନ୍ୟାନ ଅତିଥିମାନେ ସ୍ୱତନ୍ତ୍ର ଭାବେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରି ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତିତ ପ୍ରେସ କ୍ଲବର ଉପଦେଷ୍ଟା ତଥା ସାମ୍ବାଦିକ ଅନିଲ କୁମାର ବାରିକ, ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ସୁଧୀର ପଣ୍ଡା ଏବଂ ଧନେଶ୍ୱର ପଣ୍ଡା ସମେତ ଶିକ୍ଷାବିତ ଗିରୀଶ ବିହାରୀ ମିଶ୍ର, ସମାଜସେବୀ ହେମେନ୍ଦ୍ର ସାହୁ, ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କା, ଶିକ୍ଷା ଉଦ୍ୟୋଗୀ ଜୟନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଗତ ୧୯୮୪ ମସିହାରୁ ରତ୍ନାକର ଦାଶଙ୍କ ସାମ୍ବାଦିକତା ଧାମନଗର ବ୍ଲକରୁ ହିଁ ଆରମ୍ଭ ହୋଇଥିଲା। ସେ ଓ ଅନ୍ୟ ସାମ୍ବାଦିକଙ୍କ ଉଦ୍ୟମରେ ଗତ ୧୯୮୫ ମସିହାରେ ଧାମନଗର ପ୍ରେସ କ୍ଲବ ପ୍ରତିଷ୍ଠା କରା ଯାଇଥିଲା। ଗତ ୧୯୮୮ ମସିହାରେ ମାଲକାନଗିରିରେ ସାମ୍ବାଦିକତା କରିବା ସହିତ ଆଦିବାସୀଙ୍କ ଉପରେ ଗବେଷଣା ଆରମ୍ଭ କରିଥିଲେ ଓ ଶ୍ରୀ ଦାଶ ଦୁଇଥର ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବେ ରାଜ୍ୟସରକାରଙ୍କ ଦ୍ୱାରା ମନୋନୀତ ହୋଇ ସାହିତ୍ୟ ସେବା ସହିତ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର କରିଆସୁଛନ୍ତି। ଧାମନଗରରୁ ସୁଦୂର ମାଲକାନଗିରିକୁ ଯାଇ ମାଓଗଡ଼ରେ ସାମ୍ବାଦିକତା କରିବା ସହିତ ସାହିତ୍ୟ ସେବା ପ୍ରତି ରୁଚି ରଖି ଥିବାରୁ ମଞ୍ଚାସିନ ଅତିଥି ମାନେ ପ୍ରଶଂସା କରିବା ସହିତ ଧାମନଗର ପ୍ରେସ କ୍ଲବ ପକ୍ଷରୁ ରତ୍ନାକର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ରାଶିଫଳ

ବୁଧବାର, ୫ ଫେବୃଆରୀ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ନିଜ ବୁଦ୍ଧିରେ ସାମାଜିକ ସମ୍ମାନ ଲାଭ କରିବେ।



**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ ।ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ।



**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢ଼ିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରାପୁଟ(ଭାସ୍କର ନ୍ୟୁଜ):କୋରାପୁଟ ଜିଲ୍ଲାର ସୁବାଇ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟ ଗ୍ରାମରେ ଚାଲିଥିବା ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୂତି ହୋଇଯାଇଛି । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ରତ୍ନବେଦୀରେ ସ୍ଥାପନ କରାଯାଇ ମନ୍ଦିର ଚତୁପାର୍ଶ୍ୱରେ ଥିବା ମା' ଲକ୍ଷ୍ମୀ, ବିମଳା, ଗଣେଶ ଓ ହନୁମାନ ମୂର୍ତ୍ତିକୁ ମଧ୍ୟ ସ୍ଥାପନ କରାଯାଇଛି । ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରବି ନାରାୟଣ ନନ୍ଦ, ସୁନାବେଡା ପୌରାଧକ୍ଷ, ମନ୍ଦିରର ମୁଖ୍ୟ ପୁରୋଧ ଶାନ୍ତିଲତା ପାଣି, ଜଗନ୍ନାଥ ପାଣି, ମନ ମୋହନ ଅଗ୍ରୱାଲ, କୁନ୍ଦୁଲି ଆଶ୍ରମର ମନୁ ମହାରାଜ, ବିଲାପୁଟ ଗ୍ରାମ ନାୟକ ନାରାୟଣ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ । ଭଜନ ଓ କୀର୍ତ୍ତନ ଦଳ ଶୋଭାଯାତ୍ରାରେ ବାହାରି ବିଲାପୁଟ ଗ୍ରାମ ପରିଦର୍ଶନ କରିଥିଲେ । ମନ୍ଦିରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେବା ସହ ମନ୍ଦିର ପରିଚାଳନା ନେଇ କମିଟି ପକ୍ଷରୁ ବୈଠକ କରାଯିବ ବୋଲି ମନ୍ଦିର ସମ୍ପାଦକ ତଥା ମୁଖ୍ୟ ବିନ୍ଧାଣି ଲଳିତ ମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି ।



## ■ ପ୍ରବାସୀ ଶ୍ରମିକ ସଚେତନତା ସଭା

# ମନରେଗାରେ ପ୍ରଥମ ସ୍ଥାନ ଅଧିକାର କଲା ନୂଆପଡ଼ା



ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ପରକୋଡ ପଞ୍ଚାୟତରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସ୍‌ଡିପିଓ , ଅମୃତ ପାଲ୍ ସିଂ , ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ , ବିଡ଼ିଓ ରୋହିତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର କୁମାର୍ ଦେବାଙ୍ଗନ ପ୍ରମୁଖ ଅତିଥି ହିସାବରେ ଯୋଦେଇଥିଲେ । ନୂଆପଡ଼ା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେଯେ ନୂଆପଡ଼ା ଏକ ଛୋଟ ଜିଲ୍ଲା ହେଲେ ମଧ ମନରେଗା ଯୋଜନାରେ ଦୈନିକ ୫୦,୦୦୦ ପଚାଶ ହଜାରରୁ ଅଧିକ ଶ୍ରମିକ ନିୟୋଜିତ କରି ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏଥିପାଇଁ ସେ ସମସ୍ତ ଲୋକ ପ୍ରତିନିଧି ତଥା ସମ୍ପୃକ୍ତ ସମସ୍ତ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସଭାରେ ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବିଡ଼ିଓ ରୋହିତ ଭୋଇ, ସି ଡି ଏମ୍ ଓ ଡଃ ଗୁରୁପ୍ରସାଦ ଜେନା, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ୍ , ଲିଡ୍ ବ୍ୟାଙ୍କ୍ ମେନେଜର ସୀତାରାମ ମେହେର, ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭାଗୀୟ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ସୂଚନା ଯୋଗ୍ୟ ଯେ ଜିଲ୍ଲାରେ ସମସ୍ତ ଶ୍ରମିକଙ୍କୁ ବିଭିନ୍ନ ବିଭାଗରୁ କାମ ଯୋଗାଇଦେବା ପାଇଁ ଜିଲ୍ଲାପାଳ ପଞ୍ଚାୟତି ରାଜ ତଥା ଲାଇନ୍ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ବର୍ତ୍ତମାନ ଜିଲ୍ଲାରେ ଅନେକ ଶ୍ରମ ଭିତ୍ତିକ ପ୍ରକଳ୍ପ କାମ ଆଗେଇ ଚାଲିଛି ତଥା ବ୍ୟାଙ୍କ୍ ଜରିଆରେ ଅନେକ କୃଷକ ଏବଂ ଶ୍ରମିକ ପରିବାରଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଇଛି । ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯୦ ଦିନରୁ ଅଧିକ କାମ କରିଥିବାରୁ ସଭାରେ ୧୦ ଜଣ ପୁରୁଷ ଓ ମହିଳା ଶ୍ରମିକମାନଙ୍କୁ ଜିଲ୍ଲାପାଳ ଏବଂ ଅତିଥିମାନେ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରିଥିଲେ । ଏହି ଯୋଜନାରେ ପରକୋଡ ଗ୍ରାମ ପଞ୍ଚାୟତରେ ୨୦୦ ଦିନ ଏବଂ ତଦୁର୍ଦ୍ଧ୍ୱ କାମ କରିଥିବା ୨୨ ଜଣ ଶ୍ରମିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରା ଯାଇଥିଲା । ଜିଲ୍ଲାପାଳ ଗ୍ରାମବାସୀ ମାନଙ୍କୁ ଉଦବୋଧନ ଦେଇ କହିଲେଯେ ଆକାଂକ୍ଷି ଜିଲ୍ଲା ହିସାବରେ ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନର କାମ ସରକାର ଯୋଗାଇଦେବେ । ଏଥିରୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଲେଖାଏଁ ମିଳିବ । ଘର ପାଖରେ ବିଭିନ୍ନ ଶ୍ରମଭିତ୍ତିକ କାମ ତଥା ବ୍ୟବସାୟ ଆରମ୍ଭ କରିବା ପାଇଁ ସହଜ ଋଣ ମିଳୁଥିବାରୁ ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବା ପାଇଁ ସମସ୍ତେ ପଣ କରନ୍ତୁ । ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକମାନଙ୍କୁ ଖାଦ୍ୟ ,ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସଭାପରେ ଉଇଁସାତଲ ଗାଁକୁ ଯାଇ ପବ୍ଲିକ ହାଇସ୍କୁଲ ପରକୋଡରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଛାୟା ରାଉତଙ୍କୁ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ ।

## ଗଞ୍ଜେଇ ସହ ୨ ମୋଟର ସାଇକେଲ୍ ଜବତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଅବକାରୀ ଅଧକ୍ଷ ପ୍ରଦିପ କୁମାରଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ଏପ୍ରିଲ ମାସ ଠାରୁ ଚଳିତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚଢଉ ଜାରୀ ରହିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି । ବିଭିନ୍ନ ସ୍ଥାନରେ ଚଢଉ ରେ ୩୭ କେଜି ୨୦୦ଗ୍ରାମ୍ ଗଞ୍ଜେଇ ସହ ୨ଗୋଟି ମୋଟର ସାଇକେଲ୍ (୧),ହିରୋହଣ୍ଡା ଗାଡି ନଂ ଓଆର୍ ୦୭ ଡବ୍ଲୁ ୦୯୯୦,(୨), ହୋଡାସାଇନ୍ ଗାଡି ନଂ ଓଆର୍ ୦୭ପି ୯୬୪୯ ବୋଲି ଜଣାପଡିଛି । ବିଭାଗୀୟ ଖବର ସୂତ୍ରରୁ ଗତକାଲି ସଦର ଅବକାରୀଥାନା ଅଧିକାରୀ ପ୍ରସନ୍ନ କୁମାର ପଟେଲ୍ ପେଟ୍ରୋଲିଙ୍ଗ୍ କରୁଥିବା ସମୟରେ ମୋହନା ପଟୁ

## ୩ ଗିରଫ

ଦ୍ରୁତଗତିରେ ମୋଟର ସାଇକେଲ ଯାଉଥିବା ଦେଖି ତାକୁ ପିଛା କରି ରାୟଗଡ଼ ବ୍ଲକର ଅଡାସିଙ୍ଗ୍ ଛକ ଠାରେ ଧରି ତାହା ନିକଟରୁ ୧୦କେଜି ଗଞ୍ଜେଇ ଜବତ କରାଯାଇଛି । ଏହା ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିଲା । ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷଟଙ୍କା ହେବ । ଜିଲ୍ଲାର ଭ୍ରାମ୍ୟ ମୋବାଇଲ ଟିମ୍ ଦୁର୍ଯ୍ୟୋଧନ ଦିଗାଲଙ୍କ ନେତୃତ୍ୱରେ ଚଢଉ କରି ରାୟଗଡ଼ ବ୍ଲକର ମାଲବାଘାଟି ପାଖରେ ଗାଡ଼ି ସହ ୨୨କେଜି ୧୦୦ଗ୍ରାମ୍ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ହେବ । ସେହିପରି ମୋବାଇଲ୍ ଏସ୍ଇକେ ବାଲାଜୀ ଟିମ୍‌ଙ୍କ ନେତୃତ୍ୱ ରେ ରାୟଗଡ଼ ବ୍ଲକର ତରବସିଙ୍ଗ୍ ଛକ ଠାରେ ୫ କେଜି ଜବତ ସହ ଅସାମୀ ଗିରଫ୍ ହୋଇଛନ୍ତି । ୩ ଆସାମୀ ହେଲେ ଆଜାଦ୍ ବୀର (୨୫) ଗ୍ରାମ ଆଟଲ୍ଲିମା (ନୂଆଗଡ ବ୍ଲକ୍),୨ , କାନୁ ବୀର ( ୨୩) ବର୍ଷ ଗ୍ରାମ ଆଟଲ୍ଲିମା ବ୍ଲକ୍ ନୂଆଗଡ , ୩ , ପପୁ ନାୟକ (୩୦) ଗ୍ରାମ ବିରିକୋଟ ଥାନା ଅଡବା ବ୍ଲକ୍ ମୋହନା । ଏହି ଚଢଉରେ ଏସ୍‌ଆଇ ନିଳାମ୍ବର ନାୟକଙ୍କ ସହ ସମସ୍ତ କର୍ମଚାରୀ ଭାଗନେଇଥିଲେ ।

## ଖଡ଼ିଆଳ ମହୋତ୍ସବ ଉଦ୍‌ଘାଟିତ

# କଳା, ସଂସ୍କୃତି, ଐତିହ୍ୟ ଓ ସାହିତ୍ୟକୁ ପୁନର୍ଜୀବିତ କରିବା ମୁଖ୍ୟ ଲକ୍ଷ୍ୟ



ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି ଖଡ଼ିଆଳ ମହୋତ୍ସବ ୨୦୨୫ । ଏହି ମହୋତ୍ସବ ଫେବୃଆରୀ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ । ଏହି ମହୋତ୍ସବର ଉଦ୍ଦେଶ୍ୟ ହେଉଛି ଏ ଅଞ୍ଚଳର ଲୁପ୍ତ ହୋଇ ରହିଥିବା କଳା ସଂସ୍କୃତି,ଐତିହ୍ୟ, ସାହିତ୍ୟକୁ ପୁନଃ ପୁନର୍ଜିବିତ କରିବା ପାଇଁ ଖଡିଆଳ ଜନସାଧାରଣଙ୍କ ସହଭାଗିତାରେ ୨୦୦୫ ମସିହାରୁ ୧୯ ବର୍ଷ ହେବ ହୋଇ ଆସୁଛି ଏହି ମହୋତ୍ସବ । ଚଳିତ ବର୍ଷ ଖଡ଼ିଆଳ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଅପରାହ୍ନ ତିନି ଘଣ୍ଟା ସମୟରେ ଯୋଗୀମଠ ଡୁକଳା ଠାରୁ ମଶାଲ ଯାତ୍ରା ବାହାରି ଖଡ଼ିଆଳର ବଡ ଦଧିବାମନ ମନ୍ଦିର, ଠାକୁରାଣୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିରରେ ମଶାଲ ପୂଜା ପାଇ ବିଶାଳ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା ପରେ ମହୋତ୍ସବ ପଡିଆକୁ ପହଞ୍ଚିବା ପରେ ଖଡ଼ିଆଳ ମହୋତ୍ସବ କମିଟିର ସଭାପତି ମଶାଲ ଗ୍ରହଣ କରି ସ୍ଥାପନ କରିଥିଲେ । ଉଦ୍‌ଘାଟନୀ ଉତ୍ସବ ସଭାରେ ଖଡ଼ିଆଳ ମହୋତ୍ସବ କମିଟିର ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ପୂର୍ବତନ ଅଧକ୍ଷ ଡ. ଫଣିନ୍ଦମ ସିଂ ଦେଓ, ମୁଖ୍ୟ ଅତିଥି ନୂଆପଡା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି, ସମ୍ମାନୀତ ଅତିଥି ରାଜା ସାହେବ ଖଡ଼ିଆଳ ଜିତାମିତ୍ର ସିଂହ ଦେବ, ଉପାଧକ୍ଷ ଜିଲ୍ଲା ପରିଷଦ ନୂଆପଡା ଦୀପିକା ଦୀପ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବିଡ଼ିଓ ଖଡ଼ିଆଳ ନରସିଂ ଗାଡ଼ବା, କାର୍ଯ୍ୟନିର୍ବାହୀ ଅଧିକାରୀ ଖଡ଼ିଆଳ ସ୍ୱାଧୀନ କେତନ ମହାରଣା, ମହୋତ୍ସବ କମିଟିର ସମ୍ପାଦକ ସୁନୀଲ କୁମାର ସାହୁ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ସୁଶାନ୍ତ କୁମାର ବିଶି, ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ଖଡ଼ିଆଳ ମହୋତ୍ସବ କମିଟିର ସମ୍ପାଦକ ଶ୍ରୀ ସାହୁ ,ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ । ଏହି ଅବସରରେ ଖଡ଼ିଆଳ ଜ୍ୟୋତି ପୁସ୍ତକ ଉନ୍ମୋଚନ ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ସଂଯୋଜକ ପବିତ୍ର ମୋହନ ପ୍ରଧାନ । ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଳହୁଳି ପ୍ରତିଯୋଗିତା, ସକ୍ଷମ ବେକାଡେମୀ ଭବାନୀପାଟଣା, ଓଡିଶୀ ନୃତ୍ୟ, ଆଦି ନୃତ୍ୟ କଳା ଡାନ୍ସ ଏକାଡେମୀ, କୋଲକାତା, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଖଡ଼ିଆଳ, ପଲସଦା ସେବାଶ୍ରମ, କୋନାବିର ଉଚ୍ଚ ବିଦ୍ୟାଳୟ, ନଙ୍ଗଲବୋର୍ଡ ଆଶ୍ରମ ବିଦ୍ୟାଳୟ, କୋଟେନମୁଣ୍ଡା ପ୍ରାଥମିକ ବିଦ୍ୟାଳୟର, ଖଡ଼ିଆଳ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଖଡ଼ିଆଳ, ଆଦର୍ଶ ବିଦ୍ୟାଳୟ ବାଦୀ, ଜ୍ୟୋତ୍ସ୍ନା ଗ୍ରୁପ ପଦମପୁର, ଡାନ୍ସ ହବ ଖଡ଼ିଆଳ, ଧର୍ମେଶ ଏକାଡେମୀ ଖଡ଼ିଆଳ, ସୁପ୍ରିୟା ଗ୍ରୁପ ସାହୁ ପଡା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକଙ୍କ ଯୋଗଦାନ



ମୁରିବାହାଲ, (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ଗ୍ରାମରେ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ସୋମବାର କୁମ୍ଭଭରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ଗ୍ରାମର ବୈକୁଣ୍ଠ କୁଆଁର ଓ ତାଙ୍କ ଧର୍ମପତ୍ନୀ କୁନ୍ତଳା କୁଆଁର, ପୂଜକ ରୁପେ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇଥିଲେ । ସେତେବେଳେ ଶ୍ରୀ ସାଲୁଜାଙ୍କ ବିଧାୟକ ପାଣ୍ଠିରୁ ଏହି ମନ୍ଦିର ନିର୍ମାଣ ହୋଇଥିଲା । ସଭାପତି ଜଗଦା ଭୋଇ, ସମ୍ପାଦକ ଜଗଦୀଶ ତାଣ୍ଡି, କୋଷାଧକ୍ଷ ଦୈତାରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ମିସାବନ୍ଦୀଙ୍କୁ ପେନ୍‌ସନ୍ ଘୋଷଣା ଏକ ବଳିଷ୍ଠ ପଦକ୍ଷେପ: ଜୟଦେବ



ଉମରକୋଟ(ଭାସ୍କର ନ୍ୟୁଜ୍): ମିସାବନ୍ଦୀଙ୍କୁ ରାଜ୍ୟ ସରକାର ମାସିକ ୨୦ ହଜାର ଟଙ୍କା ଦେବା ପାଇଁ ଘୋଷଣା କରିଥିବାବେଳେ ନବରଙ୍ଗପୁର ଜିଲ୍ଲାର ମିସାବନ୍ଦୀ ସତ୍ୟାଗ୍ରହୀଙ୍କ ମନରେ ଆନନ୍ଦ ଖେଳିଯାଇଛି । ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଉମରକୋଟ ଅଞ୍ଚଳର ଜଣାଶୁଣା ବିପ୍ଳବୀ ନେତା ଜୟଦେବ ପରିଡା । ୧୯୭୫ରେ ତତ୍କାଳୀନ ଇନ୍ଦିରା ସରକାରଙ୍କ ଜରୁରୀକାଳୀନ ଆଇନ୍(ମିସା) ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଜେଲ୍ ଯାଇଥିଲେ । ଦୀର୍ଘ ୫୦ ବର୍ଷ ପରେ ରାଜ୍ୟ ସରକାର ସତ୍ୟାଗ୍ରହୀଙ୍କ କର୍ତ୍ତବ୍ୟକୁ ଉପଲବ୍ଧି କରି ମିସାବନ୍ଦୀ ଭତ୍ତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଚଳିତ ମାସରୁ ସତ୍ୟାଗ୍ରହୀଙ୍କୁ ମିଳିବ ମାସିକ ୨୦ ହଜାର ଟଙ୍କା ଲେଖାଏଁ ଭତ୍ତା ।ସରକାର ଙ୍କ ଏହି ନିଷ୍ପତ୍ତି କୁ ସତ୍ୟାଗ୍ରହୀ ମାନେ ସ୍ୱାଗତ କରିଛନ୍ତି । ଦେଶରେ ୧୯୭୫ରେ ଏମର୍ଜେନ୍ସି ଲାଗୁ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ସରକାର ଲୋକଙ୍କ ମୌଳିକ ଅଧିକାର ଛଡାଇ ନେଇଥିଲେ । ଏହାକୁ ଦୃଢ ବିରୋଧ କରାଯାଇଥିଲା । ଇନ୍ଦିରାଙ୍କୁ ହଟାଇବା ପାଇଁ ଲକ୍ଷାଧିକ ସତ୍ୟାଗ୍ରହୀ ସ୍ୱର ଉଠାଇଥିଲେ । ବିରୋଧୀ ଦଳ ନେତା ଓ ରାଷ୍ଟ୍ରୀୟ ସଂଘ ସେବକଙ୍କୁ ସରକାର ବନ୍ଦୀ କରିଥିଲେ । ନବରଙ୍ଗପୁର ଜିଲ୍ଲାରେ ମଧ ଏମର୍ଜେନ୍ସି ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ବେଳେ ସେତେବେଳର ଟାଣୁଆ ଯୁବ ବିପ୍ଳବୀ ନେତା ଜୟଦେବଙ୍କୁ ମିସା ଆଇନ୍‌ରେ ବନ୍ଦୀ କରାଯାଇ ଜେଲ ପଠାଯାଇଥିଲା । ଜରୁରୀକାଳୀନ ପରିସ୍ଥିତି ସମୟର ଅନୁଭୂତି ବଖାଣିଛନ୍ତି ଶ୍ରୀ ପରିଡା । କହିଛନ୍ତି ଯେ ଯୁବ ବୟସରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିରୋଧୀ ଦଳ ନେତା ଭାବରେ ଜୟଦେବ ପରିଡ଼ା କଂଗ୍ରେସ ବିରୋଧରେ ଦୃଢତାର ସହ ସଂଗ୍ରାମ କରିଥିଲେ । ସେ ଦେଖିଲେ ଯେତେବେଳେ ଦେଶରେ ଏମର୍ଜେନ୍ସି ଘୋଷଣା ପରେ ଲୋକଙ୍କ ମୌଳିକ ଅଧିକାର ଛିନ୍ନ କରାଯାଇଥିଲା । ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାହା ବିରୁଦ୍ଧରେ ସ୍ୱର ଉଠାଇ ଥିଲେ । ତେଣୁ ଇନ୍ଦିରା ହଟାଅ, ଦେଶ ବଞ୍ଚାଅ ନାରାବାଜି ଦେଇ ଜନ ସଚେତନତା କରିବା ସହିତ ସତ୍ୟାଗ୍ରହକୁ ସେ ଓହ୍ଲାଇଥିଲେ । ସରକାର ବିରୋଧ ନାରାବାଜି ପାଇଁ ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇଥିଲା । ଜେଲ୍‌ରେ ଫେରିବା ପରେ ଆଉ ଏକ ଦଫା ଲଗାଇ ପୁଣି ଗିରଫ କାରଯାଇଥିଲା । ଶେଷରେ ମିସା ଆକ୍ଟରେ ରାଜଦ୍ରୋହୀ ଭାବେ ତାଙ୍କୁ ବନ୍ଦୀ କରାଯାଇଥିଲା । ଏମର୍ଜେନ୍ସି ସମୟରେ ସେ ୧୪ ମାସ ଜେଲଦଣ୍ଡ ଭୋଗିଥିଲେ । ଦୀର୍ଘ ୫୦ ବର୍ଷ ପରେ ମିସାବନ୍ଦୀଙ୍କ ଲାଗି ସରକାରଙ୍କ ପେନସନ ଘୋଷଣାକୁ ସମସ୍ତ ମିସା ବନ୍ଦୀ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ଅଟୋ ସହ ଗଞ୍ଜେଇ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଏକ ଅଟୋରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବାବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମାର ଚମ୍ପାଖାରୀ ନିକଟରେ ମାଲକାନାଗିରି ପୋଲିସ ଗଞ୍ଜେଇ ଜବତ କରିଛି । ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରି ପୋଲିସ ସଦର ମହକୁମାରୁ ୫ କିଲୋମିଟର ଦୂରରେ ଥିବା ଚମ୍ପାଖାରୀ ଗ୍ରାମ ନିକଟରେ ଗାଡି



## ଜଣେ ଗିରଫ

ଯାଞ୍ଚ କରୁଥିବା ସମୟରେ ଗୋଟିଏ ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ତାକୁ ଅଟକାଇ ଯାଞ୍ଚ କରିଥିଲେ । ଅଟୋରୁ ଗଞ୍ଜେଇ ଜବତ କରିବା ସହ ଅଟୋ ଚାଳକଙ୍କୁ ଗିରଫ କରିଥିଲେ । ଗିରଫ ଅଟୋ ଚାଳକ ମାଲକାନଗିରି ସଦର ମହକୁମା ରିଲ୍ଲାମେସନ କଲୋନୀର ଗୌରାଙ୍ଗ ମଣ୍ଡଳ ବୋଲି କହିଛନ୍ତି ଏହି କେଶ ର ଆଇ ଓ ଶ୍ରୀ ସୂତାର । ତେବେ ଏହି ଗଞ୍ଜେଇକୁ ଛତିଶଗଡ ଚୋରାଚାଲାଣ କରୁଥିବା ଅଭିଯୁକ୍ତ ପ୍ରକାଶ କରିଛନ୍ତି ଓ ଏ ସମ୍ବନ୍ଧରେ ମାଲକାନଗିରି ଥାନାରେ କେଶ୍ ନଂ. ୪୯/୨୫ ଅନୁଯାୟ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡା ଜିଲ୍ଲା ବେଲପାହାଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ମନ୍ତ୍ରୀ ପିଲାମାନଙ୍କୁ କୋଣାର୍କ ମନ୍ଦିର ମୁଣ୍ଡି ମାରିଥିବା ଧର୍ମପଦ ପରି ଜୀବନକୁ ଗଢି ନିଜର ଦକ୍ଷତାର ବିକାଶ କରିବାପାଇଁ ପ୍ରେରଣା ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ସଂସ୍କୃତି ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡକ୍ଟର ଅନୁପମା ଦାଶ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଏହାପରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ପୁରସ୍କାର ପ୍ରଦାନ କରିଥିଲେ । ଗତବର୍ଷ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିମା ଗିରି (କଳା), ଓମ୍ ମେହେରା(ବାଣିଜ୍ୟ) ଏବଂ ବିଜ୍ଞାନର ଛାତ୍ରୀ ବି. କୀର୍ତ୍ତିରାଓଙ୍କୁ ପୁରସ୍କୃତ କରା ଯାଇଥିଲା । ଚଳିତବର୍ଷ ଲିଟେରାଲି ଚମ୍ପିଆନ ହୋଇଛନ୍ତି ଅରିବୋ ନୱାଜ । ଏହା ସହ ୨୦୨୩-୨୪ ବାର୍ଷିକ ମାତୃଭାଷା ଓଡିଆ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ଅଧିକାର କରିଥିବା ଶୁଭଶ୍ରୀ ଧଳ ଓ ପ୍ରତିମା ଗିରିଙ୍କୁ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ବରାଳଙ୍କ ଦ୍ୱାରା ପ୍ରଦତ୍ତ ପାଞ୍ଚ ହଜାର ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଅଧାପକ ସୁଧାଂଶୁ କୁମାର ପାଲୋ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଅଧ୍ୟାପକ କ୍ଷମାନିଧି ନାଥ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ, ଅତିଥିବୃନ୍ଦ ଓ ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ । ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## 'ଆଦର୍ଶ କଲ୍ୟାଣ ମଣ୍ଡପ' ଉଦ୍‌ଘାଟନ କେବେ !



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଦ୍ୱାରା ଜନହିତକର କାର୍ଯ୍ୟ ସମ୍ପାଦନ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ଆଦର୍ଶ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା । ତେବେ ଏଭଳି ଆଦର୍ଶ କଲ୍ୟାଣ ମଣ୍ଡପ କୋଷାଗୁମୁଡ଼ା ବ୍ଲକ ର ସଦର ମହକୁମାର, ମାଝିଧନୁଆ,ପଣ୍ଡୁଗୁଡା, ରାଜୋଡା, ତାରାଗାଁ ପଞ୍ଚାୟତ ସଦର ମହକୁମା ଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି । ସରକାରଙ୍କ ଦ୍ୱାରା ଗୋଟିଏ ଗୋଟିଏ ଆଦର୍ଶ କଲ୍ୟାଣ ମଣ୍ଡପର ନିର୍ମାଣ ପାଇଁ ପ୍ରାୟ ୩୫ଲକ୍ଷ ଟଙ୍କାର ବ୍ୟୟରେ ହୋଇଥିବାବେଳେ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କାହିଁକି ସରକାର ଏଥିପ୍ରତି ଦୃଷ୍ଟି ନଦେବାରୁ ବର୍ତ୍ତମାନ ତାହା ଭୂତକୋଠି ହେବାକୁ ବସିଲାଣି । କୋଉଠି ଛାତ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହୋଇଥିବାବେଳେ ଆଉ କୋଉଠି ଚୂନ ମାରିବାର ବାକି ଅଛି । ଆଉ କୋଉଠି ଦିନେ ମଧ ଗୋଟିଏ ବି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ । ତେବେ କାହାର ସ୍ୱାର୍ଥ ପାଇଁ ଏବଂ କେଉଁ ସମସ୍ୟା ପାଇଁ ଏଭଳି ଆଦର୍ଶ କଲ୍ୟାଣ ମଣ୍ଡପ ଗୁଡିକ ଭୂତକୋଠି ହୋଇରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକର କେବଳ ସନ୍ତୋଷପୁର ପଞ୍ଚାୟତର ଆଦର୍ଶ କଲ୍ୟାଣ ମଣ୍ଡପଟି ହିଁ ଲୋକଙ୍କ କାର୍ଯ୍ୟ ରେ ଆସୁଛି । ବର୍ତ୍ତମାନ ସ୍ଥାନୀୟ ଜନସାଧାରଣଙ୍କ ବିବାହ, ବ୍ରତ, ସଭା,ବୈଠକ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାରୁ ବଞ୍ଚିତ ହେଉଛନ୍ତି । ଏପଟେ ଦିନକୁ ରାଜନେତା, ସରକାରୀ ବାବୁମାନେ ନିରବଦ୍ରଷ୍ଟା ସାଜିଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଞ୍ଚଳବାସୀ ଦୃଢ଼ ନିନ୍ଦା କରିବା ସହ ଏହାକୁ ନେଇ ସମାଲୋଚନା କରି ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ, ବିଡିଓ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି । ତେବେ ଯଥାଶୀଘ୍ର ଏହି ଆଦର୍ଶ କଲ୍ୟାଣ ମଣ୍ଡପ କୁ ସମ୍ପୂର୍ଣ୍ଣ ତିଆରି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ବ୍ଲକ ଜିପିଡ଼ିଓ-ତ୍ରିଲୋଚନ ଛଞ୍ଚାଣଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠେଇ ନଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ଏହି କଲ୍ୟାଣ ମଣ୍ଡପ କାହାର ସ୍ୱାର୍ଥ ହାସଲ ନିମନ୍ତେ ଆରମ୍ଭ ହୋଇଥିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟିହୋଇଛି । ଯଥା ଶୀଘ୍ର ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଯଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର




କୋରାପୁଟ(ଭାସ୍କର ନ୍ୟୁଜ୍): ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତିଭାସନଙ୍କ ଅଧକ୍ଷତାରେ ୫୩ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିରେ ସ୍ୱାସ୍ଥ୍ୟ, ଶିକ୍ଷା , ଗମନାଗମନ, ପାନୀୟଜଳ , ଲାଇଟ, ଜମିଜମା , ଭତ୍ତାବଣ୍ଟନ ଓ ପଞ୍ଚାୟତର ବିଭିନ୍ନ ସମସ୍ୟା ଆଦି ରହିଥିଲେ । ବ୍ଲକ ଅଧକ୍ଷା ଲିଲି ଅଣ୍ଟାବରିଆ ଓ ଉପାଧ୍ୟକ୍ଷ ଶିବା ବାଙ୍ଗାରି ଓ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଦୁଧାରୀ ପଞ୍ଚାୟତ ସମିତି ସଭ୍ୟା ସୁସୁମା ପାଙ୍ଗୀ ଅନେକ ଗୁରୁତର ଅଭିଯୋଗ ଆଣିଥିଲେ। ୨୦୨୪ ମାର୍ଚ୍ଚ ୬ରେ ଶେଷ ପଞ୍ଚାୟତ ବୈଠକ ହୋଇଥିଲା। ବର୍ଷେ ବିତିବାକୁ ଥିବାବେଳେ ପଞ୍ଚାୟତ ବୈଠକ ହୋଇ ନଥିବା, ସ୍ଥାୟୀ କମିଟି ସ୍ଥାପନ ନକରିବା, ଗ୍ରାମସଭାରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ଏବଂ ୨୦ ପ୍ରତିଶତ ପିସି କାରବାର ଚାଲିଥିବା ଆଦି ସେ ଅଭିଯୋଗ କରିଥିଲେ। ସେମିଳିଗୁଡା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଗୌଡଗୁଡାର ଭକ୍ତ ଗୌଡ ଗ୍ରାମରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରିବାକୁ ନିବେଦନ କରିଥିଲେ ସୁଦ୍ଧା ଏହା ହେଉ ନଥିବା ଅଭିଯୋଗ କରିଥିଲେ । ସୋରିଷପଦର ପଞ୍ଚାୟତ ଡୁମୁରିଗୁଡା ଗାଁରେ ସୋଲାର ଲାଇଟ ଲଗାଇବା ନେଇ ଗ୍ରାମବାସୀ ନିବେଦନ କରିଥିଲେ । ସରକାରୀ ମଣ୍ଡିରେ ଧାନ ବିକ୍ରିୟ ପରେ ୨୪ଘଣ୍ଟା ମଧ୍ୟରେ ବ୍ୟାଙ୍କ ଜମାଖାତାକୁ ଟଙ୍କା ଆସି ନଥିବା ହାଟଗୁଡା ପଞ୍ଚାୟତ ମାଳିଦୁସୁରା ଗାଁର ମହେଶ୍ୱର ଖିଲ ଅଭିଯୋଗ କରିଥିଲେ । ୨୬ନଂ ଜାତୀୟ ରାଜପଥ କଡରେ ବିଭାଗ ବହୁଦିନରୁ ପଡି ରହିଥିବା ଅଳିଆ ଆବର୍ଜନା ସହ ମାଟି ଗଦାକୁ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ସେମିଳିଗୁଡା ଅଞ୍ଚଳର ସାମାଜିକ କର୍ମୀ ସୁକାନ୍ତ ସାମଲ ଅନୁରୋଧ କରିଥିଲେ । ୬୦ପ୍ରତିଶତ ଭିନ୍ନକ୍ଷମ ଶିକ୍ଷୟିତ୍ରୀ ନମିତା ମରୀ ନାୟକ ଗମନାଗମନ ଭତ୍ତା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ସରକାର ଭିନ୍ନକ୍ଷମ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ୭୫୦ଟଙ୍କାର ଏକ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରୁଥିଲେ ସୁଦ୍ଧା ୨ବର୍ଷ ହେବ ନମିତା ଶିକ୍ଷା ବିଭାଗର ବ୍ଲକ ଅଧିକାରୀଙ୍କୁ ନିବେଦନ କରିଥିଲେ ମଧ୍ୟ ଏଯାଏ ସେଥିରୁ ବଞ୍ଚିତ ଥିବା ସେ କହିଛନ୍ତି । ଜିଲ୍ଲାପାଳ ବ୍ଲକ ପରିସରରେ ଚାରାରୋପଣ କରିଥିଲେ। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ସିଡିଏମଓ ବରଦାକାନ୍ତ ମିଶ୍ର, ଏସପି ରୋହିତ ବର୍ମା, ସୁନାବେଡା ଏସଡିପିଓ ତଥା ଏଏସ୍‌ପି ମନୋବ୍ରତା ଶତପଥୀ, ସେମିଳିଗୁଡା ବିଡିଓ ଯଶ୍ମିନ ପ୍ରଧାନ, ସେମିଳିଗୁଡା ତହିସଲଦାର ଦେବବ୍ରତ କାରାଟି ଓ ସୁନାବେଡା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍‌ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସି ଡି ଓ , ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ ମିଶ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା । ମୁଖ୍ୟତଃ ରାସନ୍ କାର୍ଡ,ପ୍ରଧାନମନ୍ତ୍ରୀ ଆବାସ,ମଣ୍ଡି ଟୋକନ୍, ଚିକିତ୍ସା ସାହାଯ୍ୟ, ରାସ୍ତା ନିର୍ମାଣ ଉପରେ ଅଭିଯୋଗ ରହିଥିଲା ।

## ପୋଡ଼ାଗଡ଼କୁ ନୂତନ ପଞ୍ଚାୟତ ସମିତି ଘୋଷଣା ଦାବି



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଧିନ ପୋଡାଗଡ଼ ଠାରେ ନୂତନ ପଞ୍ଚାୟତ ସମିତି ଗଠନ ନିମନ୍ତେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦେବାକୁ ଥିବା ବେଳେ ସି ଏ ଜିଲ୍ଲାପରିଷଦ ପ୍ରକୋଷ୍ଠରେ ଚାଲିଥିବା ଅଭିଯୋଗ ଶୁଣାଣି କକ୍ଷରେ ପ୍ରଦାନ କରାଗଲା । ଏହି ଦାବିପତ୍ର ପ୍ରଦାନ କଲାବେଳେ ଭଣ୍ଡାରୀଗୁଡ଼ା ପୂର୍ବତନ ସରପଞ୍ଚ ଉଦ୍ଧବ ଚରଣ ନାୟକ, ରାଜପୁର ସରପଞ୍ଚ ପବିତ୍ର ଭତ୍ରା, ତୋରେଙ୍ଗା ସରପଞ୍ଚ ମନୁ ରାମ ମାଝୀ, ସାଙ୍ଗିସାରି ପ୍ରତିନିଧି ଡମ୍ବରୁ ମାଝୀଙ୍କ ସହିତ ସମାଜ ସେବୀ କୈଳାଶ ଚନ୍ଦ୍ର ବେହେରା ଦାବୀ ଉପସ୍ଥାପନ କରିଥିଲେ । ଆଶା କରାଯାଉଛି ନିଶ୍ଚିତ ରୂପେ ସରକାର ଗୁହାରି ଶୁଣି ଦାବି ପୂରଣ କଲେ ବହୁତ ଜନ ସାଧାରଣ ଉପକୃତ ହେବେ । ଏହି ଦାବି ସହିତ ରାଜସ୍ୱ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ ଓ ଆଞ୍ଚଳିକ ଗଣଶିକ୍ଷା ମନ୍ତ୍ରୀଙ୍କୁ ଉକ୍ତ ଦାବିପତ୍ର ଦ୍ୱାରା ଅନୁରୋଧ କରାଯାଇଛି ।



ମାଲକାନଗିରି(ଭାସ୍କର ନ୍ୟୁଜ):ଓଡିଶା କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧୀନରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ମାଲକାନଗିରି ମିଳିତ ଆନୁକୂଲ୍ୟରେ ହିତାଧିକାରୀଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ସହାୟତା ବିତରଣ କାର୍ଯ୍ୟକ୍ରମ ମାଥିଲି ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩୮ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ୬୩ ଲକ୍ଷ ୭୯ ହଜାର ୨୦୦ ଟଙ୍କା ଅର୍ଥ ରାଶିର ସହାୟତା ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ମହେଶ ବାକା, ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀପ୍ରିୟା ନାୟକ ଏବଂ ଜୋନ ୨ ସଦସ୍ୟ ସସ୍ମିତା ମାଝୀ ଏବଂ ସାଂସଦ ପ୍ରତିନିଧି ସନ୍ତୋଷିନି ପାତ୍ର, ଆଇଆଇସି ଦେବଦତ ମଲ୍ଲିକ୍, ସରପଞ୍ଚ କାନମରଜ, ସମିତି ସଭ୍ୟ ବାଲ ରାଜୁ କୋପେ, ସମାଜ ସେବୀ ସ୍ମୃତି ରଞ୍ଜନ ପାଢ଼ୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧୀନରେ ପଞ୍ଜିକରଣ, ନବୀକରଣ ଏବଂ ବିଭିନ୍ନ ସହାୟତା ପାଇଁ ଅନଲାଇନ ଆବେଦନ ସମ୍ପର୍କ ରେ ବୁଝାଇଥିଲେ । ସହକାରୀ ଶ୍ରମ ଅଧିକାରୀ ପୁର୍ଣିମା ଡୁରୁକା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ନୂତନ ଭାବରେ ପଞ୍ଜିକୃତ ହୋଇଥିବା ୩୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବିତରଣ କରାଯାଇଥିଲା ଏବଂ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ତରଫରୁ ୨୦୦ ଜଣଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା ।

# ବିପଦ ସଙ୍କୁଳ ଅବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ତହସିଲ କାର୍ଯ୍ୟାଳୟର ସଦର ପଞ୍ଚାୟତରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଦୀପ ତଳ ଅନ୍ଧାର ପରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଭିତର ଛାତରୁ ସିମେଣ୍ଟ ଖସି ପଡୁଥିବା ବେଳେ ଭିତରେ ବସି ଲୋକଙ୍କ କାମ କରିବା ବିପଦ ରହିଛି। ଛାତରୁ ସିମେଣ୍ଟ ଖସି ଲୁହା ଦେଖାଯାଉଥିବା ବେଳେ କାନ୍ଥ ଗୁଡିକ ଫାଟି ଯାଇଛି। ଏହି କାର୍ଯ୍ୟଳୟରେ ପଞ୍ଚାୟତ ଲୋକଙ୍କ ଅନେକ ଜମିଜମା ସଂପର୍କିତ ନଥିପତ୍ର ରହିଛି। ପ୍ରତିଦିନ ଲୋକେ କାର୍ଯ୍ୟାଳୟକୁ ଆସି ରାଜସ୍ୱ ନିରୀକ୍ଷକଙ୍କୁ ସାକ୍ଷାତ କରି ଫେରି ଯାଇଥାନ୍ତି। ଏହି କାର୍ଯ୍ୟଳୟଟି କେଉଁ ମୂହୁର୍ତ୍ତରେ କଣ ହେବ ଲୋକେ ଭୟରେ ରହୁଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଙ୍କୁ ସାକ୍ଷାତ କରି ଏହାର ମରାମତି କାହିଁକି କରାଯାଉ ନାହିଁ ପଚାରିବାରୁ ବର୍ତ୍ତମାନ କାମ ଚାଲିଛି କିନ୍ତୁ ଠିକାଦାର ଛାତ ଉପରେ ହିଁ କାମ କରାଯିବ ,ଛାତ ତଳେ କାମ କରାଯିବ ନାହିଁ ବୋଲି କହିଥିବା ଜଣାଇଛନ୍ତି। ଏଥିପାଇଁ ଜିଲ୍ଲା ଓ ସ୍ଥାନୀୟ ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟାଳୟକୁ ଭାଙ୍ଗି ନୂତନ ଭାବେ ତିଆରି କରିବା ପାଇଁ ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବାଲି ବୋଝେଇ ହାଇୱା ଜବତ

ବାରଙ୍ଗ (ଭାସ୍କର ନ୍ୟୁଜ):ବାରଙ୍ଗରେ ପୁଲିସର ପେଟ୍ରୋଲିଂବେଳେ ତ୍ରିସୁଳିଆ ଛକରୁ ବେଆଇନ୍ ଚୋରା ଚାଲାଣରେ ବ୍ୟବହୃତ ଦୁଇ ହାଇୱା ବାଲି ଗାଡି ଜବତ କଲା ବାରଙ୍ଗ ପୁଲିସ । ସୋମବାର ରାତିରେ ପୁଲିସ ପେଟ୍ରୋଲିଙ୍ଗବେଳେ ତ୍ରିସୁଳିଆ ଛକ ଦେଇ ଯାଉଥିବା ଦୁଇ ବାଲି ବୋଝେଇ ହାଇୱା ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ । ମାତ୍ର ଗାଡ଼ିର ଚାଳକ ବୋଝେଇ ହୋଇଥିବା ବାଲିର ଉପଯୁକ୍ତ କାଗଜ ପାତ୍ର ଦେଖାଇ ପାରିନଥିଲେ । ଫଳରେ ଗାଡିକୁ ଜବତ୍ କରି ଥାନା ପରିସରକୁ ନେଇ ଯାଇଥିଲେ। ଏହି ଅଞ୍ଚଳରେ ବାଲିମାଫିଆମାନେ ନଦୀରୁ ପ୍ରତିଦିନ ବିପୁଳ ପରିମାଣର ବାଲି ହାଇୱା, ଟ୍ରକ୍ ଓ ଟ୍ରାକ୍ଟର ସାହାଯ୍ୟରେ ଉଠାଇ ନେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି।

# ଓଡ଼ିଶାର ୧୪୦କିମି... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

୨୦୫୦ ସୁଦ୍ଧା ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ବ୍ୟାପିଥିବା ସମଗ୍ର ଉପକୂଳ ଓଡ଼ିଶା ପାଇଁ ସମୁଦ୍ର ଜଳପତ୍ତନ ବୃଦ୍ଧି ଭୟାନକ ରୂପ ନେବାର ଆଶଙ୍କା ଦେଖା ଦେଇଛି। କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶାର ସାତଭାୟା ଅଞ୍ଚଳରେ ସମୁଦ୍ର ୪ ବର୍ଗକିମି ବେଳାଭୂମିକୁ ଖାଇ ଦେଇଛି। ସେହିପରି ପେଣ୍ଠ ଅଞ୍ଚଳରେ ୬ବର୍ଗ କିମିକୁ ମାଡ଼ିଯାଇଛି ସମୁଦ୍ର। ଏହାବାଦ ସାତଭାୟା, ବାଲେଶ୍ୱର, ଧବଳେଶ୍ୱର, ଗଞ୍ଜାମ, ଆର୍ଯ୍ୟପଲ୍ଲୀ, ଗୋଲଡେନ ବିଚ୍‌ରେ ମଧ୍ୟ ସମୁଦ୍ରକୂଳ ମାଡ଼ିଯାଇଛି। କେନ୍ଦ୍ରାପଡ଼ାର ପେଣ୍ଠପାଖ ପଦ୍ମନାଭ ପାଟଣା, ରାଜନଗରର ଜାଉଦିଆ, ଜମ୍ବୁପାଖ ସୁନୀତି, ହୁକିଟୋଲା, ହେଟାମୁଣ୍ଡିଆ, ପାରାଦୀପର ବାଘରିଆ, ପରମାନନ୍ଦପୁର, ବାସୁଦେବପୁରର ତାଳପଦା, ଜଗତସିଂହପୁରର ଢିଙ୍କିଆ, ସାତଭାୟା, କେନ୍ଦ୍ରାପଡ଼ାର ବଡ଼ଗହୀରମଥା, ପୁରୀର ସିପସରୁବାଲି, କୋଣାର୍କ ଓ ଭଦ୍ରକର ହ୍ୱିଲର ଦ୍ୱୀପରେ ସମୁଦ୍ର ବେଶି କୂଳଖାଇଛି।

# ସମ୍ବିଧାନ ପ୍ରତି..

ପହଞ୍ଚିଥାଏ। ଏହାର ସମାଧାନ ଖୋଜିବାକୁ ଆମେ ଚେଷ୍ଟା କଲୁ ଏବଂ ଜନତାଙ୍କ ବିକାଶ ପାଇଁ ନିଜକୁ ସମର୍ପିତ କଲୁ। ସେ କହିଥିଲେ, କିଛି ଦଳ ଯୁବବର୍ଗଙ୍କ ଭବିଷ୍ୟତ ପାଇଁ ଆପଦା ସାଜିଛନ୍ତି । ସେମାନେ ସେମାନଙ୍କୁ ଧୋକା ଦେଉଛନ୍ତି । ସେମାନେ ଯେଉଁ ପ୍ରତିଶ୍ରୁତି ଦେଉଛନ୍ତି ସେମାନେ ତାହା ପୂରଣ କରିପାରୁ ନାହାନ୍ତି । ଆୟୁଷ୍ମାନ ଯୋଜନା ଉପରେ ମତ ରଖି ମୋଦୀ କହିଥିଲେ, କିଛି ରାଜନୈତିକ ଦଳ ଗରିବଙ୍କୁ ଏହି ଯୋଜନାରୁ ଦୂରେଇ ରଖିଛନ୍ତି । କ୍ୟାନସର ରୋଗୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ୨୦୧୪ ପୂର୍ବରୁ ଭାରତରେ ୩୮୭ ମେଡ଼ିକାଲ କଲେଜ ଥିବାବେଳେ ଏବେ ଏହି ସଂଖ୍ୟା ୭୮୦ରେ ପହଞ୍ଚିଛି। ଆମେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିଛୁ। ସେହିପରି ତିନି ତଲାକ୍ ପ୍ରଥା ଶେଷ କରି ମୁସଲିମ ମହିଳାଙ୍କୁ ସେମାନଙ୍କ ଅଧିକାର ଦେଇଛୁ। ଏହି ଅବସରରେ ସେ ଉଭୟ କଂଗ୍ରେସ ଓ ଆପ୍ ଉପରେ ପ୍ରବଳ ବର୍ଷିଥିଲେ।

# ୨ କର୍ମଚାରୀ...

ବିଧ୍ୱଂସୀ ବୋମା ସୁରକ୍ଷାବିହୀନ ଅବସ୍ଥାରେ କିପରି ରେଳ ୱାଗନକୁ ଆସିଲା ତାକୁ ନେଇ ତଦନ୍ତ ଚାଲିଛି। ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବୋମା ଜବତ ପରେ ଏକ ବଡ଼ ଅଘଟଣରୁ ରକ୍ଷା ମିଳିଥିବା ସୂଚନା ମିଳିଛି। ଏହି ଘଟଣାରେ ବଡ଼ମାଳ ଅସ୍ତ୍ରଶସ୍ତ୍ର କାରଖାନାର ଜୁନିୟର ୱାର୍କ୍ସ ମ୍ୟାନେଜର ସୁଶାନ୍ତ ପାଣିଗ୍ରାହୀ ଏବଂ ବୌଦ୍ଧ ବେହେରାଙ୍କୁ ନିଲମ୍ବିତ କରାଯାଇଛି।

## जिला अभियंता का कार्यालय
## जिला परिषद, रामगढ़

**अति अल्पकालीन निविदा आमंत्रण सूचना**

ई–निविदा सं० :– **ZP/RAMGARH/16/2024-25**

कार्य की विस्तृत विवरणी :–

| क्र० सं० | प्रखण्ड | पंचायत /ग्राम | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|---|
| 1 | पतरातू | चोरघरा | चोरधरा में सामुदायिक भवन का निर्माण। | 9993900 | 200000 | 10000 | 06 (छ:) माह |
| 2 | रामगढ़ | बाधादोहर | बाधादोहर के करमाली टोला में सामुदायिक भौतिन भवन का निर्माण। | 9993900 | 200000 | 10000 | 06 (छ:) माह |
| 3 | रामगढ़ | NAGAR PARISHAD | वार्ड संख्या–8 ग्राम सेवटा में एक सामुदायिक भवन का निर्माण। | 9993900 | 200000 | 10000 | 06 (छ:) माह |
| 4 | माण्डू | केदला उत्तरी | पंचायत केदला उत्तरी के भेलागढ़ा में शिव मंदिर के समीप सामुदायिक भवन का निर्माण। | 9993900 | 200000 | 10000 | 06 (छ:) माह |
| 5 | माण्डू | सिरका | ग्राम–सिरका में शिव मन्दिर के सामने समुदायिक भवन निर्माण। | 9993900 | 200000 | 10000 | 06 (छ:) माह |

1. वेबसाईट में निविदा प्रकाशन की तिथि – दिनांक 10.02.2025
2. निविदा डालने/प्राप्ति की तिथि एवं समय – दिनांक 10.02.2025 से दिनांक 17.02.2025 अपराह्न 3:00 बजे तक।
3. निविदा खोलने की तिथि एवं समय– दिनांक – 18.02.2025 को अपराह्न 3:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय के सूचनापट्ट पर देखा जा सकता है।

जिला अभियंता,
जिला परिषद, रामगढ़।

PR.NO.345752 District(24-25):D

## ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍

MANAPPURAM HOME FINANCE LTD.

ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

**ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା। ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ତେଣୁ ୯ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି। ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ। ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ବନ୍ଧକ ରହିଥିବା ସମ୍ପତ୍ତିର ବିବରଣୀ | ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନର ତାରିଖ |
|---|---|---|---|---|
| ୧ | ସୁଜାତା ଜେନା, ଲକ୍ଷ୍ମୀକାନ୍ତ ଜେନା, ଏମ୍‌ଏଚ୍‌ଏଲ୦୦୯୬୦୦୦୩୭୩୫/ ବାଲେଶ୍ୱର | ଆରଓଆର ନଂ-୧୭୨୩/୧୧୦୨ ଏବଂ ପ୍ଲଟ ନଂ ୧୧୮୪/୯୬୧୧, ଏରିଆ-ଏ.୦.୦୧୦୫୦ ଡିସିମିଲ୍, ମୌଜା-କଲମା, ପିଏସ୍-ରାଇବଣିଆ, ପିଏସ୍ ନଂ-୪୯, ତହସିଲ-ଜଳେଶ୍ୱର, ଜିଲ୍ଲା- ବାଲେଶ୍ୱର, ଶିବ ମନ୍ଦିର ନିକଟ, ପୋ- ଆଶାବନ୍ଧ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୩୩, ପୂର୍ବ-୧୫ ଲିଙ୍କ୍ ରୋଡ୍, ପଶ୍ଚିମ- ମହେଶ୍ୱର ଜେନା ଏବଂ ଅନ୍ୟମାନେ, ଦକ୍ଷିଣ- ସର୍ବେଶ୍ୱର ଜେନା, ଉତ୍ତର- କ୍ରେତା | ୦୮.୧୧.୨୦୨୪ ଏବଂ ଟ. ୩୩୯୮୩୩/- | ୦୧.୦୨.୨୦୨୫ |

ତାରିଖ: ୦୫.୦୨.୨୦୨୫, ସ୍ଥାନ: ଓଡ଼ିଶା
ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ

## ESAF SMALL FINANCE BANK

REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

**DATE OF AUCTION:** 20-02-2025 **TIME:** 2 PM TO 5 PM
**AUCTION VENUE:** THROUGH E-AUCTION
**AUCTION ADDRESS:** https://egold.auctiontiger.net
Contact Number: 9099013705/6351896640

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

**BALANGIR**:75240000366221 **BHUBANESHWAR**:75240002496291, 2774388.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur Sd/-
Date: **05-02-2025** Authorized Signatory

## Government of Jharkhand
## Department of Agriculture, Animal Husbandry & Co-Operative
## Directorate of Soil Conservation

2nd Floor Krishi Bhawan, Kanke Road, Ranchi-834008, Jharkhand.
E-mail- dirsoiljhr@gmail.comoredjamttc@gmail.com
Mob. No. 8102213741 or 9472969373
website- www.jamttc.orgor www.jharkhand.gov.in/agriculture

**SHORT TENDER NOTICE INVITING EOI**

| Sl. | Particulars | Details |
|---|---|---|
| 1 | Tender Title | Expression of Interest (EOI) are invited in two proposal systems (Technical & Financial), For Empanelment of Manufacture or Their Authorised Dealer to Supply Tractors/ Self Propelled Machines / Agricultural Machines/Implements/ Tools/Items / Pump Sets/ HDPE Pipe etc on subsidy basis to the individual farmers and different type of farmers groups etc. under different programme of Agricultural machinery under the Directorate of Soil Conservation, Department of Agriculture, Animal Husbandry & Co-Operative for the sanctioned scheme of the financial year 2023- 24 & 2024 -25 |
| 2 | Tender Fee | Tender Document & processing Fee – Zero |
| 3 | Earnest Money Deposit(**EMD**) | **Rs.1000/- (As a token amount)**The EMD specified against Each Machinery &Equipments as mentioned in Annexure-II of this document shall be submitted separatelyby the bidder in the Account detail given in Form-T3 and submit the transaction copy with technical bid documents. **(Online RTGS/NEFT Mode)** |
| 4 | Name of the advertiser | **Director, Soil Conservation, Jharkhand, Ranchi** 2nd Floor, Krishi Bhawan , Kanke Road, Ranchi-834008 |
| 5 | Floating of online EOI | Date: 01.02.2025 on 05.00 PM |
| 6 | Download of EOI document will start from | Date: 01.02.2025 from 06.00 PM to 15.02.2025 upto 02.30 PM |
| 7 | Pre- Bid Meeting/queries | Date: 06.02.2025 at 12.30 PM (Physical Mode/) Meeting Place- Directorate Soil Conservation Conference Hall 2nd Floor, Krishi Bhawan , Kanke Road, Ranchi-834008 Bidders can raise their queries (word file only) on Email: **dirsoiljhr@gmail.com** before 05.02.2025 at 12.00 PM |
| 8 | Online submission of tender & hard copy submission off tender document. | Date: 02.02.2025 from 10.30 AM to 15.02.2025 upto 04.00 PM |
| 9 | Mode of Proposal Submission | The tender forms along with terms and conditions & etc. can be filled with the link available on the website **www.jharkhandtenders.gov.in** . Online tender to beuploaded on the website & hardcopy of tender proposal and technical report should also be submitted offline within specified date and time. |
| 10 | Date of Opening of Technical bid | Date: 17.02.2025 on 11.30 AM 4th floor JAMTTC Conference hall |
| 11 | Date of Financial bid- | To be asked to technically qualified bidders to & be published. |

Sd/-
**Director, Soil Conservation, Jharkhand, Ranchi.**

PR 345679 Agriculture(24-25).D

O-1409

Email- rd_nuapada@rediffmail.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**

BID IDENTIFICATION NO. RWNPD - 08 (Online) of 2024-25

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the District of Nuapada as mentioned in DTCN
2. Total No of Works :20Nos. (Buildings)
3.Estimated Cost: : Rs.1.68 to 3.36 lakhs
4.Period of Completion: : 01 (one) Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding From | To | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| Superintending Engineer, Rural Works Division, Nuapada | RWNPD-08/ 2024-25 (Online) | 05.02.2025 at 10.00 AM | 10.02.2025 up to 5.00 PM | 07.02.2025 upto 05.00 PM | 11.02.2025 at 11.00 AM |

Further details can be seen from the website www.tendersodisha.gov.in

Sd/-Superintending Engineer
Rural Works Division, Nuapada

OIPR 25050/11/0008/2425

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, JAJPUR**
E-mail - jajpurcso@gmail.com Mob – 9438200043

Letter No.417 /Date 03.02.2025 CAD-2471

**Short Tender Call Notice**

Sealed quotations/short tenders are invited from interested reputed Travel agencies /Tour Operators or Private individuals for providing 01(one) no. of AC petrol driven vehicles (Tiago/Bolt/Celerio) having sitting capacity not more than four including driver for official use by the Office of the CSO-cum-District Manager,OSCSC Ltd., Jajpur on monthly rent basis.The details short tender Documents/ terms & condition are available at http://.Jajpur.odisha.gov.in.

| | |
|---|---|
| **Period of sale of Tender Document:-** | From Dt. 05.02.2025 to Dt. 19.02.2025 up to 4.00 P.M. |
| **Last date for receipt of Tender Document:-** | By dt. 19.02.2025 up to 4.00 P.M. |
| **Date of Opening of Technical Bid:-** | On dt. 20.02.2025 at 11.00 A.M. |
| **Date of Opening of Price Bid:-** | On dt. 20.02.2025 at 12.00 P.M. |

Sd/-
*District Manager, O.S.C.S.C Ltd,Jajpur*

OIPR 07016/11/0007/2425

# ବାପାଙ୍କୁ ଆକ୍ରମଣ ଅଭିଯୋଗରେ ପୁଅ ଗିରଫ

ଭଞ୍ଜନଗର (ଭାସ୍କର ନ୍ୟୁଜ) : ନିଜ ବାପାକୁ ଆକ୍ରମଣ ଅଭିଯୋଗରେ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଏଭଳି ଏକ ଘଟଣା ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ଅନ୍ତର୍ଗତ ସାମରଡା ଗ୍ରାମରେ ମଙ୍ଗଳବାର ଘଟିଛି। ଗ୍ରାମର ୬୩ ବର୍ଷୀୟ ବୃଦ୍ଧ ବିଶ୍ୱନାଥ ବିଷୋୟୀଙ୍କୁ କୌଣସି କାରଣରୁ ସାମାନ୍ୟ ବଚସାରୁ ତାଙ୍କର ପୁଅ କାଳିଆ ବିଷୋୟୀ ତଣ୍ଟି ଚିପି ମାରିବାକୁ ଉଦ୍ୟମ କରିଥିବା କଥା ନିଜେ ବିଶ୍ୱନାଥ ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି। ଏତଲାରେ ସେ ଆହୁରି ଦର୍ଶାଇଛନ୍ତି ଯେ ତାଙ୍କ ତଣ୍ଟିକୁ ଜୋରରେ ଚାପି ଧରିବା ବେଳେ ପଡଶୀ ମାନେ ତାଙ୍କ ଜୀବନ ବଞ୍ଚାଇଥିଲେ। ବୃଦ୍ଧ ବିଶ୍ୱନାଥଙ୍କ ଏତଲାକୁ ଆଧାର କରି ତାରା ସିଂ ଥାନା ପକ୍ଷରୁ ୬୦/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି। ପୂର୍ବରୁ ମଧ ସଂପୃକ୍ତ ପରିବାର ପକ୍ଷରୁ କାଳିଆଙ୍କ ନାମରେ ୩ ଟି ମାମଲା ରହିଥିବା ତାରା ସିଂ ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
mail-rwssjspur@gmail.com

O-1387

e - Procurement Notice

Bid identification No. 29 of 2024-25

The Superintending Engineer, RWS&S Division, Jagatsinghpur on behalf of Governor of Odisha invites Percentage bids in Single Cover system in online mode for reputed Firms/Electrical contractor's having valid HT Electrical License GST Redg.No/PAN Card to execute electrical installation for H.T work in different PWS Projects.

1. Name of work : External Electrical works.
2. No. of work : 02 Nos
3. Estimated Cost : Rs736391/- & Rs.640556/-
4. Cost of Tender paper : Rs.4000/-
5. Class of contractor : HT License
6. Availability of Tender in website : 06.02.2025 to 13.02.2025
7. Submission of Bid in online : 06.02.2025 to 13.02.2025
8. Date of seeking clarification : 06.02.2025 to 11.02.2025
9. Date of opening of bids : 14.02.2025 (11.00 A.M)
10. Name and address of O.I.T. : Superintending Engineer, RWS&S Division, Jagatsinghpur
11. All other details can be seen from the web site : www.tendersorissa.gov.in
12. Bid cost and Bid security should be submitted in online mode.
13. Subsequent corrigendum/addendum if required shall only be appeared in above website.

Sd/- Executive Engineer
RWS&S, Jagatsinghpur

OIPR 25024/11/0013/2425

E-mail ID : eerbkbj@rediffmail.com

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**

B-910

Bid Identification No.06 / KBJ / 2024-2025

The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid** for Building works detailed in the table below in **Single (Composite Tender)** system **ONLINE MODE** from the Class of Contractors mentioned in **Column-7** registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil, EI & PH works. The proof of registration from the appropriate authority shall be enclosed along with the bid.

1) No. of work :- 02 Nos. (Single Cover Composite)
2) Nature of work :- Building work
3) Class of contractor :- "D" "C" & "B" Class
4) Approximate value of work :- Rs.7.49 Lakhs & Rs.26.35 Lakhs
5) Tender cost :- Rs.4,000/- & Rs.6,000/-
6) Date and time of vailability of Bid documents in online :- From Dt. 07.02.2025, 11.00 A.M. to Dt.17.02.2025 up to 05:00 P.M.
7) Date of Opening :- Dt.18.02.2025 at 11:30 A.M.
8) Other details can be seen in the bidding documents from the e-procurement portal **"www.tendersodisha.gov.in"**
9) The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in.** All future corrigendum will be available on ONLINE MODE only.

Sd/- Superintending Engineer,
Kantabanji (R&B) Division

OIPR 34099/11/0009/2425

## झारखण्ड सरकार
## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, हजारीबाग

**ई- अति अल्पकालीन निविदा आमंत्रण सूचना**

ई–निविदा सं0 :– RDSPL/SD/HZB/39/2024-25

1. कार्य की विस्तृत विवरणी :

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 39/01//2024-25 | बड़कागांव | बड़कागांव प्रखण्ड के ग्राम सुकुलखपिया में उत्क्रमित मध्य विद्यालय सुकुलखपिया का चाहरदिवारी निर्माण एवं उन्नयन कार्य। | 11892600.00 | 237900.00 | 10000.00 | 9 माह |
| 2. | RDSPL/SD/HZB/ 39/02/2024-25 | बड़कागांव | बड़कागांव प्रखण्ड के ग्राम लम्कीटांड में उत्क्रमित मध्य विद्यालय लम्कीटांड का उन्नयन कार्य। | 15906900.00 | 318200.00 | 10000.00 | 9 माह |
| 3. | RDSPL/SD/HZB/ 39/03/2024-25 | केरेडारी | केरेडारी प्रखण्ड अंतर्गत ग्राम बेलतु में उत्क्रमित मध्य विद्यालय बेलतु का उन्नयन कार्य। | 13400400.00 | 268100.00 | 10000.00 | 9 माह |
| 4. | RDSPL/SD/HZB/ 39/04/2024-25 | ईचाक | ईचाक प्रखण्ड अंतर्गत ग्राम बोंगा में पी0एम0 श्री जवाहर नवोदय विद्यालय बोंगा ईचाक में विविध निर्माण कार्य। | 31418090.00 | 628400.00 | 10000.00 | 12 माह |
| 5. | RDSPL/SD/HZB/ 39/05/2024-25 | चौपारण | चौपारण प्रखण्ड के ग्राम चौपारण में परियोजना बालिका उच्च विद्यालय चौपारण का उन्नयन कार्य। | 10833100.00 | 216700.00 | 10000.00 | 9 माह |
| 6. | RDSPL/SD/HZB/ 39/06/2024-25 | चौपारण | चौपारण प्रखण्ड के ग्राम सेलहराकला में उत्क्रमित उच्च विद्यालय टोइया का उन्नयन कार्य। | 15707000.00 | 314200.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 28.02.2025
3. ई–निविदा प्राप्ति की तिथि एवं समय – दिनांक 28.02.2025 से दिनांक 10.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –11.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 345751 Rural Development (24-25)_D

**GOVERNMENT OF ODISHA**
**Office of the Additional Chief Engineer**
**Upper Kolab Project, At/Po: Bariniput**
**Dist: Koraput, ODISHA-764006**
**email id: aceukp2022@gmail.com**
**e-Procurement Notice No. ACE –UKP-03/2024-25**
**Bid Identification No. ACE-UKP-03/2024-25(I) to ACE-UKP-03/2024-25(XII) .**

A-998

1. Name of the Works : Civil Works .
2. No. of Works : 12 Nos.
3. Approximate Estimated Cost : Ranging from Rs.234.47 Lakhs to 252.87 Lakhs.
4. Period of completion : Six calendar months each.
5. Type of Contract : Percentage Rate ( Double cover).
6. Date & Time of Bidding / Availability of Bid documents in the portal : From 10.00 A.M. of 06.02.2025. Up to 05.00 P.M. of 23.02.2025.
6. Last date & time for receipt of bids in portal : 23.02.2025 up to 5.00 P.M.
7. Time and date of opening of Technical Bid : 11.00 A.M. of 24.02.2025.
8. Place of opening of Bid : O/o The Additional Chief Engineer, Upper Kolab Project, Bariniput.

Further details can be seen from the website https://tendersodisha.gov.in.
Addendum/corrigendum/Cancellation required, If any will be published in Govt. Website only

Sd/- Additional Chief Engineer
Upper Kolab Project, Bariniput

OIPR 32197/11/0003/2425

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KANDHAMAL**

A-1011

**e-Procurement Notice**
**BID IDENTIFICATION NO-13/2024-25**

**Letter No- 116 Dt- 29 / 01 / 2025**

| | |
|---|---|
| Name of work | Improvement to MI Projects under ERM for the year 2024-25. |
| No Works | 04 (four) No. |
| Estimated Cost | Rs. 12.02 lakh to Rs.16.62 lakh Approximately |
| Tender paper cost | Rs.6000.00 (Non- refundable) |
| Period of completion | 60 (sixty days) only. |
| Availability of Bid documents | From 10.00 AM of 06.02.2025 to 17.30 hrs of 15.02.2025 in website (www.tendersodisha.gov.in) |
| Time of receipt of bid through on line | From 10.00 AM of 06.02.2025 to 17.30 hrs of 15.02.2025 through online |
| Date of opening of bid documents | At 11.00 hrs of 17.02.2025 in the O/O S.E., M.I. Division, Kandhamal, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT:- Superintending Engineer, M.I. Division, Kandhamal, Ph No.06842-253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, http//www.tendersodisha.gov.in

Sd/- (er. Manaranjan Hansdah)
Superintending Engineer
M.I. Division, Kandhamal

OIPR 32487/11/0011/2425



ଭୋପାଳ: କୁନୋକୁ ଜାତୀୟ ଉଦ୍ୟାନକୁ ଆସିଲେ ଦୁଇ ନୂଆ ଅତିଥି। ମଙ୍ଗଳବାର ମାଈ ଚିତା ବୀରା ଦୁଇ ଶାବକଙ୍କୁ ଜନ୍ମ ଦେଇଛି। ଏହା ସହ କୁନୋ ନ୍ୟାସନାଲ ପାର୍କରେ ଏବେ ଚିତା ସଂଖ୍ୟାରେ ବୃଦ୍ଧି ହୋଇଛି। ବର୍ତ୍ତମାନ କୁନୋରେ ସମୁଦାୟ ଚିତା ସଂଖ୍ୟା ୨୬ ହୋଇଛି। ଯେଉଁଥିରେ ୧୨ ବୟସ୍କ ଚିତା ଏବଂ ୧୪ ଶାବକ ଅଛନ୍ତି। ସେପଟେ ଦୁଇ ଚିତା ଶାବକଙ୍କ ଜନ୍ମ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଖୁସି ପ୍ରକାଶ କରିବା ସହ ସେମାନଙ୍କର ଫଟୋ ସେୟାର କରିଛନ୍ତି। ଏହା ସହ ସେ ଚିତା ପ୍ରୋଜେକ୍ଟ ସହ ଜଡ଼ିତ ସବୁ ଅଧିକାରୀ, ଚିକିତ୍ସକ ଏବଂ ଫିଲ୍ଡ ଷ୍ଟାଫଙ୍କୁ ଶୁଭେଚ୍ଛା ଜଣାଇଚନ୍ତି। ସୂଚନାଥାଉକି, ୨୦୨୨ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା 'ପ୍ରୋଜେକ୍ଟ ଚିତା' ଆରମ୍ଭ ହୋଇଥିଲା। ଏହା ଅନୁଯାୟୀ ନାମିବ୍ୟା ଏବଂ ଦକ୍ଷିଣ ଆଫ୍ରିକାରୁ ୨୦ ଚିତାଙ୍କୁ କୁନୋ ନ୍ୟାସନାଲ ପାର୍କ ଅଣାଯାଇଥିଲା। ଭାରତରେ ପ୍ରାୟ ୭୦ ବର୍ଷ ତଳେ ଚିତା ପ୍ରଜାତି ବିଲୁପ୍ତ ହୋଇଯାଇଥିଲା। କିନ୍ତୁ ଏହି ପୁନର୍ବାସ ପ୍ରକଳ୍ପ କାରଣରୁ ସେମାନଙ୍କ ସଂଖ୍ୟା ବଢ଼ାଇବାକୁ ପ୍ରୟାସ କରାଯାଉଛି।

## ଆତିଶଙ୍କ ବିରୋଧରେ ମାମଲା ରୁଜୁ



ନୂଆଦିଲ୍ଲୀ: ଗୋବିନ୍ଦପୁରୀରେ ଘଟିଥିବା ହଙ୍ଗାମାକୁ ନେଇ ଦିଲ୍ଲୀ ପୋଲିସ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗୋବିନ୍ଦପୁରୀ ପୋଲିସ ବିଏନଏସର ଧାରା ୧୮୮ ଅନୁଯାୟୀ, ଆତିଶୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଛି ପୋଲିସ। ଦିଲ୍ଲୀ ପୋଲିସ ଆତିଶୀଙ୍କ ସମର୍ଥକଙ୍କ ବିରୋଧରେ ଦ୍ୱିତୀୟ ମାମଲା ରୁଜୁ କରିଛି। ସେମାନେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ସହ ଅସଦାଚରଣ କରିଥିବା ପୋଲିସ ଅଭିଯୋଗ କରିଛି। ସେମାନେ ନିର୍ବାଚନ ଆୟୋଗର ସଦସ୍ୟ ପରିଚୟ ଦେଇ ରମେଶ ବିଧୁରୀଙ୍କ ପୁତୁରାଙ୍କ ରାସ୍ତା ଅବରୋଧ କରିଥିଲେ। ଦିଲ୍ଲୀ ପୋଲିସ ରମେଶଙ୍କ ପୁତୁରାଙ୍କ ବିରୋଧରେ ମଧ୍ୟ ଅଭିଯୋଗ ରୁଜୁ କରିଛି। ଦିଲ୍ଲୀ ପୋଲିସ ଦ୍ୱାରା ନିଜ ବିରୋଧରେ ମାମଲା ରୁଜୁ ହେବା ପରେ ଆତିଶୀ ଏକ୍ସ ପୋଷ୍ଟରେ କହିଛନ୍ତି, ନିର୍ବାଚନ ଆୟୋଗ ବି ଗଜବ। ଭାଜପା ପ୍ରତିନିଧି ରମେଶ ବିଧୁରୀଙ୍କର ପରିବାରର ସଦସ୍ୟମାନେ ଖୋଲାଖୋଲି ଆଚାର ସଂହିତାର ଉଲ୍ଲଙ୍ଘନ କରୁଛନ୍ତି, କିନ୍ତୁ ସେମାନେ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ପୋଲିସ ଏବଂ ନିର୍ବାଚନ ଆୟୋଗକୁ ମୋ ଉପରେ ମାମଲା ରୁଜୁ କରିଛନ୍ତି। ସିଇସି ରାଜୀବ କୁମାର, ଆପଣ ନିର୍ବାଚନ ପ୍ରକ୍ରିୟାକୁ ଆଉ କେତେ ନଷ୍ଟ କରିବେ।

### ■ ଭାରତ ବିରୋଧରେ ଟ୍ରମ୍ପଙ୍କ ବଡ ଆକ୍ସନ ■

# ପ୍ରବାସୀ ଭାରତୀୟଙ୍କୁ ତଡ଼ିବା ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ: ଭାରତ ବିରୋଧରେ ବଡ ଆକ୍ସନ ନେଲେ ଟ୍ରମ୍ପ। ଆରମ୍ଭ ହେଲା ବେଆଇନ ଭାରତୀୟଙ୍କୁ ଆମେରିକାରୁ ତଡ଼ିବା ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୨୦୫ ଜଣ ଭାରତୀୟଙ୍କୁ ଆମେରିକାରୁ ତଡ଼ାଯାଇଛି। ସ୍ୱତନ୍ତ୍ର ସାମରିକ ବିମାନରେ ସେମାନଙ୍କୁ ଭାରତ ପଠାଇ ଦିଆଯାଇଛି। ସମସ୍ତଙ୍କ ନାଗରିକତା ଏବଂ ପରିଚୟ ଯାଞ୍ଚ ନିଶ୍ଚିତ ହେବା ପରେ ସ୍ୱଦେଶ ଫେରିଛନ୍ତି ୨୦୫ ଜଣ ଭାରତୀୟ । ବିନା କାଗଜପତ୍ରରେ ବେଆଇନ ଭାବେ ଏମାନେ ଆମେରିକାରେ ପଶିଥିଲେ । ସେଠାରେ ରହିଥିଲେ । କିନ୍ତୁ ଏବେ ସେମାନଙ୍କୁ ଆମେରିକାରୁ ତଡ଼ି ଦିଆଯାଇଛି । ରାଷ୍ଟ୍ରପତିଙ୍କ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକାରେ ବୋଇନ ଭାବେ ଥିବା ଅନ୍ୟ ଦେଶର ନାଗରିକଙ୍କୁ ଖୋଜି ଖୋଜି ତଡ଼ାଯାଉଛି। ପୂର୍ବରୁ ବ୍ରାଜିଲ, କଲମ୍ବିଆ ଏବଂ ଗୁଏତମାଲା ନାଗରିକଙ୍କୁ ସେମାନଙ୍କ ଦେଶକୁ ଠିକ ଏମିତି ହାତ, ଗୋଡ଼ ଓ ଅଣ୍ଟାରେ ବେଡ଼ି ପକାଇ ପଠାଇ ଥିଲା ଆମେରିକା । ଆଉ ଏବେ ଭାରତ ସହ ପେରୁ ଓ ହଣ୍ଡୁରାସ୍ ଏବଂ ଗୁଏତମାଲାକୁ ଦ୍ୱିତୀୟ ପର୍ଯ୍ୟାୟ ବେଆଇନ ନାଗରିକଙ୍କୁ ପଠାଯାଇଛି । ଭାରତକୁ ଫେରୁଥିବା ୨୦୫ ଜଣଙ୍କ ପରିଚୟ ନିଶ୍ଚିତ ହୋଇଛି । ଯାହା ସ୍ପଷ୍ଟ କରି ଦେଇଛି ଯେ, ବୋଇନ ଭାବେ ଆମେରିକାରେ ଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ୱାସିଂଟନ୍ ସହ ନୂଆଦିଲ୍ଲୀ ସହଯୋଗ କରିଛି। ଆସନ୍ତା ସପ୍ତାହରେ ଆମେରିକା ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଡୋନାଲ୍ଡ ଟ୍ରମ୍ପ, ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ଏହା ମୋଦିଙ୍କ ପ୍ରଥମ ଆମେରିକା ଗସ୍ତ । କିନ୍ତୁ ତା ପୂର୍ବରୁ ବେଆଇନ ଭାରତୀୟ ଏପିସୋଡ୍‌ର ପ୍ରଥମ ପୃଷ୍ଠା ଖୋଲିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ । ୧୮ ହଜାର ଭାରତୀୟ ବେଆଇନ ଭାବେ ଆମେରିକାରେ ରହିଥିବା ଜଣାପଡ଼ିଛି । ପର୍ଯ୍ୟାୟକ୍ରମେ ସେମାନଙ୍କୁ ମଧ୍ୟ ଭାରତ ପଠାଇବ ୱାସିଂଟନ୍ । ଟ୍ରମ୍ପଙ୍କ ଶପଥ ସମାରୋହକୁ ଯାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତାଙ୍କ ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ସହ ପ୍ରଥମ ସାକ୍ଷାତରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା । ଯେଉଁଠି ପ୍ରଥମ ଥର ପାଇଁ ବେଆଇନ ଭାରତୀୟଙ୍କ ପ୍ରସଙ୍ଗରେ ମୁହଁ ଖୋଲିଥିଲେ ଜୟଶଙ୍କର ।

## ବିବାଦୀୟ ବୟାନ ଦେଇ ଅଡୁଆରେ ହେମାମାଳିନୀ



ନୂଆଦିଲ୍ଲୀ: ଜାନୁଆରୀ ୨୯ ତାରିଖରେ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳାରେ ଦଳାଚକଟା ଘଟି ୩୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ରାଜନୈତିକ ସରଗରମ ଥିବା ବେଳେ ମଥୁରାର ବିଜେପି ସାଂସଦ ହେମା ମାଳିନୀ ଏକ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଏହା ଏକ ଦୁଃଖଦ ଘଟଣା ଥିଲା ହେଲେ ଘଟଣାଟି ଏତେ ବଡ଼ ନଥିଲା, ଏହାକୁ ଅତିରଞ୍ଜିତ କରାଯାଉଛି । ହେମା ମାଳିନୀ ଆହୁରି କହିଛନ୍ତି ଯେ, ମୁଁ ମଧ୍ୟ କୁମ୍ଭ ଯାଇଥିଲି । ମୁଁ ସଙ୍ଗମରେ ସ୍ନାନ କରିଥିଲି । ସବୁକିଛି ଭଲ ଭାବେ ପରିଚାଳିତ ହୋଇଥିଲା । ମୁଁ ଏହା ବିଷୟରେ ଅଧିକ ଜାଣିନାହିଁ, କିନ୍ତୁ ଯେଭଳି ଭାବେ ଏହାକୁ ଅତିରଞ୍ଜିତ କରାଯାଉଛି ସେପରି ଘଟଣା ଏତେ ବଡ ନୁହଁ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପ୍ରୟାଗରାଜ ଗସ୍ତ କରିବେ ଏବଂ ପବିତ୍ର ସ୍ନାନ କରିବେ। ଯଦି ପରିସ୍ଥିତି ପରିଚାଳନା କରାଯାଇ ନଥାନ୍ତା, ତେବେ ପ୍ରଧାନମନ୍ତ୍ରୀ କ'ଣ ଯାଆନ୍ତେ। ବିଜେପି ସାଂସଦ ହେମା ମାଳିନୀଙ୍କ ବୟାନ ଉପରେ କଂଗ୍ରେସ ସାଂସଦ ତାରିକ ଅନୱର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ହେମା ମାଳିନୀ କେବେ ଜାଣିପାରିବେ ନାହିଁ ଯେ ସେଠାରେ ପ୍ରକୃତରେ କ'ଣ ଘଟିଥିଲା। ସେ ସେଠାକୁ ଗଲେ, ତାଙ୍କୁ ଭିଆଇପି ସୁବିଧା ଦିଆଗଲା । ପୋଲିସ ଏବଂ ପ୍ରଶାସନ ଉଭୟ ଭିଆଇପିଙ୍କ ପଛରେ ପଡ଼ିଥିବାରୁ ମହାକୁମ୍ଭରେ ପରିସ୍ଥିତି ଆହୁରି ଖରାପ ହୋଇଗଲା। ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ଶୃଙ୍ଖଳା ପ୍ରତି ତାଙ୍କର କୌଣସି ଚିନ୍ତା ନଥିଲା । ଯଦି ସେ କୁହନ୍ତି ଯେ ଏହା ଏକ ବଡ଼ ଘଟଣା ନୁହେଁ, ତେବେ ଏହା ଦୁର୍ଭାଗ୍ୟଜନକ ଏବଂ ଏହା ପୀଡିତଙ୍କ ପ୍ରତି ମଜା କରୁଛନ୍ତି।

## କ୍ୟାନସର ଚିକିତ୍ସା ପାଇଁ ରାଜ୍ୟରେ ନୂଆ ଦିଶା ସୃଷ୍ଟି : ବିଷ୍ଣୁଦେବ

ରାୟପୁର : ରାଜ୍ୟରେ କ୍ୟାନସର ରୋଗର ଚିକିତ୍ସା ପାଇଁ ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଛନ୍ତି ରାୟପୁର ମେଡିକାଲ କଲେଜରେ କର୍କଟ ରୋଗର ଚିକିତ୍ସା ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି ହୋଇଛି। ରେଡିଓ ଥେରାପି କାର୍ଯ୍ୟକ୍ରମ ପାଇଁ ଏମ୍‌ଡି କରିବା ନିମନ୍ତେ ୬ଟି ପଦବୀକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ରାଜ୍ୟର କ୍ୟାନସର ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ ବୋଲି କୁହାଯାଇପାରେ। ଏ କ୍ଷେତ୍ରରେ କ୍ୟାନସର ଚିକିତ୍ସକମାନେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବିଷ୍ଣୁଦେବ ଅନୁରୋଧ କରିଛନ୍ତି।

## ସେବା ନିବୃତ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ବିଷ୍ଣୁଦେବଙ୍କ ଶୁଭେଚ୍ଛା



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ନିଜ ମନ୍ତ୍ରଣାଳୟରେ ଛତିଶଗଡର ପୋଲିସ ମହାନିର୍ଦ୍ଦେଶକ ଅଶୋକ ଜୁନେଜାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେବା ନିବୃତ୍ତ ମହାନିର୍ଦ୍ଦେଶକ ଶ୍ରୀ ଜୁନେଜାଙ୍କୁ ଶ୍ରୀ ସାଏ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘକାଳୀନ ସେବା ରାଜ୍ୟ ପାଇଁ ବହୁ ଗୁରୁତ୍ୱ ରଖିଥିବା ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଯେ, ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ଜୁନେଜା ରାଜ୍ୟର ପୋଲିସ ବଳକୁ ଅଧିକ ସକ୍ଷମ କରିପାରିଥିଲେ। ଏ କ୍ଷେତ୍ରରେ ତାଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଏହି ଅବସରରେ ରାଜ୍ୟର ମୁଖ୍ୟ ସଚିବ ଅମିତାଭ ଜୈନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ ସିଂ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅମିତ କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ ଉପସ୍ଥିତ ରହିଥିଲେ।

## ଗୁଜରାଟରେ ଖୁବଶୀଘ୍ର ଲାଗୁ ହେବ ୟୁସିସି



ଗାନ୍ଧିନଗର: ଉତ୍ତରାଖଣ୍ଡ ପରେ, ଏବେ ଗୁଜରାଟରେ ମଧ୍ୟ ୟୁସିସି ଶୀଘ୍ର ଲାଗୁ କରାଯିବା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ ସମାନ ନାଗରିକ ସଂହିତା (UCC) ପ୍ରସ୍ତୁତ ଏବଂ ପ୍ରଣୟନ ପାଇଁ ଏକ ୫ ଜଣିଆ କମିଟି ଗଠନ ଘୋଷଣା କରିଛନ୍ତି। ଏହି କମିଟି ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ଦେଶାଇଙ୍କ ଅଧକ୍ଷତାରେ କାର୍ଯ୍ୟ କରିବ। କମିଟି ୪୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବ, ଯାହା ଆଧାରରେ ସରକାର ନିଷ୍ପତ୍ତି ନେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାଜପା ଏହାର ୨୦୨୨ ନିର୍ବାଚନ ଇସ୍ତାହାରରେ ସମାନ ନାଗରିକ ସଂହିତା ଲାଗୁ କରିବ ବୋଲି ଘୋଷଣା କରିଥିଲା। ଏବେ ଏକ କମିଟି ଗଠନ କରାଯାଇଛି ଯାହା ୟୁସିସି ସମ୍ପର୍କରେ ଜନସାଧାରଣଙ୍କଠାରୁ ପରାମର୍ଶ ଲୋଡିବ। ଏହା ପରେ, କମିଟିର ନିଷ୍ପତ୍ତି ଆଧାରରେ ୟୁସିସି କାର୍ଯ୍ୟକାରୀ କରାଯିବ। ସମାନ ନାଗରିକ ସଂହିତାରେ ଏପରି ବ୍ୟକ୍ତିଗତ ଆଇନ ପ୍ରତିଷ୍ଠା କରିବାର ପ୍ରସ୍ତାବ ଅଛି ଯାହା ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ହେବ। ଏହି ପଦକ୍ଷେପ ସାରା ଦେଶରେ ନାଗରିକଙ୍କ ବ୍ୟକ୍ତିଗତ ବିଷୟଗୁଡ଼ିକୁ ପରିଚାଳନା କରୁଥିବା ଆଇନଗତ ବ୍ୟବସ୍ଥାରେ ସମାନତା ଆଣିବା ପାଇଁ ଭାଜପାର ଚାଲିଥିବା ପ୍ରୟାସର ଏକ ଅଂଶ।

## ହୀରା ଖଣି ପାଇଁ ୩୫ଗାଁକୁ ଚିହ୍ନଟ କଲା ଜିଏସ୍ଆଇ



ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ପାନ୍ନା ଅଞ୍ଚଳ ହୀରା ଉତ୍ପାଦନ ପାଇଁ ବେଶ୍ ପରିଚିତ। କିନ୍ତୁ ଏବେ ଏଥିରେ ଆଉ ଏକ ନାମ ଯୋଡି ହେବାକୁ ଯାଉଛି। ତାହା ହେଉଛି ଗ୍ୱାଲିୟର-ଶିବପୁରୀ ଅଞ୍ଚଳ। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସ୍ଆଇ)ଦ୍ୱାରା କରାଯାଇଥିବା ଏକ ସର୍ଭେରେ, ଚମ୍ବଲ ଅଞ୍ଚଳର ସମଗ୍ର ୪୨୧ କିଲୋମିଟର ଅଞ୍ଚଳର ଘାଟି ଏବଂ ଜଙ୍ଗଲରେ ହୀରା ମିଳିପାରିବ ବୋଲି ଜଣାପଡିଛି। ସରକାରୀ ଏଜେନ୍ସିର ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ପାନ୍ନା ହୀରା ମିଳିଥିବା ଅଞ୍ଚଳ ହେଉଛି ବିନ୍ଧ୍ୟଚଳ ପାହାଡ଼ ଅଞ୍ଚଳ ଏବଂ ଚମ୍ବଲ ମଧ୍ୟ ଏହି ଅଞ୍ଚଳରେ ପଡ଼ିଥାଏ। ଜିଏସ୍ଆଇ କହିଛି ଯେ ଏହି ଅଞ୍ଚଳର ମାଟି, ପଥର ଏବଂ ଜଳବାୟୁ ମଣିପତ୍ର ପରି, ତେଣୁ ଏଠାରେ ହୀରା ମିଳିବାର ସମ୍ଭାବନା ରହିଛି। ଜିଏସ୍ଆଇ ଏହାର ସର୍ଭେରେ ଚମ୍ବଲ ଅଞ୍ଚଳର ୩୫ ଟି ଗାଁକୁ ହୀରା ବ୍ଲକ ପାଇଁ ଚିହ୍ନଟ କରିଛି। ଜିଏସ୍ଆଇ ଏହି ସମଗ୍ର ଅଞ୍ଚଳକୁ ନରୱାର ଡାଇମଣ୍ଡ ବ୍ଲକ୍ ନାମରେ ନାମିତ କରିଛି। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏବେ ଏଠାରେ ଦ୍ୱିତୀୟ ସର୍ଭେ କରିବାକୁ ପ୍ରସ୍ତୁତ ହେଉଛି। ଏହି ସର୍ଭେ ଗ୍ୱାଲିୟରର ଘାଟିଗାଁ ବ୍ଲକ ଏବଂ ଭିତରୱାର ବ୍ଲକରେ ହୀରା ଖଣି ପାଇଁ କରାଯିବ। ଏହାକୁ ଦୃଷ୍ଟିରେ ରଖି, ଜିଏସ୍ଆଇ ରାଜସ୍ୱ, ଜଙ୍ଗଲ ଏବଂ ସଂରକ୍ଷିତ ଜଙ୍ଗଲ ଜମି ବିଷୟରେ ସୂଚନା ମାଗିଛି। ଏହି ସୂଚନା ପାଇବା ପରେ, ହୀରା ଖଣି ପାଇଁ ଖଣି ଆବଣ୍ଟନ କରାଯିବ।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ଇଲେକ୍ଟ୍ରିକ୍ ଯାନ ନିର୍ମାତା ୱାର୍ଡୱିଜାର୍ଡ ଇନୋଭେନ୍ସ ଆଣ୍ଡ ମୋବିଲିଟି ଲିମିଟେଡ୍ ଏହାର ପ୍ରମୁଖ ବ୍ରାଣ୍ଡ ଇ-ବାଇକ୍ ଅଧୀନରେ ଫ୍ଲିଟ ପରିଚାଳନା କ୍ଷେତ୍ରରେ ପ୍ରବେଶ କରିଛି। ଅପ୍ଟିମୋସନ୍ ବ୍ୟାନର ଅଧୀନରେ ସ୍ୱିଡ୍‌ଫୋର୍‌ଇଭି ସହ ସହଯୋଗିତା କରି କମ୍ପାନି ହାଇଦ୍ରାବାଦରେ ୧୦୦ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ମୁତୟନ କରିଛି। ଏହି ଅଭିଯାନ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତିନ୍ ଗୁପ୍ତେ କହିଛନ୍ତି ଯେ, 'ଫ୍ଲିଟ୍ ଅପରେଟରମାନଙ୍କ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତର ଏକ ବ୍ୟବସ୍ଥା ବିକାଶ କରିବା ଲାଗି ଆମେ ଉଦ୍ୟମ କରୁଥିବାରୁ ଭାରତୀୟ ଇଭି ଶିଳ୍ପ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଫ୍ଲିଟ୍ ପରିଚାଳନା ପାଇଁ ସ୍ୱିଡଫୋର୍‌ଇଭି, ଫାଇନାନ୍ସ ପାଇଁ ମଙ୍ଗଳମ୍ ଇଣ୍ଡଷ୍ଟ୍ରିଆଲ୍ ଫାଇନାନ୍ସ ଲିମିଟେଡ୍, ମୁଫିନ୍ ଗ୍ରିନ୍ ଫାଇନାନ୍ସ, ବ୍ଲୁବେଲ୍ ଇନ୍‌ସ୍ୟୁରାନ୍ସ ବ୍ରୋକିଂ ପ୍ରାଇଭେଟ୍ ଲିମିଟେଡ, ଆମ୍ପଭୋଲ୍‌ଟସ୍ ଲିମିଟେହ୍ ଏବଂ ଶିଳ୍ପର ଅନ୍ୟାନ୍ୟ ପ୍ରମୁଖ ସହଯୋଗୀମାନଙ୍କ ସହ ସହଯୋଗିତା ବ୍ୟବସାୟ ପାଇଁ ଏକ ନିରବଚ୍ଛିନ୍ନ ଅନୁଭୂତି ନିଶ୍ଚିତ କରି ଅପଟାଇମ୍ ଓ ରାଜସ୍ୱ ସମ୍ଭାବନା ବଢ଼ାଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୮୦୦୦ ଯାନ ମୁତୟନ କରିବାକୁ ଆମେ ଲକ୍ଷ୍ୟ ରଖିଛୁ ଏବଂ ୨୦୨୬ ମାର୍ଚ୍ଚ ସୁଦ୍ଧା ତାହାକୁ ୫୦,୦୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଯାହା ଦେଶରେ ଇଭି ଗ୍ରହଣୀୟତା ବଢ଼ାଇବା ପାଇଁ ଆମ ପ୍ରତିବଦ୍ଧତାକୁ ଦୃଢ଼ କରୁଛି।

## ଫୁଡ୍ ଏବଂ ହର୍ବାଲ ପାର୍କର ବିକାଶ କରିବ ପତଞ୍ଜଳି ଗ୍ରୁପ୍



ହରିଦ୍ୱାର: ପତଞ୍ଜଳି ଗ୍ରୁପ ଯମୁନା ଏକ୍ସପ୍ରେସ୍ ୱେ ଉଦ୍ୟୋଗିକ ବିକାଶ ପ୍ରାଧିକରଣ କ୍ଷେତ୍ରରେ ତା'ର ନିଜର ବ୍ୟବସାୟିକ ବୃଦ୍ଧି ପାଇଁ ଆଗକୁବଢ଼ିଛି। ଏହି ଅବସରରେ ପତଞ୍ଜଳି ଆୟୁର୍ବେଦ ଲି.ର ପ୍ରବନ୍ଧ ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମଙ୍ଗଳବାର ପ୍ଲାଣ୍ଟ ନଂ ଆଇଏ, ସେକ୍ଟର ୨୪ଏ, ଏଇଡାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପତଞ୍ଜଳି ଫୁଡ୍ ଏବଂ ହରବାଲ ପାର୍କର ଆଗାମୀ ଯୋଜନା ନେଇ ଚର୍ଚ୍ଚାକରିଥିଲେ। ଏହି ପରିଯୋଜନାରେ ଏକ ବଡ ନିବେଶ କରାଯିବା ସହ ଯୁବଗୋଷ୍ଠୀଙ୍କୁ ରୋଜଗାର ଯୋଗାଇ ଦେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ବାଳକୃଷ୍ଣ କହିଥିଲେ। ଆର୍ଥିକ ବିକାଶ ଏବଂ ରୋଜଗାରକୁ ନେଇ ବାଳକୃଷ୍ଣ ଜୀ କହିଥିଲେ ଯେ, ଏହି ଉଦ୍ୟୋଗିକ ପାର୍କରେ ୧୬ଶହ କୋଟି ଟଙ୍କାର ନିବେଶ କରାଯାଇ ଏହାକୁ ବିକଶିତ କରାଯିବ। ସେ ଆହୁରି କହିଥିଲେ ଯେ, ଏହି ପରିଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇଣ୍ଡିଆ ପରିଯୋଜନା ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ଇନ୍‌ଭେଷ୍ଟ ୟୁପି ମିଶନର ଅନୁରୂପ ଅଟେ। ପତଞ୍ଜଳି ଫୁଡ୍ ଏବଂ ହରବାଲ ପାର୍କରେ ୩ହଜାରରୁ ଅଧିକ ରୋଜଗାର ସୃଷ୍ଟି ହେବ। ଯେଉଁ କ୍ଷେତ୍ରରୁ ଲୋକମାନେ ବଡଧରଣର ଲାଭ ପାଇବେ ବୋଲି ସେ କହିଥିଲେ। ପତଞ୍ଜଳି ଗ୍ରୁପ୍ ପ୍ରଥମେ ଏହି ଉଦ୍ୟୋଗିକ ପାର୍କର ବିକଶିତ କରିବ। ଯେଉଁଠାରେ ଛୋଟ ଏବଂ ମଧ୍ୟମ ଉଦ୍ୟୋଗକଙ୍କୁ ସବ୍‌ଲିଜ୍ ମାଧ୍ୟମରେ ପ୍ରଦାନ କରାଯିବ। ଏଇଡା ଅଧିକାରୀଙ୍କ ସହ ବାଳକୃଷ୍ଣ ବ୍ୟବସାୟୀ ସଂପର୍କରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

## ଆକ୍ସିସ୍ ବ୍ୟାଙ୍କ୍ ଓ ମାର୍ଗ ଇଆର୍‌ପି ମଧ୍ୟରେ ସହଯୋଗିତା

ନୂଆଦିଲ୍ଲୀ : କ୍ଷୁଦ୍ର ଓ ମଧ୍ୟମ ଧରଣର ସଂସ୍ଥା (ଏସ୍‌ଏମ୍‌ଇ) ଗ୍ରାହକମାନଙ୍କୁ ସରଳୀକୃତ ବ୍ୟବସାୟ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରଦାନ କରିବା ପାଇଁ ଦେଶର ଅନ୍ୟତମ ସର୍ବବୃହତ ଘରୋଇ ବ୍ୟାଙ୍କ୍ ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ମାର୍ଗ ଇଆର୍‌ପି ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଆକାଉଟିଂ ଓ ବ୍ୟାଙ୍କିଙ୍ଗ ସମାଧାନକୁ ଗୋଟିଏ ଛାତ ତଳକୁ ଆଣିବା। ଏହି ସହଯୋଗିତା ଆକ୍ସିସ୍ ବ୍ୟାଙ୍କର ଚଳନ୍ତୀ ଖାତା ଗ୍ରାହକମାନଙ୍କୁ ସେମାନଙ୍କ ବ୍ୟବସାୟ ଖାତାକୁ ସିଧାସଳଖ ମାର୍ଗ ଇଆରପି ସଫ୍ଟୱେର୍‌ରେ ଯୋଡ଼ିବାରେ ସଶକ୍ତ କରିବ। ଏହି ସହଯୋଗିତା ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା ହୋଲସେଲ ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟସ୍ ମୁଖ୍ୟ ବିବେକ ଗୁପ୍ତା କହିଛନ୍ତି ଯେ, 'ମାର୍ଗ ଇଆରପି ସହ ଏହି ସହଯୋଗିତା ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ଏବଂ ସମନ୍ୱିତ, ଗ୍ରାହକ-କେନ୍ଦ୍ରୀତ ସମାଧାନ ପ୍ରଦାନ କରି ଆମର ଏସଏମଇ ଗ୍ରାହକଙ୍କୁ ଉତମ ସେବା ପ୍ରଦାନ କରିବା ପାଇଁ ଆକ୍ସିସ୍ ବ୍ୟାଙ୍କର ଅତୁଟ ପ୍ରତିବଦ୍ଧତାର ପ୍ରମାଣ। ମାର୍ଗ ଇଆରପି ସହିତ ବ୍ୟାଙ୍କିଙ୍ଗ୍ କାର୍ଯ୍ୟଗୁଡିକର ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ସମନ୍ୱୟ ସହ ଆମେ ଆମର ଗ୍ରାହକମାନଙ୍କୁ ଉଚ୍ଚ ଦକ୍ଷତା ଏବଂ ଚପଳତା ସହିତ ସେମାନଙ୍କର ଆର୍ଥିକ କାରବାର ପରିଚାଳନା କରିବା ସହଜ କରୁଛୁ। ଏହି ପଦକ୍ଷେପ ଆମଗ୍ରାହକଙ୍କ ଡିଜିଟାଲ ଅଭିଜ୍ଞତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଆମର ଜାରି ରହିଥିବା ପ୍ରୟାସର ଏକ ଧାରା। ମାର୍ଗ ଇଆରପିର ସିଏମଡି ତଥା ପ୍ରତିଷ୍ଠାତା ଠାକୁର ଅନୁପ ସିଂହ କହିଛନ୍ତି ଯେ, 'ଆକ୍ସିସ ବ୍ୟାଙ୍କ ସହିତ ଏହି ଚୁକ୍ତି ସମଗ୍ର ଅଂଚଳର ବି୨ବି ବ୍ୟବସାୟ ପାଇଁ ଏକ ମାଇଲଖୁଂଟ, କାରଣ ଏହା ସେମାନଙ୍କୁ ଉନ୍ନତ ଡିଜିଟାଲ ବ୍ୟାଙ୍କିଂ ସମାଧାନ ପ୍ରଦାନ କରୁଛି ଯାହା ସେମାନଙ୍କ ବ୍ୟବସାୟ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବ। ଡିଜିଟାଲାଇଜେସନ୍‌କୁ ପ୍ରୋତ୍ସାହିତ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଜାରି ରହିଥିବା ପ୍ରୟାସ ସହିତ ଏହି ସହଯୋଗିତା ଭଲ ଭାବରେ ଯୋଡ଼ି ହୋଇଛି।







## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ସହରରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆମ୍ବଗଡ ଗ୍ରିଡ ସବ ଷ୍ଟେସନରୁ ନୀଳକଣ୍ଠ ନଗର ପ୍ରାଇମେରୀ ସବ ଷ୍ଟେସନ ଯାଏଁ ନୂତନ ଭାବେ ୩.୯ କିମି ଦୀର୍ଘ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି। ଏହା ଦ୍ୱାରା ପ୍ରାୟ ୫୧ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ପାଇବେ, ବିଶେଷ କରି ଆଗକୁ ଖରା ଦିନ ଆସୁଥିବାରୁ ଜନବହୁଳ ଅଞ୍ଚଳ ଏବଂ ବ୍ୟାବସାୟିକ କେନ୍ଦ୍ରଗୁଡ଼ିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ଏକ ବ୍ୟାବସାୟିକ କେନ୍ଦ୍ର ତଥା ଜନବହୁଳ ସହର। ବର୍ତ୍ତମାନ ଏହି କମର୍ସିଆଲ କରିଡ଼ରକୁ ସ୍ଥାୟୀ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ହୋଇପାରୁଛି। ନୂତନ ଭାବେ ସଂଯୋଗ ହୋଇଥିବା ୩.୯ କିମି ଦୀର୍ଘ ୩୩ କେଭି ବିଦ୍ୟୁତ ଲାଇନ୍ ଗାନ୍ଧୀନଗର, ବିଜିପୁର, ଗୋସାଣୀନୂଆଗାଁ, କନିଶି, ହଳଦିଆପଦର, ସାନ ବଜାର, ବଡ଼ ବଜାର, ହାଉସିଂ ବୋର୍ଡ, ପୁରୁଣା ବ୍ରହ୍ମପୁର, ଆସ୍କା ରୋଡ଼ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିଶ୍ୱସନୀୟ ବିଜୁଳି ସେବା ଯୋଗାଉଛି। ଯାହା ଫଳରେ, ଏସବୁ ଅଞ୍ଚଳରେ ଓଭରଲୋଡ଼ିଂ କିମ୍ବା ଲୋ ଭୋଲଟେଜ ଭଳି ସମସ୍ୟା ହେବ ନାହିଁ।
ପୂର୍ବରୁ ବ୍ରହ୍ମପୁରର ଜନବହୁଳ ସ୍ଥାନରେ ବିଦ୍ୟୁତ କେବୁଲଗୁଡ଼ିକର ଉଚ୍ଚତା କମ ଥିଲା ଏବଂ ପୁରୁଣା କଣ୍ଡକ୍ଟର ଯୋଗୁଁ ଓଭର ଲୋଡ଼ିଂ ସମସ୍ୟା ଉପୁଜୁଥିଲା। ଏହି ପଦକ୍ଷେପ ଯୋଗୁଁ କଣ୍ଡକ୍ଟର ସାଇଜରେ ବୃଦ୍ଧି ସହ ଅଧିକ ଉଚ୍ଚତାରେ ରଖା ଯାଇଛି, ଯାହା ଫଳରେ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି ପାଇବ। ବିଶେଷ କରି ଅଧିକ ବିଜୁଳି ଚାହିଦା ଥିବା ସମୟରେ ନୂଆ ଭିତ୍ତିଭୂମି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରେ। ଖରା ଦିନକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ଜନବହୁଳ ଅଞ୍ଚଳ ଏବଂ ବ୍ୟାବସାୟିକ ସ୍ଥାନଗୁଡିକରେ ବିଦ୍ୟୁତ କାଟ ରୋକିବା ଏବଂ ଅଧିକ ଚାହିଦା ସମୟରେ ସ୍ଥାୟୀ ବିଦ୍ୟୁତ ସେବା ଜାରି ରଖିବା ଉପରେ ଗୁରୁତ୍ୱ ଦେଉଅଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଭରସାଯୋଗ୍ୟ ବିଜୁଳି ଯୋଗାଣ ହେଉଛି ଆମର ମିଶନ। ସମର୍ପିତ ଭାବନା ନେଇ ଆମେ ଏହି ଲକ୍ଷ୍ୟ ହାସଲ ଦିଗରେ ନିରନ୍ତର ପ୍ରୟାସ କରୁଅଛୁ। ଏହି ନୂତନ ବିଦ୍ୟୁତ ଲାଇନ୍ ସଂଯୋଗ ହେବା ପରେ ବ୍ରହ୍ମପୁରର ବ୍ୟାବସାୟିକ କେନ୍ଦ୍ରକୁ ସ୍ଥାୟୀ ଏବଂ ସୁରକ୍ଷିତ ବିଜୁଳି ଯୋଗାଇ ଦିଆଯିବ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉତ୍ତରାଖଣ୍ଡରେ ଚାଲିଥିବା ୩୮ ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ବିଚ୍ ଭଲିବଲ୍ ଦଳ ଆତ୍ମବିଶ୍ୱାସର ସହ ଅଭିଯାନ ଆରମ୍ଭ କରିଛି। ନିଜ ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଉତ୍ତରାଖଣ୍ଡକୁ ୨-୦ରେ ପରାସ୍ତ କରିଛି। ଉତ୍ତରାଖଣ୍ଡର ଶିବପୁରୀରେ ଖେଳାଯାଉଥିବା ଏହି ଇଭେଣ୍ଟ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଦଳ ବଳିଷ୍ଠ କଳାକୌଶଳ ଏବଂ ଦଳଗତ ଖେଳର ନମୁନା ଦେଖାଇ ସିଧାସଳଖ ସେଟ୍‌ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ରାଜ୍ୟ ଦଳରେ ଥିବା କିଟ୍ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଖେଳାଳି ମଧ୍ୟ ଚମତ୍କାର ଖେଳ ଖେଳିଥିଲେ। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଜିତି ପଦକ ଜିତିବା ଉପରେ ଧ୍ୟାନ ଦେବ ବୋଲି ଦଳପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏହି ଖେଳକୁ ନିୟମିତ ଦେଇ ଆସୁଥିବା ସମର୍ଥନ ଓ ସହଯୋଗ ପାଇଁ ମଧ୍ୟ ଓଡ଼ିଶା ଖେଳାଳିମାନେ ଓଡ଼ିଶା ବିଚ୍ ଭଲିବଲ୍ ସଂଘର ପ୍ରତିଷ୍ଠାତା ସଭାପତି, ତଥା କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ସଂପାଦକ ଡକ୍ଟର ଗଗନେନ୍ଦୁ ଦାଶ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଫେସର ସାମନ୍ତ ମଧ୍ୟ ଓଡ଼ିଶା ଖେଳାଳିଙ୍କୁ ଆଗାମୀ ମ୍ୟାଚ୍ ଲାଗି ଶୁଭକାମନା ଜଣାଇଛନ୍ତି।

# ଇଂଲଣ୍ଡ ବିପକ୍ଷ ଦିନିକିଆରେ ସାମିଲ ହେଲେ ବରୁଣ ଚକ୍ରବର୍ତ୍ତୀ



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ସ୍ଥାନ ମିଳିଥିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଫେବ୍ରୁଆରୀ ୬ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ସହିତ ବରୁଣ ପ୍ରଶିକ୍ଷଣ ନେଉଥିବାର ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ(ଫେବ୍ରୁଆରୀ ୪) ବିସିସିଆଇ ଟିମ୍‌ରେ ବରୁଣଙ୍କ ସାମିଲ୍ ନେଇ ଘୋଷଣା କରିଛି। ଏନେଇ ବିସିସିଆଇ କହିଛି ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ଆଗାମୀ ୩ ମ୍ୟାଚ୍ ବିଶିଷ୍ଟ ଏକ ଦିବସୀୟ ସିରିଜ୍ ପାଇଁ ପୁରୁଷ ଖେଳାଳି ଚୟନ କମିଟି ଭାରତୀୟ ଦଳରେ ବରୁଣ ଚକ୍ରବର୍ତ୍ତୀଙ୍କୁ ସାମିଲ କରିଛନ୍ତି। ଏହି ନୂଆ ପରିବର୍ତ୍ତନ ପରେ ଘୋଷଣା ହୋଇଥିବା ୧୬ ଜଣିଆ ଭାରତୀୟ ଦଳରେ ୫ ଜଣ ସ୍ପିନର ହୋଇଛନ୍ତି। ସେମାନେ ହେଲେ- ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଏବଂ ବରୁଣ ଚକ୍ରବର୍ତ୍ତୀ।

# ରଣଜୀ ଟ୍ରଫି: ମୁମ୍ବାଇ ଟିମ୍‌ରେ ସାମିଲ ହେଲେ ସୂର୍ଯ୍ୟକୁମାର, ଦୁବେ



ମୁମ୍ବାଇ: ଟିମ ଇଣ୍ଡିଆର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ରଣଜୀ ମ୍ୟାଚରେ ଖେଳିବେ । ହରିୟାଣା ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ ପାଇଁ ମୁମ୍ବାଇ ଟିମରେ ସୂର୍ଯ୍ୟକୁମାର ଓ ଶିବମ ଦୁବେଙ୍କୁ ସାମିଲ କରାଯାଇଛି। ଫେବୃୟାରୀ ୮ରୁ ଏହି ମ୍ୟାଚ ଆରମ୍ଭ ହେବ । ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଇଂଲଣ୍ଡ ବିପକ୍ଷରେ ଭାରତ ୪-୧ରେ ସିରିଜ ବିଜୟୀ ହୋଇଛି। ଦିନିକିଆ ଟିମରେ ଏହି ଦୁଇ ଖେଳାଳି ସ୍ଥାନ ପାଇ ନ ଥିବାରୁ ଘରୋଇ କ୍ରିକେଟ ଖେଳିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ମେଘାଳୟକୁ ହରାଇ ମୁମ୍ବାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୂର୍ଯ୍ୟକୁମାର ଇଂଲଣ୍ଡ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ । ସେ ୫ଟି ମ୍ୟାଚରେ ୨୮ ରନ କରିବାକୁ ସକ୍ଷମ ହୋଇଥିଲେ। ମୁମ୍ବାଇ ଟିମ: ଅଜିଙ୍କ୍ୟ ରାହାଣେ(ଅଧିନାୟକ), ଆୟୁଷ ମାହାତ୍ରେ, ଅଙ୍ଗକୃଷ ରଘୁବଂଶୀ, ଅମୋଘ ଭଟକଲ, ସୂର୍ଯ୍ୟକୁମାର ଯାଦବ, ସିଦ୍ଧେଶ ଲାଡ, ଶିବମ ଦୁବେ, ଆକାଶ ଆନନ୍ଦ, ହାର୍ଦ୍ଦିକ ତାମୋରେ, ସୂର୍ଯ୍ୟାଂଶ ଶେଡଗେ, ଶାର୍ଦ୍ଦୁଳ ଠାକୁର, ଶମ୍ସ ମୁଲାନୀ, ତନୁଷ କୋଟିୟାନ, ମୋହିତ ଅବସ୍ଥି, ସିଲଭେଷ୍ଟର ଡିସୁଜା, ରୟଷ୍ଟନ ଡାୟସ, ଅଥର୍ବ ଆଙ୍କୋଲେକର ଓ ହର୍ଷ ତନ୍ନା।

# କ୍ରିକେଟ୍‌ରୁ ଅବସର ଘୋଷଣା କଲେ ଦିମୁଥ କରୁଣାରତ୍ନେ



କଲମ୍ବୋ: ଶ୍ରୀଲଙ୍କା କ୍ରିକେଟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଦିମୁଥ କରୁଣାରତ୍ନେ ଅବସର ଘୋଷଣା କରିଛନ୍ତି। ଗାଲେ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସେ ଅବସର ନେବେ। କରୁଣାରତ୍ନେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଅଷ୍ଟ୍ରେଲିଆ ବିପକ୍ଷ ଏହି ଆଗାମୀ ମ୍ୟାଚ ମଧ୍ୟ ତାଙ୍କ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ ହେବ। ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିଛନ୍ତି। ଦିମୁଥ କରୁଣାରତ୍ନେ କହିଛନ୍ତି, ସେ ତାଙ୍କର ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବା ପରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବେ। ଅବସର ପରେ ସେ ଶ୍ରୀଲଙ୍କା ଛାଡ଼ି ଆସନ୍ତା ମାସରେ ପରିବାର ସହ ଅଷ୍ଟ୍ରେଲିଆ ଯିବେ ବୋଲି ସେ ପ୍ରକାଶ କରିଛନ୍ତି। ମେଜର କ୍ଲବ ତିନିଦିନିଆ ଟୁର୍ନାମେଣ୍ଟରେ କରୁଣାରତ୍ନେ ନିଜର ଶେଷ ମ୍ୟାଚ ଖେଳିବାକୁ ଯାଉଛନ୍ତି। ଫେବ୍ରୁଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ସିଂହଳୀଜ୍ ଓ ନାନ୍ଦେସ୍କ୍ରିପ୍ଟସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚରେ ସେ ଭାଗ ନେବେ। ଦିମୁଥ କରୁଣାରତ୍ନେ ଅବସର ନେବା ପରେ କହିଛନ୍ତି, ଯଦି ଜଣେ ଖେଳାଳି ବର୍ଷକୁ ମାତ୍ର ୪ଟି ଟେଷ୍ଟ ମ୍ୟାଚ ଖେଳନ୍ତି ତେବେ ଫର୍ମ ବଜାୟ ରଖିବା ଏବଂ ଉତ୍ସାହିତ ରହିବା କଷ୍ଟକର। ଗତ ୨-୩ ବର୍ଷ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହେବା ପରଠାରୁ ଆମେ ବହୁତ କମ ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଛୁ। ମୋର ବର୍ତ୍ତମାନର ଫର୍ମ, ୧୦୦ତମ ଟେଷ୍ଟ ଏବଂ ୨୦୨୩-୨୫ ଡବ୍ଲ୍ୟୁଟିସି ସିଜିନ ଶେଷ ହେବା ମଧ୍ୟ ମୋର ଅବସର ନିଷ୍ପତ୍ତି ପଛରେ ରହିଛି। ମୁଁ ଭାବୁଛି ଅବସର ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଦିମୁଥ କରୁଣାରତ୍ନେ ୨୦୧୧ରେ ଶ୍ରୀଲଙ୍କା ପକ୍ଷରୁ ଦିନିକିଆ ମ୍ୟାଚ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ନିଜ କ୍ୟାରିୟରରେ ସେ ୯୯ ଟେଷ୍ଟ ମ୍ୟାଚ ଖେଳି ୭୧୭୨ ରନ କରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିୟରରେ ୧୬ଟି ଶତକ ଓ ୩୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦିନିକିଆ କ୍ୟାରିୟରରେ ସେ ୫୦ ମ୍ୟାଚ ଖେଳି ମୋଟ ୧୩୧୬ ରନ କରିଛନ୍ତି। ଦିନିକିଆ ମ୍ୟାଚରେ ତାଙ୍କର ଗୋଟିଏ ଶତକ ଓ ୧୧ଟି ଅର୍ଦ୍ଧଶତକ ରହିଛି। ଦୀର୍ଘ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିବା ସହ ୧୭ଟି ଶତକ ହାସଲ କରିଛନ୍ତି।

# ଜିଲ୍ଲାସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଜରାସିଂହା ବିଜୟୀ



ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ୟୁଥ୍ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ ତମ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଚତୁର୍ଥ ଦିବସ ମ୍ୟାଚ ମୁରିବାହାଲ ପଂଚାୟତି ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚରେ ଜରାସିଂହା ଦଳ ବିଜୟୀ ହୋଇ ଚତୁର୍ଥ ଦଳ ଭାବରେ ସେମି ଫାଇନାଲ ପ୍ରବେଶ କରିଛି। ଚତୁର୍ଥ ଦିବସରେ ଜରାସିଂହା ଓ ମୁରିବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜରାସିଂହା ଦଳ ମୁରିବାହାଲକୁ ୨/୦ ଗୋଲ ଦେଇ ସେମି ଫାଇନାଲ ପ୍ରବେଶ କରିଛି। ଏହି ଅବସରରେ ମୁଖ୍ୟ ଅତିଥି ଜଗଦିଶ କର୍ଣ୍ଣାମି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିବା ବେଳେ ସମ୍ମାନନିୟ ଅତିଥି ଭାବରେ ମୁରିବାହାଲ ଆଇଆଇସି ସିପୋରା ସୁରାୟ ଲୁଗୁନ, ମୁରିବାହାଲ ସିଡିପି ଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ +୨ ଜୁନିଅର କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ମୁରିବାହାଲ ଓକିଲ ସଂଘ ସଭାପତି ଜୟଦୀପ ପୁରୋହିତ, ବରିଷ୍ଠ ଆଇନଜୀବୀ ତଥା ଓକିଲ ଶମ୍ଭୁ ପ୍ରସାଦ ଭୋଇ, ସରପଞ୍ଚ ଗୋଇମୁଣ୍ଡ କାଳିଆ ସରାଫ, ସମିତି ସଭ୍ୟ ଲଖନା ଭୀମସେନ ବାଗ, କୁନି ନାଏକ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ସଭାପତି ବଡ ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାସୁ ଶେଖର ପୋଡ଼ ଯାଦବ, ପିଣ୍ଟୁ ଭୋଇ, ସେମନ୍ତ ବାଗ ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ ପ୍ରମୁଖ ସହଯୋଗ କରିଥିଲେ। ସୁଦାମ ଚରଣ ବଘାର ଓ ଲିଲୁ ମୋହନ ପଧାନ ଧାରବୀବରଣି ପ୍ରଧାନ କରିଥିଲେ।

# ପଦ୍ମଚରଣ ସାମନ୍ତ ସିଂହାର ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍



ନିମାପଡା (ଭାସ୍କର ନ୍ୟୁଜ): ନିମାପଡା ବାରବାଟି ପଡିଆରେ ୧୦ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ନିମାପଡା ଆଥଲେଟିକ୍ ଆସୋସିଏସନ୍ ଓ ନିମାପଡା ଏକଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ରୋମାଞ୍ଚକର ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନିମାପଡା ଆଥଲେଟିକ୍ ଆସୋସିଏସନର ସଭାପତି ତଥା ପୂର୍ବତନ ମନ୍ତ୍ରୀ, ରାଜ୍ୟ ମୁଖପାତ୍ର ସମୀର ରଂଜନ ଦାଶ ୭୮ମସିହାରେ ଏହି ପଡିଆରୁ ଖେଳ ଆରମ୍ଭ କରିଥିଲେ । ୧୯୮୬ ମସିହାରେ ବାଣୀବିହାର ଉତ୍କଳ ୟୁନିଭରସିଟିର କ୍ୟାପେଟନ ମଧ୍ୟ ରହିଥିଲେ । ଆଜିର ଏହି ମ୍ୟାଚରେ ସମୀର ରଂଜନ ଦାଶଙ୍କ ଖେଳ ଉଚ୍ଚକୋଟୀର ରହିଥିଲା। ଆଜିର ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାଗନେଇଥିବା ଖେଳାଳୀମାନେ ହେଲେ ପୂର୍ବତନ ଖେଳାଳୀ ସମୀର ରଂଜନ ଦାଶ, ଧୀରେନ୍ ବରାଳ, ପବିତ୍ର ଭୋଇ, ପ୍ରକାଶ ବରାଳ, ଜିତେଶ୍ କାନୁନ୍‌ଗୋ, ବିରେନ ବରାଳ, ଜିବନାନନ୍ଦ ମହାପାତ୍ର, ସମର ବରାଳ ପ୍ରମୁଖ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ।

## ଜାତୀୟ ହୁଇଲ୍ ଚେୟାର କ୍ରିକେଟ୍ ଚାମ୍ପିଅନସିପ୍
# ଗୁଆଲିୟର ଗସ୍ତ କଲେ ତରଣୀ ସୁନା



ବରଗଡ଼ (ଭାସ୍କର ନ୍ୟୁଜ) : ଆସନ୍ତା ୫ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗୁଆଲିୟର ଠାରେ ହୁଇଲ ଚେୟାର କ୍ରିକେଟ ଚାମ୍ପିଅନସିପ ଅନୁଷ୍ଠିତ ହେବ। ଏଥିରେ ୧୮ ଟି ରାଜ୍ୟର ହୁଇଲ ଚେୟାର କ୍ରିକେଟ ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କେନ୍ଦୁଝରର ଦିବ୍ୟାଙ୍ଗ ଯୁବ ଖେଳାଳି ଅଭୟ କୁମାର ଜେନାଙ୍କ ନେତୃତ୍ୱରେ ୧୪ ଜଣିଆ ଓଡ଼ିଶା ହୁଇଲ ଚେୟାର କ୍ରିକେଟ ଦଳ ମଙ୍ଗଳବାର ଟ୍ରେନ ଯୋଗେ ଗୁଆଲିୟର ଅଭିମୁଖେ ଯାତ୍ରା କରିଛନ୍ତି। ଓଡ଼ିଶା ଦଳରେ ବରଗଡ଼ ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଅଡ଼ଗାଁ ସହରାପାଲି ଗ୍ରାମ ଆମ୍ବେଦକର ନଗର ପଡାର ୪୧ ବର୍ଷୀୟ ତରଣୀ ସୁନା ଭାଗ ନେଇ ଆମ ଅଂଚଳ ପାଇଁ ସୁନାମ ଆଣିଛନ୍ତି। ପୂର୍ବରୁ ସେ ହୁଇଲ ଚେୟାର କ୍ରିକେଟ ଆସୋସିଏସନ, ଭୁବନେଶ୍ୱର ପକ୍ଷରୁ ଭଦ୍ରକ ଠାରେ ଜାତୀୟ ଉତ୍କଳ ଟ୍ରଫି ହୁଇଲ ଚେୟାର କ୍ରିକେଟ ରେ ଅଂଶ ଗ୍ରହଣ କରିଥିଲେ। ମଙ୍ଗଳବାର ସକାଳ ୭ ଟା ସମୟରେ ବରଗଡ଼ ରେଳ ଷ୍ଟେସନରେ ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେସନ, ବରଗଡ଼ର ସଭାପତି ସମାଜସେବୀ ଦିବାକର ମାଝୀ, ଓଡ଼ିଶା ଜନତା ସଂଘର୍ଷ ସମିତି ସ୍ୱେଚ୍ଛାସେବୀ ଜନକଲ୍ୟାଣ ସଂଗଠନର ସଭାପତି ତଥା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତର୍ଗତ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଝାରସୁଗୁଡା ଜିଲ୍ଲା କ୍ରୀଡା ଅଧିକାରୀ ତୁଷାର କାନ୍ତି ମିଶ୍ର ଓ ପୂର୍ବତନ ବ୍ଲକ ଚେୟାରମେନ ଶ୍ରୀବତ୍ସ ଛତର ତାଙ୍କୁ ଉତ୍କର୍ଷିତ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ଶୁଭ ଆଶୀର୍ବାଦ ପ୍ରଦାନ କରିଥିଲେ। ଶ୍ରୀ ସୁନା ଆମ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିବା ସହ ସଫଳତା ପାଆନ୍ତୁ ବୋଲି ବୁଦ୍ଧିଜୀବୀଗଣ ମା' ସମଲେଶ୍ୱରୀଙ୍କ ଠାରେ କାମନା କରିଛନ୍ତି । ପ୍ରକାଶ ଥାଉ କି ଶ୍ରୀ ତରଣୀ ସୁନା ଜଣେ ଶାରୀରିକ ଦିବ୍ୟାଙ୍ଗ ବର୍ଗର ଶିକ୍ଷିତ ଯୁବକ। ସେ ଏକା ଧାରରେ ଜଣେ ସୁଫଳ କ୍ରୀଡାବିତ, ପାରା ସୁଇମର ଓ ହୁଇଲ ଚେୟାର କ୍ରିକେଟ ଖେଳାଳି।

# ଆର୍‌ଏସ୍‌ପିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ): ସେଲ ରାଉରକେଲା ଇସ୍ପାତ କାରଖାନାର ଟ୍ରେନିଜ ହଷ୍ଟେଲରେ ଫେବୃଆରୀ ୨ ତାରିଖ ଦିନ 'ସ୍ପର୍ଦ୍ଧା- ୨୦୨୫', ବାର୍ଷିକ କ୍ରୀଡା ଇଭେଣ୍ଟ ଆରମ୍ଭ ହୋଇଯାଇଛି। ଏହାର ଉଦଘାଟନୀ ଉତ୍ସବରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଚଆର ଏଲ ଏଣ୍ଡ ଡି ବିଭାଗର ସିଜିଏମ ପି କେ ସାହୁ, ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି କେ ଜୋଜୋ ଉପସ୍ଥିତ ଥିଲେ। ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଅଧୀନରେ ଆସୁଥିବା ଆରଏସପି ଓ ଓଡିଶା ଖଣି ସମୂହର ଏସିଟିଟି, ଓସିଟିଟି, ଏମଟିଟିଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ଶ୍ରୀ ପାଲ ଚୌଧୁରୀ ଏପରି କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏପରି ପଦକ୍ଷେପ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ସହିତ ସଂଗଠନର କାର୍ଯ୍ୟ ସଂସ୍କୃତିକୁ ଆହୁରି ମଜବୁତ କରିବାରେ ସାହାଯ୍ୟ କରିବ। ସେ ସମସ୍ତଙ୍କୁ ସୁସ୍ଥ କ୍ରୀଡା ମନୋଭାବ ସହିତ ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ଇଭେଣ୍ଟଗୁଡ଼ିକ ମଧ୍ୟରେ କ୍ରିକେଟ, ବ୍ୟାଡମିଣ୍ଟନ୍ - ପୁରୁଷ ଏବଂ ମହିଳାଙ୍କ ପାଇଁ ସିଙ୍ଗଲ୍ସ ଏବଂ ଡବଲ୍ସ, ଚେସ୍, ୧୦୦ ମିଟର ଦୂରତା ଦୌଡ଼ ଏବଂ ସଟ୍ ପୁଟ୍ ଅନ୍ତର୍ଭୁକ୍ତ । ଏହି ପ୍ରତିଯୋଗିତାର ସୂଚାରୁ ସମ୍ପାଦନା ପାଇଁ କ୍ରିକେଟ, ଦୌଡ଼ ଏବଂ ସଟ୍ ପୁଟ୍ ଭଳି ଆଉଟ ଡୋର ଇଭେଣ୍ଟ ପାଇଁ ଏକ ଉତ୍ସର୍ଗୀକୃତ କ୍ଷେତ୍ର ବିକଶିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଏଚଆରଏଲ ଏଣ୍ଡ ଡି ବିଭାଗର ସିନିୟର ମ୍ୟାନେଜର ହିମାଂଶୁ ମିଶ୍ର ସଂଯୋଜନା କରୁଛନ୍ତି।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଉମରକୋଟ ବ୍ଲକ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ୨୦୨୫ ଉଦଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ନରସିଂହ ଭତ୍ରା, ବିଧାୟକ, ଝରିଗାଁ, ଲିପିକା ବାରୋଇ, ଉପଧକ୍ଷା, ଜିଲ୍ଲାପରିଷଦ, ନବରଙ୍ଗପୁର, ରାଧା ଭତ୍ରା ଅଧକ୍ଷା, ପୌରପରିଷଦ, ଉମରକୋଟ, ସୁଶୀଳା ମାଝୀ, ଅଧକ୍ଷା, ପଞ୍ଚାୟତ ସମିତି, ଉମରକୋଟ ଓ ପାଲାକା ରବିନ୍ଦ୍ର, (ଓ.ମ.ସେ-୧), ଜିଲ୍ଲା ମଙ୍ଗଳ ଅଧିକାରୀ, ନବରଙ୍ଗପୁର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ଜିଲ୍ଲାର ସମସ୍ତ ସରକାରୀ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରିଙ୍କ ଉପସ୍ଥିତରେ କ୍ରୀଡା ଛାତ୍ର ଛାତ୍ରୀ, କ୍ରୀଡା ଶିକ୍ଷକ ଓ ଶିକ୍ଷତ୍ରିଙ୍କ ଦ୍ୱାରା ଅଣାଯାଇଥିବା ମସାଲକୁ ପୂଜା ଅର୍ଚ୍ଚନା କରି ମଞ୍ଚରେ ସ୍ଥାପନ କରି ଗଣେଶଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ପରେ ଜିଲ୍ଲାର ୧୦ ଗୋଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଖେଳ ପଡିଆରେ ଏକ ପ୍ୟାରେଡ଼ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମନ୍ତ୍ରୀ ଉଦବଧନ ଦେଇ ଥିଲେ।

# ମା' ଡୋମାଣି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଡଝାଡ଼ ପଞ୍ଚାୟତର ଝାରକାଟା ଗ୍ରାମର ମା' ଡୋମାଣି ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ବିଶିଷ୍ଟ ସମାଜ ସେବୀ ଦିପକ କୁମାର ଜେନା ଉଦଘାଟନ କରିଛନ୍ତି। ଏହି କ୍ରିକେଟ ଟୁର୍ନାମେଣ୍ଟ ୪ତାରିଖ ରୁ ୧୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୧୬ଟିମ ଭାଗ ନେବେ ବୋଲି କ୍ରିକେଟ ଟିମ କ୍ୟାପେଟେନ ରବୀନ୍ଦ୍ର ମାଝୀ ସୂଚନା ଦେଇଛନ୍ତି।

# କୁନ୍ଦଦେବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଲୋଧଣି ଟିମ୍ ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ଡିହକମର ଖେଳ ପଡିଆରେ କୁନ୍ଦଦେବୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା ୨ୟ ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୧୬ ଗୋଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିବା ବେଳେ ଲୋଧଣି କ୍ରିକେଟ କ୍ଲବ୍ ଓ ହାତିଲୁଚାଣି କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ ଟି ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ ମ୍ୟାଚ ୧୦ ଓଭର ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ହାତିଲୁଚାଣି ଟିମ୍ ପ୍ରଥମେ ବ୍ୟାଟିଂ କରି ୭୫ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିବା ବେଳେ ଜବାବରେ ଲୋଧଣି ଟିମ୍ ୬ ଓଭରରେ ୭ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇ ବିଜୟୀ ହୋଇଥିଲେ। ପଡ଼ିଆର ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା । ହାତିଲୁଚାଣି ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୭୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଲୋଧଣି ଟିମ୍ ୮ ୱିକେଟ ହରାଇ ୬୭ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଯାହା ଫଳରେ ଅନ୍ତିମ ମ୍ୟାଚ୍ ସୁପର ଓଭର ଖେଳ ହୋଇଥିବା ବେଳେ ହାତିଲୁଚାଣି ଟିମକୁ ପରାଜିତ କରି ଲୋଧଣି ଟିମ୍ ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ଉତ୍ସବରେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଞ୍ଚଳର ଜଣାଶୁଣା ଯୁବ ସମାଜ ସେବୀ ମୁନେନ୍ଦ୍ର ଆୟଚ, ଲୋଧଣି ପଞ୍ଚାୟତ ସରପଞ୍ଚ ଝସିକେଶନ ବିଶ୍ୱାଳ, ରୋଡ଼ ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ୍ ନାୟକ, କୁମୁସି ପଞ୍ଚାୟତ ସରପଞ୍ଚ ବଳରାମ ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସୁନୀଲ ଆୟଚ ଓ ବିକି କଅଁର ଖେଳ ପରିଚାଳନା କରିଥିବା ବେଳେ ଶତୃଘ୍ନ ପରିଡା, ଗୁଡୁ ଆୟଚ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ରନର୍ସ ଦଳକୁ ସମ୍ମାନୀତ ଅତିଥି ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀମତୀ ଦଳବେହେରା ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଲୋଧଣି ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ହାତିଲୁଚାଣି ସପକ୍ଷରେ ଆୟୋଜକ ପକ୍ଷରୁ ଘୋଷଣା କରାଯାଇଥିଲା। ଆୟୋଜକ କ୍ଲବର ତୁଷାରକାନ୍ତ ମାଝୀ, ସିଦ୍ଧାର୍ଥ ଜେନା, ବବୁଲ ଜେନା, ଅର୍ଜୁନ ମୁକୁଟଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

**MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍**

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 31.03.2024 & MSGL, SPL-16, One plus, Guide Prepaid, Super value, ADGL and all other 6 months tenure Gold loans up to 30.06.2024 and MSGB, SME Suvarna & EMI due up to 31.12.2024 ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 21.02.2025 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ।

**ANGUL DISTRICT - ANGUL:** 413300482, 413300489, 413300494, 413300500, 413300508, 413300519, 413300528, 413300533, 413300547, 413300549, 413300551, 413300563, 413300566, 413300569, 413300580, 413300590, 413300591, 413300592, 413300594, 413300603, 413300607, 413300610, 413300614, 413300623, 413300629, 413300647, 413300648, 413300650, 413300651, 413300657, 413300660, 413300663, 413300674, 413300682, 413300684, 413300685, 413300686, 413300690, 413300691, 413300693, 413300702, 413300703, 413300708, 413300710, 413300711, 413300713, 413300716, 413300717, 413300726, 413300730, 413300733, 413300735, 413300736, 413300744, 413300751, 413300755, 413300761, 413300772, 413300774, 413300775, 413300779, 413300785, 413300794, 413300795, 413300803, 413300817, 413300823, 413300829, 413300838, 413300840, 413300843, 413300844, 413300852, 413300860, 413300865. **DHENKANAL DISTRICT - DHENKANAL:** 409600552, 409600824, 409600825, 409600828, 409600836, 409600837, 409600851, 409600852, 409600853, 409600874, 409600876, 409600883, 409600892, 409600899, 409600903, 409600906, 409600907, 409600909, 409600912, 409600915, 409600919, 409600923, 409600926, 409600927, 409600941, 409600945, 409600957, 409600960, 409600961, 409600969, 409600979, 409600980, 409600984, 409600992, 409600996, 409601010, 409601021, 409601034, 409601042, 409601051, 409601059, 409601060, 409601073, 409601074, 409601077, 409601086, 409601088, 409601094, 409601097, 409601109, 409601111, 409601117, 409601120, 409601125, 409601129, 409601130, 409601133, 409601134, 409601142, 409601144, 409601146, 409601147, 409601155, 409601156, 409601159, 409601161, 409601162, 409601163, 409601164, 409601167, 409601180, 409601183, 409601184, 409601185, 409601186, 409601187, 409601188, 409601189, 409601190, 409601194, 409601196, 409601200, 409601201, 409601202, 409601209, 409601210, 409601211, 409601215, 409601218, 409601221, 409601228, 409601231, 409601232, 409601233, 409601235, 409601236, 409601240, 409601244, 409601248, 409601249, 409601250, 409601256, 409601257, 409601258, 409601265, 409601266, 409601268, 409601270, 409601275, 409601277, 409601278, 409601280, 409601282, 409601288, 409601289, 409601292, 409601305, 409601323, 409601328, 409601335, 409601342, 409601364, 409601368, 409601371, 409601379, 409601381, 409601385, 409601396, 409601408, 409601411, 409601416, 409601417, 409601423, 409601427, 409601428, 409601434, 409601442, 409601445, 409601448, 409601453, 409601462, 409601470, 409601477, 409601480, 409601484, 409601497, 409601508, 409601513, 409601514, 409601515, 409601516, 409601518, 409601527, 409601529, F12365, F7497, F8408. **JAJPUR DISTRICT - CHANDIKHOL:** 410400815, 410400817, 410400825, 410400827, 410400829, 410400839, 410400855, 410400861, 410400863, 410400867, 410400869, 410400880, 410400881, 410400892, 410400923, 410400927, 410400928, 410400933, 410400942, 410400953, 410400961, 410400965, 410400972, 410400975, 410400980, 410400987, 410400992, 410400998, 410401000, 410401011, 410401013, 410401022, 410401040, 410401044, 410401046, 410401049, 410401050, 410401051, 410401057, 410401062, 410401069, 410401072, 410401073, 410401080, 410401083, 410401084, 410401086, 410401088, 410401090, 410401091, 410401092, 410401093, 410401095, 410401096, 410401099, 410401100, 410401105, 410401106, 410401114, 410401116, 410401117, 410401118, 410401119, 410401120, 410401121, 410401122, 410401125, 410401126, 410401127, 410401128, 410401129, 410401130, 410401138, 410401139, 410401141, 410401142, 410401143, 410401144, 410401145, 410401146, 410401147, 410401152, 410401153, 410401154, 410401159, 410401166, 410401170, 410401174, 410401179, 410401183, 410401187, 410401191, 410401193, 410401196, 410401205, 410401206, 410401207, 410401208, 410401212, 410401215, 410401217, 410401218, 410401219, 410401220, 410401221, 410401222, 410401227, 410401229, 410401231, 410401232, 410401234, 410401238, 410401241, 410401247, 410401250, 410401256, 410401260, 410401264, 410401270, 410401279, 410401286, 410401289, 410401292, 410401297, 410401311, 410401319, 410401330, 410401331, 410401336, 410401341, 410401344, 410401350, 410401351, 410401357, 410401361, 410401364, 410401365, 410401376, 410401379, 410401380, 410401393, 410401396, 410401405, 410401423, 410401424, 410401440, 410401443, 410401450, 410401452, 410401454. **JAJPUR ROAD:** 398200659, 398200664, 398200667, 398200668, 398200677, 398200684, 398200690, 398200691, 398200698, 398200699, 398200706, 398200707, 398200722, 398200729, 398200739, 398200741, 398200743, 398200746, 398200755, 398200759, 398200763, 398200770, 398200771, 398200775, 398200779, 398200780, 398200786, 398200787, 398200789, 398200794, 398200817, 398200818, 398200819, 398200820, 398200825, 398200826, 398200828, 398200830, 398200833, 398200836, 398200837, 398200838, 398200841, 398200844, 398200854, 398200856, 398200857, 398200858, 398200863, 398200868, 398200875, 398200882, 398200884, 398200891, 398200896, 398200901, 398200917, 398200919, 398200921, 398200922, 398200930, 398200931, 398200933, 398200934, 398200935, 398200936, 398200937, 398200945, 398200950, 398200955, 398200956, 398200961, 398200962, 398200969, 398200970, 398200971, 398200972, 398200973, 398200980, 398200981, 398200982, 398200985, 398200986, 398200989, 398200990, 398200991, 398200992, 398200994, 398201001, 398201003, 398201004, 398201010, 398201011, 398201013, 398201018, 398201019, 398201022, 398201024, 398201025, 398201027, 398201032, 398201035, 398201036, 398201037, 398201039, 398201058, 398201063, 398201064, 398201065, 398201077, 398201080, 398201088, 398201111, 398201113, 398201115, 398201119, 398201121, 398201125, 398201126, 398201128, 398201129, 398201136, 398201138, 398201148, 398201152, 398201154, 398201159, 398201160, 398201163, 398201167, 398201171, 398201175, 398201179, 398201182, 398201194, 398201195, 398201199, 398201200, 398201205, 398201206, 398201210, 398201211, 398201217. **PURI DISTRICT - KAKATPUR:** 4416000009, 4416000015, 4416000022, 4416000023. **NIMAPARA:** 398600792, 398600794, 398600811, 398600817, 398600821, 398600834, 398600838, 398600874, 398600883, 398600884, 398600897, 398600904, 398600906, 398600911, 398600920, 398600924, 398600927, 398600928, 398600937, 398600942, 398600948, 398600951, 398600962, 398600964, 398600967, 398600968, 398600970, 398600971, 398600974, 398600975, 398600978, 398600979, 398600981, 398600982, 398600986, 398600991, 398600996, 398600997, 398601000, 398601002, 398601019, 398601023, 398601024, 398601025, 398601026, 398601028, 398601030, 398601036, 398601037, 398601045, 398601050, 398601053, 398601056, 398601060, 398601062, 398601069, 398601070, 398601076, 398601089, 398601090, 398601091, 398601093, 398601094, 398601096, 398601098, 398601099, 398601100, 398601101, 398601104, 398601105, 398601106, 398601107, 398601108, 398601112, 398601117, 398601118, 398601121, 398601126, 398601128, 398601141, 398601142, 398601144, 398601145, 398601156, 398601159, 398601161, 398601162, 398601163, 398601166, 398601172, 398601173, 398601175, 398601176, 398601177, 398601181, 398601188, 398601193, 398601195, 398601202, 398601206, 398601207, 398601208, 398601209, 398601218, 398601222, 398601227, 398601230, 398601241, 398601242, 398601243, 398601245, 398601246, 398601248, 398601250, 398601251, 398601253, 398601255, 398601256, 398601260, 398601266, 398601268, 398601273, 398601275, 398601276, 398601278, 398601280, 398601281, 398601282, 398601285, 398601288, 398601292, 398601295, 398601297, 398601298, 398601299, 398601300, 398601302, 398601303, 398601306, 398601307, 398601311, 398601312, 398601315, 398601323, 398601324, 398601327, 398601332, 398601334, 398601336, 398601344, 398601345, 398601346, 398601354, 398601356, 398601359, 398601366, 398601368, 398601372, 398601373, 398601374, 398601378, 398601380, 398601383, 398601387, 398601389, 398601397, 398601401, 398601405, 398601410, 398601420, 398601421, 398601424, 398601428, 398601437, 398601441, 398601451, 398601454, 398601463, 398601469, 398601470, 398601472, 398601476, 398601481, 398601485, 398601489, 398601491, 398601499. **PIPILI:** 425500566, 425500572, 425500574, 425500578, 425500600, 425500610, 425500614, 425500617, 425500636, 425500653, 425500657, 425500666, 425500683, 425500684, 425500691, 425500698, 425500701, 425500706, 425500715, 425500730, 425500731, 425500735, 425500743, 425500744, 425500753, 425500754, 425500757, 425500767, 425500773, 425500777, 425500780, 425500781, 425500787, 425500790, 425500791, 425500802, 425500808, 425500810, 425500811, 425500815, 425500816, 425500817, 425500821, 425500822, 425500824, 425500828, 425500832, 425500835, 425500839, 425500840, 425500841, 425500843, 425500845, 425500848, 425500849, 425500852, 425500853, 425500855, 425500859, 425500860, 425500861, 425500862, 425500863, 425500873, 425500876, 425500877, 425500880, 425500883, 425500885, 425500886, 425500891, 425500899, 425500908, 425500909, 425500918, 425500921, 425500927, 425500929, 425500931, 425500933, 425500949, 425500958, 425500961, 425500962, 425500966, 425500967, 425500968, 425500972, 425500982, 425500984, 425500986, 425500988, 425500989, 425500992, 425500997, 425500999, 425501009, 425501010, 425501011, 425501012, 425501013, 425501021, 425501023, 425501026, 425501034, 425501036, 425501042, 425501045. **PURI:** 398500601, 398500733, 398500736, 398500745, 398500746, 398500754, 398500762, 398500763, 398500764, 398500766, 398500767, 398500771, 398500789, 398500797, 398500800, 398500825, 398500834, 398500849, 398500850, 398500853, 398500860, 398500877, 398500891, 398500897, 398500904, 398500906, 398500917, 398500919, 398500920, 398500923, 398500924, 398500933, 398500936, 398500943, 398500947, 398500948, 398500950, 398500956, 398500960, 398500963, 398500964, 398500965, 398500969, 398501005, 398501006, 398501007, 398501011, 398501015, 398501019, 398501021, 398501022, 398501027, 398501028, 398501029, 398501041, 398501042, 398501045, 398501048, 398501051, 398501056, 398501063, 398501065, 398501066, 398501068, 398501069, 398501070, 398501075, 398501076, 398501085, 398501094, 398501097, 398501104, 398501105, 398501107, 398501110, 398501114, 398501115, 398501116, 398501118, 398501122, 398501123, 398501124, 398501126, 398501128, 398501132, 398501134, 398501135, 398501140, 398501141, 398501151, 398501153, 398501154, 398501169, 398501176, 398501178, 398501183, 398501196, 398501198, 398501201, 398501205, 398501216, 398501219, 398501230, 398501234, 398501239, 398501244, 398501247, 398501250, 398501253, 398501259, 398501263, 398501266, 398501273, 398501275, 398501278, 398501289, 398501292, 398501293, 398501299, 398501305, 398501309, 398501314, 398501315, 398501322, 398501323, 398501325, 398501328, 398501329, 398501331, 398501334, F11828, F7919, F8807, F8958, F9283.

ନିଲାମ ସମ୍ବନ୍ଧିତ ଆୟୋଜକ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 05.03.2025 ସକାଳ ୧୦ **DHENKANAL:** Muthoot FinCorp Ltd., First Floor, Plot No.-2820/5920, Khathyan No.-503, Main Bazar, Opposite Mahavir Mandir, Dhenkanal - 759001. **ANGUL:** Muthoot FinCorp Ltd., First Floor, Plot No -24/1456/2713, Kahatian No 413/472, Besides Federal Bank, Sankar Cinema Road, Angul Town, District- Angul, Odisha - 759122. **JAJPUR ROAD:** Muthoot FinCorp Ltd., First Floor, Plot No 384, Bank Street, Opposite Bharat Gas, Padampur, Jajpur Road, Orissa - 755019. **PURI:** Muthoot FinCorp Ltd., First Floor, Above Odisha Gramya Bank, Plot No - 935, Grand Road, Daitapadasahi, Opposite Bagala Dharmasala, Puri, Orissa - 752001. ରେ ଆୟୋଜନ କରାଯିବ। ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ। ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ।

**MUTHOOT FINCORP LTD.**



ଆପଣ ହଜମଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ଆପଣଙ୍କର ମଧ୍ୟ ଏହି ସମସ୍ୟା ରହିଛି, ତେବେ ଏଠାରେ କିଛି ଖାଦ୍ୟ ତାଲିକା ରହିଛି, ଯାହାକୁ ଖାଇବା ଦ୍ୱାରା ହଜମ ଭଲ ହେବା ସହ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରହିପାରିବ, କ'ଣ ସେହି ସବୁ ଖାଦ୍ୟ ଜାଣନ୍ତୁ...

ଅଦା- ପେଟକୁ ସୁସ୍ଥ ରଖିବା ପାଇଁ ଅଦା ବେଶ୍ ଲାଭଦାୟକ। ଅଦାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଭରପୂର ଥିବାରୁ ଏହା ପ୍ରଦାହ ଏବଂ ସଂକ୍ରମଣକୁ ଦୂରେଇ ରଖେ। ଅଦା ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ଓ ଅମ୍ଳତା ଭଳି ସମସ୍ୟା ମଧ୍ୟ ଦୂର ହୋଇଯାଏ ଏବଂ ହଜମ ଭଲ ରହିଥାଏ।

କିଓ୍ୱି- ଭିଟାମିନ୍-ସି ଭରପୂର ପରିମାଣରେ ଥାଏ କିଓ୍ୱିରେ। ଏଥିରେ ପ୍ରଚୁର ପରିମାଣର ଫାଇବର ମଧ୍ୟ ରହିଥାଏ, ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ। କିଓ୍ୱି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ମଧ୍ୟ ସୁସ୍ଥ ରହିଥାଏ।

ଦହି- ଭଲ ହଜମ ପାଇଁ ନିଶ୍ଚିତ ରୂପେ ଖାଦ୍ୟରେ ଦହି ଅନ୍ତର୍ଭୁକ୍ତ କରନ୍ତୁ। ଦହିରେ ପ୍ରୋବାୟୋଟିକ୍ ଗୁଣ ଅନ୍ତଃ ସ୍ୱାସ୍ଥ୍ୟକୁ ଭଲ ରଖେ। ଏହା ବ୍ୟତୀତ, ଦହି ଉତ୍ତମ ହଜମ ବଜାୟ ରଖିବାରେ ସାହାଯ୍ୟ କରେ।

# ଲୋମଟାଙ୍କୁରା ଘଟଣା ବଖାଣିଲେ ବିଗ୍ ବି'



ଆଜିକାଲି ବଲଉଡ ମେଗାଷ୍ଟାର ଅମିତାଭ ବଚ୍ଚନ କୌନ ବନେଗା କରୋଡପତି ସିଜିନ୍-୧୬କୁ ହୋଷ୍ଟ କରୁଛନ୍ତି । ବର୍ଷ ବର୍ଷ ଧରି ସେ ଏହି ଶୋ'ର ଅଂଶ ହୋଇ ଆସୁଛନ୍ତି। ଏହି ଶୋ'ରେ ଅମିତାଭ ନିଜ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ କାହାଣୀ ପ୍ରାୟତଃ ପ୍ରତିଯୋଗୀଙ୍କ ସହ ଶେୟାର କରନ୍ତି। ଏବେ କୌନ ବନେଗା କରୋଡପତିରେ ଜୁନିୟର ସପ୍ତାହ ଆରମ୍ଭ ହୋଇଛି। ହଟ ସିଟରେ ବସିଛନ୍ତି ଜଣେ ଯୁବତୀ। ଅମିତାଭ ପ୍ରନୁଷା ଥାମ୍‌କେ ନାମକ ଜଣେ ପ୍ରତିଯୋଗୀଙ୍କ ସହ କଥା ହୋଇଥିଲେ। ତାଙ୍କ ସହ କଥା ବାର୍ତ୍ତା ବେଳେ ଅମିତାଭ ପିଲାଦିନର ଏକ କାହାଣୀ ଶେୟାର କରି କହିଥିଲେ ଯେ ସେ ଥରେ ଫ୍ରିଜରେ ବନ୍ଦ ହୋଇଯାଇଥିଲେ । ଅମିତାଭ ପ୍ରତିଯୋଗୀଙ୍କୁ ଫ୍ରିଜର ଫଟୋ ଦେଖାଇ ସେଥିରେ କେଉଁ ଜିନିଷ ରଖାଯାଇଛି ବୋଲି ପଚାରିଥିଲେ। ବିକଳ୍ପ ଗୁଡ଼ିକ ହେଲା- ଏ- ଫୁଟବଲ, ବି- କ୍ଷୀର, ସି- ଓ୍ୱାଚ ଏବଂ ଡି- ଇୟରିଂ। ଏହି ପ୍ରଶ୍ନର ସଠିକ ଉତ୍ତର ଥିଲା- କ୍ଷୀର । ଝିଅଟି ଠିକ ଉତ୍ତର ଦେବା ପରେ ଅମିତାଭ କହିଥିଲେ, ଯେତେବେଳେ ଆମେ ଛୋଟ ଥିଲୁ, ଆମେ ଭାବୁଥିଲୁ ଏହା କ'ଣ। ଆମେ ଆହ୍ଲାବାଦରେ ରହୁଥିଲୁ। ଆମ ପାଖରେ ଏସି ଇତ୍ୟାଦି ସୁବିଧା ନ ଥିଲା। ତେଣୁ ଆମେ ଟେବୁଲ ଫ୍ୟାନ ଆଗରେ ବରଫର ଏକ ଖଣ୍ଡ ରଖି ଥଣ୍ଡା ପବନ ପାଇବା ପାଇଁ ପଛପଟୁ ଚଳାଇଥାଉ। ପରେ ଅମିତାଭ କହିଥିଲେ, ତା'ପରେ କିଛି ବର୍ଷ ପରେ ଏକ ବଡ଼ ଫ୍ରିଜ ଘରକୁ ଆସିଲା। ଯେତେବେଳେ ଏହାକୁ ଖୋଲିଲି, ଦେଖିଲି ଯେ ବହୁତ ଥଣ୍ଡା ହେଉଛି। ମୁଁ ଟିକିଏ ଛୋଟ ଥିଲି। ଦିନେ ଫ୍ରିଜ୍ ଭିତରେ ପଶିଯାଇଥିଲି। ଡୋର୍ ବନ୍ଦ ହୋଇଯାଇଥିଲା। ମୁଁ ଚିତ୍କାର କଲି ଏବଂ ତା'ପରେ ମୋତେ ଉଦ୍ଧାର କରିଥିଲେ। ଏନେଇ ବହୁତ ମାଡ଼ ଖାଇଥିଲି।

# ଗାଈର ମୂଲ୍ୟ ୪୦ କୋଟି

ବିଶ୍ୱର ସବୁଠାରୁ ମହଙ୍ଗା ଗାଈ। ଏହି ଗାଈର ଦାମ୍ ଶୁଣିଲେ ଆପଣଙ୍କ ଉଡିଯିବ ହୋସ । ନେଲୋର ପ୍ରଜାତିର ଏହି ଗାଈଟି ବ୍ରାଜିଲରେ ବିକ୍ରି ହୋଇଛି। ବ୍ରାଜିଲରେ ରହିଥିବା ନେଲୋର ପ୍ରଜାତିର ଗାଈ ଭାୟାଟିନା-୧୯ ରେକର୍ଡ ମୂଲ୍ୟରେ ବିକ୍ରି ହୋଇଛି। ବ୍ରାଜିଲର ମିନେସ ଗେରିସରେ ଏହା ବିଶ୍ୱର ସବୁଠାରୁ ମହଙ୍ଗା ଗାଈର ମାନ୍ୟତା ହାସଲ କରିଥିଲା। ଭାୟାଟିନା-୧୯କୁ ୪.୮ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୪୧ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା। ଏହି ଗାଈଟିର ଓଜନ ୧୧୦୧ କେଜି। ଏହି ବ୍ରିଡର ଅନ୍ୟ ଗାଈ ମାନଙ୍କ ଅପେକ୍ଷା ଏହାର ଓଜନ ଦୁଇ ଗୁଣ ଅଧିକ ରହିଛି । ଓଙ୍ଗଲ କ୍ୟାଟେଲ ନାମରେ ପରିଚିତ ଏହି ପ୍ରଜାତିର ଗାଈ ଆନ୍ଧ୍ରପ୍ରଦେଶରେ ହିଁ ଦେଖିବାକୁ ମିଳିଥାଏ। ବ୍ରାଜିଲକୁ ୧୮୦୦ ଶତାବ୍ଦୀରେ ଏହି ପ୍ରଜାତିର ଗାଈ ପ୍ରଥମ ଥର ଯାଇଥିଲା। ପରବର୍ତ୍ତୀ ସମୟରେ ଓଙ୍ଗଲ କ୍ୟାଟେଲରୁ ଏହାର ନାମ ପରିବର୍ତ୍ତନ କରାଯାଇ ନେଲୋର କ୍ୟାଟେଲ କରାଯାଇଥିଲା। ଏହି ପ୍ରଜାତିର ଗାଈ ମୁଖ୍ୟତଃ ଭାରତର ଓଙ୍ଗୋଲ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲା ଅନୁସାରେ ଏହି ଗାଈଙ୍କ ପ୍ରଜାତିର ନାମକରଣ କରାଯାଇଥାଏ। ମୁଖ୍ୟତଃ ଜେନେଟିକ କ୍ୱାଲିଟି କାରଣରୁ ଜାପାନର ଓ୍ୱାଗୟୁ ଓ ଭାରତର ବ୍ରାହ୍ମଣ ପ୍ରଜାତିର ଗାଈ ଗୁଡିକ ଅଧିକ ଦାମ୍‌ରେ ବିକ୍ରି ହୋଇଥାନ୍ତି। ଏହି ଦୁଇ ପ୍ରଜାତିର ଗାଈ ଅତ୍ୟଧିକ ଗରମ ପରସ୍ଥିତିରେ ନିଜକୁ ଆଡଜଷ୍ଟ କରି ପାରନ୍ତି।



# ଅଙ୍ଗୁରରେ ରହିଛି ରୋଗ ପ୍ରତିରୋଧକ ଶକ୍ତି

ଆପଣ ନିଜ ରୋଗ ପ୍ରତିରୋଧକ ଶକ୍ତିକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାକୁ କେତେକାଂଶରେ ଦୃଢ଼ କରିବା ପାଇଁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ । ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ପ୍ରତିଦିନ କିଛି ପରିମାଣରେ ଅଙ୍ଗୁର ଖାଇବା ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ସନ୍ତୁଳିତ ରହିଥାଏ। ଅଙ୍ଗୁରରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ମଧ୍ୟ କ୍ୟାନ୍‌ସର ସହ ଲଢ଼ିବାର ଗୁଣ ରହିଛି। ଅଙ୍ଗୁରରେ ପୋଟାସିୟମ୍ ମାତ୍ରା ମଧ୍ୟ ଅଛି। ଏହା ମଧ୍ୟ ଶରୀରରେ ବ୍ଲଡ୍ ପ୍ରେସରକୁ ସନ୍ତୁଳିତ ରଖେ। ଏଥିରେ ଫାଇବର ମଧ୍ୟ ରହିଛି ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ସମସ୍ୟାରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଏହାକୁ ନିୟମିତ ଖାଇଲେ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ସକ୍ରିୟ ରହେ। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହା ମଧ୍ୟ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏଥିରେ ଭିଟାମିନ୍ କେ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ରହିଛି। ନିୟମିତ ଅଙ୍ଗୁର ଖାଇବା ଦ୍ୱାରା ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। ଏହାକୁ ଖାଇବା ଦ୍ୱାରା ବାତ ଓ ଆଣ୍ଠୁଗଣ୍ଠି ସମସ୍ୟାରୁ କିଛି ମାତ୍ରାରେ ଉପଶମ ମିଳିଥାଏ। କେତେକ ବ୍ୟକ୍ତିଙ୍କୁ ରାତିରେ ଠିକ୍ ଭାବେ ନିଦ ହୋଇ ନଥାଏ। ସେଥିପାଇଁ ପ୍ରତିଦିନ କିଛି କିଛି ଅଙ୍ଗୁର ଖାଇବା ନିହାତି ଦରକାର।



# 'କନ୍ନାପା'ରେ ପ୍ରଭାସଙ୍କ ରୁଦ୍ର ଅବତାର

'କଲ୍‌କୀ ୨୮୯୮ ଏଡି'ର ସଫଳତା ପରେ ଅଭିନେତା ପ୍ରଭାସ ପୁଣିଥରେ ତାଙ୍କ ପ୍ରଶଂସକଙ୍କ ହୃଦୟ ଜିତିବାକୁ ପ୍ରସ୍ତୁତ ଅଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର 'କନ୍ନାପ୍ପା' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରରେ ପ୍ରଭାସଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ପ୍ରଭାସ ରୁଦ୍ରଙ୍କ ଅବତାରରେ ନଜରକୁ ଆସିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ପ୍ରଭାବିତ କରିଛି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ଏହି ନୂତନ ଲୁକ୍‌ର ପୋଷ୍ଟର ଶେୟାର କରିଛନ୍ତି। ସେ କ୍ୟାପସନ୍‌ରେ ଲେଖିଛନ୍ତି, 'କନ୍ନାପା' ଚଳଚ୍ଚିତ୍ର ଭକ୍ତି, ବଳିଦାନ, ଜ୍ଞାନ ଏବଂ ପ୍ରେମର ଏକ ଅବିସ୍ମରଣୀୟ ଯାତ୍ରାକୁ ନେଇ ରହିଛି। ଏହା ଦର୍ଶକଙ୍କୁ ନିଶ୍ଚିତ ଭାବରେ ପସନ୍ଦ ଆସିବ। ଆସନ୍ତା ଏପ୍ରିଲ ୨୫ରେ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି। ଏହି ନୂଆ ଲୁକ୍‌ରେ ପ୍ରଭାସଙ୍କର ଲମ୍ବା କେଶ ଥିବାବେଳେ ସେ ତାଙ୍କ କପାଳରେ ତ୍ରିପୁଣ୍ଡ୍ର ଏବଂ ବେକରେ ରୁଦ୍ରାକ୍ଷ ମାଳା ପିନ୍ଧିଥିବାର ନଜରକୁ ଆସିଛନ୍ତି। କିଛିଦିନ ତଳେ 'କନ୍ନାପ୍ପା' ଫିଲ୍ମର ନିର୍ମାତାଙ୍କ ପକ୍ଷରୁ ଅଭିନେତା ଅକ୍ଷୟ କୁମାରଙ୍କର ଲୁକ୍‌କୁ ଶେୟାର କରିଥିଲେ, ଯାହାକୁ ଅକ୍ଷୟଙ୍କ ପ୍ରଶଂସକଙ୍କର ବେଶ୍ ପସନ୍ଦ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଅକ୍ଷୟ ଏବଂ ପ୍ରଭାସଙ୍କ ସହ ଏହି ଫିଲ୍ମରେ ଅଭିନେତ୍ରୀ କାଜଲ ଅଗ୍ରୱାଲ ଓ ଅଭିନେତା ବିଷ୍ଣୁ ମଞ୍ଚୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ କାଜଲଙ୍କ ଲୁକ୍‌କୁ ନେଇ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି।





# ଆରପାରିଲେ 'କହନା ଏ ଫୁଲ କହନା'ର ଗୀତିକାର

ଆରପାରିଲେ କହନା ଏ ଫୁଲ କହନାର ଗୀତିକାର ଆଉ ନାହାନ୍ତି ଶ୍ରୁତିମଧୁର ଗୀତର ଗୀତିକାର ସଂଗ୍ରାମ ମହାନ୍ତି। ସେ ନିଜର ଭଞ୍ଜପୁର ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୧୯୪୭ ମସିହା ଜାନୁଆରି ୨୭ ତାରିଖରେ ତାଙ୍କର ଜନ୍ମ ହୁଏ ବାରିପଦା ସହରରେ। ସେ ଭଞ୍ଜପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ଶିକ୍ଷକତା କରିବା ପରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଯୁବାବସ୍ଥାରୁ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ। ପରେ ଗୀତ ରଚନାରେ ସକ୍ରିୟ ହୋଇଥିଲେ ସେ। ଆକାଶବାଣୀ, ସିନେମା ଓ ଆଲବମ୍ ପାଇଁ ସେ ବହୁ ଗୀତ ଲେଖିଥିଲେ। ତେବେ ସାଧୁ ମେହେରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ଅଭିଳାଷ'ର ଏଇ ଝୁମା ଝୁମା ଗୋଲାପି ବେଳାରେ.. ଓ ମହମ୍ମଦ୍ ମହସୀନଙ୍କ ନିର୍ଦ୍ଦେଶିତ 'ଫୁଲଚନ୍ଦନ'ର କହନା ଏ ଫୁଲ କହନା ଗୀତ ଲାଗି ସେ ସ୍ମରଣୀୟ ହୋଇ ରହିବେ। ଉପରୋକ୍ତ ଦୁଇ ଗୀତର ସଙ୍ଗୀତକାର ହେଲେ ସରୋଜ ପଟ୍ଟନାୟକ। ୧୯୪୭ ମସିହା ଜାନୁଆରି ୨୭ ତାରିଖରେ ତାଙ୍କର ଜନ୍ମ ହୁଏ ବାରିପଦା ସହରରେ। ସେ ଭଞ୍ଜପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ଶିକ୍ଷକତା କରିବା ପରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଯୁବାବସ୍ଥାରୁ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ। ପରେ ଗୀତ ରଚନାରେ ସକ୍ରିୟ ହୋଇଥିଲେ ସେ। ଆକାଶବାଣୀ, ସିନେମା ଓ ଆଲବମ୍ ପାଇଁ ସେ ବହୁ ଗୀତ ଲେଖିଥିଲେ। ତେବେ ସାଧୁ ମେହେରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଛବି 'ଅଭିଳାଷ'ର ଏଇ ଝୁମା ଝୁମା ଗୋଲାପି ବେଳାରେ.. ଓ ମହମ୍ମଦ୍ ମହସୀନଙ୍କ ନିର୍ଦ୍ଦେଶିତ 'ଫୁଲଚନ୍ଦନ'ର କହନା ଏ ଫୁଲ କହନା ଗୀତ ଲାଗି ସେ ସ୍ମରଣୀୟ ହୋଇ ରହିବେ। ଉପରୋକ୍ତ ଦୁଇ ଗୀତର ସଙ୍ଗୀତକାର ହେଲେ ସରୋଜ ପଟ୍ଟନାୟକ। ଏହାଛଡ଼ା ଗୌରୀଶଙ୍କର ଦାସଙ୍କ ନିର୍ଦ୍ଦେଶିତ 'ମୋ ମନ ଖାଲି ତୋରି ପାଇଁ' ଏବଂ ସୁରେନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ'ତୁମେ ହିଁ ସାଥୀ ମୋର'ରେ ବି ସରୋଜ ପଟ୍ଟନାୟକଙ୍କ ସ୍ୱରସଂଯୋଜନାରେ ଗୀତ ରଚନା କରିଥିଲେ ସଂଗ୍ରାମ ମହାନ୍ତି। ସେ ଜଣେ ଅମାୟିକ ଓ ସରଳ ବ୍ୟକ୍ତିଭାବେ ବାରପଦା ସହର ଓ ସଙ୍ଗୀତଜଗତରେ ସୁପରିଚିତ ଥିଲେ। ଶ୍ରୀ ମହାନ୍ତିଙ୍କ ବିୟୋଗରେ ସଙ୍ଗୀତ ବିଶେଷକରି ଗୀତିକବିଙ୍କ ମହଲରେ ଶୋକ ପ୍ରକାଶ ପାଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବୋଲଗଡ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉପରେ ବକ୍ତବ୍ୟ ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଦେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟତ୍ରୀ ଅନିତା ଦାସ ଅତିଥି ପରିଚୟ କରିଥିବା ବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ। ଶିକ୍ଷୟତ୍ରୀ ସସ୍ମିତା ମହାପାତ୍ର ଓ ଶିକ୍ଷକ ଗୌତମ କିଶୋର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ନୃତ୍ୟ ପରିଚାଳନା କରିଥିଲେ ଶିକ୍ଷୟତ୍ରୀ ସାହୁ ଓ ଶିକ୍ଷକ ସ୍ଥିତପ୍ରଜ୍ଞା ଜୁଝାରସିଂହ। ପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ସ୍ୱାଭିମାନ ଅଞ୍ଚଳ ଅଧୀନସ୍ଥ ଯୋଡ଼ାଆମ୍ବ ପଞ୍ଚାୟତର ଦାରଲାବେଢ଼ା ଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଚିତ୍ରକୋଣ୍ଡା ବ୍ଲକର ପଣସପୁଟ, ଯନ୍ତ୍ରୀ, ଯୋଡ଼ାଆମ୍ବ, ଅଣ୍ଡିରାପାଲି ପଞ୍ଚାୟତରୁ ଆସିଥିବା ୮୨୬ଜଣ ଭିନ୍ନକ୍ଷମମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିନ୍ନଭିନ୍ନ ବିଭାଗର ୬ଜଣ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବେଦନକାରୀଙ୍କ ମଧ୍ୟରୁ ୨୬୩ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ମାନସିକ ଅନଗ୍ରସର, ମୂକ-ବଧିର, ଦୃଷ୍ଟିବାଧିତ, ଶାରୀରିକ ବିକଳାଙ୍ଗ ଶ୍ରେଣୀର ନାମ ପଞ୍ଜିକୃତ କରିଥିବା ବେଳେ ୩୬୨ଜଣଙ୍କ ଠାରୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ଓ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ଆୟୋଜିତ ଶିବିରରେ ଚିତ୍ରକୋଣ୍ଡା ବିଡ଼ିଓ ପ୍ରିତା କୁମାରୀ, ଚିତ୍ରକୋଣ୍ଡା ବ୍ଲକ୍ ଅଧକ୍ଷା ରାଜେଶ୍ୱରୀ ଖିଲ, ଯୋଡ଼ାଆମ୍ବ ସରପଞ୍ଚ ପିଙ୍କି ହନ୍ତାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଦରୁଆ, ଏସଏସଓ ସସ୍ମିତା ସ୍ୱାଇଁ, ଚିତ୍ରକୋଣ୍ଡା ବ୍ଲକ୍ ବିଏସଏସଓ ଶଶାଙ୍କ ସୌମ୍ୟରଞ୍ଜନ, ମାଲକାନଗିରି ବିଏସ୍ଏସଓ ରାଜୁ ପୂଜାରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପିଇଓ ରମେଶ ଚନ୍ଦ୍ର ଆୟାର ପରିଚାଳନା କରିଥିବା ବେଳେ ବିଭିନ୍ନ ପଞ୍ଚାୟତର ପିଇଓ, ସରପଞ୍ଚ, ସମିତି ସଭ୍ୟସଭ୍ୟା, ଜିଆରଏସ୍, ଅଙ୍ଗନବାଡ଼ି କର୍ମୀ ଏବଂ ଦାରଲାବେଢ଼ା ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ଚନ୍ଦ୍ରଶେଖର ବିଦ୍ୟାଳୟର ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଚନ୍ଦ୍ରଶେଖର ବିଦ୍ୟାଳୟ ବୋଦାପଳସାର ୧୯୭୭ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଗତକାଲି ବିଦ୍ୟାଳୟ ପରିସରରେ ହୋଇଯାଇଛି। ବିଦ୍ୟାଳୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରିବା ଓ ପୁରୁଣା ସାଥିମାନଙ୍କ ସହିତ ଭାବ ବିନିମୟ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଥିବାବେଳେ ପୁରାତନ ଛାତ୍ର ବନ୍ଧୁମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମହାନ୍ତଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜିତ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଦିବଂଗତ ସହପାଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇମିନିଟର ନିରବ ପ୍ରାର୍ଥନା ହୋଇଥିଲା। ଏହା ସହିତ ବିଦ୍ୟାଳୟରେ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଓ ତା'ର କିପରି ଭାବରେ ସମାଧାନ ହୋଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଶତବାର୍ଷିକୀ ପୂର୍ତ୍ତି ଉପଲକ୍ଷେ ବିଶେଷ ପ୍ରସ୍ତୁତି କରାଯିବ ବୋଲି ପୁରାତନ ଛାତ୍ର ମୋନିଜ କୁମାର ସାହୁ ମତପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରୁ ଆରମ୍ଭରୁ ଦିବଂଗତ ପୁରାତନ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୁଇମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା।

# ସୁନାମୁହିଁ ଘାଟକୁ ଶୋଭାନେଶ୍ୱରଙ୍କ ଯାତ୍ରା

ନିଆଳି, (ଭାସ୍କର ନ୍ୟୁଜ୍): ପବିତ୍ର ମାଘ ସପ୍ତମୀ ଅବସରରେ ବୁଡ଼ ପାଇଁ ନିଆଳିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ସୋଭନେଶ୍ୱର ପ୍ରାଚୀ ନଦୀର ସୁନାମୁହିଁର ଘାଟକୁ ସୋମବାର ସନ୍ଧ୍ୟାରେ ହଜାର ହଜାର ଭକ୍ତ ମାନଙ୍କ ସହିତ ଶୋଭାନେଶ୍ୱର ଚଳନ୍ତି ପ୍ରତିମା, ପାରମ୍ପରିକ ବାଜା, ଗୋଟି ପୁଅ ନୃତ୍ୟ, ବାଣ ବାଜା ରୋଷଣୀ ସହିତ ମଶାଲ ଶୋଭା ଯାତ୍ରା ରେ ମଝି ଖଣ୍ଡ ଛକ, ନିଆଳି ବଜାର ପରିକ୍ରମା କରି ଦିନା ସିଂହ ପାଟଣା ନିକଟ ପ୍ରାଚୀନଦୀ ସୁନାମୁହିଁ ଘାଟରେ ପହଞ୍ଚିଥିଲେ। ପରମ୍ପରା ଅନୁଯାଇ



ସୋମବାର ରାତି ବାରଟା ପରେ ପ୍ରଭୁ ଶୋଭନେଶ୍ୱର ପ୍ରାଚୀ ସୁନାମୁହିଁ ଘାଟରେ ପ୍ରଥମେ ବୁଡ଼ ପକାଇଥିଲେ। ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା କରାଯିବା ପରେ ଶତାଧିକ ଶ୍ରଦ୍ଧାଳୁ ଏହି ଘାଟରେ ବୁଡ଼ ପକାଇ ଶୋଭନେଶ୍ୱରଙ୍କ ଦର୍ଶନ କରିଥିଲେ। ହଜାରହଜାର ଭକ୍ତଙ୍କ ସମାଗମ ଦେଖି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ନିଆଳି ପୋଲିସ ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ୨ଶହରୁ ଉର୍ଦ୍ଧ୍ୱ ଦୋକାନ ବଜାର ପଡ଼ିବା ସହ ତିନି ଦିନ ଧରି ଏହି ଉତ୍ସବ ଚାଲିବ ବୋଲି ସୂଚନା ମିଳିଛି।

# ଗଞ୍ଜାମ ଜିଲ୍ଲା ଦଣ୍ଡାସି କୁଳ ମହାସଂଘର ଶତବାର୍ଷିକୀ ଉତ୍ସବ ପାଳିତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜୟ): ସ୍ୱର୍ଗତ ଶଶିଭୂଷଣ ରଥଙ୍କ ସଙ୍ଗଠିତ ଓ ପ୍ରତିଷ୍ଠିତ ବଳରେ ୧୯୨୪ ମସିହା ଠାରୁ ଆଜି ଯାଏଁ କଠିନ ପରିଶ୍ରମ ଓ ଚେଷ୍ଟା ବଳରେ ଗଞ୍ଜାମ ଜିଲ୍ଲା ଦଣ୍ଡାସି କୁଳ ମହାସଂଘ ୧୦୦ ବର୍ଷର ମାଇଲଖୁଣ୍ଟ ଅତିକ୍ରାନ୍ତ କରିଛି। ସେହି ପରିଶ୍ରମର ଫଳସ୍ୱରୂପ ଆଜି ଦଣ୍ଡାସି ସଂଘର ଅଧକ୍ଷ ଶୁକଦେବ ନାୟକ ଓ ସଭାପତି ତାରିଣି ନାୟକଙ୍କ ସଭାପତିତ୍ୱରେ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପାଦଦେଶରେ ଶତବାର୍ଷିକୀ ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଛି। ଉକ୍ତ ଶତବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ର ସେଠୀ (ମାନ୍ୟବର ବିଧାୟକ, ଖଲିକୋଟ) ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ସହ ମହାସଂଘର ନୂତନ ପଞ୍ଜିକରଣ ପତ୍ରକୁ ଉନ୍ମୋଚନ କରାଇଥଲେ। ନିଜ ଅଭିଭାଷଣରେ ମହାସଂଘ ଉପସ୍ଥିତ ଜିଲ୍ଲା, ତାଲୁକା, ମୁଠାର ସମସ୍ତ କର୍ମକର୍ତ୍ତା ମିଳିତ ଭାବେ ସମାଜସେବାରେ ନିଜକୁ ସାମିଲ କରି ନିଜ ଜାତିର ଓ ମହାସଂଘକୁ ସଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ତତ୍ ସହିତ ସମ୍ମାନିତ ଅତିଥିଭାବେ ଅରୁଣ କୁମାର ପଣ୍ଡା (ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ), ପିଙ୍କି ବେହେରା (ପୁରୁଷୋତମପୁର ବ୍ଲକ୍ ଅଧକ୍ଷା), ବିଜୟ କୁମାର (ଯୁବ ଆଇନଜୀବି, ଓଡ଼ିଶା ଉଚ୍ଚନ୍ୟାୟଳୟ, କଟକ), ରଞ୍ଜିତ କୁମାର ବେହେରା (ଜିଲ୍ଲା ପରିଷଦ), ନିଳାଞ୍ଚଳ ପୋଲେଇ (ସମ୍ପାଦକ, ଓଡ଼ିଶା କାଳିଞ୍ଜି ସମାଜ ଓ ସରକାରୀ ବରିଷ୍ଠ ଆଇନଜୀବି), ଭୀମସନ ବେହରା (ସଭାପତି, ଗଞ୍ଜାମ ଜିଲ୍ଲା ଦଳିତ ସଂଘ), ସନ୍ତୋଷ କୁମାର ମହାପାତ୍ର (ଓବିସି ମୋର୍ଚ୍ଚାର ରାଜ୍ୟ ବିଜେପି କୋଷାଧକ୍ଷ), ସମାଜସେବୀ ଜଗତବନ୍ଧୁ ପଣ୍ଡା, ପ୍ରଭାକର ରାଉଳ, ଅଭିନାଶ ମଲ୍ଲିକ, ଦୀଲିପ କୁମାର ସେଠୀ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ତାରାତାରିଣୀ ମନ୍ଦିର ପାର୍ଶ୍ୱରେ ଦଣ୍ଡାସି ମହାସଂଘର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ରହି ଆର୍ଯ୍ୟ ଓ ଦ୍ରାବିଡ଼ ମଧ୍ୟରେ ପ୍ରାର୍ଥକ୍ୟ, ଶତବାର୍ଷିକୀ ପାଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି ଓ ମହାସଂଘ ସମସ୍ତ କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ ଅଧବସାୟ ଓ ଦୂରଦୃଷ୍ଟି ଫଳରେ ଆଜି ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ହୋଇଥିବା ପଞ୍ଜିକରଣ ପତ୍ରକୁ ଉନ୍ମୋଚନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ସହିତ ଜାତି ବିଭେଦ ବା ବାଦବିବାଦରୁ ଦୂରେଇ ରହି ଏକତାରେ ବାନ୍ଧି ହୋଇ ରହିବାକୁ ପରାର୍ମଶ ଦେଇଥିଲେ। ଉକ୍ତ ଶତବାର୍ଷିକୀ ଉତ୍ସବରେ ଦଣ୍ଡାସି କୁଳର ସମ୍ପାଦକ ଅଭିରାମ ନାୟକ ବିବରଣୀ ପଠନ, ମଞ୍ଚାସିନ ଅତିଥିମାନଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରଥିଲେ। ଶେଷରେ ବ୍ରହ୍ମପୁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ତରଫରୁ କଲର୍ସ ଟିଭିର ରିୟାଲିଟ୍ ସୋ 'ଗଟ୍ ଇଣ୍ଡିଆ ଟ୍ୟାଲେଣ୍ଟ୍' କାର୍ଯ୍ୟକ୍ରମରେ ଭାଗ ନେଇ ବିଜୟୀ ହୋଇ ଆମ ଦେଶ ପାଇଁ ଗର୍ବଗୌରବ ଆଣିଥିବା ଆମ ମହାସଂଘ ଜଣେ ସ୍ୱଜାତିୟ ଭାଇ ନରୋତ୍ତମ ନାୟକଙ୍କ ନିର୍ଦ୍ଦେଶନାରେ କୁନିକୁନି କଳାକାରଙ୍କୁ ନେଇ ଏକ ସୁନ୍ଦର ସାସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

# ବ୍ରଜରାଜନଗର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସମୀର ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ବ୍ରଜରାନଜଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପୂଜାରୀ ବିକଶିତ ତଥା ଶ୍ରେଷ୍ଠ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ଆଗାମୀ ୨୦୪୭ ମସିହା ପର୍ଯ୍ୟନ୍ତ ଭାରତକୁ ଏକ ବିଶ୍ୱଗୁରୁ ଭାବରେ ଗଠନ କରିବା ପାଇଁ ସମସ୍ତେ ମିଳିମିଶି ସମ୍ପୂର୍ଣ୍ଣ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ସମ୍ବଲପୁର ସ୍ଥିତ ଏନଏସସିବି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିକାଶ ସମ୍ପର୍କରେ ବୁଝାଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ କୋଇଲା ଖଣି ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେ ମଧ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧାପକ ସୁପ୍ରକାଶ ଚୌଧୁରୀ ମଞ୍ଚାସିନ ରହିଥିଲେ। ସମାରୋହକୁ ବରିଷ୍ଠ ଅଧାପିକା ଡକ୍ଟର ରତ୍ନପର୍ଣ୍ଣା ମହାନ୍ତି ସଂଯୋଜନା କରିଥଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ସହ ଭବ୍ୟ ତଥା ଆକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ସହାୟତା ଉପକରଣ ଚୟନ ଶିବିର ଅନୁଷ୍ଠିତ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ସହାୟତା ଉପକରଣ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ବିଘ୍ନ କିର୍ଷାନି ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ବିଭିନ୍ନ ବର୍ଗର ୭୭ ଜଣ ଭିନ୍ନକ୍ଷମ ପଞ୍ଜିକୃତ କରିଥିଲେ। ଏହି ଶିବିରରେ ଏ.ଏଲ.ଆଇ. ଏମ.ସି.ଓ ତରଫରୁ ବିଶେଷଜ୍ଞ ଡାକ୍ତର ଗୌରୀ ଶଙ୍କର ବେହେରା, ଡାକ୍ତର ଅରୁଣ କୁମାର ଦାଶ ଉପସ୍ଥିତ ରହି କେଉଁ ହିତାଧିକାରୀଙ୍କୁ କେଉଁ ସହାୟତା ଉପକରଣ ଦରକାର ତାହା ଚିହ୍ନଟ କରିଥିଲେ। ଶିବିରଟିକୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ସେଠୀ ଆୟୋଜନ ଓ ପରିଚାଳନା କରି ଶେଷରେ ଧନ୍ୟବାଦ ଦେଇଥିଲେ।

# କୋରେଇ ରାସନ୍ କାର୍ଡ଼ରେ ସରକାରୀ ଚାକିରିଆ ହିତାଧିକାରୀ

କୋରେଇ, (ଭାସ୍କର ନ୍ୟୁଜ୍): ପୂର୍ବ ସରକାର ରେ ରାସନ୍ ନେଇଥିବା ହିତାଧିକାରୀ ମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲାରେ ୫୫୩୨ ଜଣ ଅଯୋଗ୍ୟ ହିତାଧିକାରୀ ହୋଇଥିବା ବେଳେ କୋରେଇରେ ୩୮୨ ଜଣ ଅଯୋଗ୍ୟ ହିତାଧୀକାରୀ ଚିହ୍ନଟ କରାଯାଇଛି। ଏହି ଅଯୋଗ୍ୟ ହିତାଧୀକାରୀ ପ୍ରାୟତଃ ସରକାରୀ କର୍ମଚାରୀ ବା ପୋଲିସ, ଜେଇ, ଅଧାପକ, ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, ପିଇଓ ଭଳି ବିଭିନ୍ନ ସଂସ୍ଥାରେ ଥାଇ ରାସନ୍ ହାତଉଥିବା ଜଣାପଡ଼ିଛି। ଗୋଟେ ପଟେ ସରକାରୀ ଦରମା ଗୋଟେ ପଟେ ନିଜକୁ ଗରିବ ସଜେଇ ରାସନ୍ ହଡ଼ପ କରୁଥିବା ଘଟଣା ଅତ୍ୟନ୍ତ ଲଜ୍ୟାଜନକ ଘଟଣା ବୋଲି ଚର୍ଚ୍ଚା ଜୋର ଧରିଛି। ଖାଲି ଏତିକି ନୁହଁ କୋରେଇ ଅନେକ ଚାରିଚକିଆ ଗାଡ଼ି ଥିବା ଲୋକ ମଧ ରସନ୍ ନେଉଥିବା ଦେଖିବାକୁ ମିଳୁଛି ଓ ଏହାର ସଠିକ୍ ତଦନ୍ତ ହେଲେ ଆହୁରି ଅନେକ ଅଯୋଗ୍ୟ ହିତାଧୀକାରୀ ବାଦ୍ ପଡ଼ିବେ। ବର୍ତ୍ତମାନ ଇକେଓ୍ୱାଇସି ହେବା ପରେ କୋରେଇ ରାସନ୍‌ରେ ଜେଉଁ ତଥ୍ୟ ମିଳିଛି ସରକାରୀ କର୍ମଚାରୀମାନେ ହିତାଧିକାରୀ ହୋଇ ରାସନ୍ ଉଠାଇଥିଲେ। ଏ ବିଷୟରେ ଡିଲାରମାନେ ସବୁ ଜାଣି କିପରି ରାସନ୍ ଦେଇଥିଲେ ତାହା ଏକ ପ୍ରଶ୍ନବାଚି ସୃଷ୍ଟି କରୁଛି। ସରକାରୀ କର୍ମଚାରୀ ହୋଇ ରାସନ୍ ଉଠାଉଥିବା ଅଯୋଗ୍ୟ ହିତାଧୀକାରୀଙ୍କୁ କିପରି ଡିଲର ମାନେ ରାସନ୍ ଦେଇଥିଲେ ସେ ଡିଲର ମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ସରକାରୀ ଅନୁଦାନକୁ ପ୍ରକୃତ ହିତାଧିକାରୀ ବଞ୍ଚିତ ରହୁଥିବା ବେଳେ ଅଯୋଗ୍ୟ ସରକାରୀ କର୍ମଚାରୀମାନଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ନେଇଥିବା ରାସନ୍ ସୁଧ ଶହ ଫେରାଇବାକୁ ଦାବି ହେଉଛି।

# ରାଜ୍ୟ ସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀ ଉଦ୍‌ଯାପିତ




ପୁରୀ, (ଭାସ୍କର ନ୍ୟୁଜ୍): ପୁରୀର ହୋଟେଲ ସାଗର ତରଙ୍ଗରେ ଦୁଇଦିନିଆ ସଖୀ ସହେଲି ସମ୍ମିଳନୀ ଓଡ଼ିଶା ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ଆସୋସିଏସନ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଖୀ ସହେଲି ସମ୍ମିଳନୀ ସଫଳତାର ସହ ହୋଇଯାଇଅଛି। ସମାପନ ସମାରୋହରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ପୁରୀର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ (ଡିଏସଡବ୍ଲୁଓ) ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରକଳ୍ପ ଅଧିକାରୀ ଶୁଭ ନାରାୟଣ ଶତପଥୀ, ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ବାଲ୍ୟ ବିବାହ ନିରୋଧ ଏବଂ ଶିଶୁ ସୁରକ୍ଷା ପ୍ରକଳ୍ପର ଜାତୀୟ ପ୍ରକଳ୍ପ ନେତୃତ୍ୱ ଘାସିରାମ ପଣ୍ଡା ଏବଂ ରାଜ୍ୟ ଏମଏଣ୍ଡଇ ଅଫିସର ସୌରିଷ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହରେ ସଖୀ-ସହେଲି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସ୍ୱରୂପ ଓଡ଼ିଶାର ତୃଣମୂଳ ଓଡ଼ିଶାର କୈଶୋର ମାନଙ୍କୁ ବିଶେଷକରି ଝିଅମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଜୀବନର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିବା। ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋକପାତ କରିବା ସହ କହିଥିଲେ, 'ସଖୀ ସହେଲି ସମ୍ମିଳନୀ ରାଜ୍ୟର ତୃଣମୂଳ ସ୍ତରୀୟ କିଶୋରମାନଙ୍କୁ ସଶକ୍ତ କରିବା ପାଇଁ ଏକ ପ୍ରମୁଖ ମଞ୍ଚ। ଏହି କିଶୋରମାନେ ସେମାନଙ୍କ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ଆଦର୍ଶ। ସରକାରଙ୍କ ଦ୍ୱାରା ଚାଲୁରହିଥିବା ଅଦ୍ୱିକା କାର୍ଯ୍ୟକ୍ରମ ପ୍ରାଥମିକ ସ୍ତରରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା ହେଲେ ଆମେ ଗର୍ବର ସହ ଘୋଷଣା କରୁଛୁ ଯେ ବର୍ତ୍ତମାନ ୧୪୦୦୦ ଗ୍ରାମକୁ ଏବେ ସୁଦ୍ଧା ବାଲ୍ୟବିବାହ ମୁକ୍ତ ଗ୍ରାମ ରୂପେ ଘୋଷଣା କରାଯାଇଅଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶୁଭ ନାରାୟଣ ସତପଥୀ ଶିଶୁମାନଙ୍କର ଅଂଶଗ୍ରହଣର ଅଧିକାର ଉପରେ ଗୁରୁତ୍ୱ ବିଷୟରେ ଆଲୋକପାତ କହିଥିଲେ। ସେ ୟୁନିସେଫ ଓ ଆକ୍ସନଏଡର ପ୍ରୟାସକୁ ପ୍ରଶଂସା କରିବା ସହ ଜୀବନ ପରିବର୍ତ୍ତନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କିଶୋରୀମାନଙ୍କୁ ଶିଖିବାର ଇଚ୍ଛାକୁ ସର୍ବଦା ଉଦଜାଗାର ରଖିବାକୁ ଉତ୍ସାହିତ କରିଥିଲେ, 'ଶିକ୍ଷା ଜୀବନକୁ ଉନ୍ନତ କରିଥାଏ ଏବଂ ଏକ ଜୀବନ ପରିବର୍ତ୍ତନର ମୋଡ଼ ଭାବରେ କାର୍ଯ୍ୟ କରିଥାଏ। ଶିଶୁ ଅନନ୍ୟ ପ୍ରତିଭାର ଗନ୍ତାଘର ଏବଂ ଶିକ୍ଷା ସହ ଜୀବନ କୌଶଳର ଆବଶ୍ୟକତାକୁ ବୁଝିବା ଆବଶ୍ୟକ, ଏହା ପାଠ୍ୟ ପୁସ୍ତକରେ ସୀମିତ ହେବା ଆବଶ୍ୟକ ନୁହେଁ ବୋଲି ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ମାନେ ଅଦ୍ୱିକା କାର୍ଯ୍ୟକ୍ରମ ଆରମ୍ଭ ପରଠାରୁ କିଶୋରୀମାନଙ୍କ ସହ ଯୋଗାଯୋଗ ଓ ଅଦ୍ୱିକା କାଲେଣ୍ଡର ଅନୁସାରେ ମାସିକ ବିଷୟ ଗୁଡିକ ଉପରେ ଆଲୋଚନା କରି ନିଜର ମତ ଦେଇଥିଲେ ଏବଂ ଅଦ୍ୱିକା ଏକ ସଫଳ ମଞ୍ଚ ବୋଲି କହିଥିଲେ। ଶେଷରେ ଆକ୍ସନଏଡ୍‌ର ରାଜ୍ୟ ଏମଏଣ୍ଡଇ ଅଫିସର ସୌରିଷ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର ଧାନ ଖଳା ନିର୍ମାଣରେ ପୂର୍ତ୍ତବିଭାଗ ଜେଇ, ଠିକାଦାର ମାଲେମାଲ



ରାଜନଗର, (ଭାସ୍କର ନ୍ୟୁଜ୍): ରାଜ୍ୟରେ କୃଷି ଓ କୃଷକର ଉନ୍ନତି ନିମନ୍ତେ ସରକାର ଚିନ୍ତିତ। ହେଲେ କୃଷକମାନଙ୍କୁ ଅନ୍ଧାରରେ ରଖି ବିଭାଗୀୟ ବାବୁ ମାନେ କୃଷି ସାମଗ୍ରୀ ଠାରୁ ଆରମ୍ଭ କରି ଋଣ, ଫସଲ ବିମା ଏବଂ ଧାନ ମଣ୍ଡିରେ ମଧ ଚାଷିମାରଣ ନିତି ଅବଲମ୍ବନ କରି ମଣ୍ଡିରେ ଶହଶହ କୁଇଣ୍ଟାଲ ଧାନ ଖୋଲା ଆକାଶତଳେ ପଡିରହିଛି। ଏହି ଅଶୋଭନୀୟତା ଯୋଗୁ ଶାଗମାଛ ଦରରେ ଗ୍ରାମାଞ୍ଚଳରୁ ସିଧା ମିଲରମାନେ ଏଜେଣ୍ଟଙ୍କ ଜରିଆରେ ଦଶ ଚକିଆ ଟ୍ରକରେ ଧାନ ନେଇ ମିଲରେ ଦେଉଛନ୍ତି। ତେଣୁ ପ୍ରତ୍ୟେକ କୃଷି ସେବା ସମବାୟରେ ଧାନ ମଣ୍ଡି ପ୍ରଚଳନ ହେଉଛି। ମଣ୍ଡିରେ ଚାଷିଙ୍କ ଧାନ ଗଛିତ ରହିବା ପାଇଁ କିଛି ସୁରକ୍ଷିତ ବ୍ୟବସ୍ଥା ନଥିବାରୁ କୃଷି ସେବା ସମବାୟ କାର୍ଯ୍ୟାଳୟ ଠାରେ ସରକାର ଧାନ ଖଳାର ବ୍ୟବସ୍ଥା କରୁଛନ୍ତି। ଏହି ଖଳା ନିର୍ମାଣ ପୂର୍ବରୁ ଫଳକ ମରାଯିବା ସହ ନିର୍ମାଣ ସଂସ୍ଥା, ଠିକାଦାର ନାମଥାଇ ଟଙ୍କାର ପରିମାଣ ଓ ସମୟସୀମା ଫଳକରେ ଲିପିବଦ୍ଧ ହେବାର ନିୟମ ରହିଛି। ବର୍ଷା, କାକରରେ ଧାନ ନଭିଜିବା, ପୋକଯୋକ ନପସିବା, ଖଳାର ଚତୁର୍ପାଶ୍ୱରେ ପାଚେରୀ ନିର୍ମାଣ, ମହିଳା ଓ ପୁରୁଷଚାଷୀଙ୍କ ନିମନ୍ତେ ଶୌଚାଳୟ ଓ ସେଡ୍ ନିର୍ମାଣ ନିମନ୍ତେ ସରକାର ୬୦ ରୁ ୮୦ଲକ୍ଷ ପର୍ଯ୍ୟନ୍ତ ଅଟକଳ ମୂଲ୍ୟ ରଖିଛନ୍ତି। ଏହି ଖଳା ସବୁକୁ ପୂର୍ତ୍ତବିଭାଗ ଦାୟିତ୍ୱରେ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯାଉଛି। ହେଲେ ଏକମାତ୍ର ଯନ୍ତ୍ରୀ ପୂର୍ତ୍ତ ବିଭାଗର ଦାୟିତ୍ୱରେ ରହି ଯେମିତି ଅନୀୟମିତ ରାସ୍ତାର ପିଚୁ ସାଙ୍ଗକୁ ନିମ୍ନମାନର କଂକ୍ରୀଟ ରାସ୍ତା ନିର୍ମାଣ ସହ ବିନା ରଙ୍ଗ ମରାରେ ରାସ୍ତାକଡର ଗଛ ଓ ବ୍ରୀଜଗୁଡ଼ିକର ବିଲ୍ କରାଗଲା, ସେହିପରି ଖଳା କାର୍ଯ୍ୟ ନିମ୍ନମାନର ଚାଲୁଥିବା ଅଭିଯୋଗ ହେଉଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍‌ର ତାଳଚୁଆ ସେବା ସମବାୟ ସମିତି ପରିସରରେ ନିର୍ମାଣାଧୀନ ଖଳାର ଦାୟିତ୍ୱ ନେଇଛନ୍ତି ସେବା ସମବାୟ ସମିତିର ସମ୍ପାଦକ। ହେଲେ ନିମ୍ନମାନର ରଡ ସାଙ୍ଗକୁ ସିମେଣ୍ଟ ବ୍ୟବ ହାର ହେଉଥିବା ଅଭିଯୋଗ ହେଉଛି। ଲୋକମାନଙ୍କ କହିବା ପ୍ରକାରେ ଖଳା କାର୍ଯ୍ୟରେ କାଦୁଅ ଭଳି ସିମେଣ୍ଟ ବ୍ୟବହାର ହେଉଛି। ୮୦ଲକ୍ଷ ଟଙ୍କାର ଏହି କାର୍ଯ୍ୟକୁ ଦେଖିବାକୁ ବିଭାଗୀୟ ଜେଇ କିମ୍ବା ଠିକାଦାରଙ୍କ ପାଦ ପଡୁନି। ଫଳକରେ ପୁରୁଣା ରଡ୍‌ରେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ କେତେ ଦିନ ତାହା ସନ୍ଧିଆନରେ ଚାଷୀକୂଳ। କେବଳ ତାଳଚୁଆ ନୁହେଁ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି ନାଉକଣା ଏବଂ ସଦର ମହକୁମା ରାଜନଗର ସାନଞ୍ଚଓର ନିକଟରେ ନିର୍ମାଣାଧୀନ ଧାନ ଖଳା। ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଯଦି କୌଣସି ବ୍ୟକ୍ତି ସମ୍ପାଦକ କିମ୍ବା ସୁପରଭାଇଜରକୁ କେତେଟଙ୍କାର କାର୍ଯ୍ୟ ବୋଲି ପଚାରିଲେ ଉତ୍ତର ମିଳୁଛି ଆଠଦଶଲକ୍ଷ ଟଙ୍କାର କାମ। ତେଣୁ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଧାନମଣ୍ଡି ଖଳାର ଉଚ୍ଚ ଗୁଣମାନର ନିର୍ମାଣ ପାଇଁ ଚାଷୀ ଦାବୀ କରିଛନ୍ତି।

# ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ବାରିପଦା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ୧ ତାରିଖରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବିଭିନ୍ନ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଜରିଆରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ଛାତ୍ର ଛାତ୍ରୀଙ୍କୁ ସାମିଲ କରି ଲୋକମାନଙ୍କୁ ବିଶେଷ କରି ଗାଡି ଚାଳନା କରିବା ସମୟରେ ଟ୍ରାଫିକ ନିୟମ ମାନିବା ସହିତ ସତର୍କତା ମୂଳକ ପଦକ୍ଷେପ ନେବା ସମ୍ବନ୍ଧ ରେ ସଚେତନ କରାଯାଇଥିଲା। ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସଏ ତଥା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧକ୍ଷଙ୍କ ଅଧକ୍ଷତାରେ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ ଏବଂ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ଯୋଗ ଦେଇଥିଲେ ଏବଂ ସଡ଼କ ସୁରକ୍ଷା କମିଟିର ଅନ୍ୟାନ୍ୟ ସଦସ୍ୟ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଗାଡି ଚାଳନା ସମୟରେ ଟ୍ରାଫିକ ନିୟମକୁ ସତର୍କତା ସହ ଭାବେ ପାଳନ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେବା ସହ ଏହାର ଉପଯୁକ୍ତ ଅନୁପାଳନ ପାଇଁ ପ୍ରବର୍ତ୍ତନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାପରେ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା ପେଣ୍ଟିଙ୍ଗ ଓ ସ୍ଲୋଗାନ ପ୍ରତିଯୋଗିତାର ୧୨ ଜଣ କୃତୀ ଛାତ୍ରଛାତ୍ରୀ ଓ ୩ ଜଣ କୃତୀ ସାଧାରଣ ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ପରିବହନ ଅଧିକାରୀ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ମୟୁରଭଞ୍ଜ ଜିଲ୍ଲା ରେ ଆକସ୍ମିକ ସଡ଼କ ଦୁର୍ଘଟଣା ସମ୍ମୁଖୀନ ପୀଡିତଙ୍କୁ ସ୍ୱତଃ ପ୍ରବୃତ୍ତ ଭାବେ ଉପସ୍ଥିତ ବୁଦ୍ଧି ବଳରେ ଘଡିସନ୍ଧି ମୁହୂର୍ତ୍ତରେ ସାହାଯ୍ୟ କରିବା ସହିତ ଡାକ୍ତର ଖାନାରେ ପହଞ୍ଚାଇ ଅମୁଲ୍ୟ ଜୀବନ ବଞ୍ଚାଇ ପାରିଥିବା ୧୮ଜଣ ଜୀବନ ରକ୍ଷାକାରୀ ବ୍ୟକ୍ତି ବିଶେଷଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମାନପତ୍ର ଓ ପ୍ରୋତ୍ସାହନ ସ୍ୱରୂପ ପ୍ରତ୍ୟେକଙ୍କୁ ୨୦୦୦ଟଙ୍କା ଲେଖାଏଁ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କର ଏହି ମହତ ସେବା ପାଇଁ ସାଧୁବାଦ ଜଣାଇବା ସହ ଆଗକୁ ଏହି ମନୋଭାବ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।



ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ସଦରସ୍ଥିତ ବନ୍ଧ ଛକରେ ପ୍ରତିଷ୍ଠିତ ମଙ୍ଗଳା ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ରିରେ ଚୋରି ସହିତ ସମ୍ମୁଖରେ ରହିଥିବା ହୁଣ୍ଡିକୁ ଚୋର ମାନେ ଭାଙ୍ଗି ସେଥିରୁ ଟଙ୍କା ଲୁଟି ନେଇଛନ୍ତି। ଘଟଣାରୁ ପ୍ରକାଶ ଯେ ବନ୍ଧ ଛକରେ ଥିବା ଅଧିଷ୍ଠାତ୍ରୀ ଠାକୁରାଣୀ ମା'ମଙ୍ଗଳା ମନ୍ଦିରରୁ କେହି ଅଜଣା ଚୋର ଚୋରି କରିଛି। ଠାକୁରାଣୀଙ୍କ ମଥାରୁ କିରଟି,ଗଳାରେ ଲାଗିଥିବା ରୂପାହାର ଚୋରିକରି ନେଇଥିବା ବେଳେ ନିକଟରେ ଥିବା ହୁଣ୍ଡିକୁ ଭାଙ୍ଗି ସେଥିରେ ପଡିଥିବା ଦାନ ଟଙ୍କା ଲୁଟି ନେଇଛନ୍ତି। ତେବେ ହୁଣ୍ଡିରେ ପଡିଥିବା ଦାନ ଅର୍ଥରାଶି ଜାନୁଆରୀ ଶେଷ ତାରିଖରେ ମନ୍ଦିର କମିଟି ସଦସ୍ୟ ମାନେ ଖୋଲି ସେଥିରେ ପଡିଥିବା ଟଙ୍କା କାଢି ନେଇଥିଲେ। ଏହି ଚୋରି ସମ୍ପର୍କରେ ସୋମବାର ସକାଳୁ ଜାଣିବା ପରେ କମିଟି ବରିଷ୍ଠ ସଦସ୍ୟ ନିରଞ୍ଜନ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଥାନା ଆଇଆଇସି ସ୍ମିତାମୟୀ ବରାଳ ଓ ଏକ ପୋଲିସ ଟିମ ଘଟଣା ସ୍ଥଳକୁ ଯାଇ ଚୋରି ସମ୍ପର୍କରେ ଗଭୀର ଅନୁସନ୍ଧାନ ଜାରି ରଖିବା ସହ ଥାନାରେ ମାମଲା ରୁଜୁ କରାଯାଇଛି।

# ପୂଜ୍ୟପୂଜା ସମିତି ପକ୍ଷରୁ ଉତ୍କଳ ଗୌରବଙ୍କ ତିରୋଧାନ ଦିବସ ପାଳିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟପୂଜା ସମିତି ପକ୍ଷରୁ ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ତିରୋଧାନ ଦିବସ ପାଳନ ହୋଇଯାଇଛି। ସ୍ଥାନୀୟ ଗାନ୍ଧିନଗର ଛକ ସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ଯଥା ମର୍ଯ୍ୟାଦାର ସହ ମାଲ୍ୟାର୍ପଣ କରି ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ବଳିଷ୍ଠ ନେତୃତ୍ୱ, ସଂଗଠନ ଓ ତ୍ୟାଗ ବଳରେ ୧୯୩୬ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇପାରିଲା। ରାଜନୀତି କରି ଦେଶସେବା ଆଳରେ ନିଜେ ଧନ ଓ କ୍ଷମତାର ଅଧିକାରୀ ହେବା ମଧୁସୂଦନ ଦାସଙ୍କ କୌଣସି ପ୍ରକାର ଅଭିପ୍ରାୟ ନଥିଲା। ନିଜର ଉଚ୍ଚାଦର୍ଶ ଓ ମହତ ଲକ୍ଷ୍ୟ ପରିପୂରଣ ନିମନ୍ତେ ଆତ୍ମୋତ୍ସର୍ଗ କରିବା ତାଙ୍କର ନୀତି ଥିଲା। ମଧୁସୂଦନ ଦାସ ତାଙ୍କ ଜୀବନରେ ଅନେକ ଦେଶାତ୍ମବୋଧକ ସଂଗୀତ ରଚନା କରିଥିଲେ। ଜାତି -ଯଜ୍ଞ କୁଣ୍ଡରେ ଆପଣାର ସମସ୍ତ ସ୍ୱାର୍ଥକୁ ନୈବେଦ୍ୟ ରୂପେ ସମର୍ପଣ କରି ଦେବାକୁ ଦେଶବାସୀଙ୍କୁ ସେ ତାଙ୍କ ଅଧିକାଂଶ ଗୀତରେ ଆହ୍ୱାନ ଦେଇଥିଲେ। କୂଳବୃଦ୍ଧ ମଧୁସୂଦନ ଦାସ ସବୁଦିନ ପାଇଁ ଚୀର ସ୍ମରଣୀୟ ରହିବେ ବୋଲି ଆଜି ସଭାରେ ମତ ପ୍ରକାଶ ପାଇଛି। ସମିତି ସମ୍ପାଦକ ଏସ.ସାମ୍ବାଶିବା ରାଓ, ଅବନୀ



ଗୟା ପ୍ରମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ଦଶିପୁର ପଞ୍ଚାୟତରେ ଖାଉଟି ଡିଲର ପୁନଃନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମପଞ୍ଚାୟତରେ ଖାଉଟି ଡିଲର ପୁର୍ନନିଯୁକ୍ତି ପାଇଁ ସଦର ମହକୁମାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଦଶିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ପଞ୍ଚାୟତ ବାସୀଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଏହି ଗ୍ରାମପଞ୍ଚାୟତର ପୂର୍ବତନ ଖାଉଟି ଡିଲରଙ୍କ ଦ୍ୱାରା ହୋଇଥିବା କେତେକ ତ୍ରୁଟି ସମ୍ପର୍କରେ ଅଭିଯୋଗ ପରେ ସମ୍ପୃକ୍ତ ଡିଲରଙ୍କୁ ପ୍ରଶାସନ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହି ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନ କରିବା ପାଇଁ ସେହି ବ୍ଲକ ଅନ୍ତର୍ଗତ ଗିରିବନ୍ଧ ପଞ୍ଚାୟତର ଖାଉଟି ଡିଲର ପିତାମ୍ବର ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଦୁଇଟି ପଞ୍ଚାୟତର ଖାଉଟି ସାମଗ୍ରୀ



ବଣ୍ଟନ ଦାୟୀତ୍ୱ ବହନ କରୁଥିବା ଡିଲର ବେହେରା ବହୁ ଦୂରରୁ ଆସି ଦଶିପୁର ପଞ୍ଚାୟତରେ ରାସନ କାର୍ଡଧାରୀମାନଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ପଞ୍ଚାୟତର ସମସ୍ତ ରାସନକାର୍ଡଧାରୀ ସଠିକ ସମୟରେ ଖାଉଟି ସାମଗ୍ରୀ ପାଇବା ଏବଂ କେତେକ ରାସନ କାର୍ଡଧାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଏହି ଗ୍ରାମପଞ୍ଚାୟତରେ ରାସନକାର୍ଡଧାରୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିଲମ୍ବିତ ଖାଉଟି ଡିଲର ରବୀନ୍ଦ୍ର ମଳିକଙ୍କୁ ପୁର୍ନନିଯୁକ୍ତି ପ୍ରଦାନ କରାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ସରପଞ୍ଚ ପ୍ରଦ୍ୟୋତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏନେଇ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ପଞ୍ଚାୟତବାସୀଙ୍କ ପକ୍ଷରୁ ଦଶିପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି, ପୂର୍ବତନ ସରପଞ୍ଚ ବିବେକାନନ୍ଦ ଦାଶ, ରତ୍ନାକର ମଳିକ, ଧର୍ମେନ୍ଦ୍ର ମଳିକ, ପ୍ରଭାତ ନାୟକ, ନିରାକାର ଦାସ, ଅନିରୁଦ୍ଧ ସାହୁ, ଗୌରାଙ୍ଗ ସାହୁ, ରଞ୍ଜନ ଦାସ, ମନୋଜ ପ୍ରଧାନ ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଦୀର୍ଘବର୍ଷ ହେଲା ହୋଇପାରୁନି ବିଭିନ୍ନ ପଞ୍ଚାୟତରେ କଲ୍ୟାଣ ମଣ୍ଡପ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସରକାର ପଞ୍ଚାୟତବାସୀ ତଥା ଗ୍ରାମାଞ୍ଚଳମାନଙ୍କରେ ଜନସାଧାରଣ କମ୍ ମୂଲ୍ୟରେ ସହରି ସୁବିଧା କିପରି ମିଳିବ ସେଥିଲାଗି ୨୦୧୪ରେ କଲ୍ୟାଣ ମଣ୍ଡପ ଯୋଜନା ହାତକୁ ନେଇଥିଲେ। ଏହା ମଧ୍ୟରେ କଲ୍ୟାଣ ମଣ୍ଡପ ପ୍ରକଳ୍ପ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ବିତିବାକୁ ବସିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରୁ ଗୋଟିଏ ମାତ୍ର ଛୁରିଆନା ଗ୍ରାମପଞ୍ଚାୟତରେ ଏକ ମାତ୍ର କାର୍ଯ୍ୟକ୍ଷମ। ଅସ୍ତରଙ୍ଗ ପଞ୍ଚାୟତ ଅଧାଗଢା ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡ଼ିରହିଛି। ଅନ୍ୟ ୧୩ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଆରମ୍ଭ ହୋଇନଥିବା ଜଣାପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ୨୦୧୪ ମସିହାରେ ଶିଳାନ୍ୟାସ କରାଯାଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ



କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଏ ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ। କଲ୍ୟାଣ ମଣ୍ଡପରେ ଅନେକ ଗରିବ ଲୋକେ ସ୍ୱଳ୍ପମୂଲ୍ୟରେ ସେମାନଙ୍କ ପୁଅଝିଅ ବିବାହ ଓ ବ୍ରତ ଘର କରିବାକୁ ଯେଉଁ ଆଶା ସରକାର ଦେଇଥିଲେ ତାହା ଏବେ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଞ୍ଚାୟତ ରେ ସ୍ୱପ୍ନ ପାଲଟିଛି। କେତେକ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ପ୍ରଶାସନିକ ଦୂରଦୃଷ୍ଟି ଅଭାବରୁ ମାମଲା ଅଦାଲତକୁ ଯାଇଥିଲା। ଗୋଚର ଜମିରେ ପ୍ରକଳ୍ପ ନିର୍ମାଣକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ମାମଲା ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ଏବେ ଜିନିଷ ର ଦାମ୍ ବଢ଼ି ଥିବାରୁ ଯୋଜନାର ବ୍ୟୟ ଅଟକଳ ବୃଦ୍ଧି ଘଟିଛି। ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ନିର୍ମିତ ବହୁମୁଖ୍ୟ କଲ୍ୟାଣମଣ୍ଡପ ସୁବିଧାରୁ ପଞ୍ଚାୟତବାସୀ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ଶସ୍ମିତା ବେହେରା ଙ୍କୁ ପଚାରିବାରୁ ଉତ୍ତର ରେ କହିଥିଲେ ମୁଁ ଅସ୍ତରଙ୍ଗ ବ୍ଲକ ଯୋଗଦେବା ଏକବର୍ଷ ମଧ୍ୟରୁ ପ୍ରଥମ ୩ ମାସ ନିର୍ବାଚନରେ ଗଲା ଏବେ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଗୋଗ କଲେ ସେ ସଠିକ୍ ତଥ୍ୟ ଦେଇପାରିବେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ବ୍ଲକ ପ୍ରଶାସନର ଦୁର୍ବଳ ମନୋଭାବ ଯୋଗୁଁ ବିକାଶ ବିଭିନ୍ନ ସ୍ଥାନରେ ଆଗେଇ ପାରୁନି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ଦିବସ ପାଳିତ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳ କସର୍ଦା ପଞ୍ଚାୟତ ବଡ଼ିଆ ସାହି ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମବାର ଦିନ ମାତୃ ସମିଳନୀ ଓ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରମୋଦ କୁମାର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରଶ୍ମି ରଞ୍ଜନ ଦାଶ ଉପସ୍ଥିତ ରହି ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ତଥା ଗଠନରେ ମା' ମାନଙ୍କର ଭୁମିକା କଣ ହେବା ଦରକାର ସେ ବିଷୟରେ ଆଲୋକପାତ କରାଇଥିଲେ। ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ବିଶ୍ୱନାଥ ମହାପାତ୍ର, ସଭ୍ୟା ଶାନ୍ତି ଲତା ମଲିକ, ପ୍ରାପ୍ତ ପର୍ଯ୍ୟାୟ ପ୍ରମୁଖ ବିଚିତ୍ର କୁମାର ମୁଦୁଲି, ସାଂସ୍କୃତିକ ପ୍ରମୁଖ ସୌଭାଗ୍ୟ କୁମାର ସେନାପତି, ଆଚାର୍ଯ୍ୟ ଦୁତିନିଧି, ସମୀର କୁମାର ସ୍ୱାଇଁ ଉପସ୍ଥିତ ରହି ସଭାକାର୍ଯ୍ୟକୁ ଆଗେଇ ନେଇଥିଲେ। ଆଜିର ସମ୍ମିଳନୀରେ ୨୨୫ ଯଣ ମା'ଭାଗ ନେଇଥିଲେ। ମା'ମାନଙ୍କ ମଧ୍ୟରେ ବେଲୁନ ଫୁଙ୍କା, ଗୀତା ଆବୃତ୍ତି ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଇଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଶେଷରେ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଚନ୍ଦାହାଣ୍ଡି ଗାୟତ୍ରୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସଦର ଠାରେ ସ୍ଥିତ ଗାୟତ୍ରୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଏବଂ ୯କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପ୍ରତିନିଧି ତଥା ଶାନ୍ତି କୁଞ୍ଜ ହରିଦ୍ୱାର ସ୍ଥିତ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ନିର୍ଦେଶ ଦ୍ୱାରା ଗତବର୍ଷ ନବ ନିର୍ମିତ ଗାୟତ୍ରୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା। ତାହାର



ଏକବର୍ଷ ପୂର୍ତ୍ତି ଅବସରରେ ଚଳିତ ୨ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ୪ ତାରିଖ ଶେଷ ହୋଇଥିଲା। ୨ ତାରିଖ ଦିନ ଗାୟତ୍ରୀ ପରିବାର ଦ୍ୱାରା ବିରାଟ ପଟୁଆର ସହ ନାମ ସଂକୀର୍ତ୍ତନ ଓ ଗାୟତ୍ରୀ ମହାମନ୍ତ୍ର ଧ୍ୱନିର ସହ ଭବ୍ୟ ଜଳକଳସ ଯାତ୍ରା କରାଯାଇଥିଲା। ମଙ୍ଗଳବାର ଶାନ୍ତିକୁଞ୍ଜ ପ୍ରତିନିଧି ଓ ଟୋଲୀ ଭୁବନାନନ୍ଦ କଶ୍ୟପ, ସଦାନନ୍ଦ ନାମଦେବ, କୁଞ୍ଜବିହାରୀ ସରପ, ଭକ୍ତରାମ ଗୋପାଳ, ମନୋଜ କୁମାର ଭୋଇ ଏବଂ ଶୁକଦେବ ନିଆଳ ପ୍ରମୁଖଙ୍କ ଦ୍ୱାରା ୯ କୁଣ୍ଡିୟ ଯଜ୍ଞ ସହ ସନ୍ଧ୍ୟାରେ ହଜାର ଆଠ ଦୀପ ମହାଯଜ୍ଞ ସହ ଆଜି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ନିତ୍ୟ ପ୍ରଜ୍ଞା ପୂରକ୍ଷଣ ପ୍ରବଚନରେ ପ୍ରସାଦ ସ୍ୱରୂପରେ ସମସ୍ତଙ୍କ ମଧ୍ୟରେ ଦେବତ୍ୱର ଉଦୟ ଓ ପୃଥିବୀକୁ ସ୍ୱର୍ଗ ବନେଇବାର ଗୁରୁଦେବଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ୯ କୁଣ୍ଡିୟ ଗାୟତ୍ରୀ ଯଜ୍ଞ କାର୍ଯ୍ୟକ୍ରମରେ ନବରଙ୍ଗପୁର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ପୂର୍ବତନ ଝରୀଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ଉପାଧାକ୍ଷ ବାସୁଦେବ ଗୌଡ଼, ସମାଜସେବୀଙ୍କ ସମେତ ଛତିଶଗଡ ଏବଂ ଆଖ ପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହ ସ୍ଥାନୀୟ ଜନସାଧାରଣ ଯୋଗଦେଇ ମା'ଗାୟତ୍ରୀଙ୍କ କୃପା ଲାଭ କରିଥିଲେ। ୩ ତାରିଖ ସନ୍ଧ୍ୟାରେ ଏକ ହଜାର ଆଠ ଦୀପ ଯଜ୍ଞ ସହ ପ୍ରତି ସନ୍ଧ୍ୟାରେ ପ୍ରଜ୍ଞା ପୂରକ୍ଷଣ କଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଗାୟତ୍ରୀ ମାତାଙ୍କ ବାର୍ଷିକ ଉତ୍ସବ ଏବଂ ୯ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ରେ ଯୋଗଦାନ କରୁଥିବା ଶହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତଙ୍କୁ ପ୍ରତ୍ୟହ ଭୋଜନ ପ୍ରସଦ ବ୍ୟବସ୍ଥା ହୋଇଥିଲା ଏହି ଭୋଜନାଳୟ ସେବାରେ ଶତାଧିକ ଭାଇ ଓ ଭଉଣୀଙ୍କ ସମେତ ଅଞ୍ଚଳର ପ୍ରତ୍ୟେକ ସମାଜର ଶ୍ରଦ୍ଧାଳୁ ସେବା ଦେଇଥିଲେ। ୨ ତାରିଖ ଠାରୁ ୪ ତାରିଖ ତିନିଦିନ ପର୍ଯ୍ୟନ୍ତ ଅନେକ ବ୍ୟକ୍ତିଙ୍କ ବିଭିନ୍ନ ପ୍ରକାର ସଂସ୍କାର କରାଯାଇଥିଲା। ଆଜି ଅନ୍ତିମ ଦିବସରେ ଏହି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ ସହ ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ନିର୍ଦେଶ ପ୍ରକାରେ ଶାନ୍ତିକୁଞ୍ଜ ପ୍ରତିନିଧି ଓ ଟୋଲୀ ଏବଂ କର୍ମକର୍ତ୍ତାଙ୍କୁ ଚନ୍ଦାହାଣ୍ଡି ଯଜ୍ଞ କମିଟି ଦ୍ୱାରା ବିଦାୟ ଦେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଯଜ୍ଞରେ ପାଖ ପଡୋଶୀ ଛତିଶଗଡ, ନୂଆପଡ଼ା, କଳାହାଣ୍ଡି ଅଞ୍ଚଳରୁ ଗାୟତ୍ରୀ ପରିଜନ ଆଜି ଯୋଗ ଦେଇଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଅଖିଳ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ମାନେ ଓ କୋରାପୁଟ ଜୋନ ପ୍ରଭାରୀ ବାଲ୍ମୀକି ପ୍ରଧାନ, ଡ. ରଜତ କୁମାର ଷଡ଼ଙ୍ଗୀ ସୁଶ୍ରୀ ରତୁମ୍ବରା, ଯମୁନା ପ୍ରଧାନ, ନିରଂଜନ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ଉପେନ୍ଦ୍ର ନାଗଙ୍କ ସମେତ ଯଜ୍ଞ କର୍ମକର୍ତ୍ତା ମଧୁକର ଦାଶ, ସରୋଜ ଅଗସ୍ତି, ହୁସିଆର ବିଶି, କୈବଲ୍ୟ ମାଝୀ, ରଷ୍ଟୁ ବାଗ, ଘନଶ୍ୟାମ ଗୌଡ଼, ମଧୁ ନାୟକ, ମହେନ୍ଦ୍ର ନାୟକ, ପୌରସ ମାଝୀ, ଅଗର ମନହିରା, ହରିଶ୍ଚନ୍ଦ୍ର ଗୋପାଳଙ୍କ ସମେତ ବାହାରରୁ ଓ ଅଞ୍ଚଳର ସମସ୍ତ ଗାୟତ୍ରୀ ପରିଜନ, ପ୍ରତ୍ୟହ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ସମେତ ଚନ୍ଦାହାଣ୍ଡି ଗ୍ରାମବାସୀ ଓ ପାନାବେଡ଼ା ଅଞ୍ଚଳର ଜନସାଧାରଣ ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶୈଳବାଳା ମହାପାତ୍ରଙ୍କ କବିତା ପୁସ୍ତକ



ପୁରୀ, (ଭାସ୍କର ନ୍ୟୁଜ୍): ସମ୍ପ୍ରତି ନୂଆ ଦିଲ୍ଲୀଠାରେ ଚାଲିଥିବା ବିଶ୍ୱ ପୁସ୍ତକ ମେଳାରେ ବିଶିଷ୍ଟ ଅନୁବାଦକ ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ପୁରୀର ବରିଷ୍ଠ କବି ଶୈଳବାଳା ମହାପାତ୍ରଙ୍କର କବିତା ପୁସ୍ତକ 'ଏକ ବାର ଦିବାର ବନ୍ ଗୟେ ତୋ' ଫେବୃଆରୀ ଦୁଇ ତାରିଖ ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ଉନ୍ମୋଚିତ ହୋଇଯାଇଛି। ପ୍ରଲେକ ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ମନୋଜ୍ଞ କବିତା ପୁସ୍ତକଟିକୁ ହିନ୍ଦିର ବିଶିଷ୍ଟ କବି ତଥା ଭାରତୀୟ ଜ୍ଞାନପୀଠର ପୂର୍ବତନ ନିର୍ଦ୍ଦେଶକ ଲୀଳାଧର ମାଣ୍ଡଲୋଇ ଏବଂ ପ୍ରଫେସର ଦିବିକ୍ ରମେଶ କରିଥିଲେ। ଏହି ଉତ୍ସବରେ ହିନ୍ଦି ଓ ଓଡ଼ିଆ ଭାଷାର ବିଶିଷ୍ଟ କବିଗଣ ଭାରତ ଭୂଷଣ ଆର୍ଯ୍ୟ, ସୁରେଶ ଉନିଆଲ, ରାଜେନ୍ଦ୍ର ଉପାଧ୍ୟାୟ, ରଜନୀକାନ୍ତ ଶୁକ୍ଳ, ସୁନୀଲ ସାକ୍ସେନା, ମନୀଷ ଜୈନ, ସୁଧା ଚୌବେ, ମାନସ ରଞ୍ଜନ ମହାପାତ୍ର, ବିରଜା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରକାଶିତ ପୁସ୍ତକର ଏକ ପ୍ରତି ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ସମକାଳୀନ ଭାରତୀୟ ସାହିତ୍ୟର ସମ୍ପାଦକ ବିଶିଷ୍ଟ କଥାକାର ବଳରାମଙ୍କୁ କବି ଉପହାର ଦେଇଥିଲେ। ନ୍ୟାସନାଲ ବୁକ ଟ୍ରଷ୍ଟର ଇଂରାଜୀ ସମ୍ପାଦକ ଦ୍ୱିଜେନ୍ଦ୍ର କୁମାର ତଥା ପୁସ୍ତକର ପ୍ରକାଶକ ଜିତେନ୍ଦ୍ର ପାତ୍ର ସମେତ ବହୁ ସାହିତ୍ୟପ୍ରେମୀ ସେଠାରେ ଉପସ୍ଥିତ ଥିଲେ।

## ମାଙ୍କଡ଼ କାମୁଡ଼ାରେ ଛାତ୍ରୀ ଆହତ

ନିଶ୍ଚିନ୍ତେକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତେକୋଇଲି ବ୍ଲକ୍ ନତକାଇ ଗ୍ରାମ ପଞ୍ଚାୟତ ବାଣୀନଗର ବଲ୍ଲଭଦେବୀ ମହିଳା ମହାବିଦ୍ୟାଳୟର ଜେଣ ଛାତ୍ରୀ ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ସାଲେପୁର ଥାନା ଗୁଆଳିପୁର ଗ୍ରାମର ସୁହାନା ବେଗମ ସ୍ଥାନୀୟ ବଲ୍ଲଭଦେବୀ ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା ଛାତ୍ରୀ ରୂପେ ଅଧ୍ୟୟନ କରନ୍ତି। ସୁହାନା ମହାବିଦ୍ୟାଳୟ ପରିସରରେ ବସିଥିଲା ବେଳେ ଏକ ମାଙ୍କଡ ଦୌଡ଼ିଆସି ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କର ଚିତ୍କାର ଶୁଣି ମହା-ବିଦ୍ୟାଳୟର ଛାତ୍ରୀ ଓ



କର୍ମଚାରୀମାନ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତେକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ବାର୍ଷିକ ପୂଜା ମହୋତ୍ସବ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଝାରସୁଗୁଡ଼ା ବ୍ଲକ୍ ଲୋଇସିଂହ ପଞ୍ଚାୟତ ଷଡ଼ବଂଶିୟ ଗୋଁଣ୍ଡ ସମାଜ ରାଜପୁର ବାରପାଲି ତୁଳସୀବନ ଗୁଡ଼ି ଲୋଇସିଂହ କେନ୍ଦ୍ର ପୂଜା କମିଟୀ ପକ୍ଷରୁ ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ବାର୍ଷିକ ପୂଜା ମହୋତ୍ସବ ୨ ତାରିଖରୁ ଆରମ୍ଭ ହୋଇ ଜଙ୍ଗାବଡ଼ ଦେବାୟଙ୍କ ଆଗମନ ଓ ୩ ତାରିଖ ଦିନ ସାକାଳୁ କଳସ ଯାତ୍ରା ପରେ ପୂଜା ଆରମ୍ଭ ହେବା



ସହ ୪ ତାରିଖ ଦିନ ବାର୍ଷିକ ପୂଜା ଓ ସାମାଜିକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲୋଇସିଂହ ଗୁଡ଼ି ସମ୍ପାଦକ ବିଶ୍ୱଲୋଚନ ଭୋଇଙ୍କ ଅଧ୍ୟକ୍ଷତାରେ ବ୍ରଜରାନଜଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଷୋଡ଼ବଂଶୀ ଗୋଁଣ୍ଡ ସାମାଜର ସଭାପତି ଜଗନ୍ନାଥ ଭୋଇ, ହୀରାକୁଦ ଗୁଡି ସଭାପତି ବନମାଳୀ ଭୋଇ, ଜାମଗାଁ ଗୁଡି ସଭାପତି ଭକ୍ତ ରାମ ଭୋଇ, ବିଲେଇ ଧୁଡା ସଭାପତି ଦୁର୍ଗା ଭୋଇ, ଲଖନପୁର ବ୍ଲକ ଉପସଭାପତି ରାଜାରାମ ମରାଇ, ବୃନ୍ଦାମାଲ ଗୁଡି ସଭାପତି ବିନ୍ଦୁ ଭୋଇ, ସନ୍ତରା ଗୁଡି ଉପସଭାପତି ଜୟ ନାରାୟଣ ଯୋଗ ଦେଇଥିଲେ। ଷଡ଼ବଂଶିୟ ଗୋଁଣ୍ଡ ସମାଜ ରାଜପୁର ବାରପାଲି ତୁଳସୀବନ ଗୁଡ଼ି ଲୋଇସିଂହ କେନ୍ଦ୍ର ପୂଜା କମିଟୀ ସଭାପତି ଲୋଇସିଂହ ଜଗିନ୍ଦ୍ର ନେଟୀ, ସମ୍ପାଦକ ଚିଚିଣ୍ଡା ବିଶ୍ୱଲୋଚନ ଭୋଇ, ଉପସଭାପତି ତିଲେଇମାଲ ସୁବାଷ ନାଏକ, ସହ ସମ୍ପାଦକ ରାଜପୁର ତ୍ରିଲୋଚନ ମାଝୀ, କୋଷାଧକ୍ଷ କନ୍ଦାକୁଡା ସାମନ୍ତ ଧୁରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଦଣ୍ଡ ନୃତ୍ୟ ପରିବେଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହରିଅଙ୍କ ପଞ୍ଚାୟତରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ମେଲଣ ପଡ଼ିଆ ଠାରେ ନାନକାର ଓ ଯଅଁରା ବାରିମୂଳ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଯଅଁରା ବାରିମୂଳ କ୍ଲଷ୍ଟର ଅନ୍ତର୍ଗତ ତେରମା ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ଦେବଦତ ଶତପଥି, ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର, ଯଅଁରା ବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ଇନ୍ଦାଳୋ ସରପଞ୍ଚ ଜ୍ୟୋସ୍ନାମୟୀ ବେହେରା, ସମାଜସେବୀ ସୁଖଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ପ୍ରଶାନ୍ତ କୁମାର ଶତପଥି ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ର



ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାମାନଙ୍କର ମୌଳିକ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନର ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିବା ସହିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିରେ ଶିକ୍ଷକ ଓ ଛାତ୍ର ଅଭିଭାବକମାନଙ୍କର ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ପ୍ରାଚୀଲିପ୍ସା ଶତପଥି ଓ ଅଗ୍ରଜିତ ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ପୂର୍ବତନ ସିଆରସିସି ପ୍ରତାପ ଚନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରଘୁନାଥ ଶତପଥି, ଲଲାଟ କିଶୋର ଭୂୟାଁ, ସିଆରସିସି ବିଶ୍ୱଜିତ ମୁଦୁଲି, ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ମଣ୍ଡଳ, ଶିକ୍ଷକ ଡମ୍ବରୁଧର ପ୍ରଧାନ, ପ୍ରଦୀପ କୁମାର ଶତପଥିଙ୍କ ସମେତ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାନକାର ଓ ଯଅଁରାବାରିମୂଳ କ୍ଲଷ୍ଟର ଅନ୍ତର୍ଗତ ୧୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଉପସ୍ଥିତ ରହିବା ସହ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ସମ୍ପର୍କୀତ ୧୮ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ଭୈରବୀଲାଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ଦୀର୍ଘ ଏକମାସ ହେଲା ମିଶନ ଶକ୍ତିରେ ଅନିୟମିତତାକୁ ନେଇ ବିବାଦ ଲାଗି ରହିଥିବାବେଳେ ଗତକାଲି ଶତାଧିକ ମହିଳା ତା'ର ସମାଧାନ ପାଇଁ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ବ୍ଲକସ୍ତରୀୟ ମହାସଂଘର ସମ୍ପାଦିକା ଦୀର୍ଘ ୧୮ ବର୍ଷ ହେଲା ସମ୍ପାଦିକା ପଦରେ ରହିଆସିଥିବା ବେଳେ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ବଣ୍ଟନରେ ପ୍ରିୟାପ୍ରିତି ପୋଷଣ କରୁଥିବା ଅଭି ଯୋଗ କରି ଦୀର୍ଘ ଏକ ବର୍ଷ ହେଲା ମହିଳାମାନେ ହୋହାଲ୍ଲା ବିଡିଓ ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ଚଳାଇ ଆସୁଥିଲେ। ସେହି ଆନ୍ଦୋଳନ ଦୁଇଦିନ ହେଲା ଉଗ୍ରରୂପ ଧାରଣ କରି ମହିଳାମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଛନ୍ତି। ମଙ୍ଗଳବାର ପୁରୀ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସ୍ୱାଗତିକା ପରିଡ଼ା କଣାସ ବ୍ଲକ କାର୍ଯ୍ୟାଳୟରେ ପହଁଚି ଧାରଣରତ ମହିଳାମାନଙ୍କ ସହିତ ଆଲୋଚନା କରି ବ୍ଲକ ସଂଘ ଗଢା ନହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ନିଷ୍ପତ୍ତି ଦେଇଥିଲେ। ଆଲୋଚନା ସମୟରେ ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ଆଇଆଇସି ପ୍ରଦୀପ କୁମାର କୁଝାରସିଂହ, ସିଡପିଓ ସ୍ମିତା ମହାନ୍ତି ଉପସ୍ଥିତ ଥିଲେ।

## ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ପବିତ୍ର ମହାପ୍ରୟାଣ ତିଥିରେ ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦର ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ଘାଗରାମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କାଠ ବୋହିଲେ ଛାତ୍ରଛାତ୍ରୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କାଠ ବୋହିଲେ ଛାତ୍ର ଛାତ୍ରୀ। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଥିବା ବେଳେ, ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଉଛନ୍ତି ବିଦ୍ୟାଳୟର କର୍ତ୍ତୃପକ୍ଷ। ସରକାର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଯୋଗାଇ ଦେବା କହି ବାହାବାହା ନେଉଥିବା ବେଳେ, ସରକାରଙ୍କ ନିୟମକୁ ଉଲ୍ଲଂଘନ କରିଚାଲିଛି ଘାଗରାମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ। ଛାତ୍ରଛାତ୍ରୀମାନେ ସ୍କୁଲ ବାହାରୁ କାଠ ବୋହିବା ଘଟଣା ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଭାଇରାଲ ଭିଡିଓରେ ସ୍କୁଲ ସମୟ ୧୧ଟା ପରେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ଚେୟାରରେ ବସିବସି ଦରମା ନେଉଥିବା ବେଳେ କେମିତି ଗେଟ ବାହାରକୁ ଠେଲି ଦେଲେ ଛାତ୍ର ଛାତ୍ରୀ ଭବିଷ୍ୟତକୁ। ଯଦି କାଠ ଆଣିବା ସମୟରେ କୌଣସି ଛାତ୍ରଛାତ୍ରୀ ଅଘଟଣ ଘଟିଲା ତେବେ ଏଥିପ୍ରତି ଦାୟୀ କିଏ ରହିବ ତାହାକୁ ନେଇ ଅନେକ ପ୍ରକାର ପ୍ରଶ୍ନ



ଉଠିଛି। ଶିକ୍ଷକମାନେ ନିଜର ଚେୟାରରେ ସୀମିତ ରହି ଦରମା ନେଉଥିବା ବେଳେ ଭୁଲି ଗଲେ ଛାତ୍ର ଛାତ୍ରୀଙ୍କ ଜୀବନକୁ। ଏଥିପ୍ରତି ବିଦ୍ୟାଳୟର କର୍ତ୍ତୃପକ୍ଷ ଜାଣି ଶୁଣି ଏଭଳି କରୁଚି ନା ଜାଣି ନଜାଣିଲା ଭଳି ଅଭିନୟ କରୁଚି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିଲେ ପିଲାମାନେ ଭୋଜି କରିବେ ଏବଂ ତାଙ୍କୁ ଆମେ ବାହାରକୁ ଛାଡ଼ିନୁ ବୋଲି କହିଥିଲେ। ତେବେ ବାହାରକୁ ଛାତ୍ର ଛାତ୍ରୀ ଗଲେ କାହା ଇଙ୍ଗିତରେ ନା ଭୋଜି ଖାଇବା ଆଳରେ ମତ ବଦଳାଉଛନ୍ତି ପ୍ରଧାନ ଶିକ୍ଷକ ତାହା ତଦନ୍ତ ହେଲେ ସତ ସାମ୍ନାକୁ ଆସିବ ବୋଲି ଏବେ ସାଧାରଣରେ ମତ ପ୍ରକାଶ ପାଇଛି। ଏଠି ବ୍ଲକ୍ ଶିକ୍ଷା ଅଧିକାରୀ ଆଖି ବନ୍ଦ କରି ଶିକ୍ଷା ବିଭାଗକୁ ଚଳାଉଛନ୍ତି ନା ସୁରକ୍ଷା ଦେଉଛନ୍ତି ତାହା ଦେଖିବାକୁ ସମସ୍ତଙ୍କ ଅପେକ୍ଷା। ତେବେ ଏଥି ପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟିଦେଇ ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

## ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ପ୍ରତିଷ୍ଠାତାଙ୍କ ପରଲୋକ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ନିକଟସ୍ଥ ରାଜସୁନାଖଳା ଅଞ୍ଚଳରେ ମଧୁସୁଦନ ମହାପାତ୍ର (ମଧୁ ଅଜା)ଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ୧୯୭୮ ମସିହା ଫେବୃଆରୀ ୨ ତାରିଖରେ ରାଜସୁନାଖଳା କଲେଜର ପ୍ରତିଷ୍ଠାତା ରୂପେ ପରିଚିତ ମଧୁସୁଦନ ମହାପାତ୍ରଙ୍କ ଆଜି ସକାଳ ୬.୪୫ ମିନିଟିରେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ମୃତ୍ୟୁ ବେଳକୁ ୮୪ବର୍ଷ ବୋଲି ଜଣାପଡ଼ିଛି। ମଙ୍ଗଳବାର ରାଜସୁନାଖଳା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ, ପ୍ରତିଷ୍ଠାତା ମଧୁସୂଦନଙ୍କ ମୃତ୍ୟୁ ଖବର ଶୁଣି କଲେଜର ଅଧକ୍ଷ ସମେତ ଛାତ୍ରଛାତ୍ରୀ ଗଭୀର ଦୁଃଖ ପ୍ରକାଶ କରିଥିଲେ। ଖବର



ପାଇ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ବିଜେଡି ସଭାପତି, ରାଜ ସୁନାଖଳା କଲେଜର ଅଧକ୍ଷ ଓ ସମସ୍ତ ଶିକ୍ଷା କର୍ମଚାରୀଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଶୁଭେଚ୍ଛୁ ତାଙ୍କ ରାଜସୁନାଖଳା ସ୍ଥିତ ବାସ ଭବନରେ ପହଞ୍ଚି ମଧୁ ଅଜାଙ୍କ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଆଶ୍ୱାସନା ପ୍ରଦାନ କରିଥିଲେ। ମଧୁ ଅଜା ଜଣେ ପରୋପକାରୀ, ମିଷ୍ଟ ଭାଷୀ, ଧର୍ମ ପରାୟଣ ତଥା ସମାଜ ସେବୀଏବଂ ବିଶିଷ୍ଟ ନ୍ୟାୟବିତ୍ତ ମଣିଷଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ସେ ଏକା ଧାରାରେ ରାଜସୁନାଖଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକଥିବା ସହ ରଣପୁର ବ୍ଲକ ଅଧକ୍ଷ, ଦୁର୍ଗାବଜାରର ସଭାପତି, ଦୋଳ ଯାତ୍ରାର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ବିୟୋଗ ରେ ରାଜସୁନାଖଳା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଧରିଛି। ତାଙ୍କର ବଡ ପୁଅ ସତ୍ୟ ନାରାୟଣ ମହାପାତ୍ର ପୁରୀରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## ଆଦିଦେବର ଆକର୍ଷଣୀୟ ଭଜନ ସନ୍ଧ୍ୟା



ପାରାଦୀପ, (ଭାସ୍କର ନ୍ୟୁଜ୍): ବନ୍ଦର ସହର ପାରାଦୀପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଦିନ ବାଗଦେବୀ ମା' ସରସ୍ୱତୀଙ୍କ ପୂଜା ମହୋତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ତାଙ୍କ ବଡ଼ପଡ଼ିଆ ସ୍ଥିତ କାର୍ଯ୍ୟାଳୟ ପରିସରରେ ସରସ୍ୱତୀ ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ପୂଜାର ଦ୍ୱିତୀୟ ଦିବସ ସୋମବାର ଦିନ ମଧାହ୍ନରେ ସାଧାରଣରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠାନର ମୁଖ୍ୟ ବନ୍ଦିତା ପଟ୍ଟନାୟକଙ୍କ ପରିଚାଳନାରେ ଭଜନ ପରିବେଷଣ କାର୍ଯ୍ୟକ୍ରମ ସାଧାରଣ ଦର୍ଶକ ଓ ଶ୍ରୋତାଙ୍କୁ ବେଶ ଆକୃଷ୍ଟ କରିଥିବାର ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସାମ୍ବାଦିକଙ୍କ ସମେତ ବିଶେଷ ବ୍ୟକ୍ତିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଗୁଡିକୁ ଉପଭୋଗ କରିଥିଲେ।

## ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

ଟାଙ୍ଗି - ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗି - ସାଲେପୁର ନିର୍ବାଚନ ମଣ୍ଡଳୀର ସାଲେପୁର ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଗଣେଶ ପ୍ରସାଦ ମଲ୍ଲିକ ଆଜି ଚାକିରିରୁ ଅବସର ନେଇଛନ୍ତି। ସେ ବ୍ଲକ୍‌ର ଚମ୍ପତି ଏବଂ ରାମକୃଷ୍ଣପୁର ଗ୍ରାମ ପଞ୍ଚାୟତର ଦାୟିତ୍ୱରେ ରହି ଦୀର୍ଘ ଦିନ ହେବ କାର୍ଯ୍ୟ ନିର୍ବାହ କରି ଆସୁଥିଲେ। ପଞ୍ଚାୟତର ଉନ୍ନତିରେ ତାଙ୍କର ବିଶେଷ ଭୂମିକା ଥିଲା। ତାଙ୍କର କାର୍ଯ୍ୟ କରିବାର ତରିକା କିଛି ଅଲଗା ଥିଲା। ପଞ୍ଚାୟତ ଗୁଡ଼ିକର ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ସେ ଅଞ୍ଚଳରେ ଏକ ନିଆରା ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ଏହି ଅବସର କାଳୀନ ସମୟରେ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି, ବ୍ଲକ କର୍ମଚାରୀ ଏବଂ ସାଲେପୁର ବିଡ଼ିଓ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ମଲ୍ଲିକ ଅବସର ପରେ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି।

## କଟକ ଜିଲ୍ଲାର ସର୍ବବୃହତ ବ୍ଲକ୍‌ରେ ଶିକ୍ଷାଧିକାରୀ ପଦବୀ ଖାଲି

ନିଶ୍ଚିନ୍ତେକୋଇଲି, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଏକ ବିଚିତ୍ର ନୀତି ପଦାରେ ପଡ଼ିଛି। କଟକ ଜିଲ୍ଲାର ସର୍ବ ବୃହତ ନିଶ୍ଚିନ୍ତେକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଦାଧିକାରୀ ଶୂନ୍ୟ ହୋଇପଡ଼ିଛି। ବିଭାଗୀୟ ଅଧିକାରୀ ନଥିବା କାରଣରୁ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ତଥା ଛାତ୍ରାଭିଭାବକ ମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତେକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏହି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନେର ୪୧ଟି ପଞ୍ଚାୟତର ୩୫୦ରୁ ଉର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ରହିଛି। ନିଶ୍ଚିନ୍ତେକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲେଖହୀରା ଲାବଣ୍ୟବତୀ ବେହେରଙ୍କୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସାଲେପୁର ମଣ୍ଡଳ ଶିକ୍ଷାଧିକାରିଣୀ ରୂପେ ବଦଳୀ କରାଯାଇଛି। ତାଙ୍କ ବଦଳରେ କୌଣସି ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ନଥିବା କାରଣରୁ ଶିକ୍ଷାଧିକାରୀ ପଦବୀ ଖାଲି ରହିଛି। ସେହିପରି ଭାବେ ଏହି କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ ନିକଟେର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ସେହିପରି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ତଥା ବିଆରସିସି ଲକ୍ଷ୍ମୀ ନାରାୟଣ ରାଉତ ଗତ ୨୦୨୪ ଜୁନ ୩୦ ତାରିଖରୁ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ସେହିପରି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଅନ୍ନପୂର୍ଣ୍ଣା ପଣ୍ଡାଙ୍କୁ ଗତ ଡିସେମ୍ବର ୯ ତାରିଖ ଦିନ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳୀ କରାଯାଇଛି। ଏହି କାର୍ଯ୍ୟାଳୟରେ ୩ଟି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ଏହି କାର୍ଯ୍ୟାଳୟର ଶିକ୍ଷାଧିକାରୀ, ୩ଟି ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ପଦବୀ ଖାଲି ପଡ଼ିଥିବାର ଜଣାଯାଇଛି। ତେବେ କୌଣସି ଅଧିକାରୀ ନଥିବାର ସୁଯୋଗ ନେଇ ବ୍ଲକର ଅଧିକାଂଶ ବିଦ୍ୟାଳୟେର ମଧାହ୍ନ ଭୋଜନ ସରକାରୀ କାଗଜ କଲମରେ ନାମକୁ ମାତ୍ର ଚାଲିଥିବାର ଅଭିଯୋଗ ହୋଇଛି। କୌଣସି ଅଧିକାରୀ ନ ଥିବାର ସୁଯୋଗ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମନଇଛା ମଧାହ୍ନ ଭୋଜନ ବିଲ କରୁଥିବାର ଅଭିଯୋଗ ହୋଇଛି। ଅପରପକ୍ଷେର ଏହି ବ୍ଲକର ୨୨ଟି କ୍ଲଷ୍ଟରରେ ୧୫ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସେମାନଙ୍କୁ ଶିକ୍ଷାଦାନ କରିବା ନିମେନ୍ତ ୧ହଜାରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ୨୨ଟି ସିଆରସିସି ପଦବୀ ମଧ୍ୟରୁ ୨ଟି ପଦବୀ ମଧ ଖାଲି ପଡ଼ିଛି। ୨ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡିଛି। ଅପରପକ୍ଷେ ଏହି କାର୍ଯ୍ୟାଳୟ ଅଧିକାରୀ ଶୂନ୍ୟ ହୋଇପଡିଥିବା କାରଣରୁ ଦୂରଦୂରାନ୍ତରୁ ବିଭିନ୍ନ କାର୍ଯ୍ୟ ନିମେନ୍ତ ଆସୁଥିବା ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେବେ ଏହି ବ୍ଲକ୍‌ରେ ଅଧିକାରୀ ନଥିବାର ସୁଯୋଗ ନେଇ ଶିକ୍ଷକମାନେ ମନଇଛା ବିଦ୍ୟାଳୟକୁ ଯିବା ଆସିବା କରୁଥିବାର ଜଣାଯାଇଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ତୁରନ୍ତ ଖାଲି ପଡିଥିବା ପଦବୀଗୁଡ଼ିକ ପୂରଣ ନିମେନ୍ତ ଦାବି ହୋଇଛି। ନଚେତ ଆଗାମୀ ଦିନେର ଛାତ୍ର ଏବଂ ଅଭିଭାବକ ମାନେ ବାଧ୍ୟ ହୋଇ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ଇଛାପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହରର ଇଛାପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଅପରାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା ପରିଷଦର ସଭାପତି ପ୍ରାଧାପକ ପ୍ରଶାନ୍ତ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମାତୃ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଯୋଗଦେଇ ଶିଶୁଟିକୁ ଗଢିତୋଳିବାରେ ମା'ମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଭାରତୀ ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା କହିଲେ ଶିଶୁଟିକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବାରେ ମା'ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା'ଟିଏ ଚାହିଁଲେ ଶିଶୁଟି ଭଲ ମଣିଷ ହୋଇପାରିବ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା କହିଲେ ମା' ହେଉଛି ଶିଶୁଟିର ପ୍ରଥମ ଗୁରୁ। ଶିଶୁଟି ତା'ର ଅଭିବ୍ୟକ୍ତି ମା'ପାଖରେ ହିଁ କେବଳ ପ୍ରକାଶ କରିଥାଏ। ତେଣୁ ମା'ମାନେ ଶିଶୁ ପ୍ରତି ଅଧିକ ଯତ୍ନବାନ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଶୋକ କୁମାର ସୁଆର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ରାଉଳ ବୀବରଣୀ ପାଠ କରିଥିଲେ। ପ୍ରଥମେ ଅତିଥିମାନେ ଭାରତମାତା, ବିଦ୍ୟାଦାୟିନୀ ମା' ସରସ୍ୱତୀ ଏବଂ ଓଁମ୍‌ଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ଦୀପ ପ୍ରଜ୍ୱଳନ କରିବା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ଛାତ୍ରୀ ମୋନାଲିସା ବେହେରା ସୁଭାଷିତ ପାଠ, ଆଦ୍ୟାଶା ପଣ୍ଡା ସଂଗୀତ ଗାନ ପରେ ଛାତ୍ରୀମାନଙ୍କ ଦ୍ୱାରା ସମବେତ ନୃତ୍ୟ ପରିବେଷଣ ଏବଂ ସାଇ ସମୀକ୍ଷା ଦାସ ଅମୃତ ବଚନ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦକ ନବଘନ ସାହୁ, ବିଦ୍ୱତ୍ ପରିଷଦ ସଭାପତି ରଶ୍ମୀରଞ୍ଜନ ପ୍ରଧାନ, ସମ୍ପାଦକ ମଳୟରଞ୍ଜନ ମହାପାତ୍ରଙ୍କ ସମେତ ଛାତ୍ରଛାତ୍ରୀମାନଙ୍କ ମା'ମାନେ ଉପସ୍ଥିତ ଥିଲେ। ବିଜୟଲକ୍ଷ୍ମୀ, ଅନ୍ନପୂର୍ଣ୍ଣା, ପ୍ରିୟଦର୍ଶନୀ, ରଞ୍ଜୁବାଳା ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେଲପାହାଡ଼ ଉଚ୍ଛବ୍ 'ମଚାନ୍' ଆରମ୍ଭ



ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆସ୍ଥିତ ରନ୍ ମଣ୍ଡପଠାରେ ୨୧ତମ ବେଲପାହାଡ଼ ଉଚ୍ଛବ୍ 'ମଚାନ୍' ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ବେଲପାହାଡ଼ ଉଚ୍ଛବ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ, ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, କୋଷାଧକ୍ଷ ରାଜେଶ ବହିଦାର, ସଂଯୋଜକ ମୋତିରାମ ମେହେରଙ୍କ ସମେତ ରାଜେଶ ପସାୟତ, ହେମସାଗର ପଟ୍ଟନାୟକ, ଆଶିଷ ମେହେର ପ୍ରମୁଖ ଉପସ୍ଥିତ ରହି ବେଲପାହାଡ଼ ଉଚ୍ଛବ୍ 'ମଚାନ୍' ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉଚ୍ଛବ୍ ଫେବୃୟାରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ। ଏହି ୫ ଦିନ ଧରି ବେଲପାହାଡ଼ ସହର ଉତ୍ସବମୁଖର ହୋଇଉଠିବ। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଏହାର ଶୁଭ ଉଦଘାଟନ କରିବେ ବୋଲି ଆୟୋଜକ କମିଟି ସୂଚନା ଦେଇଛି। ଚଳିତ ବର୍ଷ ମଧ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଓଡ଼ିଶା ବିଭିନ୍ନ ପ୍ରାନ୍ତରୁ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ସମେତ ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ବିଭିନ୍ନ ରାଜ୍ୟରୁ ଲୋକନୃତ୍ୟ ଆସୁଛନ୍ତି। ଲୋକକଳା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଚ୍ଛବ୍ ମାଧ୍ୟମରେ ପ୍ରୟାସ କରାଯାଉଛି। ମୋଟ ୩୦ ଗୋଟି ଷ୍ଟଲରେ ବିଭିନ୍ନ ପ୍ରକାର ଦୋକାନ ବଜାର ସହ ଗ୍ରାମଶ୍ରୀ ମେଳା ପ୍ରଦର୍ଶନ କରାଯିବ।

## ବଡଗୋଠ ତ୍ରିବେଣୀ ସଙ୍ଗମରେ ବୁଡ ପକାଇଲେ ଶ୍ରଦ୍ଧାଳୁ

କଣାସ, (ଭାସ୍କର ନ୍ୟୁଜ୍): କଣାସା ବ୍ଲକ୍ ଶେଷସୀମା ଚିଲିକା ଉପକୂଳ ବଡଗୋଠ ଠାରେ ଦୟା, ଲୁଣା ଓ ଭାର୍ଗବୀ ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଆଜି କଣାସ ଓ ଆଖପାଖ ଅଞ୍ଚଳର ଭକ୍ତମାନେ ବୁଡ ପକାଇ ତ୍ରିବେଣୀ ତୁଠରେ ଧୂପଦୀପ ଦେଇ ସୂର୍ଯ୍ୟ ଉପାସନା କରିଥିଲେ ସେହିଠାରେ ଠାକୁର ଅନନ୍ତ ନାରାୟଣ, ଯୋଗମାୟା, ଶ୍ରୀ ଜଗନ୍ନାଥ ଚତୁର୍ଥା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ଏକ ମାସ ଧରି ସେହି ଅଞ୍ଚଳରେ ଝାଡାବାନ୍ତି ଲାଗିରହିଥିବାରୁ



ସରକାରୀ ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ ସତର୍କ କରାଇ ଦିଆଯାଇଥିଲା। ତଥାପି ବହୁ ଭକ୍ତ ଦୂରଦୂରାନ୍ତରୁ ଅଟୋରିକ୍ସା, ମଟର ସାଇକେଲ, ଟାଟାଏସି ପାସେଞ୍ଜର ଯୋଗେ ପ୍ରଭାତରୁ ପହଞ୍ଚି ବୁଡ଼ ପକାଇଥିଲେ।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୨୨୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟ ସାର୍ଥକ ମିଶ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଂକର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା, ତହସିଲଦାର ଶୁଭେନ୍ଦୁ କୁମାର ସାହୁ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୋଟରଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ବାଉଁଶ ଭାରା ସାହାରାରେ ଲଟକିଛି ଜୀବନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ କାମରେ ଶ୍ରମିକଙ୍କ ଜୀବନ ବିପଦରେ। ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପଟି ପଞ୍ଚାୟତ କଣ୍ଟାପଡା ନିକଟରେ ଚାଲିଛି ଓଭରହେଡ୍ ପାଣି ଟାଙ୍କି ନିର୍ମାଣ। ଏହି ନିର୍ମାଣ କାର୍ଯ୍ୟ କଣ୍ଟାପଡା ନିକଟସ୍ଥ ହାଇସ୍କୁଲ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଚାଲିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଲୁହା ରେଲିଂ ପରିବର୍ତ୍ତେ ନିର୍ମାଣ କାର୍ଯ୍ୟରେ ବାଉଁଶ ବ୍ୟବହାର କରାଯାଉଛି। ଫଳରେ କାର୍ଯ୍ୟରତ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ, ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଓଭରହେଡ୍ ପାଣି ଟାଙ୍କି ଅସ୍ତରଙ୍ଗ ବ୍ଲକ୍‌ର କଣ୍ଟାପଡାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହା ସହ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ କୋଠା କୁ ରଙ୍ଗ କାର୍ଯ୍ୟ ବାଉଁଶ ଭାରା ସାହାଯ୍ୟରେ ଶ୍ରମିକ ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି। ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକରେ ଠିକାଦାର ମାନଙ୍କ ଦ୍ୱାରା ଶ୍ରମିକ ନିଯୁକ୍ତ ହୋଇଛନ୍ତି। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଶ୍ରମିକମାନଙ୍କ ଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଇଛି। କାରଣ ଠିକାଦାର ଟାଙ୍କି ନିର୍ମାଣ



କାର୍ଯ୍ୟରେ ଲୁହା ରେଲିଂ ପରିବର୍ତ୍ତେ ବାଉଁଶ ବ୍ୟବହାର କରୁଛନ୍ତି। ବାଉଁଶରେ ପ୍ରସ୍ତୁତ ଭାରାରେ ଚଢ଼ି ୫୦ଫୁଟ ଉପରେ ଶ୍ରମିକ ମାନେ ବିନା ସେଫଟି ବେଲ୍ଟରେ କାମ କରୁଛନ୍ତି। ସେହିଭଳି ତହସିଲ କାର୍ଯ୍ୟାଳୟ ରଙ୍ଗ ଚାଲୁଥିଲେ ମଧ ଏହା ସହ ପାଣି ଟାଙ୍କି ଚାରିପଟେ ନେଟ୍ ବା ଜାଲ ବ୍ୟବସ୍ଥା ମଧ କରାଯାଇନାହିଁ। ଶ୍ରମିକଙ୍କୁ ସୁରକ୍ଷା ଆନୁସାଙ୍ଗିକ ଦିଆଯାଇନାହିଁ।ଫଳରେ କୌଣସି ଶ୍ରମିକ ଯଦି ତଳକୁ ଖସି ପଡ଼ନ୍ତି, ତେବେ ପ୍ରାଣ ଯିବା ସୁନିଶ୍ଚିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ମାଣ ସ୍ଥଳକୁ ଆସୁଥିବା ବିଭାଗୀୟ ଅଧିକାରୀ ମାନେ ଏଭଳି ବିପଦସଙ୍କୁଳ କାର୍ଯ୍ୟ ଦେଖି ମଧ ନିରବ ରହୁଛନ୍ତି। ଠିକାଦାର ଓ ବିଭାଗୀୟ ପଦାଅଧିକାରୀଙ୍କ ସଲାସୁତୁରାରେ ଏଭଳି ବେନିୟମ କାର୍ଯ୍ୟ ଚାଲିଥିବା ନେଇ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏ ନେଇ ପୁରୀ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ କହିଛନ୍ତି ଘଟଣା ସ୍ଥିତି ଅନୁଧ୍ୟାନ କରାଯିବ, ନିୟମ ଉଲ୍ଲଙ୍ଘନ କରାଯାଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମା' ନାରାୟଣୀଙ୍କ ପୀଠରେ ଅଷ୍ଟମପ୍ରହାର ନାମ ସଂକୀର୍ତ୍ତନ ଅନୁଷ୍ଠିତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଦୀର୍ଘ ୩୦ ବର୍ଷର ହରିନାମ ସଂକୀର୍ତ୍ତନ ଭାଇଚାରାକୁ ସୁଦୃଢ କରି ରଖିଥିବା ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୋଠିଣା ଗ୍ରାମର ଆରାଧ ଦେବୀ ମା' ନାରାୟଣୀ ପ୍ରାଙ୍ଗଣରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମାଘ ସପ୍ତମୀ ଅବସରରେ ମଙ୍ଗଳବାର ଅଷ୍ଟମ ପ୍ରହର ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ କଳସ ଯାତ୍ରା କରାଯାଇ ଅଷ୍ଟମପ୍ରହର ନାମସଂକିର୍ତ୍ତନ ଶୁଭାଧିବାସ ଓ ସଂକୀର୍ତ୍ତନ ଆରମ୍ଭ କରାଯାଇଛି। ଏଥିରେ କର୍ତ୍ତା ଭାବେ ନିର୍ମଳ କୁମାର ମହାପାତ୍ର ଓ କର୍ତ୍ତୀ ଲକୀ ମହାପାତ୍ର କାର୍ଯ୍ୟ ନିର୍ବାହ କରିଛନ୍ତି। ଅହରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ଚାଲୁ ରହିଥିବାବେଳେ ସନ୍ଧ୍ୟାରେ ଦୂର ଦୁରାନ୍ତରୁ ଆସିଥିବା ୧୦ଟି କୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନରେ ଭାଗ ନେଇଥିଲେ। ଗ୍ରାମ ତଥା ଆଖପାଖ ଅଞ୍ଚଳର ଆବାଳ ବୃଦ୍ଧବନିତା ମା'ଙ୍କ ପୀଠରେ ପହଞ୍ଚି ହରିନାମ ସୁଧାରସ ପାନକରି ନିଜକୁ କୃତାର୍ଥ କରିଥିଲେ। ପରେ ପୀଠ ପରିଷରେ ଚାଲିଥିବା ହରି ହାଟରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ଗ୍ରାମବାସୀ ମାନେ ସଂଗଠିତ ହୋଇ ଅନୁଷ୍ଠାନକୁ ଦିର୍ଘ ବର୍ଷ ଧରି ବଞ୍ଚାଇ ରଖିଥିବାରୁ ଅଞ୍ଚଳ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ବୁଧବାର ସକାଳୁ ଏକାର ନଗର କୀର୍ତ୍ତନ ଓ ଦଧି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ରହିଛି।



# ରାଜ୍ୟ ଖବର





କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ତହସିଲ ଅଂଚଳରେ ଶିଳ୍ପ ପାଇଁ ଜମି ହରାଇବାକୁଥିବା ଚାଷୀ ପ୍ରତିନିଧିମାନଙ୍କ ସହ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ଗରାପୁରସ୍ଥିତ ଆବାସିକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୋଚନା କରିଛନ୍ତି। ମହାକାଳପଡ଼ା ତହସିଲର ଅଞ୍ଚଳରେ ମିଲ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଇସ୍ପାତ କାରଖାନା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଇଡ୍‌କୋ ମାଧ୍ୟମରେ ବିଭିନ୍ନ ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିଲାଗି ଜମି ହରାଇବାକୁ ଥିବା ଚାଷୀମାନଙ୍କ ମଧ୍ୟରେ ଆଶଂକା ପ୍ରକାଶ ପାଇଛି। ଦୀର୍ଘ ଶହେ ବର୍ଷ ଧରି ସେମାନେ ଭୋଗଦଖଲରେ ଥିବା ଜମି ହରାଇବାକୁ ଯାଉଥିବାରୁ ସେମାନଙ୍କର ଅନିଶ୍ଚିତ ଭବିଷ୍ୟତ ଜୀବନ ଜୀବିକା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିଲାଗି ଚାଷୀମାନେ କ୍ଷତିପୂରଣ ଆଶାରେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଛନ୍ତି। ଏହି ମର୍ମରେ ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ଡାକରା ପାଇ ଆଜି ଅଖିଳ ଭାରତ କୃଷକ ସଭା ଓ ରାମଚଣ୍ଡୀ କୃଷକ ସଭାର ମିଳିତ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସହ ଆଲୋଚନାରେ ସମ୍ମିଳିତ ହୋଇଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରଧାନ ଚାଷୀ ପ୍ରତିନିଧିମାନଙ୍କ ସମସ୍ତ ଯୁକ୍ତିଯୁକ୍ତ ଦାବି ଶୁଣିବାପରେ ଜମି ହରାଉଥିବା ଚାଷୀମାନଙ୍କୁ ନ୍ୟାୟପୂର୍ଣ୍ଣ ସହାୟତା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଆଲୋଚନାରେ ଚାଷୀ ପ୍ରତିନିଧିମାନଙ୍କ ମଧ୍ୟରେ ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ରାମଚଣ୍ଡୀ କୃଷକସଭା ନେତା କୈଳାସ ଚନ୍ଦ୍ର ସାହୁ, ପ୍ରଶାନ୍ତ ଚୌଧୁରୀ, ସୁବାସ ମହାପାତ୍ର, ହରେକୃଷ୍ଣ ମାଝୀ, ଧୀରେନ୍ଦ୍ର ସାମଲ, ବସନ୍ତ କୁମାର ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

### ନିଦା ବିଷ୍ଣୁ ପାଲଟିଛି ଜଳ ଓ ପରିମଳ ବିଭାଗ

## ୨ମାସ ହେଲା ରାସ୍ତାରେ ଭାସୁଛି ପାନୀୟ ଜଳ

ଗୋପ (ଭାସ୍କର ନ୍ୟୁଜ୍) : ଲୋକେ ପାଉନାହାଁନ୍ତି ହେଲେ ରାସ୍ତାରେ ଲହଡି ଭାଙ୍ଗୁଛି ପାନୀୟ ଜଳ । ଦିନେ ନୁହେଁ କି ଦୁଇଦିନ ନୁହେଁ । ଦୀର୍ଘ ୨ ମାସ ହେଲା ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ବ୍ଲକ ଠାରୁ ମାତ୍ର ପ୍ରାୟ ୪ଶହ ମିଟର ଦୂର ତଥା ଗୋପ-ଚାରିଛକ ରାସ୍ତାର ମୁଖ୍ୟ ବଜାର ସନ୍ନିକଟ ସ୍କୁଲ ନିକଟରେ । ବାରମ୍ବାର ଅଭିଯୋଗ ପରେ ବି ଶୁଣୁନାହାଁନ୍ତି ଗୋପ ଜଳ ଓ ପରିମଳ ବିଭାଗ ଅଧିକାରୀ । ଫଳରେ ରାସ୍ତାରେ ଭାସୁଥିବା ପାଣି ଏବଂ ପାଇପ୍ ଫାଟି ପାଣି ବାହାରୁଥିବା ସ୍ଥାନ ପଙ୍କ କାଦୁଅରେ ପୂର୍ଣ୍ଣ ହୋଇଥିବା ବ୍ୱେଳେ ସେହି ପାଣି ପୂର୍ଣ୍ଣାର ପାଇପ୍ ରେ ପଶି ଶୁଦ୍ଧ ପାନୀୟ ଜଳ ସହ ମିଶୁଥିବାରୁ ପେଟ ରୋଗ,ଝାଡା ବାନ୍ତି ଓ ମାରମ୍ଭକ ଡେଣ୍ଡିସ୍ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ବସ୍ତି ବାସିନ୍ଦା ଓ ସ୍ଥାନୀୟ ଲୋକମାନଙ୍କ



ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଏହି ବାଟ ଦେଇ ଲୋକମାନେ ଯାତାୟତ କରିବାରେ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଖରା ଦିନ ଆରମ୍ଭରୁ ପାନୀୟ ଜଳ ସଂଙ୍କଟ ଦେଖାଦେଇଥିବା ବ୍ୱେଳେ ରାସ୍ତାରେ ଭାସୁଥିବା ପାଣିକୁ କଣ ପାଇଁ ବନ୍ଦ କରୁନାହାଁନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବସୁଧା ଯୋଜନା ପାନୀୟ ଜଳ ଉପରେ ଗୋପ ପଂଚାୟତବାସୀ ନିର୍ଭର କରୁଥିବା ବେଳେ ପାଇପ୍ ଫାଟି ରାସ୍ତାରେ କୃତିମ ହ୍ରଦ ସୃଷ୍ଟି ହେବାକୁ ନେଇ ବସୁଧା ଯୋଜନା ଉପରେ ପ୍ରଶ୍ନବଚୀ ସୃଷ୍ଟି ହୋଇଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ନିମ୍ନମାନର ପାଇପ୍ ପଡିଥିବାରୁ ଏପରି ଅଭାବନୀୟ ଦୃଶ୍ୟବିଭିନ୍ନ ସମୟରେ ଦେଖିବାକୁ ମିଳୁଛି । ହେଲେ୍ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

### କୋର୍ଟର ନିର୍ଦ୍ଦେଶ

## ଜବରଦଖଲ ଉଚ୍ଛେଦ

କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ତହସିଲ ଅଧିନସ୍ତ ଅଡଶପୁର ପଞ୍ଚାୟତ ବାରାହୀ ପୁର ଗ୍ରାମରେ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଗୋପୀନାଥ ଜୀଉ ଗୁପ୍ତ ମାଣିକ ଠାକୁରଙ୍କ ଖାତା ନମ୍ବର ୩୪୩/ ୨ ପ୍ଲଟ ନମ୍ବର ୮୬୭ ରେ ଏରିଆ ୧୧ ଡ଼ିସିମିଲ ଜାଗାକୁ ଦୀର୍ଘ ଦିନ ହେଲା ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ଜବର ଦଖଲ କରି ରଖିଥିଲେ ।ଏ ନେଇ ଦେବୋତ୍ତର ବିଭାଗ କୋର୍ଟ ରେ ଉଚ୍ଛେଦ ନିମନ୍ତେ ଏକ ମାମଲା ରୁଜୁ କରାଯାଇଥିଲା । ୨୮ ତାରିଖ ସୁଦ୍ଧା ଜବର ଦଖଲ ଉଚ୍ଛେଦ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆଜି ଦେବତ୍ତର ବିଭାଗର ନିରୀକ୍ଷକ ପ୍ରଦୀପ୍ତ କୁମାର ସାହୁ କଣ୍ଟାପଡା ଅତିରିକ୍ତ ତହସିଲଦାର ଆଦ୍ୟାଶା ପ୍ରିୟଦର୍ଶିନୀ ବଳ,ଅଡଶପୁର ଆର. ଆଇ. ଜ୍ଞାନରଞ୍ଜନ ମଲିକ, ଅମିନ ମୃତ୍ୟୁଞ୍ଜୟ ସ୍ୱାଇଁ, ଓଲଟ ପୁର ଥାନା ଏସ ଆଇ ଏକ ସେକ୍ସନ ପୋଲିସଙ୍କ ଉପସ୍ଥିତି ରେ ଉଛେଦ କରାଯାଇ ଟ୍ରଷ୍ଟ ର ସଭାପତିଙ୍କୁ ହସ୍ତାନ୍ତର କରାଯାଇଛି ।

## ଧାନ ବିକ୍ରୟ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଗତ ଡିସେମ୍ବର ୧୬ ତାରିଖ ରେ ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡିର ଶୁଭଆରମ୍ଭ କରିଥିଲେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ। ତେବେ ଜିଲ୍ଲାରେ ମଣ୍ଡି ଆରମ୍ଭ ପରେ ଚାଷୀ ଖୁସି ବ୍ୟକ୍ତ କରିଥିଲେ, ଚାଷୀଙ୍କ ପରିଶ୍ରମର ମୂଲ୍ୟ ପାଇବା ପାଇଁ ଚାଷୀ ଅନାଇ ବସିଥିବା ବେଳେ ବର୍ତ୍ତମାନର ସ୍ଥିତି ସମ୍ପୂର୍ଣ୍ଣ ଓଲଟା । କାରଣ ମଣ୍ଡି ଆରମ୍ଭ ହୋଇ ଅନେକ ଦିନ ବୀତିଜାଇ ଥିଲେ ମଧ୍ୟ ବହୁ ଚାଷୀ ଆଜି ପର୍ଯ୍ୟନ୍ତ ନିଜର ଧାନ ବିକ୍ରୟ କରିପାରି ନାହାନ୍ତି। ଟୋକେନ ଥାଇ ବି ଟାର୍ଗେଟ ଶେଷ ହୋଇଥିବାରୁ ଚାଷୀ ନିରାଶ ହୋଇଛନ୍ତି। ଯାହାକୁ ନେଇ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ମଧ୍ୟ କରିଛନ୍ତି। ଏପରି ସ୍ଥିତିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାର ବହୁଚାଷୀ ମଣ୍ଡି ଟାର୍ଗେଟ ବଢ଼ାଇବା ପାଇଁ ଦାବିପତ୍ର ଦେଇଛନ୍ତି। ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବହୁ ଚାଷୀ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ନିଜ ସମସ୍ୟା ଜଣାଇବା ସହ ଜିଲ୍ଲାର ପ୍ରାୟ ପଞ୍ଚାୟତ ଗୁଡ଼ିକ ର ଧାନ ଟାର୍ଗେଟ ବଢାଇବା ପାଇଁ ଦାବିପତ୍ର ଦେଇଛନ୍ତି। କାରଣ ଚାଷୀଙ୍କ ପାଖରେ ଧାନ ଓ ଟୋକେନ ଥାଇ ମଧ୍ୟ ଟାର୍ଗେଟ



ଅଭାବରୁ ଚାଷୀଙ୍କ ଧାନ ବିକ୍ରୟ ହୋଇନି। ଅପର ପକ୍ଷରେ ଜିଲ୍ଲାରେ ମଣ୍ଡି ଆରମ୍ଭ ହେବା ଦିନରୁ ଗତ ସୋମବାର ଯାଏଁ ବିଭିନ୍ନ ସ୍ଥାନରେ ପ୍ରାୟ ୩୦, ୪୨୪ ଜଣ ଚାଷୀଙ୍କ ଠାରୁ ୧୧ଲକ୍ଷ ୬୨ହଜାର ୧୩୨କ୍ୱିଣ୍ଟାଲ ଧାନ କ୍ରୟ କରିଛନ୍ତି ସରକାର ଏବଂ ୨୮, ୮୮୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାରେ ୨, ୪୮, ୩୨, ୫୯, ୫୧୫ ଟଙ୍କା ଜମା ହୋଇଥିବାର ଜଣା ପଡିଛି। ସରକାରଙ୍କ ନୂଆ ନିତି ଓ ଅତ୍ୟାଧୁନିକ ଗ୍ରେନ ଆନାଲାଇଜର ଯନ୍ତ୍ର ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟୀ କରିଛି। କାରଣ ଏହି ନିୟମରେ ବହୁ ଚୟସ୍ ବିକ୍ରୟ ହୋଇପାରୁ ନଥିବାରୁ ବାରମ୍ବାର ଚାଷୀ ଧାନର ମାନ ବଢାଇବା ପାଇଁ ଦୀର୍ଘଦିନ ଧରି ଧାନକୁ ଖଳାରେ ଶୁଖାଇବାକୁ ବାଧ୍ୟ ହେଉଛନ୍ତି। ଫଳରେ ଧାନ ଚୋରି ସହ ଗାଈଗୋରୁ ପଶି ଧାନ ନଷ୍ଟ ହେଉଥିବା ମଧ୍ୟ ଅଭିଯୋଗ ଆସିଛି। ସରକାର କରିଥିବା ନିୟମ ଅନୁଯାୟୀ ସ୍ୱଳ୍ପ କିଛି ଚାଷୀ ଧାନ ବିକ୍ରି କରିପାରୁଛନ୍ତି। ଏମିତି ସ୍ଥିତିରେ ପୁରୁଣା ନିୟମ ଅନୁସାରେ ଧାନ ଉଠାଇବା ପାଇଁ ଚାଷୀ ଦାବି କରିଛନ୍ତିଓ ଜିଲ୍ଲାରେ ଡିସେମ୍ବର ମାସ ୧୬ତାରିଖ ଠାରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ ୨୯ମିଲର ଯୋଗାଣ ବିଭାଗ ସହ ଚୁକ୍ତି କରି ମଣ୍ଡିରୁ ଧାନ ଉଠାଇବା ଆରମ୍ଭ କରିଦେଇଛନ୍ତି। ୧୧ଲକ୍ଷ ୮୫ହଜାର ୩୦୧କ୍ୱିଣ୍ଟାଲ ଧାନ ମଣ୍ଡିରେ କ୍ରୟ ହେବାର ଟାର୍ଗେଟ ଥିବା ବେଳେ ମଣ୍ଡି ଗୁଡିକରେ ଧାନ କ୍ରୟର ଟାର୍ଗେଟ ସରିବାକୁ ବସିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ଅଖା ଓ ସୁତୁଲି ଟଙ୍କା ମିଳି ନଥିବାର ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଏପରି ସ୍ଥିତିରେ ସରକାରୀ ସ୍ତରରେ ଚାଷୀଙ୍କ ପାଇଁ ଡିଣ୍ଡିମ ପିଟିବା ବଦଳରେ ଉଚିତ ପଦକ୍ଷେପ ନେବାକୁ ଚାଷୀକୁଳ ଦାବି କରିଛନ୍ତି।

## ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ

ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ତାଳତୁମ୍ବ ସ୍ଥିତ ପଶିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୋଲଗଡ଼ ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ



ହୋଇଯାଇଛି। ଉକ୍ତ ମେଳା ଅବସରରେ ଆୟୋଜିତ ଉଦ୍ଘାଟନୀ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ସଭାପତିତ୍ୱ ଏବଂ ଶିକ୍ଷକ ସନ୍ତୋଷ ସାମଲ ସଂଯୋଜନା କରିଥିଲେ ଉକ୍ତ ସଭାରେ ବୋଲଗଡ଼ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ ମୁଖ୍ୟ ଅତିଥି,ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା,ବାଙ୍କୋଇ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ,ସହଗୋଷ୍ଠୀ ଶିକ୍ଷାଧିକାରୀ ଅମିତା ମିଶ୍ର ,ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂହ ,ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ପବିତ୍ର କୁମାର ବେହେରା, ୱାର୍ଡ ସଭ୍ୟ ସଚ୍ଚିତ୍ର କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ବୋଲଗଡ଼ ମଣ୍ଡଳ ସଂଯୋଜକ କୈଳାସ ନାଥ ସ୍ୱାଇଁ ସଭାପତିତ୍ୱ ଏବଂ ଶିକ୍ଷକ ବିଜୟ କୁମାର ସାହୁ ସଂଯୋଜନା କରିଥିଲେ. ଏଥିରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ପ୍ରଶିକ୍ଷିକା ଡ଼. ମଞ୍ଜୁଲତା ହାଂସଦା ମୁଖ୍ୟ ବକ୍ତା, ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଦେଉଳି ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଅଂଶ ଗ୍ରହଣ କରିଥିବା ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀର ମୋଟ ୯୦ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରିଥିଲେ. ଉକ୍ତ ମେଳାରେ ୯୦ ଜଣ ଅଭିଭାବକ ଅଭିଭାବିକା,୧୪ ଜଣ ସାଧନ କେନ୍ଦ୍ର ସଂଯୋଜକ ସାମିଲ ହୋଇ ମେଳାକୁ ସଫଳ କରିଥିଲେ. ପଶ୍ଚିମେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମୁଗ ବିହନ ବଣ୍ଟନରେ ଅନିୟମିତା

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ରାଜ୍ୟ ଓ କେନ୍ଦ୍ର ସରକାର କୃଷକ ମାନଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ବିନିଯୋଗ କରୁ ଅଛନ୍ତି। ଭାରତ କୃଷି ପ୍ରଧାନ ରାଷ୍ଟ୍ର ହୋଇଥିବାରୁ କୃଷିର ବିକାଶରେ ଦେଶର ବିକାଶ। ସରକାର କୃଷକ ମାନଙ୍କ ବିକାଶ ପାଇଁ କୃଷି କ୍ଷେତକୁ ଜଳ ଯୋଗାଣ କୃଷି ଉପକାରଣରେ ସବସିଡ଼ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ମାଗଣାରେ ମୁଗ, ଧାନ, ରାଶି,ବିରି, ମାଣ୍ଡିଆ, ମକା ଆଦି ବଣ୍ଟନ କରାଯାଉଛି। କିନ୍ତୁ ବୋଲଗଡରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚଳିତ ରବି ଫସଲ ପାଇଁ ବୋଲଗଡ଼ ବ୍ଲକର ୧୯ ଗୋଟି ଗ୍ରାମ ପଞ୍ଚାୟତକୁ ୭ ହଜାର ୬୦୦ ପକେଟ ମୁଗ ଯୋଗାଣରେ ମିଳିଥିବା ଜଣାପଡିଛି ।ଚଳିତ ବର୍ଷ ବୋଲଗଡ ବ୍ଲକ ଅଞ୍ଚଳରେ ମୁଗ ବିହନ ବଣ୍ଟାନ ନେଇ କୃଷକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହାର ବ୍ୟତିକ୍ରମ ନେଇ ଗତକାଲି ଆତ୍ମା କମିଟିର ବୈଠକରେ ସଦସ୍ୟ ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।ତେବେ ବଣ୍ଟନର ବ୍ୟତିକ୍ରମରେ ପଂଚାୟତ ଗ୍ରାମ ସେବକ ଓ ବିଭାଗୀୟ ଅଧିକାରୀଙ୍କ ଭୂମିକା ପ୍ରଶ୍ନ ବାଚୀ ସୃଷ୍ଟି କରୁଛି। ଏହି ଘଟଣା ନେଇ କୃଷି ଅଧିକାରୀ ସୁଶାନ୍ତ ପରିଡାଙ୍କୁ ଯୋଗ ଯୋଗ କରିବାରୁ ସେ ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଏଥିପ୍ରତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଖୋର୍ଦ୍ଧା ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଜନ ସାଧାରଣ ମାନେ ଅନୁରୋଧ କରିଅଛନ୍ତି।




## ବାରଙ୍ଗ ବ୍ଲକରେ ନିଯୁକ୍ତିମେଳା

ବାରଙ୍ଗ (ଭାସ୍କର ନ୍ୟୁଜ୍) :ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁବକ ଓ ଯୁବତୀଙ୍କୁ ନେଇ ନିଯୁକ୍ତି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ଏହି ସଭାରେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ,ଏବିଡିଓ ବିଜୟ ଚୌଧୁରୀଙ୍କ ଯୋଗଦାନ କରିଥିବା ଶିକ୍ଷିତ ବେକାର ଯୁବକ ଓ ବିଭିନ୍ନ କ୍ଷେତ୍ରରେ କାମ କରିବା ପାଇଁ ସେମାନଙ୍କ ଆଗ୍ରହ କଥା ପଚାରି ବୁଝିଥିଲେ ।ଏହି ନିଯୁକ୍ତି ମେଳାରେ ୧୯୯ଜଣ ସେମାନଙ୍କର ନାମ ପଞ୍ଜିକରଣ କରିଥିଲେ।୧୮ଗୋଟି କର୍ମ ଯୋଗାଣକାରୀ ସଂସ୍ଥା ଏହି ନିଯୁକ୍ତି ମେଳାରେ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ କ୍ଷେତ୍ରପାଇଁ ଚୟନ କରିଥିଲେ ।

## ଶିମିଳିପାଳ ମେଳା ଉଦ୍‌ଯାପିତ: ଜୈବମଣ୍ଡଳର ସୁରକ୍ଷା ପାଇଁ ସଚେତନତା



ବାରିପଦ (ଭାସ୍କର ନ୍ୟୁଜ୍) : ଶ୍ୟାମାଖୁ ବ୍ଲକ୍ ରଙ୍ଗାମାଟିଆ ପଞ୍ଚାୟତ ଅର୍ନ୍ତଗତ ସପନଚୁଆ ଗ୍ରାମର ‘ଭାଇ ବନ୍ଧୁ ଯୁବକ ସଂଘ’ ଆନୁକୁଲ୍ୟରେ ଆୟୋଜିତ ତିନିଦିନିଆ ‘ଆମ ଶିମିଳିପାଳ ମେଳା ଉଦ୍‌ଯାପିତ ହୋଇ ଯାଇଛି। ଶିମିଳିପାଡ଼ ଅଭୟାରଣ୍ୟରେ ସୁରକ୍ଷା ପାଇଁ ଜନ ସଚେତନତା କରିବା ମେଳା ଆୟୋଜନର ମୁଖ୍ୟ ଲକ୍ଷ ବୋଲି ଆୟୋଜକଙ୍କ ପ୍ରୟାସ। ତିନିଦିନ ଧରି ଜୈବମଣ୍ଡଳର ସୁରକ୍ଷା, ପରିଚାଳନା ଓ ପରିବେଶ ସନ୍ତୁଳନକୁ ବଜାୟ ରଖିବାକୁ ମେଳା ମାଧ୍ୟମରେ ବିଶାଳ ଜନସଚେତନତା ସୃଷ୍ଟି କରାଯାଇଅଛି। ପ୍ରତ୍ୟେକ ଦିନ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନିମନ୍ତ୍ରିତ ଅତିଥି ବଣ ଜଙ୍ଗଲ ସୁରକ୍ଷା ବିଷୟରେ ଅନେକ ଶିକ୍ଷଣିୟ ଉପଦେଶମାନ ଦେଇଥିଲେ। ଜଙ୍ଗଲ ଏବଂ ପଶୁପକ୍ଷୀ ସହିତ ମନୁଷ୍ୟ ସମାଜର ସମ୍ପର୍କକୁ ଆହୁରି ଦୃଢ କରିବାକୁ କିପରି ଜଙ୍ଗଲ ପରିଚାଳନା କରି ଜିବୀକା କରାଯିବ। ବର୍ତ୍ତମାନ ପରିପେକ୍ଷିକରେ ପରିବର୍ତ୍ତିତ ଜଳବାୟୁ ଜଙ୍ଗଲ ଉପରେ କିପରି କୁପ୍ରଭାବ ପଡୁଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଜିଲ୍ଲାର ଆଦିମ ଅଧିବାସି ଆଦିବାସୀ ମୂଳବାସୀ ସଂସ୍କୃତି ଦେଇ ଗୀତନାଚ ମାଧ୍ୟମରେ ଶିମିଳିପାଳର ସୁରକ୍ଷା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ କୃଷିର ବିକାଶ ବାର୍ତ୍ତା ପରିବହନ କରୁଥିବ। ମୋନରନ କାର୍ଯ୍ୟକ୍ରମ ମାନ ପରିବେଶିଣ ହୋଇଥିଲା। ଏଥିରେ ହୋ, ମୁଣ୍ଡା, ସନ୍ତାଳ, କମାର, କୁମ୍ଭାର, କୁଡୁମୀ, ତନ୍ତି କରମ୍, ଜାଦୁର, ଝୁମର, ସାନ୍ତାଳି ଆଦି ପ୍ରଚଳିତ ଲୋକକଳା ପ୍ରଦର୍ଶନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ମେଳାକୁ ବନଭୂମି ମହାବିଦ୍ୟାଳୟର ପ୍ରାକ୍ତ' ଅଧ୍ୟକ୍ଷ ହରେକୃଷ୍ଣ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିବା ସହିତ ଉଦ୍‌ଯାପିତ ଦିବସରେ ଯୁବ ନେତା ବାସୁଦେବ ସିଂ, ରଜୋନୀକାନ୍ତ ମହାନ୍ତ ଯୋଗଦାନ କରିଥିଲେ। ବିଭିନ୍ନ ଦିନରେ ସମ୍ମାନୀୟ ଅତିଥି ଭାବେ କମିଟିର ପୂର୍ବତନ ସଭାପତି ଗୌରମୋହନ ସିଂ, ଇନ୍ଦ୍ରଜିତ୍ ମହାନ୍ତ, ରହିଦାସ ବିନ୍ଧାଣି, ଜିଲ୍ଲା ପରିଷଦର ସଭ୍ୟ ମଧୁସୁଦନ ସିଂ, ସମାଜ ସଂସ୍କାରକ ବରିଷ୍ଠ ସମାଜ ସେବୀ ବିଲ୍‌କାନ ପ୍ରଭୁ ଦୟାଲ ନାଗ ରାଜ୍ୟ ପୁରସ୍କାର ପ୍ରାପ୍ତ ଜୀବନମିତ୍ର ଚି[illegible]ରନ ମହାନ୍ତ, ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା, ଜନ ସମୁଦାୟକୁ ସନ୍ଦେଶ ଦେଇଥିଲେ। ସଂଘର ସଭାପତି ସୁନାରାମ ପାତ୍ରଙ୍କ, ଓ ବୁଦ୍ଧୁରାମ ସିଂ ମଞ୍ଚ ପରିଚାଳନା କରିଥିଲେ। କମିଟିରେ ସଭ୍ୟ ଅନନ୍ତ ପାତ୍ର, ଦେବାଶିଷ ମହାନ୍ତ, ରୁପକ ବିନ୍ଧାଣୀ, କୁବିହାରୀ ମହାନ୍ତ, ଲକ୍ଷ୍ମୀମଣୀ ସିଂ, ସ୍ନେହା ପାତ୍ର, ମିତା ବିନ୍ଧାଣୀ, ଦୁଲାରୀ ମାର୍ଣ୍ଡି ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ମେଳା ସମାପ୍ତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ନିପୂଣ ମେଳା ଅନୁଷ୍ଠିତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ସରକାରୀ ଉପ୍ରା ବିଦ୍ୟାଳୟ କୂଳପଟସେରା ଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ନିପୂଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଅଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ଅବର୍ତ୍ତମାନରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଅନୁସୟା ଭୋଇ ଏହି ମେଳାକୁ ଆୟୋଜନ କରିଥିଲେ । ସରକାରୀ ଉପ୍ରା ବିଦ୍ୟାଳୟ କୂଳପଟସରାର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ସାହୁ ଏହି ମେଳାକୁ ନିଜ ବିଦ୍ୟାଳୟରେ ସଫଳତାର ସହ ଆୟୋଜନ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ତପନ ପ୍ରକାଶ ବେହେରା, ଶିକ୍ଷୟିତ୍ରୀ ନନ୍ଦିନୀ ପରିଜା, ନଳିନୀ ସେନାପତି, ସୁରମା ଜେନା ଏବଂ କୂଳପଟସରା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରାରମ୍ଭରେ ପଟସରା ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରମୁଖ ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କରିଥିଲେ। ବରିଷ୍ଠ ଶିକ୍ଷକ ଡ. ଅରବିନ୍ଦ ସେନାପତି, ନଟବର ବାରିକ୍, ଅରବିନ୍ଦ ବାନାର୍ଜୀ, ଚିତ୍ତରଂଜନ ଚକ୍ରବର୍ତ୍ତୀ, ସତ୍ୟବ୍ରତ ସାହୁ, ଚିନ୍ମୟୀ ସାହୁ ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ନିଜ ନିଜର ମତାମତ ରଖିଥିଲେ। ଦଶ ଗୋଟି ବିଦ୍ୟାଳୟ ର ଅନେକ ଷ୍ଟଲ୍ ମାଧ୍ୟମରେ ସାଧନ ସାମଗ୍ରୀ ପ୍ରଦର୍ଶିତ ହୋଇ ଥିଲା। ଅପରାହ୍ନରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତିଥି ଭୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମ ରେ କୂଳପଟସରା ଗ୍ରାମର ଛୋଟ ପିଲାମାନଙ୍କ ଦ୍ୱାରା ହାତ ତିଆରି ନିପୂଣ ଓଡ଼ିଶା ସେଲଫି୍ ଷ୍ଟାଣ୍ଡ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା

## ପଞ୍ଚାୟତରେ ମିଳୁନି ଫାଇଲ: ତଦନ୍ତ ଦାବି

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଗୋଠିଣା ଗ୍ରାମରେ ଏକ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ଏକ ଡ୍ରେନ ମିଳୁନଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି, ବ୍ଲକର ସମସ୍ତ ଉନ୍ନୟନ କାର୍ଯ୍ୟ ନିର୍ମାଣ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉକ୍ତ ସ୍ଥାନରେ ଏକ ସାଇନବୋର୍ଡ ତିଆରି କରାଯାଇ କାର୍ଯ୍ୟ ସମ୍ବନ୍ଧରେ ଲେଖାଯିବାର ସରକାରୀ ନିୟମ ରହିଛି।ଏହି ଆଧାରରେ ଗୋଠିଣା ଗ୍ରାମର ନଗେନ ସ୍ୱାଇଁ ଘର ସମ୍ମୁଖରେ ଥିବା ସରକାରୀ ନଳକୂପର ବର୍ଜ୍ୟ ପାଣିକୁ ନିଷ୍କାସନ ପାଇଁ ଏଠାରୁ ୪୦ମିଟର ଦୂର ପୋଖରୀ ପର୍ଯ୍ୟନ୍ତ ଏକ ଡ୍ରେନ ନିର୍ମାଣ କରାଯାଇ ପାଣି ନିଷ୍କାସନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ପଞ୍ଚାୟତ ପକ୍ଷରୁ ନିକଟ ଏକ କାନ୍ଥରେ ୨୦୨୧ ମସିହାରେ ଏକ ସାଇନବୋର୍ଡ ଲେଖାଯାଇ ଏକଲକ୍ଷ ଟଙ୍କା ବିନିମୟରେ ଡ୍ରେନଟି ନିର୍ମାଣ କରାଯିବା ମଧ୍ୟ ଉଲ୍ଲେଖ ରହିଥିଲା।ପରନ୍ତୁ ଉକ୍ତ ଡ୍ରେନଟି ଏ ପର୍ଯ୍ୟନ୍ତ ନିର୍ମାଣ କରା ଯାଇନଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଉଠିଛି। ଏହି ଡ୍ରେନଟି ନିର୍ମାଣ କରା ନଯାଇ ମିଥ୍ୟା ବିଲ୍ କରାଯାଇ ସଂପୂର୍ଣ୍ଣ ବିଲ୍ କୁ ହଡ଼ପ କରାଯାଇଛି କି ଡ୍ରେନ କାର୍ଯ୍ୟକୁ ବନ୍ଦ ରଖାଯାଇଛି, ଏ ବାବଦରେ ଗ୍ରାମବାସିମାନେ ସନ୍ଦେହରେ ଅଛନ୍ତି। ତେବେ ଏ ସମ୍ପର୍କରେ ସେତେବେଳର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଏହି କାର୍ଯ୍ୟର ଫାଇଲ ମିଳୁନଥିବା ଘଟଣା ସନ୍ଦେହକୁ ଦ୍ୱିଗୁଣିତ କରିଛି। ଏହି ସମୟରେ ଏହିଭଳି ଏହି ପଞ୍ଚାୟତରେ ବହୁ ଘଟଣା ଘଟିଥିବା ସନ୍ଦେହ କରାଯାଇଥିବାରୁ ସେହି ସମୟର ସମସ୍ତ ଉନ୍ନୟନ କାର୍ଯ୍ୟର ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଯାଞ୍ଚ କରିବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି।

## ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ ପକାଇଲେ ୨ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ପୁରୀ /କୋଣାର୍କ (ଭାସ୍କର ନ୍ୟୁଜ) : ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘସପ୍ତମୀ ଅବସରରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ, ସାଧୁସନ୍ଥ, ଭକ୍ତ ସମାଜ ଓ ଜନସାଧାରଣ ବୁଡ ପକାଇ ଥିଲା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଠାରୁ ୩୦ ମିନିଟ ବିଳମ୍ବରେ ତ୍ରିଶମ୍ଭୁଙ୍କ ମହାସ୍ନାନ ବିଧି ସମ୍ପନ୍ନ ନେଇ ଶ୍ରଦ୍ଧାଳୁ ଭକ୍ତ ଓ ସାଧୁସନ୍ଥ ମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହା ବହୁଦିନର ପ୍ରାଚୀନ ପରମ୍ପରା ଭଲ ଭଙ୍ଗ କରିବା ସହିତ ଧାର୍ମିକ ରୀତିନୀତି ବିରୋଧୀ ବୋଲି ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଧାରିତ ନୀତି ନୀର୍ଘଣ୍ଟ ମୁତାବକ ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ବାବା ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ମହାଦେବ ପବିତ୍ର ମାଘସପ୍ତମୀ ଅବସରରେ ଷଷ୍ଠୀ ରାତିରେ ବର୍ଣ୍ଣାଢ୍ୟ ଆଲୋକ ବ୍ୟବସ୍ଥା ଓ ସାଜସଜ୍ଜା ମଧ୍ୟରେ ନିଜ ନିଜର ପୀଠରୁ ରାତ୍ର ୧୦ଘ ୪୫ ମିନିଟ ସମୟରେ ବିମାନ ବିଜେ କରି ଶୋଭାଯାତ୍ରାରେ ବାହାରି କୋଣାର୍କ ଏନଏସି ଭୋଗ ମଣ୍ଡପ ଠାରେ ରାତ୍ର ୧୨ଘ ସମୟରେ ପହଞ୍ଚି ଥିଲେ। ସେଠାରେ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହ ଭୋଗ ଲାଗି କରାଯାଇଥିଲା। ପରେ ପରେ ତ୍ରିଶମ୍ଭୁଙ୍କୁ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ କୋଣାର୍କ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ଠାରେ ପୂଜାର୍ଚ୍ଚନା ଓ ଭୋଗ ଲାଗି କରାଯାଇଥିଲା। ବେହେରା ସେବାୟତ, ତ୍ରିଶମ୍ଭୁଙ୍କ ସେବକ ଓ ସାଧୁସନ୍ଥ ମାନଙ୍କ ଗହଣରେ ତ୍ରିଶମ୍ଭୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ଅନୁସାରେ ନ ପହଞ୍ଚି ପ୍ରାୟ ୩୦ ମିନିଟ ବିଳମ୍ବରେ ଚନ୍ଦ୍ରଭାଗା ସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ପହଞ୍ଚି ଥିଲେ। ତ୍ରିଶମ୍ଭୁଙ୍କ ଶୋଭାଯାତ୍ରାରେ ପ୍ରତି ବର୍ଷ ଜିଲ୍ଲା ସ୍ତରୀୟ ଅଧିକାରୀ ସାମିଲ ହେଉଥିବା ବେଳେ ଚଳିତ ବର୍ଷ ପୁରୀ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ମଧ୍ୟରୁ କୌଣସି ଜିଲ୍ଲା ସ୍ତରୀୟ ଅଧିକାରୀ ଶୋଭାଯାତ୍ରାରେ ସାମିଲ ନ ହେବା ବୁଦ୍ଧିଜୀବୀ ଓ ଭକ୍ତ ମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପ ଠାରେ ନିର୍ଦ୍ଧାରିତ ସମୟ ୪ଟା ୩୭ ମିନିଟ ବଦଳରେ ୪ଟା ୫୦ ମିନିଟ ସମୟରେ ତ୍ରିଶମ୍ଭୁଙ୍କ ସ୍ନାନ କାର୍ଯ୍ୟ ସଂପାଦନ ନେଇ ଭକ୍ତ, ଶ୍ରଦ୍ଧାଳୁ ଓ ସାଧୁସନ୍ଥ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବରେ ଶ୍ରଦ୍ଧାଳୁ ଓ ତ୍ରିଶମ୍ଭୁଙ୍କ ମହାସ୍ନାନ କେଉଁ ପରିସ୍ଥିତି ପାଇଁ ଘଟିଲା ଓ



ଏଥିପାଇଁ ପାଇଁ କିଏ ଦାୟୀ ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଶ୍ରଦ୍ଧାଳୁ, ସଂସ୍କୃତି ବିଶାରଦ ଓ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି । ଭୋର ୫ଟା ୩ ମିନିଟ ସମୟରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପବିତ୍ର ମାଘସପ୍ତମୀ ଅବସରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ ପକାଇଥିଲେ। ଘନ କୁହୁଡି ଯୋଗୁଁ ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ଦର୍ଶନ କରି ପାରି ନ ଥିଲେ। ପୁରୀ ଏସପି ବିନୀତ ଅଗ୍ରୱାଲ ଙ୍କ ନେତୃତ୍ୱରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ଚତୁଃପାର୍ଶ୍ୱ, ମେଳା ପଡ଼ିଆ ଓ କୋଣାର୍କ ମୁଖ୍ୟ ବଜାର ସମେତ ବିଭିନ୍ନ ସ୍ଥାନରେ ୩୩ ପ୍ଲାଟୁନ ଫୋର୍ସ, ଲାଇଫ ଗାର୍ଡ, ଆଗ୍ନିକ, ବୋମା ନିଷ୍କ୍ରିୟ କାରୀ ଟିମ ଓ ପୋଲିସ ଅଧିକାରୀ ମାନଙ୍କୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସୁରକ୍ଷା ଓ ସୁରକ୍ଷିତ ସ୍ନାନ ନିମନ୍ତେ ମୁତୟନ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ମେଳା ପଡ଼ିଆରେ ୱାଟକୋ ପକ୍ଷରୁ ୬୦ ଗୋଟି ଅସ୍ଥାୟୀ ନଳକୂପ ଓ ୪ଗୋଟି ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ କରାଯାଇଥିଲା। ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ଲାଇଟ ହାଉସ ସମ୍ମୁଖରେ ୧୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ପାଇଖାନା ନିର୍ମାଣ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାମଚଣ୍ଡୀ ପୀଠ, କୋଣାର୍କ ହେଲିପ୍ୟାଡ, ମେଳା ପଡ଼ିଆ ଓ କୋଣାର୍କ ବସଷ୍ଟାଣ୍ଡ ଠାରେ ୪ ଗୋଟି ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ଖୋଲା ଯାଇ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା। ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ଅବସରରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସେବା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ୩୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ମୁତୟନ କରାଯାଇଥିଲା। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଷ୍ଟଲ ମାନ କରାଯାଇ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସେବା କାର୍ଯ୍ୟ ସଂପାଦନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ରାତିସାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଙ୍କ ନେତୃତ୍ୱରେ ମାଘସପ୍ତମୀ ବୁଡ ଅବସରରେ ହଜିଲା ଖୋଜିଲା ମଞ୍ଚ କରାଯାଇଥିଲା। ମାଘସପ୍ତମୀ ଅବସରରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ନିମନ୍ତେ ପ୍ରବେଶ ଶୁଳ୍କ ଛାଡ ଥିବାରୁ ଚନ୍ଦ୍ରଭାଗା ତୀର୍ଥରେ ବୁଡ ପକାଇ ଲକ୍ଷାଧିକ ଶ୍ରଦ୍ଧାଳୁ ମନ୍ଦିର ପରିଦର୍ଶନ କରିବା ପରେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସଂପାଦନ କରିଥିଲେ। ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ମେଳା ପଡ଼ିଆରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଲଖନପୁର ବ୍ଲକ ଦଳଗାଁ ପଞ୍ଚାୟତ ଅନ୍ତର୍ଗତ ଦଳଗାଁ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସହିତ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ । ଦୌଡ଼,ଉଚ୍ଚ ଡିଆଁ, ଲମ୍ବା ଡିଆଁ,ଗଣିତ କ୍ୱିଜ୍,ବିଜ୍ଞାନ କୁଇଜ୍,ସଙ୍ଗୀତ ଚୌକି ସହ ଅନେକ ଖେଳ ହୋଇ ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ କରାଯାଇଥିଲା । ଉକ୍ତ ଉତ୍ସବରେ ଆଞ୍ଚଳିକ ଉର୍ଚ୍ଚ ବିଦ୍ୟାଳୟର କ୍ରୀଡାର ମୁଖ୍ୟ ଅତିଥି ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ପାଢ଼ୀ,ମୁଖ୍ୟବକ୍ତା ଭାବେ ଫଠା କ୍ଲଷ୍ଟରର ସିଆରସିସି ଲଳିତ କୁମାର ପ୍ରଧାନ,କୁମ୍ଭାରବନ୍ଧ କ୍ଲଷ୍ଟରର ସିଆରସିସି ରାଜେଶ ସା,ନନ୍ଦଲାଲ ସେନାପତି,ଗୁରୁଚରଣ ସା,ସତ୍ୟନାରାୟଣ ସା,ଗୌରାଙ୍ଗ ମଲ୍ଲିକ,ନିତ୍ୟାନନ୍ଦ ଧୁରୁଆ, ଶିକ୍ଷାବିତ୍ କ୍ଷୀରୋଦ ସେଟ୍,ପଞ୍ଚନନ୍ଦ ପଟେଲ ଅତିଥି ଭାବରେ ଯୋଗଦାନ କରିଥିଲେ । ସଭାର ସଭାପତି ତଥା ଦଳଗାଁ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ବେହେରା ଓ ବରିଷ୍ଠ ଶିକ୍ଷକ ହେମନ୍ତ ଧୁରୁଆ ସଭା ପରିଚାଳନା ଓ ପୁରସ୍କାର ବିତରଣୀ ଉତ୍ସବରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଅଞ୍ଜନା ପଟେଲ,ସହକାରୀ ଶିକ୍ଷକ ଭରତେନ୍ଦୁ ପଟେଲ,ମେଟ୍ରନ୍ ସବିତା ବେହେରା ଓ ଅନ୍ୟାନ୍ୟ କର୍ମଚାରୀ ଗ୍ରାମବାସୀ,ଏସଏମସି କମିଟି ଓ ଭଦ୍ର ବ୍ୟକ୍ତି ମାନଙ୍କର ସହଯୋଗରେ ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୁଚାରୁ ରୂପେ ସଫଳ ହେଲା ଅନ୍ତିମରେ ସଭାର ସଭାପତି ଅଜୟ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ ଓ ଶେଷରେ ଶିକ୍ଷକ ଭରତେନ୍ଦୁ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିବାହ ଶୋଭାଯାତ୍ରାରେ କାନଫଟା ଡିଜେ ସାଉଣ୍ଡ୍

- ପୋଲିସଙ୍କୁ ମିଳୁନି ଶବ୍ଦ ମାପକ ଯନ୍ତ୍ର
- ବିନା ଅନୁମତିରେ ସବୁଗାଁରେ ଦୁଲୁଦୁଲୁ ସାଉଣ୍ଡ
- ଭିତିରିଆ ହାତ ଗୁଞ୍ଜା ଚାଲିଛି କି ?



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ବିବାହ ଋତୁ ଚାଲିଥିବାବେଳେ ବାଜା, ବାଣ, ରୋଷଣିରେ କମ୍ପୁଛି ଗାଁରୁ ବଜାର ।ଘର ହେଉକି ଗାଁ ଗାଁରେ ସବୁଠି ଶୁଣିବାକୁ ମିଳିଛି କାନଫଟା ଶବ୍ଦ । ଘାତକ ସାଜୁଥିବା ଏହି କାନ ଫଟା ଶବ୍ଦ ପାଇଁ ସତେ ଯେମିତି କୌଣସି ନିୟମ ନାହିଁ ଓ ପ୍ରଦୂଷଣ ବିଭାଗର କେହି ଅଧିକାରୀ ବା କର୍ମଚାରୀ ନଥିବା ବେଳେ ପୋଲିସ ନିକଟରେ ଡାକବାଜି ଯନ୍ତ୍ରର ତୀବ୍ରତା ମାପିବା ଡେସିବଲ୍ ଯନ୍ତ୍ର ନଥିବାରୁ ତାହାକୁ ରୋକିବା ସମ୍ଭବପର ହେଉନି । ଅତ୍ୟନ୍ତ ଶ୍ରୁତିକଟୁ ଏହି ଶବ୍ଦ ଯୋଗୁଁ କିଛି ଲୋକଙ୍କୁ ହୁଏତ ଖୁସି ମିଳିଥାଇପାରେ, ମାତ୍ର ଅର୍ଦ୍ଧାଧିକ ଭାଗ ଲୋକ ଏଥିରେ ବ୍ୟତିବ୍ୟସ୍ତ ହୋଇ ପଡୁଛନ୍ତି । ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଟାଟା ଏସ୍ ଗାଡିରୁ ଆରମ୍ଭକରି ୪୦୭ ପର୍ଯ୍ୟନ୍ତ ଗାଡିର ଆଗପଛ ସବୁଠି ଏକାଧିକ ସାଉଣ୍ଡ୍ ବକ୍ସ, ଜେନେରେଟର, ପାଣି ଫୋଟକା ଓ ଜଳ ସିଞ୍ଚନ ବ୍ୟବସ୍ଥା ସହ ଷ୍ଟିଲ୍ ରେଲିଂରେ ରଙ୍ଗୀନ ଆଲୁଅ ଲଗାଇ ପଟୁଆରରେ ସାମିଲ କରାଯାଉଛି । ଗାଡି ରାସ୍ତାରେ ଗଡିବା ମାତ୍ରେ ବୈଧ ପଞ୍ଜୀକରଣ ନମ୍ବର, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର, ଫିଟ୍‌ନେସ୍ ସାର୍ଟିଫିକେଟ୍ ଆଦି ରହିବା ବାଧ୍ୟତାମୂଳକ । ହେଲେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବୁଲୁଥିବା ଅଧିକାଂଶ ଡିଜେ ଗାଡି ଚାଳକ ବା ମାଲିକଙ୍କ ନିକଟରେ ଏହି ସବୁ ପ୍ରମାଣପତ୍ର ନଥିବା ଅଭିଯୋଗ ହେଉଛି ।ଏହା ସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଡିଜେ ଗାଡିକୁ ଛାଡି ଭୁବନେଶ୍ୱର, ନିମାପଡା, ପିପିଲି, କଟକ, ନିଆଳି, ଜଗତସିଂହପୁର ଅଞ୍ଚଳ ଡିଜେ ଗାଡି ଅତ୍ୟଧିକ ମାତ୍ରାରେ ସାଉଣ୍ଡ ଆଣି ବିନା ଅନୁମତିରେ ବଜାଉଛନ୍ତି ।ତଥାପି ପ୍ରଶାସନିକ ସ୍ତରରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ନିରବତା ଅସନ୍ତୋଷର କାରଣ ସାଜୁଛି । ପ୍ରଦୂଷଣ ନିୟନ୍ତ୍ରଣ କଟକଣା ଉଲଂଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳ, ଏସ୍‌ପି, ଉପଖଣ୍ଡୀୟ ଅଧିକାରୀଙ୍କୁ କ୍ଷମତା ଦିଆଯାଇଛି । ସେହିପରି ପୂଜା ମଣ୍ଡପ, ବିସର୍ଜନ ଉତ୍ସବ ଓ ବିବାହ ଶୋଭାଯାତ୍ରାରେ ସାଉଣ୍ଡ ବକ୍ସ ବଜାଇବା ପାଇଁ ପ୍ରଶାସନିକ ଅନୁମତି ବାଧ୍ୟତାମୂଳକ । ଶବ୍ଦର ତୀବ୍ରତା ୬୫ ଡେସିବଲରୁ ଅଧିକ ହେବନାହିଁ ବୋଲି ପ୍ରଦତ୍ତ ଅନୁମତିରେ ସ୍ପଷ୍ଟ ଉଲ୍ଲେଖ ରହୁଛି । ଉଲଂଘନ ହେଲେ ଜରିମାନା ସହ ବୈଦ୍ୟୁତିକ ଉପକରଣ ଜବତ ବ୍ୟବସ୍ଥା ରହିଛି । ବିବାହ ଶୋଭାଯାତ୍ରାରେ ଡିଜେ କାନଫଟା ଶବ୍ଦ ଶୁଣିଲେ ନିୟମ କିଭଳି କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ ହେଉଛି । ଅପରପକ୍ଷରେ ପୂଜା ପାର୍ବଣରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପୋଲିସ ଯେପରି ତତ୍ପରତା ପ୍ରଦର୍ଶନ କରୁଛି ବିବାହ ଶୋଭାଯାତ୍ରାରେ ସେଭଳି ଦେଖିବାକୁ ମିଳୁନାହିଁ । ଶବ୍ଦ ନିୟନ୍ତ୍ରଣ ପାଇଁ ଡେସିବିଲ୍ ମାପକ ଯନ୍ତ୍ର କୌଣସି ଡିଜେ , ବ୍ୟାଣ୍ଡ୍ କିମ୍ବା ଦୁଲୁଦୁଲିରେ ରହୁନାହିଁ । ଅସ୍ତରଙ୍ଗ ପୋଲିସ ଥାନାରେ ଶବ୍ଦ ମାପକ ଯନ୍ତ୍ର ନାହିଁ ଓ ଏଭଳି ପରିସ୍ଥିତିରେ ପୋଲିସ କିପରି ଡିଜେ ଶବ୍ଦ ମାପିବ ତାହା ପ୍ରଶ୍ନବାଚୀ ହୋଇଛି ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ପକ୍ଷରୁ ଅତୀତରେ ଅନେକ ନିର୍ଦ୍ଦେଶ ଏହି ମର୍ମରେ ଜାରି ହୋଇଥିଲେ ହେଁ ତାହା ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନଥିବାରୁ ଶବ୍ଦ ପ୍ରଦୂଷଣ ବିପଦ ବୃଦ୍ଧି ପାଉଛି । ଚାରି ଚକିଆ ଗାଡିର ମୂଳ ଗଠନ ବଦଳାଇବାକୁ ପରିବହନ ବିଭାଗର ଆଦୌ ଅନୁମତି ନାହିଁ । ଉଲଂଘନ କଲେ ଉକ୍ତ ଯାନକୁ ଜବତ କରାଯାଇ ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯିବା ବ୍ୟବସ୍ଥା ଥିବା କହିଛନ୍ତି ପୁରୀ ଆରଟିଓ (ଆଞ୍ଚଳିକ ପରିବହନ ଅଧିକାରୀ) ରିବନ ପଟ୍ଟନାୟକ । ଏହାର ଶବ୍ଦ ପ୍ରଦୂଷଣ ମଧ୍ୟ ମପାଯାଇ ଜରିମାନା ଲାଗୁ କରାଯିବା ନିୟମ ରହିଥିବା ସେ କହିଛନ୍ତି । ଡିଜେ ସାଉଣ୍ଡ୍ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥିବାରୁ ଆଗାମୀ ଦିନରେ ଏହାର ନିରାକରଣ ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ବୋଲି ବୁଦ୍ଧିଜୀବୀ ଦାବୀ କରିଛନ୍ତି ।

# ଶିକ୍ଷକଙ୍କ କାର୍ଯ୍ୟରେ ଯୋଗଦାନକୁ ବିରୋଧ କଲେ ଗ୍ରାମବାସୀ




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଏହି ବ୍ଲକର ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ମୁଢ଼ାପଦା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଯୋଗଦେବାକୁ ଆସିଥିବା ପାଖ ଦାଣ୍ଡକୂଳ ଗ୍ରାମବାସୀ ଶିକ୍ଷକ ଗଣେଶ ରାଉତଙ୍କୁ ଗ୍ରାମବାସୀମାନେ ଫେରାଇଦେଇଥିବା ଜଣାଯାଇଛି । ମାତ୍ର ୨ ମାସ ପୂର୍ବେ ମଧ୍ୟାହ୍ନ ଭୋଜନ ଅନୀୟମିତତା ଅଭିଯୋଗରେ ନିଲମ୍ବିତ ହୋଇ ଜନୈକ ଶିକ୍ଷକଙ୍କୁ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟରେ ଦୈନିକ ହାଜିରା ଦେବାକୁ ଆଦେଶ ହୋଇଥିଲା । ନିଲମ୍ବନର କି ତଦନ୍ତ ହେଲା କେଜାଣି ଶିକ୍ଷକଙ୍କ ନିଲମ୍ବନ ଆଦେଶ ହଟାଇ ଗାଁ ପାଖ ସ୍କୁଲରେ ଯୋଗଦାନ ପାଇଁ ଆଦେଶ ହୋଇଗଲା । ହେଲେ ଗାଁ ଲୋକେ ସଂପୃକ୍ତ ଶିକ୍ଷକଙ୍କୁ ବେପାରୀ ଓ ବିଶୃଙ୍ଖଳିତ କହି ସ୍କୁଲରେ ଯୋଗଦାନକୁ ଅବରୋଧ କଲେ । ମନଖୁସିରେ ଯୋଗଦେବାକୁ ଆସିଥିବା ଶିକ୍ଷକ ଜଣକ କାନମୁଣ୍ଡ ଆଉଁସି ଫେରି ଯାଇଥିଲେ । ବିବରଣୀରୁ ପ୍ରକାଶ ଯେ ନାନା ଅଭିଯୋଗରେ ଚର୍ତୁଭୁଜପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲେ । ସେଠାରେ ମଧ୍ୟାହ୍ନ ଭୋଜନ ଅନୀୟମିତତା ଅଭିଯୋଗରେ ଗତ ଡିସେମ୍ବର ମାସରେ ବିଇଓଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲେ । ତାଙ୍କ ନିଲମ୍ବନ ସମୟର କାର୍ଯ୍ୟସ୍ଥଳୀ ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ରଖାଯାଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ତତ୍ପରତା ଦେଖାଇ ଶ୍ରୀ ରାଉତଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିନେଇଥିଲେ । ତାଙ୍କୁ ମୁଢ଼ାପଦା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ କରି ଯୋଗଦେବାକୁ ଆଦେଶ ଜାରି କରିଥିଲେ । ସୋମବାର ପୂର୍ବାହ୍ନରେ ଯୋଗଦାନ କରିବାକୁ ଆସିବା ମାତ୍ରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଏକତ୍ରିତ ହୋଇ ଫାଟକ ନିକଟରେ ସଂପୃକ୍ତ ଶିକ୍ଷକଙ୍କୁ ଆଗକୁ ଯିବାକୁ ଦେଇନଥିଲେ । ସଂପୃକ୍ତ ଶିକ୍ଷକ ଫେରିଯିବା ପରେ ସୁରମା ବେହେରା, ହୃଷିକେଶ ବେହେରା, ପଦ୍ମନାଭ ବେହେରା, ପ୍ରଣବ ନାୟକ, ପ୍ରଭାତୀ ଦଲେଇ, ରାଜେନ୍ଦ୍ର ଜେନା ପ୍ରମୁଖ ଗ୍ରାମବାସୀମାନେ ବିଇଓଙ୍କୁ ଦରଖାସ୍ତ ଲେଖି ଶିକ୍ଷକଙ୍କୁ ବିଶୃଙ୍ଖଳିତ ଦର୍ଶାଇ ବିଦ୍ୟାଳୟରେ ଯୋଗଦେବାକୁ ଦେବେ ନାହିଁ ବୋଲି ଜଣାଇ ଦେଇଥିଲେ । ବିଇଓ ଏହି ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଓ ତାଙ୍କୁ ମୁଢ଼ାପଦାରୁ ଫେରାଇ ନେବେ ବୋଲି ମତ ଦେଇଥିଲେ ।

# ‘ବିଜିବିଓ ’ପ୍ରସ୍ତୁତି ସମୀକ୍ଷା ପାଇଁ ବିଷମ କଟକରେ ଜିଲ୍ଲାପାଳ



ବିଷମକଟକ/ରାୟଗଡ (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ସରକାରଙ୍କ ଉଚ୍ଚାଭିଳାଷୀ ‘ବିକଶିତ ଗ୍ରାମ ବିକଶିତ ଓଡିଶା’ (ବିଜିବିଓ) କାର୍ଯ୍ୟକ୍ରମର ପ୍ରସ୍ତୁତି କିଭଳି ଚାଲିଛି ଏହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ରାୟଗଡ଼ ପାରୁଲ ପଟ୍ଟୱାରୀ ବ୍ୟକ୍ତିଗତ ଭାବେ ତଦାରଖ କରିବା ପାଇଁ ଆଜି ବିଷମକଟକ ପରିଦର୍ଶନରେ ଆସିଥିଲେ । ଓଡିଶାର ପ୍ରତ୍ୟେକ ବ୍ଲକ ତଥା ଗ୍ରାମ ପଞ୍ଚାୟତରେ ସମଗ୍ର ଗ୍ରାମୀଣ ବିକାଶକୁ ଆଗେଇ ନେବା ପାଇଁ ପରିକଳ୍ପିତ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭରଚୁଆଲ ଭାବେ ଆଗାମୀ ପାଞ୍ଚ ତାରିଖରେ ଉଦ୍ଘାଟିତ ହେବାକୁ ଯାଉଥିବା ବେଳେ ବିଷମକଟକ ଠାରେ ଏହାର ପ୍ରସ୍ତୁତି ନେଇ ଏହି ଗସ୍ତ ରହିଥିବା ଜଣାପଡିଛି । ଏକ ପଞ୍ଚ ବାର୍ଷିକ ବିକାଶର ରୋଡମ୍ୟାପ୍, ଯାହା ଗ୍ରାମାଞ୍ଚଳ ରେ ରହିଥିବା ଭିତ୍ତିଭୂମି ଓ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦେବାରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ତଥା ଉନ୍ନତ ମାନର ଜୀବନ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିବା କୁହାଯାଉଛି ଓ ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଥିବା ବେଳେ ଜିଲ୍ଲାପାଳଙ୍କ ଗସ୍ତ ଓ ପ୍ରତ୍ୟକ୍ଷ ତଦାରଖ, ଏହି କାର୍ଯ୍ୟକ୍ରମ ପ୍ରତି ସରକାରଙ୍କ ଗମ୍ଭୀରତା ସ୍ପଷ୍ଟ କରୁଛି । ନିଜ ଗସ୍ତ ସମୟରେ ଶ୍ରୀମତୀ ପାଟୱାରୀ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଯାଞ୍ଚ କରିବା ସହ, ଉପସ୍ଥିତ ଜନସାଧାରଣଙ୍କ ପାଇଁ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ବ୍ୟବସ୍ଥିତ ଓ ସୁବିଧାଜନକ ହୋଇଥିବା ନେଇ ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ଉଦ୍ଘାଟନ ସମୟରେ ସବୁ କିଛି ଠିକ ଅଛି ଏହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରିଥିଲେ । “ଏହି ପଦକ୍ଷେପ ଓଡିଶାର ଗ୍ରାମୀଣ ବିକାଶ ଦିଗରେ ରେ ଏକ ମାଇଲଖୁଣ୍ଟ ହେବ ଯାହା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ପ୍ରତ୍ୟେକ ଗ୍ରାମକୁ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ କରାଇବା ପାଇଁ ଉତ୍ସର୍ଗୀକୃତ ବୋଲି ଗଣମାଧ୍ୟମକୁ ଉତ୍ତର ରଖିବା ବେଳେ ସେ ସ୍ପଷ୍ଟ କରିଥିଲେ ।’ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ସ୍ଥାନୀୟ ନେତା, ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ସମ୍ପ୍ରଦାୟର ପ୍ରତିନିଧି ଓ ଜନସାଧାରଣ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଜିଲ୍ଲାପାଳଙ୍କ ଗସ୍ତ ଏହି କାର୍ଯ୍ୟକ୍ରମର ବିଶେଷତା ଓ ତାଙ୍କ ସକ୍ରିୟ ଆଭିମୁଖ୍ୟକୁ ବହୁଳ ଭାବେ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ୧୩ ଯାଏଁ ପାଳିତ ହେବ ଲୋକକବି ନାଟ୍ୟଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଜୟନ୍ତୀ




ଜଗତସିଂହପୁର(ଭାସ୍କର ନୀୟୁଜ)୩/୨ ଜଗତସିଂହପୁର ବଙ୍ଗ, ବିହାର ଓ ଓଡ଼ିଶାରେ ଗୀତିନାଟ୍ୟ ପାଇଁ ସୁନାମ ଅର୍ଜନ କରିଥିବା ପ୍ରସିଦ୍ଧ ନାଟ୍ୟକାର, ନିର୍ଦ୍ଦେଶକ ବାଳକୃଷ୍ଣ ମହାନ୍ତିଙ୍କ ଜୟନ୍ତୀ ଫେବୃଆରୀ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ପାଳିତ ହେବାକୁ ଯାଉଛି । ଓଡିଶା ସାହିତ୍ୟ ଏକାଡେମୀ ଓ ଲୋକକବି ନାଟ୍ୟଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ୧୨୪ତମ ଜୟନ୍ତୀ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ହେବାକୁ ଯାଉଛି । ଏହି ଉତ୍ସବରେ ସପ୍ତାହ ବ୍ୟାପୀ ଗୀତିନାଟ୍ୟ ସପ୍ତାହ କ୍ରମରେ ପ୍ରଥମ ଦିନ ଗୀତିନାଟ୍ୟ ସୁଶୀଳ ମାଳତୀ, ଦ୍ୱିତୀୟ ଦିବସରେ ଅମର ବିଳାସ ପ୍ରଦର୍ଶନ ହେବ, ତୃତୀୟ ଦିବସରେ ଢେଙ୍କାନାଳର ମିରାବାଇ କଳାବିକାଶ କେନ୍ଦ୍ର, ଚତୁର୍ଥ ଦିବସରେ କେନ୍ଦ୍ରାପଡାର ଓଡିଶା କଲଚର ଆର୍ଟ ଏକାଡେମୀ, ପଞ୍ଚମ ଦିବସରେ ବାଲେଶ୍ୱରର ଆଦିବାସୀ ସଂସ୍କୃତି ସଂଘ, ଷଷ୍ଠ ଦିବସରେ ବରଗଡ଼ର ନିଆଳି ମଲ୍ଲି ନାଟ୍ୟକାଳାନିକେତନ, ସପ୍ତମ ଦିବସରେ ଗୀତିନାଟ୍ୟ କୃଷ୍ଣ ସୁଦାମା ପ୍ରଦର୍ଶିତ କରାଯିବ । ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପ୍ରାୟୋଜିତ ’କିଛି କଥା କିଛି କବିତା’ ପାଠ ଉତ୍ସବ କାର୍ଯ୍ୟକ୍ରମ ବାଳକୃଷ୍ଣ ନାଟ୍ୟ ସମ୍ମାନ ଓ ବାଣୀକ୍ଷେତ୍ର ନାଟ୍ୟ ପ୍ରଜ୍ଞା ସମ୍ମାନ ପ୍ରଦାନ କରାଯିବ । ୧୦ଦିନ ଧରି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ବିଦ୍ୟାଳୟ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପ୍ରଦର୍ଶନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର ପ୍ରକାଶ କରିଛନ୍ତି ।

# ନୂତନ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ କାର୍ଯ୍ୟରେ ଯୋଗଦାନ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ପୂର୍ଣ୍ଣଚନ୍ଦ୍ର ବରିହା ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ତାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷକ ଏବଂ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଏବଂ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସେ ପ୍ରାଧାନ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି । ସେ ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ପ୍ରକାଶ ଥାଉକି, ପୂର୍ଣ୍ଣଚନ୍ଦ୍ର ବରିହା ରାୟଗଡା ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଡେପୁଟି ଡାଇରେକ୍ଟର , ବଲାଙ୍ଗିର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ପାଟଣାଗଡ ସେକେଣ୍ଡାରୀ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ, ପଦ୍ମପୁର ଶିକ୍ଷା ଜିଲ୍ଲାର ଡିଆଇ ଭାବେ ଦକ୍ଷତାର ସହ କାର୍ଯ୍ୟ କରି ପ୍ରଶଂସା ଭାଜନ ହୋଇ ପାରିଥିଲେ । କାର୍ଯ୍ୟାଳୟରେ ଯୋଗ ଦେବା ପୂର୍ବରୁ ମା’ ତାରିଣୀଙ୍କ ଦର୍ଶନ କରିଥିଲେ । ନିଜ ପ୍ରତିକ୍ରିୟାରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସେ ପଦକ୍ଷେପ ନେବା ସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ସଫଳତାର ସହ କାର୍ଯ୍ୟକାରୀ ହେବ ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି । ମାଟ୍ରିକ ପରୀକ୍ଷା କିଭଳି ତୃଟିଶୂନ୍ୟ ଏବଂ କପିମୁକ୍ତ ହେବ ସେ ଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି ।

# ମା’ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାଲୁଦର ମା’ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟା ମନ୍ଦିର ସଭାପତି ଜଗବନ୍ଧୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଅବସରପ୍ରାପ୍ତ ସେନା ହାବିଲଦାର ବିଶିଷ୍ଟ ସମାଜ ସେବୀ ଗରିବ ସାଥି ଦିପକ କୁମାର ଜେନା ଉଦଘାଟନ କରିଥିଲେ । ନିମନ୍ତ୍ରିତ ଅତିଥିମାନଙ୍କୁ ବିଦ୍ୟାଳୟ ର କୁନି କୁନି ଛାତ୍ର ଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାକୁ ପାଛୋଟି ନେଇଥିଲେ । ସମସ୍ତ ଅତିଥି ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରିଥିଲେ । ଛାତ୍ର ଛାତ୍ରୀ ମାନେ ସମସ୍ତ ମଞ୍ଚାସୀନ ଅତିଥିଙ୍କୁ ଫୁଲ ତୋଡ଼ା ସହ ଉପଢୌକନ ପ୍ରଦାନ କରି ଜାତୀୟ ସଂଗୀତ ଓ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।ଏଥିରେ ମୁଖ୍ୟ ଅତିଥି ଭାବେ ମାଲୁଦ ୨୪ମୌଜାର ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ ଓ ମୁଖ୍ୟବକ୍ତା ଭାବେ ଡ଼ଃ ଅଭିମନ୍ୟୁ ଜେନା ଯୋଗଦେଇ ଶିଶୁମନ୍ଦିରର ଭୂୟସୀ ପ୍ରଶଂସା କରି କହିଥିଲେ- ଏହି ବିଦ୍ୟାଳୟ ଏକ ମଣିଷ ଗଢ଼ା କାରଖାନା ଏଠି ପିଲା ସଂସ୍କାର ବାଦୀ ଶିଷ୍ଟାଚାର ଓ ସୁନାଗରିକ ହେବା ନିଶ୍ଚିତ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଉଲ୍ଲାସ ଚନ୍ଦ୍ର ଜେନା ଶିକ୍ଷାବିତ କେଦାରନାଥ ଦାସ ପ୍ରାକ୍ତନ ଶିକ୍ଷକ ପ୍ରଦୀପ ଦାସ ଶିକ୍ଷାବିତ ବ୍ରଜ କିଶୋର ଗୌଡ଼ କୋଷାଧକ୍ଷ ନଗେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ର ଛାତ୍ରୀ ଅଭିଭାବକ ଙ୍କ ସହଯୋଗରେ ପିତୃ ମାତୃ ପୂଜନ ମହା ଆଡମ୍ବରେ ଅନୁଷ୍ଠିତ ହୋଇଥିଲା । ପରେ କୃତି ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସମ୍ମାନିତ ଅତିଥିଙ୍କ ଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । ବିଦ୍ୟାଳୟର ଅରୁଣ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । ସଭାକାର୍ଯ୍ୟକୁ ଶିକ୍ଷାବିତ ଦ୍ୱୈତାରି ବିଶ୍ୱାଳ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟା ରଶ୍ମିତା ପ୍ରଧାନ ଓ ସଂଘମିତ୍ରା ଜେନା ପରିଚାଳନା କରିଥିଲେ ।

# ଜାତୀୟ କ୍ରୀଡ଼ାରେ ରାଜ୍ୟପାଇଁ ଗୌରବ ଆଣିଲା ଜିନ୍ଦଲ ସ୍ପୋର୍ଟସ୍ ହଷ୍ଟେଲ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଉତ୍ତରାଖଣ୍ଡ ଡେରାଡୁନରେ ଜାନୁଆରୀ ୨୮ରୁ ୧ ଫେବ୍ରୁଆରି ପର୍ଯ୍ୟନ୍ତ ଚାଲିଥିବା ଜାତୀୟ କ୍ରୀଡ଼ାରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର କ୍ରୀଡ଼ାବିତ । ଉସୁ ପ୍ରତିଯୋଗିତାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରୁଥିବା ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ବବଲୁ ମୁଣ୍ଡା (୪୮କେଜି ପୁରୁଷ) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମଞ୍ଜୁ ମୁଣ୍ଡା (୪୫ କେଜି ମହିଳା) ରୌପ୍ୟ ପଦକ ଜିତିଛନ୍ତି । ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲ କ୍ରୀଡ଼ାବିତଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡ଼ିଆରେ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଗୌରବ ଆଣିଛି ବୋଲି କହିଛନ୍ତି । ଏହି ସଫଳତା ଅନ୍ୟ କ୍ରୀଡ଼ାବିତଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଏହି ବିଜୟ ପାଇଁ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି । ଏହି ବିଜୟ ରାଜ୍ୟ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଏବଂ ଏହି ସଫଳତା ଓଡ଼ିଶାର କ୍ରୀଡ଼ା ସଂସ୍କୃତିକୁ ଆହୁରି ଉଜ୍ଜ୍ୱଳମୟ କରିବ ବୋଲି ସୂର୍ଯ୍ୟବଂଶୀ ସୂରଜ ଉଲ୍ଲେଖ କରିଛନ୍ତି । ଏହି ସଫଳତାରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ‘ଜାତୀୟ କ୍ରୀଡ଼ାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତଙ୍କ ଏହି ବିଜୟ ସମଗ୍ର ରାଜ୍ୟ ପାଇଁ ବଡ଼ ଗୌରବର ବିଷୟ । ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି । ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କ ଚିହ୍ନଟ ଓ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ସବୁବେଳେ ପ୍ରତିଶ୍ରୁତିବଦ୍ଧ । ଏଠାରେ ସୂଚନା ଯୋଗ୍ୟ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ, ୬୦ କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ଓ ଶିକ୍ଷାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ସର୍ବୋତ୍କୃଷ୍ଟ ସୁବିଧା ଯୋଗାଇଦେଉଛି । ହଷ୍ଟେଲ ଅନ୍ତେବାସୀଙ୍କୁ ସିବିଏସଇ ପାଠ୍ୟକ୍ରମରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ଏହା ସହିତ ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ଓଡ଼ିଶା ଷ୍ଟେଟ ଉସୁ ଆସୋସିଏସନ ସହ ଏକ ମଜଭୁତ ସହବନ୍ଧନ ପ୍ରତିଷ୍ଠା କରି କେନ୍ଦୁଝର ଜିଲ୍ଲାରେ ଉସୁ ଓ କିକ୍ ବକ୍ସିଂକୁ ଆଗକୁ ନେବାରେ ଜିନ୍ଦଲ ଫାଉଣ୍ଡେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଫାଉଣ୍ଡେସନର ପ୍ରୋତ୍ସାହନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ବହୁ କ୍ରୀଡ଼ା ପ୍ରତିଭା ଜାତୀୟସ୍ତରର ପ୍ରତିଯୋଗିତା ସହ ରୁଷ୍, ଚାଇନା, ଇଣ୍ଡୋନେସିଆ, ବ୍ରୁନେଇ ଭଳି ଦେଶଗୁଡ଼ିକରେ ଆୟୋଜିତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ଉସୁ, କିକବକ୍ସିଂ, ହକି, କ୍ରିକେଟ, ତୀରନ୍ଦାଜୀ ଭଳି କ୍ରୀଡ଼ାକୁ ଫାଉଣ୍ଡେସନର ପ୍ରୋତ୍ସାହନ ୩୦ ହଜାରରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ାବିତଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି ।

# ବରିଷ୍ଠ ନାଗରିକ ପରିଷଦ ସଂଘ ପକ୍ଷରୁ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବରିଷ୍ଠ ନାଗରିକ ପରିଷଦ ସଂଘ ପକ୍ଷରୁ ଏସ୍‌ପି ଅଭିନବ ସୋନାକର ଙ୍କୁ ସୋମବାର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି । ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସିଥିବା ଏସ୍‌ପି ବ୍ଲକ କାର୍ଯ୍ୟାଳୟକୁ ଆଗମନ ପୂର୍ବରୁ ପ୍ରଥମେ ପରଜଙ୍ଗ ଥାନାକୁ ଆସିଥିଲାବେଳେ, ସେହି ପରିପ୍ରେକ୍ଷୀରେ ପରଜଙ୍ଗ ବ୍ଲକ ବରିଷ୍ଠ ନାଗରିକ ପରିଷଦ ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ସନାତନ ସାମଲଙ୍କ ନେତୃତ୍ୱରେ ସଂଘର ଅନ୍ୟ କେତେକ ସଦସ୍ୟ ଥାନା ପରିସରରେ ପହଞ୍ଚି ସାକ୍ଷାତ କରିବା ସହ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ସମସ୍ତ ସଦସ୍ୟ ମାନଙ୍କୁ ପରିଚୟ ପ୍ରଦାନ ଓ ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ମୌଳିକ ସୁବିଧା ଯୋଗାଇଦେବାକୁ ସଂଘ ପକ୍ଷରୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରି ଏସ୍‌ପି ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏସପିଙ୍କ ସହିତ ସାକ୍ଷାତକାର ସମୟରେ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ବିମଳ କୃଷ୍ଣ ନାୟକ , ଗୌରହରି ଦାସ,ବିନୋଦ କୁମାର ନାୟକ , ନିତ୍ୟାନନ୍ଦ ପଣ୍ଡା , ଧର୍ମାନନ୍ଦ ଦାସ , ପରମାନନ୍ଦ ଦଳବେହେରା , ହୃଦାନନ୍ଦ ଦାସ, ଅନାଦି ଚରଣ ସାହୁ, କୃପାସିନ୍ଧୁ ଖୁଣ୍ଟିଆ , ଭୈରବାନନ୍ଦ ଦାସ, ତଅଁଳୁ ସାହୁ ,ପବିତ୍ର ମୋହନ ଦେହୁରୀ , ଲକ୍ଷ୍ମୀକାନ୍ତ କର ,କମଳ ଲୋଚନ ଦାସ ,ନରୋତ୍ତମ ନାୟକ , ଅକ୍ଷୟ କୁମାର ନାୟକ , ଗୋକୁଳା ନନ୍ଦ ଖିଲାରଙ୍କ ସମେତ ଅନ୍ୟ କେତେକ ସଦସ୍ୟ ଉପସ୍ଥିତ ଥିଲେ ।

# ଉଦୟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ସାନକୁଶ ସ୍ଥଳୀ ଆମ୍ବପୁଆ ସ୍ଥିତ ଉଦୟ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ଅଧକ୍ଷା ଶିବାନୀ କୁମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ତଥା ବୃକ୍ଷ ମଣିଷ ସୁବାସ ମହାରଣା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡ଼ା ଅଶ୍ୱିନୀ ବେହେରା, ଅବସରପ୍ରାପ୍ତ ପୋଲିସ ଅଫିସର ଟି.ବିଜୟ ରାଓ, ବରିଷ୍ଠ ସାମ୍ବାଦିକ ଗୋପାଳ ପଟ୍ଟନାୟକ, ଏବିଭିପି ମହାନଗର ସଭାପତି ରଶ୍ମିରାଜ୍ ପାଳ, ଓକିଡିର ନିର୍ଦ୍ଦେଶିକା ଡା. ସ୍ୱାତୀ ଦାସ, ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କୁ ନିଜ ନିଜ ବକ୍ତବ୍ୟରେ ଉତ୍ସାହିତ କରିଥିଲେ । ସ୍କୁଲ୍ ସଂପାଦକ ଶଙ୍କର ଗୋସ୍ୱାମୀ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ସବିତା ନାୟକ, ବନ୍ଦନା ଓ ସୋନାଲି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସଭିଙ୍କ ମନ ମୋହିଥିଲା ।ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହରେ ୩ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାଢ଼ୀର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୩୫ ଗୋଟି ଆପତ୍ତି ଅଭିଯୋଗର ପଞ୍ଜିକରଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧୬ ଗୋଟି ଓ ସାମୂହିକ ୧୯ ଆପତ୍ତି ଅଭିଯୋଗ ରହିଥିବା ବେଳେ ୧୦ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପାଢ଼ୀର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂହ, ଉପଜିଲ୍ଲାପାଳ, ଧର୍ମଗଡ ଧୀମାନ ଚାକମା, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ପି ଡି, ଡ୍ରୁଡା ମୁନୀନ୍ଦ୍ର ହୋନାଗା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ , ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡି ଆର ସି ଏସ୍, ପ୍ରମୋଦ କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସହ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଫେବୃଆରୀ ୧୦ ତାରିଖ ଦିନ ଗୋଲାମୁଣ୍ଡା ବ୍ଲକଠାରେ ଜିଲ୍ଲାପାଳଙ୍କ ଏହି ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହେବବୋଲି ସୂଚନା ଦିଆଯାଇଛି।

# ରାସ୍ତା କାମ ନିମ୍ନମାନର ଅଭିଯୋଗ

ନର୍ଲା, (ଭାସ୍କର ନ୍ୟୁଜ୍ ) : ସାଧାରଣ ଲୋକଙ୍କ ଗମନା ଗମନର ସୁବିଧା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକରେ ନିମ୍ନ ମାନର ରାସ୍ତା କାମ କରି ସରକାରୀ ଅର୍ଥକୁ ହରିଲୁଟ୍ କରୁଥିବା ଅଭିଯୋଗ ଆସିଛି । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଏକ ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ପ୍ରାୟତଃ ଆଦିବାସୀ ଲୋକ ବାସ କରନ୍ତି ଏହାର ସୁଯୋଗ୍ ନେଇ ବିଭାଗୀୟ ଅଧିକାରୀ ଓ ଠିକାଦାର୍ ମିଳି ମିଶି ନିମ୍ନମାନର କାମ କରୁଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ମହିନାଲ୍ ଠାରୁ ମେର୍ଡିକୁପା ପର୍ଯ୍ୟନ୍ତ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତା କାମ ଶେଷ ହୋଇ ମାସେ ନ ପୁରୁଣୁ କମ୍ ପିଚୁ ଦେଇ ନିମ୍ନ ମାନର କାମ କରିଥିବାରୁ ରାସ୍ତାରେ ହାତ ମାରିଲେ ପିଚୁ ମିଶ୍ରିତ ପଥର ଗୁଣ୍ଡ ବାହାରି ଯାଉଥିବା ଦେଖିବାକୁ ମିଳିଛି। ସରକାର୍ ଏହି କାମର ଉପଯୁକ୍ତ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।



# ଭଙ୍ଗା ଘରେ ବିତୁଛି ଜୀବନ

# ସହାୟତା ଅପେକ୍ଷାରେ ବେଲଗୋବା



ଧର୍ମଗଡ, (ଭାସ୍କର ନ୍ୟୁଜ୍ ) : ଘର ଭାଙ୍ଗି ଆଁ କରିଛି। କେତେବେଳେ ଯେ ଭାଙ୍ଗିପଡିବ ତାର ଠିକଣା ନାହିଁ। ଭଙ୍ଗା ଦଦରା ଘରେ ରହି ଆସୁଛନ୍ତି ଧର୍ମଗଡ ବ୍ଲକ ଧଅରପୁର ପଞ୍ଚାୟତ ଭାଲୁଚୁଆ ଗ୍ରାମର ବେଲଗୋବା ବେଓ୍ୱା (୬୫)ନଣନ୍ଦ ତିଲୋତ୍ତମା ବାଗ (୬୦)। ଘରଟି କାହିଁ କେତେ ଯୁଗର। ସ୍ୱାମୀ ଥିଲାବେଳେ ମୁଣ୍ଡଝାଲ ତୁଣ୍ଡରେ ଦେଇ ନିର୍ମାଣ କରିଥିଲେ। ହେଲେ ସ୍ୱାମୀ ଆଜକୁ ୨୦-୨୫ବର୍ଷ ହେବ ମୃତ୍ୟୁବରଣ କରିଛନ୍ତି। ସେବେଠାରୁ ନଣନ୍ଦ ତିଲୋତ୍ତମା ସହ ଏହି ଘରେ ରହି ଆସୁଛନ୍ତି ବେଲଗୋବା। ନିଜ ପେଟରେ ମୁଠେ ଆହାର ଯୋଗାଡ଼ କରିବା ମୁସ୍କିଲ ଥିବାବେଳେ ସେଥିରେ ପୁଣି ନନ୍ଦନଙ୍କ ବୋଝ। ଅପରାହ୍ନ ବୟସରେ ବି ଯାଙ୍କ ଘରେ ତାଙ୍କ ଘରେ କାମ କରି ଯାହା ମିଳେ ସେଥିରୁ ଚୁଲିରେ ନିଆଁ ଜଳେ। ନଣନ୍ଦ ଜଣେ ଭିନ୍ନକ୍ଷମ। ମାନସିକ ସ୍ତରରେ ସେ କୌଣସି କାମଧନ୍ଦା କରିବାକୁ ଅସମର୍ଥ। ପଞ୍ଚାୟତରୁ ରାସନ କାର୍ଡ ମାଧ୍ୟମରେ କେବଳ ମିଳେ ୧୦କିଲୋ ଚାଉଳ। କେବଳ ଏହି ଚାଉଳ ଗଣ୍ଡେ ସାହା ଭରସା। ଅବଶ୍ୟ ଦୁଇଙ୍କୁ ମିଳେ ବାର୍ଦ୍ଧକ୍ୟ ଭତ୍ତା। ସେହି ଟଙ୍କାରେ ଲୁଣ ମରିଚ ସହ ଶାଗ ଭାଜି କିଛି ଖାଇଦିଅନ୍ତି ଦୁହେଁ। କିନ୍ତୁ ଦେହ ପାଆ ବିଗିଡି ଗଲେ ଭଗବାନ ଭରସା। ଯେମିତି ସେମିତି କରି ଚଳି ଯାଆନ୍ତି ସତ ହେଲେ ଘର ଭାଙ୍ଗି ଯାଇଥିବା ନେଇ ଚିନ୍ତାରେ ବେଲଗୋବା। ସରପଞ୍ଚ ପରେ ସରପଞ୍ଚ, ୱାର୍ଡ଼ ମେମ୍ବର ଏପରିକି ସରକାର ଉପରେ ସରକାର ବଦଳି ସାରିଛି। ହେଲେ ଆଜି ବି ବେଲଙ୍କ ଦୁଃଖ କହିଲେ ନସରେ। ଖଣ୍ଡେ ଘର ପାଇଁ ପଞ୍ଚାୟତ ଠାରୁ ବ୍ଲକ ଅଫିସ ବହୁବାର ଦୌଡ଼ି ଦୌଡ଼ି ଥକି ପଡିଥିବା କହୁଛନ୍ତି ସେ। ବର୍ତ୍ତମାନ ନୂତନ ସରକାରଙ୍କ ନୂତନ ନୀତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜ ନଥିପତ୍ର ଯୋଗାଡ଼ କରି ଆବେଦନ କରିବି। ତେଣିକି ସରକାରଙ୍କ ଇଚ୍ଛା। ଜୀବନ ଥିବା ପର୍ଯ୍ୟନ୍ତ ଆରାମରେ ଆଶ୍ରୟ ନେବାକୁ ଖଣ୍ଡେ ଘର ଦରକାର ବୋଲି କହନ୍ତି ବେଲ। ଅନ୍ୟପଟେ ତୁରନ୍ତ ଯୁଦ୍ଧ କାଳୀନ ଭିତ୍ତିରେ ବେଲକୁ ସରକାର ଘର ଖଣ୍ଡେ ଯୋଗାଇ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# କପା ବୋଝେଇ ଗାଡ଼ିରେ ନିଆଁ



ନର୍ଲା, (ଭାସ୍କର ନ୍ୟୁଜ୍ ) : ନର୍ଲା ବ୍ଲକ୍ ଅନ୍ତର୍ଗତ ଦେହେଲି ପାଖରେ କପା ବୋଝେଇ ମିନି ଟ୍ରକରେ ନିଆଁ ଲାଗି ଯିବା ଫଳରେ କିଛିକାଂଶରେ କପା ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଓଡି ୦୨ସି, ଏଲ ୫୧୪୭ ନମ୍ବର୍ ବିଶିଷ୍ଟ ଏକ କପା ବୋଝେଇ ମିନି ଟ୍ରକ ରାଜ୍ୟ ରାଜପଥର ଦେହେଲି ଅତିକ୍ରମ କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଆଁ ଲାଗି ଥିଲା। ଗାଁ ଲୋକେ ଡ୍ରାଇଭର୍ ସହିତ ନିଆଁ ଲିଭାଇବା ସମୟରେ ତତକ୍ଷଣାତ୍ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଚାଷୀ ହୁଅନ୍ତୁ ଅବା ବେପାରୀ ନିଜ ଜିନିଷକୁ ସରକାରୀ ନିୟମ ଅନୁସାରେ ସୁରକ୍ଷିତ ଭାବରେ ନେଲେ ଏଭଳି ଦୁର୍ଘଟଣା ଘଟି ନଥାନ୍ତା।

# କଳାହାଣ୍ଡିକୁ ହରାଇ ଫାଇନାଲ୍‌ରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗାରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟ୍‌ବଲ୍ ପ୍ରତିଯୋଗିତାର ତୃତୀୟ ଦିନର ମହାମୁକାବିଲାରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ଦଳ କଳାହାଣ୍ଡିକୁ ପେନାଲ୍ଟି ସୁଟରେ ୭-୧ରେ ହରାଇ ପ୍ରଥମ ଟିମ୍ ଭାବରେ ଗ୍ରୁପ ଏ ରୁ ଫାଇନାଲରେ ପ୍ରବେଶ କରିଛି । ଏହି ଖେଳରେ ମୁଖ୍ୟ ଅତିଥି ଭାବରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସେମି ଫାଇନାଲ ଖେଳ ପରିଚାଳନା କରିଥିଲେ ଅଞ୍ଚଳର ଆନ୍ତର୍ଜାତୀୟ ରେଫରି ନବୀନ ନାଏକ ଏବଂ ତାଙ୍କୁ ସହଯୋଗ କରିଥିଲେ ଛବି ପ୍ରଧାନ, ଯଶୋବନ୍ତ ମାଝୀ ଓ ବିଶ୍ୱେଶ୍ୱର୍ ପ୍ରଧାନ। ଖେଳର ମଧ୍ୟ ଭାଗରେ ଆୟୋଜକ କେଏସିଏ ପକ୍ଷରୁ ଅଞ୍ଚଳର ୮ ଜଣ ପୂର୍ବତନ ଫୁଟ୍‌ବଲ୍ ଖେଳାଳି ପର୍ଶୁରାମ ପାଢ଼ୀ, ନିରଞ୍ଜନ ଗୌଡ, ରାମକୁମାର ଜୈନ, ଅଶ୍ୱିନ ପାଇକରାୟ, ସେଖ ହୁସେନ, ଆକୁଳ ନାଏକ, ଭୋଳାନାଥ ନାଏକ ଓ ଜଗବନ୍ଧୁ ଭୋଇଙ୍କୁ କାନ୍ଧରେ ଗାମୁଛା ଓ ଉପଢ଼ୌକନ ଦେଇ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ସେହିପରି ଏହି ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ପାଇଁ ସହୃଦୟର ସହିତ ମୁକ୍ତ ହାତରେ ସହଯୋଗର ହାତ ବଢ଼ାଇଥିବା କୈଳାଶ ଚନ୍ଦ୍ର ଅଗ୍ରୱାଲ, ପ୍ରମୋଦ ପ୍ରଧାନ, ଅଜୟ ସୋନୀ, ରମନ ଗୁପ୍ତା ଓ ଟିଙ୍କୁ ଜୈନଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଓବିସି ସଂଘର ମିଳିତ ବୈଠକ



କୋକସରା, (ଭାସ୍କର ନ୍ୟୁଜ୍ ) : ଦେଶରେ ପଛୁଆବର୍ଗ ୫୨ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଥିଲେ ମଧ ଶିକ୍ଷା, ନିଯୁକ୍ତି, ଅର୍ଥନୈତିକ, ରାଜନୈତିକ ଭଳି ସବୁ କ୍ଷେତ୍ରରେ ଉପେକ୍ଷିତ ହୋଇଆସୁଛନ୍ତି। ସାମ୍ବିଧାନିକ ଅଧିକାର ହିସାବରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ସମଭାଗିଦାର ଭାବରେ ପଥ ସୁଗମ ହୋଇଅଛି। ହେଲେ ଜନସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ପଛୁଆ ଜାତି ସମାଜରେ ଥିଲେ ବି କେବଳ ଉପକୃତ ହେଉଛନ୍ତି ମାତ୍ର ୫ ପ୍ରତିଶତ। ତେଣୁ ଯେତିକି ଜନସଂଖ୍ୟା ସେତିକି ପ୍ରତିଶତ ସୁଖ ସୁବିଧା ପାଇବା ଜରୁରୀ। ଆଗାମୀ ଦିନରେ ପଛୁଆ ବର୍ଗର ହକ୍ ଏବଂ ଅଧିକାର ପାଇଁ ରଣନୀତି ପ୍ରସ୍ତୁତ ହୋଇ କୋକସରା ମାଟିରୁ ଦିଲ୍ଲୀ ଦରବାରରେ ଆବାଜ୍ ଉଠାଇବା ପାଇଁ କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିଠାରେ ବ୍ଲକ ପଛୁଆ ବର୍ଗର (ଓବିସି) ମିଳିତ ବୈଠକରେ ଏହି ମତ ପ୍ରକାଶ ପାଇଛି। କୋକସରା ସଚେତନ କୃଷକ ମଞ୍ଚର ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ଆହ୍ୱାନ କ୍ରମେ ପଛୁଆ ବର୍ଗରେ ଆସୁଥିବା ୧୫ ଗୋଟି ସମାଜର ସଭାପତି, ସମ୍ପାଦକ ସମେତ ଶତାଧିକ କର୍ମକର୍ତ୍ତା ବୈଠକରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମୀନକେତନ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋଶଲିଆ ଗଉଡ଼ ସଭା ଜିଲ୍ଲା ସଭାପତି ମନୋଜ କୁମାର ନାଏକ, ପୂର୍ବତନ ସୁନାରୀ ସମାଜ ଜିଲ୍ଲା ସଭାପତି ବୁଟୁନାଥ ସରାବୁ, ଅବସର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାସ, କଳାହାଣ୍ଡି କୋଶଲା ମାଳି ସମାଜର ଯୁଗ୍ମ ସମ୍ପାଦକ ଜୟହରି ପଟେଲ, ଭୁବନେଶ୍ୱର ପଟେଲ, ପଙ୍କଜ ପୋଡ଼, ଧନସିଂ ବାଗ, କୋକସରା ଶୌଣ୍ଡିକ ସମାଜର ସଭାପତି ଅଶୋକ କୁମାର ସାହୁ, ବ୍ଲକ ଯାଦବ ସମାଜର ସଭାପତି ବିନୋଦ କୁମାର ରାଉତ, ପ୍ରକାଶ ଚନ୍ଦ୍ର ଚୌଧୁରୀ, ମନୀଜର ପୋଡ଼, ନିଲାମ୍ବର ବାରିକ, ଅଖିଳ ଚନ୍ଦ୍ର ସାହୁ, ଗଣେଶ ରାମ ସାହୁ, ପଣ୍ଡରା ମାଳି ସମାଜରୁ ନକୁଳ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରମରେ ଆସନ୍ତା ୧୬ ତାରିଖରେ ବଡ଼ ଧରଣର ସମାବେଶ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ କୋକସରା ବ୍ଲକର ଓବିସି ବର୍ଗରେ ଆସୁଥିବା ବିଭିନ୍ନ ସମାଜର ଶତାଧିକ ଲୋକେ ଯୋଗଦେଇ ଥିଲେ।

# ବ୍ଲକ୍ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଉପାନ୍ତ ବଡ଼ ପାହିଲପର ଅଞ୍ଚଳର କେନ୍ଦ୍ରସ୍ଥଳ ଟିପିଗୁଡା ଠାରେ ନୂତନ ବ୍ଲକ ଗଠନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ବିରାଟ ପଟୁଆରରେ ବିଭିନ୍ନ ବର୍ଗର ଜନସାଧାରଣ ଉତ୍ସବ ପଡିଆରୁ ଉପ ଜିଲ୍ଲାପାଳଙ୍କ କାର୍ଯାଳୟ ପର୍ଯ୍ୟନ୍ତ ଆସି ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧର୍ମଗଡ଼ ବ୍ଲକ ୧ ନମ୍ବର ଜୋନର ଟିପିଗୁଡା, ଡୁମେରଗୁଡା, କନାଗାଁ, କାଙ୍କେରୀ, ସନ୍ଧିକୁଲିଆରୀ ପଞ୍ଚାୟତ ସମେତ ଗୋଲାମୁଣ୍ଡା ବ୍ଲକର ହଳଦୀ ପଞ୍ଚାୟତକୁ ମିଶ୍ରଣ କରି କେନ୍ଦ୍ର ତଥା ବ୍ୟବସାୟିକ ପେଣ୍ଠସ୍ଥଳୀ ଟିପିଗୁଡା ଠାରେ ନୂତନ ବ୍ଲକ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ବଡ଼ ପହିଲପାରର ଟିପିଗୁଡା ଅଞ୍ଚଳ ଦଳିତ ଆଦିବାସୀ ବହୁଳ, ଛତିଶଗଡ ସୀମାନ୍ତକୁ ଲାଗିରହିଥିବା ଏଠାକାର ଅଧିବାସୀଙ୍କ ମୁଖ୍ୟ ଜୀବିକା କୁଲି ମଜୁରୀ ଓ ଚାଷ କାର୍ଯ୍ୟ। ଉପାନ୍ତ ଅଞ୍ଚଳ ହୋଇଥିବାରୁ ପ୍ରଶାସନର ଅନେକ ଯୋଜନା ପାଇବାରେ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଣୁ ବଡ଼ପହିଲପାରର ଅଧିକ ଜନବହୁଳ ପଞ୍ଚାୟତକୁ ବିଭକ୍ତ କରି ଅଞ୍ଚଳ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରସ୍ଥଳ ଟିପିଗୁଡା ଠାରେ ନୂତନ ବ୍ଲକ ସ୍ଥାପନ ଯଥାର୍ଥ ବୋଲି ଅଞ୍ଚଳବାସି ଦାବି କରିଛନ୍ତି। ଟିପିଗୁଡା ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟିର ସଭାପତି ସନ୍ତୋଷ ନାଏକଙ୍କ ନେତୃତ୍ୱ ରାଲି ଅନୁଷ୍ଠିତ ହୋଇଥିବାବେଳେ କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ଅଶୋକ ପଟ୍ଟଯୋଶୀ, ଉପ ସଭାପତି ଡୁମେରଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେଶ ଭଏଁସାଲ, ଚୈତନ୍ୟ ନାଏକ , ସମ୍ପାଦକ ଟିକେରାମ ସାହୁ, ସହ ସମ୍ପାଦକ ମଙ୍ଗନିଆ ଦୁର୍ଗା, ଯୁଗ୍ମ ସମ୍ପାଦକ ଟିପିଗୁଡା ସରପଞ୍ଚ ତଥା ଧର୍ମଗଡ଼ ବ୍ଲକ ସରପଞ୍ଚ ସଙ୍ଘ ସଭାପତି ହାତୀରାମ ଦୁର୍ଗା, ସମିତି ସଭ୍ୟା ଲତିକା ବାଗ, ପୂର୍ବତନ ଟିପିଗୁଡା ସରପଞ୍ଚ ଗଜିନ୍ଦ୍ର ନାଏକ,ଉଗ୍ରେସନ ନାଏକ,ଟିପିଗୁଡା ଗୌନ୍ତିଆ ବନ୍ଦକୁମର ନାଏକ, ପଦ୍ମଲୋଚନ ବୋଡ଼େକ, ସୁଭାଶିଷ ପଟ୍ଟନାୟକ, ତେଜନ ଦୁର୍ଗା, କୃଷ୍ଣଦାସ ନାଏକ, ଜୀବଶଙ୍କର ନାଏକ, ସରୋଜ ନାଏକ, ରାଜାରାମ ନାଏକ ସମେତ ଟିପିଗୁଡା ଅଞ୍ଚଳର ପ୍ରାୟ ହଜାରେ ଲୋକ ଧର୍ମଗଡ଼ ଉତ୍ସବ ପଡିଆରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତୀର୍କୀଙ୍କୁ ପ୍ରଦାନ କରିଥିଲେ। ସହାୟକ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ଅଜିତ କୁମାର ଶବର ଉପସ୍ଥିତ ରହିଥିଲେ।

# ରାଶିଫଳ

ବୁଧବାର, ୫ ଫେବୃଆରୀ ୨୦୨୫



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ନିଜ ବୁଦ୍ଧିରେ ସାମାଜିକ ସମ୍ମାନ ଲାଭ କରିବେ।



**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ ।ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ପରିବାର ଚିନ୍ତିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ।



**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ। କରାଯାଇଥିବା କାର୍ଯ୍ୟ ସମାପ୍ତ ହେବ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ।



**ଧନୁ:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯